**AHSC EXAM**
**2024-25**

# ମାଧ୍ୟମିକ
# ପରୀକ୍ଷା ପ୍ରଦୀପ




## ଅଶୋକ ଦାସ ଫାଉଣ୍ଡେସନ୍



# ମାଧ୍ୟମିକ ପରୀକ୍ଷା ପ୍ରଦୀପ

(୨୦୨୪-୨୫ ଶିକ୍ଷା ବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ)

**AHSC EXAM -2024-25**

ସମୀକ୍ଷକ
ପଣ୍ଡିତ ଭୂପତି ଭୂଷଣ ମିଶ୍ର

ପ୍ରକାଶକ
**ଅଶୋକ ଦାସ ଫାଉଣ୍ଡେସନ, ଯାଜପୁର**

ଅଟ୍ଟାଳିକାଟିଏ ........

ଗଢିତୋଳିବାପାଇଁ ଯେଉଁପରି ସୁଦୃଢ ମୂଳଭିତିଭୂମିର ଆବଶ୍ୟକତା ରହିଛି, ସେହିପରି ଉଜ୍ଜଳମଣିଷ ଆଉସୁନ୍ଦର ଭବିଷ୍ୟତଟିଏ ତିଆରିକରିବାପାଇଁ, ବିଦ୍ୟାର୍ଥୀ ମାନଙ୍କର ଶୈକ୍ଷିକ ଜୀବନ ଅଧିକ ପ୍ରଭାବଶାଳୀ ଓ ରୁଚି ସଂପନ୍ନ କରିବା ଅତ୍ୟନ୍ତ ଆବଶ୍ୟକ ।

ଅଶୋକ ଦାସ ଫାଉଣ୍ଡେସନ ଶୈକ୍ଷିକ ବିକାଶପାଇଁ ଏକ ଛୋଟିଆ ପ୍ରୟାସଟିଏ କରିଛି । ଅଶୋକ ଦାସ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ, ଯାଜପୁରର ପ୍ରବାଦ ପୁରୁଷ ସ୍ୱର୍ଗତ ଅଶୋକ ଦାସଙ୍କ ପୁଣ୍ୟ ସ୍ମୃତିରେ ଜନସାଧାରଣଙ୍କ ସେବା ଓ ସହଯୋଗ ପାଇଁ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ସଦାସର୍ବଦା ଅଙ୍ଗୀକାରବଦ୍ଧ । ରକ୍ତଦାନ, ବୃକ୍ଷରୋପଣ, ସ୍ୱାସ୍ଥ୍ୟଶିବିର ସହିତ ଶୈକ୍ଷିକ ବିକାଶପାଇଁ ସଙ୍ଗଠନ ପ୍ରୟାସ ଜାରିରଖିଛି।

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ହାତକୁ ନବାପାଇଁ ପ୍ରୟାସ ଜାରିରଖିଛି । ଏଥିପାଇଁ ସମ୍ମାନନୀୟ ପୂଜ୍ୟଶିକ୍ଷକ, ଅଭିବାବକ ଓ ଶ୍ରଦ୍ଧେୟ ବିଦ୍ୟାର୍ଥୀ ମାନଙ୍କର ସହଯୋଗ କାମନା କରୁଛୁ ।

ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଛାତ୍ର ଛାତ୍ରୀଙ୍କ ଇଚ୍ଛାକୁ ସାକାରରୂପ ଦେବାପାଇଁ ଚଳିତବର୍ଷ ୨୪ – ୨୫ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ **"ପରୀକ୍ଷା ପ୍ରଦୀପ"** ପୁସ୍ତକଟିକୁ ଉପହାର ଦବାକୁ ସଂକଳ୍ପ ଗ୍ରହଣ କରାଯାଇଛି ।

ସଂପାଦକ ମଣ୍ଡଳୀଙ୍କର ସହଯୋଗ ଓ ଆନ୍ତରିକ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିବା ସହିତ ଭବିଷ୍ୟତରେ ସେମାଙ୍କର ଶୁଭେଚ୍ଛା କାମନା କରୁଛୁ ।

ପ୍ରିୟ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା କାମନା କରି ମା' ବିରଜାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।


**ଶ୍ରୀ ସବ୍ୟସାଚୀ ମହାପାତ୍ର**

ସଭାପତି

ଅଶୋକ ଦାସ ଫାଉଣ୍ଡେସନ , ଜହ୍ନବଗିଚା, ଯାଜପୁର

ମୋ – **8249185453**

# ମାଧ୍ୟମିକ ପରୀକ୍ଷା ପ୍ରଦୀପ

# SCINECE
# (SCP)

**ASHOK DAS FOUNDATION, JAJPUR**

# ସୂଚୀପତ୍ର


| | ବିଷୟ | ପୃଷ୍ଠାସଂଖ୍ୟା |
| --- | --- | --- |
| ୧. | ରାସାୟନିକ ପ୍ରତିକ୍ରିୟା | ୦୬ |
| ୨. | ଅମ୍ଳ, କ୍ଷାରକ ଓ ଲବଣ | ୨୬ |
| ୩. | ଧାତୁ ଓ ଅଧାତୁ | ୪୩ |
| ୪. | କାର୍ବନ ଓ ଏହାର ଯୌଗିକ | ୫୩ |
| ୫. | ମୌଳିକ ଗୁଡ଼ିକର ପର୍ଯ୍ୟାୟ ଶ୍ରେଣୀ କରଣ | ୭୧ |
| ୬. | ଆଲୋକ-ପ୍ରତିଫଳନ ଓ ପ୍ରତିସରଣ | ୭୯ |
| ୭. | ମାନବ ଚକ୍ଷୁ ଓ ବର୍ଣ୍ଣ ଜଗତ | ୯୦ |
| ୮. | ବିଦ୍ୟୁତ୍ | ୧୧୩ |
| ୯. | ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ | ୧୩୬ |
| ୧୦. | **MODEL QUESTIONS** | ୧୪୮ |

# ରାସାୟନିକ ପ୍ରତିକ୍ରିୟା ଓ ରାସାୟନିକ ସମୀକରଣ

## ମନେରଖ

1) ଆମ ଚତୁଃପାଖରେ ଘଟୁଥିବା ସ୍ଥାୟୀ ପରିବର୍ତ୍ତନଗୁଡ଼ିକୁ ରାସାୟନିକ ପରିବର୍ତ୍ତନ କୁହାଯାଏ ଓ ରାସାୟନିକ ପରିବର୍ତ୍ତନ ଘଟିଲେ ତା'କୁ ରାସାୟନିକ ପ୍ରତିକ୍ରିୟା କୁହାଯାଏ ।

2) ଏକ ରାସାୟନିକ ପ୍ରତିକ୍ରିୟାରେ ବିଭିନ୍ନ ପରିବର୍ତ୍ତନ ଘଟେ ।

ଯଥା – (i) ଅବସ୍ଥାରେ ପରିବର୍ତ୍ତନ

(ii) ରଙ୍ଗର ପରିବର୍ତ୍ତନ

(iii) ଗ୍ୟାସର ନିର୍ଗମନ

3) ରାସାୟନିକ ପ୍ରତିକ୍ରିୟାକୁ ସଂକ୍ଷେପରେ ଲେଖିବାକୁ ରାସାୟନିକ ସମୀକରଣ କୁହାଯାଏ ।

4) ରାସାୟନିକ ପ୍ରତିକ୍ରିୟାରେ ପ୍ରତିକ୍ରିୟା ଘଟୁଥିବା ପଦାର୍ଥମାନଙ୍କୁ ପ୍ରତିକାରକ ଓ ଉତ୍ପନ୍ନ ହେଉଥିବା ନୂତନ ପଦାର୍ଥକୁ ଉତ୍ପାଦ କୁହାଯାଏ ।

5) କେବଳ ପ୍ରତିକାରକ ଓ ଉତ୍ପାଦର ସୂଚନା ଦେଉଥିବା ସମୀକରଣକୁ ସୂଚ୍ୟକୀୟ ସମୀକରଣ କୁହାଯାଏ ।

6) ରାସାୟନିକ ପ୍ରତିକ୍ରିୟାରେ ଉତ୍ପାଦରେ ଥିବା ମୌଳିକ ଗୁଡ଼ିକର ମୋଟ ବସ୍ତୁତ୍ୱ ପ୍ରତିକାରକରେ ଥିବା ମୌଳିକଗୁଡ଼ିକର ମୋଟ ବସ୍ତୁତ୍ୱ ସହ ସମାନ ।

7) ରାସାୟନିକ ସମୀକରଣଗୁଡ଼ିକ ପରଖ - ନିରେଖ ବିଧିରେ ସମତୁଲ କରାଯାଏ ଅର୍ଥାତ୍ ପ୍ରତିକାରକ ଓ ଉତ୍ପାଦ ପାର୍ଶ୍ୱରେ ପରମାଣୁର ସଂଖ୍ୟା ସମାନ କରାଯାଏ ।

8) ପ୍ରତିକାରକ ଓ ଉତ୍ପାଦଗୁଡ଼ିକର ଗ୍ୟାସୀୟ, ତରଳ, ଜଳୀୟ ଦ୍ରବଣ ଓ କଠିନ ଅବସ୍ଥା ଯଥାକ୍ରମେ (g), (l), (aq), (s) ସଂକେତଦ୍ୱାରା ସୂଚିତ କରାଯାଏ ।

9) ରାସାୟନିକ ସମୀକରଣରେ ତାପ, ଚାପ ଇତ୍ୟାଦି ସର୍ତ୍ତଗୁଡ଼ିକ ତୀର ଚିହ୍ନ ଉପରେ ଦର୍ଶାଯାଏ ।

10) ସଂଶ୍ଲେଷଣ ପ୍ରତିକ୍ରିୟା :- ଏହି ପ୍ରତିକ୍ରିୟାରେ ଏତାଧିକ ପ୍ରତିକାରକ ମିଶି ଏକମାତ୍ର ଉତ୍ପାଦ ସୃଷ୍ଟି ହୁଏ ।

ଉଦାହରଣ :- କଲିଚୂନ ଜଳ ସହ ମିଶିଲେ ଶମିତ ଚୂନ ଓ ତାପ ସୃଷ୍ଟି ହୁଏ ।

$$Cao(s) + H_2O(l) \rightarrow Ca(OH)_2\,(aq)$$

11) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଉତ୍ପାଦ ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ ତାପ ନିର୍ଗତ ହୋଇଥାଏ, ତାକୁ ତାପଉତ୍ପାଦୀ ରାସାୟନିକ ପ୍ରତିକ୍ରିୟା କୁହାଯାଏ । ଉଦାହରଣ - ପ୍ରାକୃତିକ ଗ୍ୟାସର ଦହନ

$$CH_4(g) + 2O_2(g) \rightarrow CO_2 + 2H_2O(g)$$

12) ବିଘଟନ ପ୍ରତିକ୍ରିୟା – ଏହି ପ୍ରତିକ୍ରିୟାରେ ଗୋଟିଏ ପ୍ରତିକାରକରୁ ଏକାଧିକ ଉତ୍ପାଦ ସୃଷ୍ଟି ହୁଏ ।

ଉଦାହରଣ – କ୍ୟାଲସିୟମ କାର୍ବୋନେଟ ଉତ୍ତପ୍ତ ହେଲେ ବିଘଟିତ ହୋଇ କ୍ୟାଲସିୟମ ଅକ୍ସାଇଡ଼ ଓ କାର୍ବନ ଡ଼ାଇ ଅକ୍ସାଇଡ଼ ଉତ୍ପନ୍ନ ହୁଏ ।

$$CaCO_3(s) \xrightarrow{\text{ତାପ}} CaO\,(s) + CO_2\,(g)$$

13) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ତାପ ଶୋଷିତ ହୁଏ, ତାହାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ - ଧଳା ରଙ୍ଗର ସିଲଭର କ୍ଲୋରାଇଡ଼କୁ ସୂର୍ଯ୍ୟାଲୋକରେ ରଖିଲେ ତାହା ତାପ ଗ୍ରହଣ କରି ବିଘଟିତ ହୋଇ ଧୂସର ରଙ୍ଗର ସିଲଭର ଓ କ୍ଲୋରିନ୍ ଗ୍ୟାସ ସୃଷ୍ଟି କରେ ।

$2AgCl(s) \xrightarrow{\text{ସୂର୍ଯ୍ୟାଲୋକ}} 2Ag(s) + Cl_2(g)$

14) ପାତିତ ଜଳ ବିଦ୍ୟୁତ୍ ପରିବହନ କରେନାହିଁ । ତେଣୁ ଏହାକୁ ବିଦ୍ୟୁତ୍ ପରିବାହୀ କରିବା ପାଇଁ ଏଥିରେ ଲଘୁ ସଲଫ୍ୟୁରିକ୍ ଅମ୍ଳ ମିଶାଯାଏ ।

15) ଜଳର ବିଦ୍ୟୁତ୍ ବିଶ୍ଳେଷଣରେ କ୍ୟାଥୋଡ଼ରେ $H_2$ ଓ ଏନୋଡ଼ରେ $O_2$ 2:1 ଅନୁପାତରେ ନିର୍ଗତ ହୁଏ ।

16) ବିସ୍ଥାପନ ପ୍ରତିକ୍ରିୟା – ଯେଉଁ ପ୍ରତିକ୍ରିୟାରେ ଗୋଟିଏ ମୌଳିକ ଯୌଗିକର ଏକ ମୌଳିକକୁ ବିସ୍ଥାପିତ / ଅପସରଣ କରେ, ତାହାକୁ ବିସ୍ଥାପନ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ :- ଲୁହାକଣ୍ଟା ବୁଡ଼ାଇ ରଖିଲେ କପର ସଲଫେଟର ନୀଳରଙ୍ଗ ପରିବର୍ତ୍ତିତ ହୋଇ ସବୁଜ ରଙ୍ଗର ଲୌହ ସଲଫେଟ ଉତ୍ପନ୍ନ ହୁଏ ।

$CuSO_4(aq) + Fe(s) \rightarrow FeSO_4(aq) + Cu(s)$

(ନୀଳ) (ସବୁଜ)

17) ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟା :- ଯେଉଁ ରାସାୟନିକ ପ୍ରତିକ୍ରିୟାରେ ପ୍ରତିକାରକ ମାନଙ୍କ ମଧ୍ୟରେ ଆୟନର ବିନିମୟ ଘଟେ, ତାହାକୁ ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ – ସୋଡ଼ିୟମ ସଲଫେଟର $SQ_4^{2-}$ ଦ୍ରବଣରେ ବେରିୟମ କ୍ଲୋରାଇଡ଼ର $Ba^{2+}$ ଦ୍ରବଣ ମିଶାଇଲେ ସୋଡ଼ିୟମ ସଲଫେଟର ଆୟନ ବେରିୟମ କ୍ଲୋଇରାଡ଼ର ଆୟନ ସହ ମିଶି $BaSO_4$ ସୃଷ୍ଟି କରେ ଯାହାକି ଏକ ଧଳା ରଙ୍ଗର ଅବକ୍ଷେପ ।

$Na_2SO_4 + Bacl_2(aq)\ BaSO_4 \rightarrow (s) + 2Nacl(aq)$

18) ଜାରଣ ପ୍ରତିକ୍ରିୟା :- ପ୍ରତିକ୍ରିୟାରେ କୌଣସି ଏକ ପଦାର୍ଥରୁ ହାଇଡ୍ରୋଜେନର ଅପସାରଣ କିମ୍ବା ପଦାର୍ଥ ସହ ଅକ୍ସିଜେନର ସଂଯୋଗୀ ଘଟିଲେ ଏହାକୁ ଜାରଣ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ – କପର ଗୁଣ୍ଡ ଉତ୍ତପ୍ତ ହେଲେ କପର ଅକ୍ସାଇଡ଼ ସୃଷ୍ଟି ହୁଏ । ଏଠାରେ Cu ର ଜାରଣ ଘଟେ ଓ ବାଦାମୀ ରଙ୍ଗର Cu ରୁ କଳାରଙ୍ଗର CuO ସୃଷ୍ଟି ହୁଏ ।

$2Cu(s) + O_2 \rightarrow 2CuO(s)$

19) ବିଜାରଣ ପ୍ରତିକ୍ରିୟା :- ପ୍ରତିକ୍ରିୟାରେ କୌଣସି ପଦାର୍ଥରୁ ଅକ୍ସିଜେନର ଅପସାରଣ କିମ୍ବା ପଦାର୍ଥ ସହ ହାଇଡ୍ରୋଜେନର ସଂଯୋଗ ଘଟିଲେ ଏହାକୁ ବିଜାରଣ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ – ଉତ୍ତପ୍ତ କପର ଅକ୍ସାଇଡ଼ ମଧ୍ୟଦେଇ $H_2$ ଗ୍ୟାସ ପ୍ରବେଶ କରାଇଲେ ଏହା ବିଜାରିତ ହୋଇ କପର ସୃଷ୍ଟି ହୁଏ । କଳାରଙ୍ଗର CuO ରୁ ବାଦାମୀ ରଙ୍ଗର Cu ମିଳେ ।

$CuO(s) + H_2(g) \rightarrow Cu(s) + H_2O(l)$

20) ଜାରଣ -ବିଜାରଣ ପ୍ରତିକ୍ରିୟା :- ଯେଉଁ ପ୍ରତିକ୍ରିୟାରେ ଗୋଟିଏ ପଦାର୍ଥର ଜାରଣ ଘଟୁଥିବା ବେଳେ ଅନ୍ୟ ଏକ ପଦାର୍ଥର ବିଜାରଣ ଘଟେ, ତାହାକୁ ଜାରଣ -ବିଜାରଣ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ :- $CuO(s) + H_2(g) \rightarrow Cu(s) + H_2O(l)$

ଏଠାରେ CuO ର ବିଜାରଣ ଘଟୁଥିବା ବେଳେ $H_2$ ର ଜାରଣ ଘଟୁଛି ।

21) ଧାତବ ବସ୍ତୁ ନିଜ ଚାରିପାଖରେ ଥିବା ଉପାଦାନ ଯଥା – ଜଳୀୟ ବାଷ୍ପ, ଅମ୍ଳ ଇତ୍ୟାଦି ସହ ରାସାୟନିକ ପ୍ରତିକ୍ରିୟା କଲେ ଏହାର ଧୀରେ ଧୀରେ କ୍ଷୟ ଘଟେ । ଏହି ପ୍ରତିକ୍ରିୟାକୁ ସଂକ୍ଷାରଣ କୁହାଯାଏ ।

22) ସଂକ୍ଷାରଣରେ ଲୌହ ନିର୍ମିତ ବସ୍ତୁ ଉପରେ ଲୋହିତ-ବାଦାମୀ ରଙ୍ଗର କଳଙ୍କି ଲାଗେ । ସେହିପରି ସିଲଭର ଉପରେ କଳା ଆସ୍ତରଣ ଓ କପର ଉପରେ ସବୁଜ ଆସ୍ତରଣ ସୃଷ୍ଟି ହୁଏ ।

23) ବହୁତ ଦିନ ଧରି ରହିଲେ ତେଲ, ଚର୍ବି ଆଦି ବାୟୁ ସଂସ୍ପର୍ଶରେ ଆସି ଜାରିତ ହୁଅନ୍ତି ଓ ଏଥିରୁ ରହଣିଆ ଗନ୍ଧ ବାହାରେ । ଏହାକୁ ସଢ଼ା ଅବସ୍ଥା (Rancidity) କୁହାଯାଏ ।

24) ସଢ଼ା ଅବସ୍ଥାରେ ସୃଷ୍ଟି ବା ଜାରଣ ପ୍ରକ୍ରିୟାକୁ ପ୍ରତିହତ କରୁଥିବା ପଦାର୍ଥକୁ ପ୍ରତିଜାରକ (Antioxidant) କୁହାଯାଏ ।

25) ଚିପ୍ସ ଉତ୍ପାଦନକାରୀମାନେ ଜାରଣକୁ ପ୍ରତିହତ କରିବା ପାଇଁ ଚିପ୍ସ ଖୋଳ ମଧ୍ୟରେ ନାଇଟ୍ରୋଜେନ୍ ଗ୍ୟାସ୍ ପୂରାଇଥାନ୍ତି ।

# ପ୍ରଥମ ଅଧ୍ୟାୟ

# ରାସାୟନିକ ପ୍ରତିକ୍ରିୟା ଓ ରାସାୟନିକ ସମୀକରଣ

# MCQ-set-1

1) କେଉଁ ନିୟମ ଅନୁସାରେ ରାସାୟନିକ ସମୀକରଣ ଗୁଡ଼ିକୁ ସମତୁଲ କରାଯାଏ ?

(a) ବସ୍ତୁତ୍ୱ ସଂରକ୍ଷଣ ନିୟମ
(b) ଶକ୍ତି ସଂରକ୍ଷଣ ନିୟମ
(c) ପାୱାର ସଂରକ୍ଷଣ ନିୟମ
(d) ଉପରୋକ୍ତ ସମସ୍ତ

2) ନିମ୍ନ ଲିଖିତ କେଉଁ ପରିସ୍ଥିତିରେ ଲୁହାରେ କଳଙ୍କି ଲାଗେ ?

(i) ଅକ୍ସିଜେନର ଉପସ୍ଥିତି
(ii) ଉଚ୍ଚ ତାପମାତ୍ରା
(iii) ଜଳକଣାର ଉପସ୍ଥିତି
(iv) କ୍ଲୋରିନ୍ ଗ୍ୟାସର ଉପସ୍ଥିତି

(a) i, (ii) ଓ iv (b) i ଓ (iii)
(c) i, ii ଓ iv (d) i, ii, iii ଓ iv

3) $CaO + H_2O$ : ତାପଉତ୍ପାଦୀ :: $CaCO_3 \rightarrow CaO + CO_2$: _______

(a) ତାପଶୋଷୀ
(b) ତାପଉତ୍ପାଦୀ
(c) ସଂଶ୍ଲେଷଣ
(d) ବିସ୍ଥାପନ

4) କେଉଁ ରାସାୟନିକ ଯୌଗିକର ସୃଷ୍ଟି ଯୋଗୁ ରୂପା ଉପରେ ଏକ କଳା ଆସ୍ତରଣ ସୃଷ୍ଟି ହୁଏ ?

(a) $AgNO_3$
(b) $Ag_2S$
(c) $Ag_2O$
(d) $Ag_2CO_3$

5) ନିମ୍ନରେ ଦିଆଯାଇଥିବା କେଉଁ ରାସାୟନିକ ପ୍ରକ୍ରିୟାଟି ଠିକ୍ ?

(a) $2Pb(NO_3)_2 \xrightarrow{\text{ସୂର୍ଯ୍ୟାଲୋକ}} 2PbO + 4NO_2 + O_2$

(b) $2Fe(OH)_3 \xrightarrow{\text{ସୂର୍ଯ୍ୟାଲୋକ}} Fe2O_3 + 3H_2O$

(c) $2AgBr \xrightarrow{\text{ସୂର୍ଯ୍ୟାଲୋକ}} 2Ag + Br_2$

(d) $CaO_3 \xrightarrow{\text{ସୂର୍ଯ୍ୟାଲୋକ}} CaO + CO_2$

6) ଲେଡ୍ ନାଇଟ୍ରେଟ୍‌କୁ ସୋଡ଼ିୟମ କ୍ଲୋରାଇଡ଼ ଦ୍ରବଣରେ ମିଶାଇଲେ କେଉଁ ଅବକ୍ଷେପଟି ସୃଷ୍ଟି ହୁଏ ?

(a) ସୋଡ଼ିୟମ ନାଇଟ୍ରେଟ୍
(b) ଲେଡ୍ କ୍ଲୋରାଇଡ଼
(c) ସୋଡ଼ିୟମ କ୍ଲୋରାଇଡ଼
(d) ଲେଡ଼ ନାଇଟ୍ରେଟ୍

7) ବିସ୍ଥାପନ ପ୍ରତିକ୍ରିୟା ଦର୍ଶାଉଥିବା ଏକ ସମତୁଲ ସମୀକରଣ ହେଲା –

(a) $NaOH + HCl \rightarrow NaCl + H_2O$

(b) $Zn + CuSO_4 \rightarrow ZnSO_4 + Cu$

(c) $2H_2S + 3O_2 \rightarrow 2H_2O + 2SO_2$

(d) $H_2S + O_2 \rightarrow SO_2 + H_2$

8) ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟା ଦର୍ଶାଉଥିବା ଏକ ସମତୁଲ ସମୀକରଣ ହେଲା –

(a) $Fe + CuSO_4 \rightarrow FeSO_4 + Cu$

(b) $H_2 + Cl_2 \rightarrow 2HCl$

(c) $CaCO_3 \rightarrow CaO + CO_2$

(d) $BaCl_2 + Na_2SO_4 \rightarrow BaSO_4 + 2NaCl$

9) ଚୂନପାଣି ଓ ଅଙ୍ଗାରକାମ୍ଳ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟି ଜଳ ସହ କେଉଁ ପଦାର୍ଥ ଉତ୍ପନ୍ନ ହୁଏ ?

(a) $CaCO_3$
(b) $CaCO_2$
(c) $CaCO$
(d) $CaC_2O_4$

10) ଫେରସ ସଲଫେଟ୍‌କୁ ଉତ୍ତପ୍ତ କଲେ କେତୋଟି ଗ୍ୟାସୀୟ ଉତ୍ପାଦ ମିଳେ ?

(a) 3 ଟି

(b) 2 ଟି

(c) 1 ଟି

(d) 4 ଟି

11) $MnO_2 + 4HCl \rightarrow MnCl_2 + 2H_2O + Cl_2$ ଏଠାରେ ବିଦାରିତ ଉତ୍ପାଦଟି _______ ।

(a) $H_2O$
(b) $Cl_2$
(c) $MnCl_2$
(d) $H_2O$ ଓ $Cl_2$

12) $Na_2CO_3 + HCl \rightarrow NaCl + CO_2 + H_2O$ ଏହି ସମୀକରଣରେ l,s, g, ag ମଧ୍ୟରୁ _______ଟି ବ୍ୟବହାର କରିହେବ ।

(a) 1 ଟି

(b) 2 ଟି

(c) 3 ଟି

(d) 4 ଟି

13) $Na_2SO_4 + BaCl_2 \rightarrow BaSO_4 + 2NaCl$ ଏହା _______ପ୍ରତିକ୍ରିୟାର ଉଦାହରଣ ।

(a) ଦ୍ୱୈତବିସ୍ଥାପନ ଓ ଅବକ୍ଷେପଣ

(b) ଜାରଣ - ବିଜାରଣ

(c) ତାପୀୟ ବିଘଟନ

(d) ବିସ୍ଥାପନ ଓ ତାପ ଉତ୍ପାଦୀ

14) ନିମ୍ନସ୍ଥ କେଉଁଟି ରାସାୟନିକ ପରିବର୍ତ୍ତନ ନୁହେଁ ?

(a) ଖାଦ୍ୟ ହଜମ ହେବା

(b) କାଗଜ ଜଳି ପାଉଁଶ ହେବା

(c) କ୍ଷୀର ଦହିରେ ପରିଣତ ହେବା

(d) ଜଳ ବରଫ ହେବା

15) ଏହା କେଉଁ ପ୍ରକାରର ରାସାୟନିକ ପ୍ରତିକ୍ରିୟା ?

$2AgCl \xrightarrow{\text{ସୂର୍ଯ୍ୟାଲୋକ}} 2Ag + Cl_2$

(a) ବିସ୍ଥାପନ

(b) ବିଘଟନ

(c) ସଂଶ୍ଳେଷଣ

(d) ଦ୍ୱୈତ ବିସ୍ଥାପନ

16) ରାସାୟନିକ ପ୍ରତିକ୍ରିୟାରେ କେଉଁଟି ଘଟେ ନାହିଁ ?

(a) ବସ୍ତୁତ୍ୱରେ ପରିବର୍ତ୍ତନ

(b) ବର୍ଣ୍ଣରେ ପରିବର୍ତ୍ତନ

(c) ତାପମାତ୍ରା ପରିବର୍ତ୍ତନ

(d) ଗ୍ୟାସ ନିର୍ଗମନ

17) $PNa + qH_2O \rightarrow rNaOH + SH_2$ ଏଠାରେ p, q, r, s ର ମୂଲ୍ୟ କେତେ ?

(a) $p = 2, q = 1, r = 2, s = 1$
(b) $p = 1, q = 2, r = 1, s = 1$
(c) $p = 2, q = 2, r = 1, s = 2$
(d) $p = 2, q = 2, r = 2, s = 1$

18) ଫେରସ୍ ସଲଫେଟ୍ ସ୍ଫଟିକରେ _______ ଟିକେ ଅଣୁ ଅଛି ।

(a) 7
(b) 8
(c) 2
(d) 5

19) ଜଳର ବୈଦ୍ୟୁତିକ ବିଶ୍ଳେଷଣ ବେଳେ ହାଇଡ୍ରୋଜେନ ଓ ଅକ୍ସିଜେନ କେଉଁ ଅନୁପାତରେ ସୃଷ୍ଟି ହୁଅନ୍ତି ?

(a) 1:1
(b) 2:1
(c) 1:2
(d) 2:2

20) କେଉଁ ପ୍ରତିକ୍ରିୟା ପାଇଁ ତେଲ ବା ଚର୍ବି ଜାତୀୟ ଦ୍ରବ୍ୟ ଅଧିକ ଦିନ ଧରି ରହିଗଲେ ସେଥିରୁ ରହଣିଆ ଗନ୍ଧ ବାହାରେ ?

(a) ଜାରଣ
(b) ବିଦାରଣ
(c) ବିଘଟନ
(d) ବିସ୍ଥାପନ

21) ଜିଙ୍କ୍ ଦାନାକୁ ଲଘୁ $H_2SO_4$ ସହ ମିଶାଇଲେ କ'ଣ ଉତ୍ପନ୍ନ ହୁଏ ?

(a) ଜିଙ୍କ୍ ସଲଫେଟ୍ ଓ $H_2$
(b) ଜିଙ୍କ୍ ସଲଫାଇଡ୍ ଓ $H_2$
(c) ZnO ଓ $H_2$
(d) ଜିଙ୍କ୍ ସଲଫେଟ୍ ଓ ଜଳ

22) ନିମ୍ନ ପ୍ରତିକ୍ରିୟାରେ ଜାରକ କିଏ ?

$ZnO + C \rightarrow Zn + CO$

(a) ZnO
(b) CO
(c) C
(d) Zn

23) ଜଳର ବିଦ୍ୟୁତ୍ ବିଶ୍ଳେଷଣ ବେଳେ ଏନୋଡ଼ଠାରେ କ'ଣ ମିଳେ ?

(a) $H_2$
(b) $O_2$
(c) $N_2$
(d) $H_2O$

24) ମ୍ୟାଗ୍ନେସିୟମ୍ ପାତକୁ ଜାଳିବା ପୂର୍ବରୁ ବାଲି କାଗଜରେ ସଫା କରାଯାଏ କାହିଁକି ?

(a) ଧୂଳି ସଫା କରିବା ପାଇଁ
(b) ସଂକ୍ଷାରଣ ଅକ୍ସାଇଡ଼ ସ୍ତର ଛଡ଼ା ଯିବା ପାଇଁ
(c) $MgSO_4$ ସ୍ତର ଛଡ଼ାଯିବା ପାଇଁ
(d) ଏ ସମସ୍ତ

25) ମ୍ୟାଗ୍ନେସିୟମ୍ ପାତକୁ ଭଲ ଭାବେ ସଫା କରି ଜଳାଗଲେ କ'ଣ ଘଟେ ନାହିଁ ?

(a) ଧଳା ଶିଖା କରି ଜଳେ
(b) MgO (ଧଳା ଚୂର୍ଣ୍ଣ) ସୃଷ୍ଟି ହୁଏ
(c) ପ୍ରଚୁର ତାପ ଉତ୍ପନ୍ନ ହୁଏ
(d) Mgର ବିଜାରଣ ଘଟେ

26) କେଉଁ ଯୋଡ଼ାଟି ଭୁଲ ?

(a) $BaSO_4$, ଧଳା
(b) $CaCO_3$, ଧଳା
(c) AgCl, ଧଳା
(d) $NO_2$, କଳା

27) $CuO + H_2 \xrightarrow{\text{ତାପ}} Cu + H_2O$ । ଏଠାରେ କିଏ ଜାରିତ ହେଉଛି ?

(a) CuO
(b) $H_2$
(c) Cu
(d) $H_2O$

28) ଫେରସ୍ ସଲଫେଟର ବିଘଟନରୁ କେଉଁଟି ମିଳେ ନାହିଁ ?

(a) $SO_2$
(b) $SO_3$
(c) FeO
(d) $Fe_2O_3$

29) କେଉଁଟି ଭୁଲ ?

(a) $O_2$ ଗ୍ରହଣ $\rightarrow$ଜାରଣ
(b) $H_2$ ଅପସାରଣ $\rightarrow$ଜାରଣ
(c) $O_2$ ଗ୍ରହଣ $\rightarrow$ବିଜାରଣ
(d) $H_2$ ଗ୍ରହଣ $\rightarrow$ବିଜାରଣ

31) ସଂକ୍ଷାରଣ ଯୋଗୁ ଧାତୁ ଉପରେ ଆସ୍ତରଣ ପଡୁଥିବା ରଙ୍ଗ ଯୋଡ଼ା ମଧ୍ୟରୁ କିଏ ଠିକ୍ ନୁହେଁ ।

(a) ଲୁହା, ବାଦାମୀ
(b) ରୁପା, କଳା
(c) ତମ୍ବା, ସବୁଜ
(d) ତମ୍ବା, କଳା

31) ଧାତୁର ସଂକ୍ଷାରଣ ଓ ଖାଦ୍ୟର ସଢ଼ା ଅବସ୍ଥା କେଉଁ ପ୍ରତିକ୍ରିୟାର ଉଦାହରଣ ?

(a) ଉଭୟ ଜାରଣ
(b) ଉଭୟ ବିଜାରଣ

(c) ଉଭୟ ବିଘଟନ

(d) ସଂକ୍ଷାରଣ ବିଜାରଣ ଓ ସଢ଼ା ଅବସ୍ଥା ଜାରଣ

32) ଜଳର ବିଦ୍ୟୁତ୍ ବିଶ୍ଳେଷଣ ସମୟରେ କେଉଁଟି ହୁଏ ନାହିଁ ?

(a) ଜଳରେ କିଛି ବୁନ୍ଦା ସଲଫ୍ୟୁରିକ୍ ଅମ୍ଳ ମିଶାଯାଏ

(b) ଏନୋଡ଼ଠାରେ ଏନୋଡ଼୍ କର୍ଦ୍ଦମ ସୃଷ୍ଟି ହୁଏ

(c) କ୍ୟାଥୋଡ଼ ଓ ଏନୋଡ଼ ଠାରେ ଉତ୍ପନ୍ନ ଗ୍ୟାସର ଅନୁପାତ 2 :1

(d) କ୍ୟାଥୋଡ଼୍ଠାରେ $H_2$ ଓ ଏନୋଡ଼ଠାରେ $O_2$ ନିର୍ଗତ ହୁଏ

33) $CuO + H_2 \xrightarrow{\text{ତାପ}} Cu + H_2O$ ପ୍ରତିକ୍ରିୟା ସମ୍ପର୍କରେ କେଉଁଟି ଭୁଲ ?

(a) ଏହା ଏକ ବିଜାରଣ -ଜାରଣ ପ୍ରତିକ୍ରିୟା

(b) ଏଠାରେ CuO ଜାରଣ ଓ $H_2$ ବିଜାରକ

(c) Cu ଜାରିତ ହୋଇଛି

(d) $H_2$ ଜାରିତ ହୋଇଛି

34) କେଉଁ ସମ୍ପର୍କଟି ଭୁଲ ଅଛି ଚିହ୍ନାଅ ?

(a) ତରଳ → l

(b) କଠିନ → s

(c) ଗ୍ୟାସୀୟ → g

(d) ଜଳୀୟ ଦ୍ରବଣ → l

35) ସମ୍ପର୍କ ଦେଖି ଶୂନ୍ୟସ୍ଥାନ ପୂରଣ କର ।

$FeSO_4 \rightarrow Fe_2O_3 :: Pb(NO_3)2 \rightarrow$ _____

(a) PbO

(b) $PbO_2$

(c) $Pb_2O$

(d) କେଉଁଟି ନୁହେଁ

36) ଏକ ପଦାର୍ଥ 'X' ର ଦ୍ରବଣ କାନ୍ଥ ଧଉଳାଇବା ପାଇଁ ବ୍ୟବହାର କରାଯାଇଛି । X ର ସଂକେତ କ'ଣ ?

(a) $CaCO_3$

(b) CaO

(c) $Ca(OH)_2$

(d) $CaO_2$

**ANSWERS**

| | | | |
|---|---|---|---|
| (1) A | (2) B | (3) A | (4) C |
| (5) C | (6) | (7) A | (8) D |
| (9) A | (10) B | (11) C | (12) D |
| (13) A | (14) D | (15) B | (16) A |
| (17) D | (18) A | (19) B | (20) A |
| (21) A | (22) A | (23) B | (24) B |
| (25) D | (26) D | (27) B | (28) C |
| (29) C | (30) D | (31) A | (32) B |
| (33) C | (34) D | (35) A | (36) C |

# ରାସାୟନିକ ପ୍ରତିକ୍ରିୟା ଓ ରାସାୟନିକ ସମୀକରଣ

## MCQ-set-2

୧) ରାସାୟନିକ ପ୍ରତିକ୍ରିୟାରେ କ'ଣ ଘଟେ ?

a) କେବଳ ଭୌତିକ ଧର୍ମ ବଦଳେ

b) କେବଳ ରାସାୟନିକ ଧର୍ମ ବଦଳେ

c) ରାସାୟନିକ ଓ ଭୌତିକ ଧର୍ମ ବଦଳେ

d) କୌଣସିଟି ନୁହେଁ

୨) ମ୍ୟାଗ୍ନେସିୟମ୍ ପାତକୁ ଜାଳିଲେ ଏଥିରୁ କେଉଁ ବର୍ଣ୍ଣର ଚୂର୍ଣ୍ଣ ମିଳେ ?

a) ଧଳା b) ସବୁଜ

c) କଳା d) ନୀଳ

୩) ମ୍ୟାଗ୍ନେସିୟମ୍ ପାତକୁ ଜାଳିଲେ ଯେଉଁ ଧଳା ରଙ୍ଗର ଚୂର୍ଣ୍ଣ ମିଳେ, ତାହା କ'ଣ ?

a) Mg b) CO

c) MgO d) CuO

୪) ଜିଙ୍କ ସହ ଅମ୍ଳର ପ୍ରତିକ୍ରିୟାରେ କେଉଁ ଗ୍ୟାସ ଉତ୍ପନ୍ନ ହୁଏ ?

a) $H_2$ b) $N_2$

c) $CO_2$ d) $O_2$

୫) ରାସାୟନିକ ପ୍ରତିକ୍ରିୟାରେ ଯେଉଁମାନଙ୍କ ମଧ୍ୟରେ ପ୍ରତିକ୍ରିୟା ଘଟେ, ସେମାନଙ୍କୁ କ'ଣ କୁହାଯାଏ ?

a) ଉତ୍ପାଦ b) ପ୍ରତିକାରକ

c) ସୂଚକ d) କୌଣସିଟି ନୁହେଁ

୬) ରାସାୟନିକ ପ୍ରତିକ୍ରିୟାରେ ଏକାଧିକ ପ୍ରତିକାରକ କିମ୍ବା ଉତ୍ପାଦ ଥିଲେ, ସେମାନଙ୍କ ମଧ୍ୟରେ କେଉଁ ଚିହ୍ନ ଦିଆଯାଏ ?

a) + b) =

c) → d) ↑

୮) $Mg + O_2 \rightarrow$

a) $MgO_2$ b) $Mg_2O$

c) $Mg_2O_3$ d) MgO

୯) ରାସାୟନିକ ସମୀକରଣରେ ଉଭୟ ପାର୍ଶ୍ୱରେ କ'ଣ ସମାନ ଥିଲେ ତାହାକୁ ସମତୁଲ ସମୀକରଣ କୁହାଯାଏ ?

a) ପରମାଣୁ b) ବସ୍ତୁତ୍ୱ

c) ଉଭୟ ପରମାଣୁ ଓ ବସ୍ତୁତ୍ୱ d) କହିହେବ ନାହିଁ

୧୦) ଅସମତୁଲ ରାସାୟନିକ ସମୀକରଣ କେବଳ ଉତ୍ପାଦ ଓ ପ୍ରତିକାରକର ସୂଚନା ଦେଉଥିଲେ ତାହାକୁ କ'ଣ କୁହାଯାଏ ?

a) ସମତୁଲ ସମୀକରଣ

b) ସୂଚକୀୟ ରାସାୟନିକ ସମୀକରଣ

c) ଆୟନୀୟ ସମୀକରଣ

d) କୌଣସି ଟି ନୁହେଁ

୧୧) କୌଣସି ରାସାୟନିକ ପ୍ରତିକ୍ରିୟାରେ ବସ୍ତୁତ୍ୱର ସୃଷ୍ଟି କିମ୍ବା ବିନାଶ ଘଟେନାହିଁ, ଏହା କେଉଁ ନିୟମ ?

a) ଶକ୍ତି ସଂରକ୍ଷଣ b)ବସ୍ତୁତ୍ୱ ସଂରକ୍ଷଣ

c) ଉଭୟ (a) ଓ (b) d) କୌଣସି ଟି ନୁହେଁ

୧୨) $Zn + H_2SO_4 \rightarrow$

a) $ZnO_2 + H_2$ b) $ZnSO_4 + H_2$

c) $Zn + H_2 + SO_2$ d) $Zn + H_2 + S + O_2$

୧୩) CaO କାହା ସହ ପ୍ରତିକ୍ରିୟା କରି ଶମିତ ଚୂନ ଉତ୍ପନ୍ନ କରେ ?

a) ବାୟୁ b) $O_2$

c) $H_2O$ d) $CO_2$

୧୪) କଳି ଚୂନର ସଂକେତ କ'ଣ ?

a) $Ca(OH)_2$ b) CaO

c) CaOH d) $CaOH_2$

୧୫) ଶମିତ ଚୂନର ସଂକେତ କ'ଣ ?

a) $Ca(OH)_2$ b) CaO

c) CaOH d) $CaOH_2$

୧୬) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଦୁଇ ବା ତତୋଧିକ ପ୍ରତିକାରକ ସଂଯୁକ୍ତ ହୋଇ ଏକମାତ୍ର ଉତ୍ପାଦ ସୃଷ୍ଟି କରନ୍ତି, ତାହାକୁ କ'ଣ କୁହାଯାଏ ?

a) ବିସ୍ଥାପନ b) ବିଘଟନ

c) ସଂଶ୍ଳେଷଣ d) ଜାରଣ

୧୭) ମାର୍ବଲର ସଂକେତ କ'ଣ ?

a) CaO b) C

c) $CaCO_3$ d) CO

୧୮) କାନ୍ଥ ଧଉଳାଇବା ପାଇଁ କ'ଣ ବ୍ୟବହାର କରାଯାଏ ?

a) CaO b) $CO_2$

c) $Ca(OH)_2$ d) CO

୧୯) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଉତ୍ପାଦ ଉତ୍ପନ୍ନ ହେବା ସହ ତାପ ଉତ୍ପନ୍ନ ହୁଏ ତାହା କେଉଁ ପ୍ରକାରର ପ୍ରତିକ୍ରିୟା ?

a) ତାପ ଶୋଷୀ b) ସଂଶ୍ଳେଷଣ

c) ତାପ ଉତ୍ପାଦୀ d) ବିଘଟନ

୨୦) ଗ୍ଲୁକୋଜର ସଂକେତ କ'ଣ ?

a) $C_6H_{10}O_6$ b) $C_5H_{12}O_7$

c) $C_6H_{12}O_6$ d) $C_{12}H_{22}O_{11}$

୨୧) କେଉଁଟି ତାପଶୋଷୀ ?

a) $CH_4 + O_2 \rightarrow CO_2 + H_2O$

b) $H_2 + O_2 \rightarrow H_2O$

c) $C + S_2 \rightarrow CS_2$

d) ଏ ସମସ୍ତ

୨୨) କେଉଁଟି ତାପ ଉତ୍ପାଦୀ ପ୍ରତିକ୍ରିୟା ନୁହେଁ ?

a) କୋଇଲାର ଦହନ b) ଶ୍ୱସନ

c) ପ୍ରାକୃତିକ ଗ୍ୟାସର ଦହନ

d) $C+S_2 \rightarrow CS_2$

୨୩) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଗୋଟିଏ ମାତ୍ର ପ୍ରତିକାରକ ବିଘଟିତ ହୋଇ ସରଳତର ଉତ୍ପାଦ ସୃଷ୍ଟି ହୋଇଥାଏ, ତାହାକୁ କେଉଁ ପ୍ରତିକ୍ରିୟା କୁହାଯାଏ ?

a) ବିସ୍ଥାପନ b) ବିଘଟନ

c) ସଂଶ୍ଳେଷଣ d) ତାପ ଉତ୍ପାଦୀ

୨୪) ତାପ ପ୍ରୟୋଗ ଦ୍ୱାରା ଘଟୁଥିବା ବିଘଟନକୁ କ'ଣ କୁହାଯାଏ ?

a) ତାପୀୟ ବିଘଟନ b)ତାପଶୋଷୀ ବିଘଟନ

c) ତାପ ଉତ୍ପାଦୀ ବିଘଟନ d) ନାଭିକୀୟ

୨୫) $CaCO_3$ ବିଘଟନରେ କେଉଁ ଉତ୍ପାଦ ଦେଇଥାଏ ?

a) $Ca+O_2$ b) $CaO+CO_2$

c) $CaO+O_2$ d) $Ca+H_2O$

୨୬) ଲେଡ୍ ନାଇଟ୍ରେଟକୁ ଗରମ କଲେ କେଉଁ ରଙ୍ଗର ଧୂମ ଉତ୍ସର୍ଜନ ହୁଏ ?

a) ଲାଲ b) ନୀଳ

c) ବାଦାମୀ d) ଲୋହିତ ବାଦାମୀ

୨୭) ଲେଡ୍ ନାଇଟ୍ରେଟକୁ ଗରମ କଲେ ଯେଉଁ ଧୂମ ଉତ୍ସର୍ଜନ ହୁଏ ତାହାର ସଂକେତ କ'ଣ ?

a) $CO_2$ b) $NO_2$

c) $O_2$ d) $H_2$

୨୮) ସିଲଭର କ୍ଲୋରାଇଡ୍‌ର ବର୍ଣ୍ଣ କ'ଣ ?

a) ଧଳା b) କଳା

c) ନାଲି d) ନୀଳ

୨୯) ସୂର୍ଯ୍ୟାଲୋକରେ ସିଲଭର କ୍ଲୋରାଇଡ୍‌ର ବିଘଟନ ଘଟି କ'ଣ ଉତ୍ପନ୍ନ ହୋଇଥାଏ ?

a) $Ag+Cl_2$ b) $AgCl+Cl_2$ c) Ag d) $Cl_2$

୩୦) କାହାକୁ କଳା ଧଳା ଫଟୋ ସଂକ୍ରାନ୍ତ କାର୍ଯ୍ୟରେ ବ୍ୟବହାର କରାଯାଏ ?

a) AgCl b) $CaCl_2$

c) $MgCl_2$ d) $CuCl_2$

୩୧) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଶକ୍ତି ଶୋଷିତ ହୋଇଥାଏ, ତାକୁ କ'ଣ କୁହାଯାଏ ?

a) ତାପଶୋଷୀ b) ତାପୀୟ ବିଘନଟ

c) ତାପ ଉତ୍ପାଦୀ d) ସମସ୍ତ

୩୨) $Zn + H_2SO_4 \rightarrow$

a) $ZnO + H_2$ b) $ZnSO_4 + H_2$

c) $Zn+H_2$ d) Zn

୩୩) ଲୁହାକୁ $CuSO_4$ ଦ୍ରବଣରେ ବୁଡ଼ାଇଲେ ଏହା କେଉଁ ରଙ୍ଗ ଧାରଣ କରେ ?

a) କଳା b) ଧଳା

c) ବାଦାମୀ d) ଲୋହିତ ବାଦାମୀ

୩୪) Fe + $CuSO_4$→ $FeSO_4$ + Cu ଏହା କେଉଁ ପ୍ରତିକ୍ରିୟା ?

a) ସଂଶ୍ଲେଷଣ b) ବିସ୍ଥାପନ c) ବିଘଟନ d) ତାପ ଉତ୍ପାଦୀ

୩୫) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଏକ ଯୌଗିକର ମୌଳିକ ଅନ୍ୟ ଏକ ଯୌଗିକର ପରମାଣୁକୁ ଅପସାରଣ କଲେ, ତାହାକୁ କ'ଣ କୁହାଯାଏ ?

a) ସଂଶ୍ଲେଷଣ b) ବିସ୍ଥାପନ

c) ବିଘଟନ d) ତାପ ଉତ୍ପାଦୀ

୩୬) Mg+xHCl→$MgCl_2$+$H_2$ କୁ ସମତୁଲ ସମୀକରଣ କଲେ x ର ମାନ ହେବ ?

a) 2 b) 3

c) 4 d) 5

୩୭) ବେରିୟମ୍ କ୍ଲୋରାଇଡ ଓ ସୋଡ଼ିୟମ ସଲ୍‌ଫେଟ୍‌ର ମିଶ୍ରଣରୁ କେଉଁ ରଙ୍ଗର ପଦାର୍ଥ ସୃଷ୍ଟି ହୁଏ ?

a) ଧଳା b) କଳା

c) ହଳଦିଆ d) ନାଲି

୩୮) ରାସାୟନିକ ପ୍ରତିକ୍ରିୟାରେ ଉତ୍ପନ୍ନ ହୋଇଥିବା ଅଦ୍ରବଣୀୟ ଅପଦ୍ରବକୁ କ'ଣ କୁହାଯାଏ ?

a) ଅବକ୍ଷେପ b) ଅବକ୍ଷେପଣ ପ୍ରତିକ୍ରିୟା c) ଦ୍ୱୈତବିସ୍ଥାପନ d) ବିଜାରଣ

୩୯) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଅବକ୍ଷେପ ସୃଷ୍ଟି ହୁଏ, ତାକୁ କ'ଣ କୁହାଯାଏ ?

a) ଅବକ୍ଷେପ ପ୍ରତିକ୍ରିୟା

b) ଅବକ୍ଷେପଣ

c) ଦ୍ୱୈତବିସ୍ଥାପନ

d) ବିଜାରଣ

୪୦) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ପ୍ରତିକାରକ ମଧ୍ୟରେ ଆୟନ୍ ବିନିମୟ ହୋଇଥାଏ ତାକୁ କ'ଣ କୁହାଯାଏ ?

a) ଦ୍ୱୈତବିସ୍ଥାପନ b) ବିସ୍ଥାପନ

c) ବିଘଟନ d) ଆୟନିକ

୪୧) କପରକୁ ଗରମ କଲେ ଏହାର ଚାରିପଟେ ଯେଉଁ କଳା ଆସ୍ତରଣ ସୃଷ୍ଟି ହୁଏ ତାହା କ'ଣ ?

a) CaO b) CuO

c) MgO d) $Cu_2O$

୪୨) Cu + $O_2$→

a) CaO b) $CuO_2$ c) $Cu_2O$ d) CuO

୪୩) $Na_2SO_4$ + $BaCl_2$→ $BaSO_4$ + 2NaCl ଏହା କେଉଁ ପ୍ରତିକ୍ରିୟା

a) ଦ୍ୱୈତବିସ୍ଥାପନ b) ବିସ୍ଥାପନ c) ବିଘଟନ d) ଆୟନନ

୪୪) CuO + $H_2$ →

a) Cu + $H_2O$ b) $CuO_2$+ $H_2O$

c) Cu+ $O_2$ d) Cu + $CO_2$

୪୫) PbO + C → Pb + $CO_2$ଏଠାରେ କିଏ ଜାରିତ ଓ କିଏ ବିଜାରିତ ହୁଏ ?

a) C ଜାରିତ ଓ PbO ବିଜାରିତ

b) PbO ଜାରିତ ଓ ଉ ବିଜାରିତ

c) ଉଭୟ ଜାରିତ ବିଜାରିତ ହୁଅନ୍ତି

d) କହି ହେବନାହିଁ

୪୬) ତୈଳଜାତୀୟ ଖାଦ୍ୟପଦାର୍ଥର ସଂରକ୍ଷଣ ପାଇଁ ପ୍ୟାକେଟରେ କେଉଁ ପଦାର୍ଥ ପ୍ରୟୋଗ କରାଯାଏ ?

a) ପ୍ରତିକାରକ b) ଯବକ୍ଷାରଜାନ

c) ଜଳ d) ଅଙ୍ଗାରକାମ୍ଳ

୪୭) ଶ୍ୱସନକ୍ରିୟା କେଉଁ ପ୍ରକାର ପ୍ରତିକ୍ରିୟା ?

a) ତାପ ଉତ୍ପାଦୀ b) ତାପ ଶୋଷୀ

c) ବିଘଟନ d) ବିସ୍ଥାପନ

୪୮) ପରିପାକ ପ୍ରତିକ୍ରିୟାରେ ଶ୍ୱେତସାର ସରଳୀକୃତ ହୋଇ କେଉଁ ଥରେ ପରିଣତ ହୁଏ ?

a) ଗ୍ଲୁକୋଜ b) ସୁକ୍ରୋଜ୍

c) ଗାଲାକ୍ଟୋଜ୍ d) ଗ୍ଲିସେରିନ୍

୪୯) ରାସାୟନିକ ପ୍ରତିକ୍ରିୟାରେ ପଦାର୍ଥଟି $O_2$ ହରାଇଲେ ତାହା କ'ଣ ହୋଇଥାଏ ?

a) ଜାରିତ b) ବିଜାରିତଦ

c) ବିସ୍ଥାପନ d) କିଣ୍ୱନ

୫୦) ଜାରଣ ପ୍ରତିକ୍ରିୟା ମନ୍ଥର ହେବା ପାଇଁ ତାହା ମଧ୍ୟରେ କେଉଁ ଗ୍ୟାସ୍ ପ୍ରୟୋଗ କରାଯାଇଥାଏ ?

a) $H_2$ b) $O_2$

c) $N_2$ d) $Cl_2$

୫୧) ଲୁହା ଧାତୁର କ୍ରମ କ୍ଷୟ ଜନିତ ପ୍ରତିକ୍ରିୟାଟି କ'ଣ ?

a) ବିସ୍ଥାପନ b) ବିଘଟନ c) ଅବକ୍ଷେପଣ d) ଜାରଣ

୫୨) ଆଲୋକରେ କେଉଁଟି ବିଘଟିତ ହୁଏ ?

a) NaCl b) HCl

c) AgCl d) $CuCl_2$

୫୩) ସଂକ୍ଷାରଣ ଏକ କେଉଁ ପ୍ରକାରର ପ୍ରତ୍ରିକିୟା ?

a) ସଂଶ୍ଲେଷଣ b) ବିସ୍ଥାପନ c) ବିଘଟନ d) ଅବକ୍ଷେପଣ

**ANSWER**

1. c 2. a 3. c 4. a 5. b 6. a 7. a 8. d 9. c 10. b

11. b 12. b 13. c 14. b 15. a 16. c 17. c 18. c 19. c 20. c

21. c 22. d 23. b 24. a 25. b 26. c 27. b 28. a 29. a 30. a

31. a 32. b 33. c 34. b 35. b 36. a 37. a 38. a 39. b 40. a

41. b 42. d 43. a 44. a 45. a 46. b 47. a 48. a 49. b 50. c 51. d

52. c 53. A

# ଅତି ସଂକ୍ଷିପ୍ତ ପ୍ରଶ୍ନୋତ୍ତର

## (2ନମ୍ବର ସମ୍ବଳିତ)

1) ପ୍ରତିଜାରକ କ'ଣ ? ଏହାର ଗୋଟିଏ ପ୍ରୟୋଗ ଲେଖ ।

**ଉ.** (i) ଯେଉଁ ପଦାର୍ଥ ଜାରଣକୁ ବିରୋଧ କରେ, ତାହାକୁ ପ୍ରତିଜାରକ କୁହାଯାଏ । ନାଇଟ୍ରୋଜେନ ଗ୍ୟାସକୁ ପ୍ରତିଜାରକ ରୂପେ ବ୍ୟବହାର କରାଯାଏ ।

(ii) ଚିପ୍ସ ପ୍ରସ୍ତୁତକାରୀ କମ୍ପାନୀମାନେ ଚିପ୍ସକୁ ବହୁଦିନ ଧରି ସୁରକ୍ଷିତ ରଖିବା ପାଇଁ ସେହି ପ୍ୟାକେଟ୍ ମଧ୍ୟରେ ନାଇଟ୍ରୋଜେନ ଗ୍ୟାସ ଭିର୍ତ୍ତି କରନ୍ତି ।

2) ଜାରଣ-ବିଜାରଣ ପ୍ରତିକ୍ରିୟା ଏକ ସମୟରେ ହୁଏ ବୋଲି ଉଦାହରଣ ମାଧ୍ୟମରେ ବୁଝାଅ ।

**ଉ.** (i) ଜିଙ୍କ୍ ଅକ୍ସାଇଡ୍ ସହ କାର୍ବନର ପ୍ରତିକ୍ରିୟା ଏକ ଜାରଣ- ବିଜାରଣ ପ୍ରତିକ୍ରିୟା

(ii) ଏହାର ସମୀକରଣଟି $ZnO + C \rightarrow Zn + Co$

ଏଠାରେ ZnO ର ବିଜାରଣ ଓ C ର ଜାରଣ ଘଟୁଛି ।

3) ଜଳର ବିଦ୍ୟୁତ୍ ବିଶ୍ଳେଷଣ ବେଳେ ଗୋଟିଏ ବିଦ୍ୟୁତ୍ ଅଗ୍ରଠାରେ ଉତ୍ପନ୍ନ ଗ୍ୟାସର ଆୟତନ ଅନ୍ୟ ଅଗ୍ରଠାରେ ଉତ୍ପନ୍ନ ଗ୍ୟାସର ଆୟତନର ଦୁଇଗୁଣ କାହିଁକି ?

**ଉ.** (i) ଜଳ ଅଣୁର ସଂକେତ $H_2O$ । ଅର୍ଥାତ୍ ଗୋଟିଏ ଜଳ ଅଣୁରେ ଦୁଇଟି ହାଇଡ୍ରୋଜେନ୍ ପରମାଣୁ ସହ ଗୋଟିଏ ଅକ୍ସିଜେନ ପରମାଣୁ ଅଛି ।

(ii) ଏହାର ବିଘଟନ ବେଳେ ଗୋଟିଏ ଅକ୍ସିଜେନ ପରମାଣୁ ସହ ଦୁଇଟି ହାଇଡ୍ରୋଜେନ ପରମାଣୁ ଉତ୍ପନ୍ନ ହୁଏ । ତେଣୁ କ୍ୟାଥୋଡ୍ ଠାରେ ଉତ୍ପନ୍ନ ଗ୍ୟାସର ପରିମାଣ ଏନୋଡ୍ ଠାରେ ଉତ୍ପନ୍ନ ଗ୍ୟାସର ପରିମାଣର ଦୁଇଗୁଣ ହୋଇଥାଏ ।

4) ବିଶୁଦ୍ଧ କପର ଧାତୁ ସିଲଭର ନାଇଟ୍ରେଟର ରଙ୍ଗ ନୀଳ କରିଥାଏ । ଏହାର କାରଣ ସମୀକରଣ ସହ ଲେଖ ।

**ଉ.** ସିଲଭର ଧାତୁ ଠାରୁ କପର ଧାତୁ ଅଧିକ ପ୍ରତିକ୍ରିୟାଶୀଳ । ତେଣୁ ସିଲଭରକୁ ବିସ୍ଥାପିତ କରି କପର ନାଇଟ୍ରେଟ୍ ସୃଷ୍ଟି ହୁଏ ଯାହାର ରଙ୍ଗ ନୀଳ ସବୁଜ ।

$$Cu + 2AgNO_3 \rightarrow Cu\ (NO3)_2 + 2Ag$$

5) ଜଳର ବିଦ୍ୟୁତ୍ ବିଶ୍ଳେଷଣ ପାଇଁ ସେଥିରେ ସଲଫ୍ୟୁରିକ୍ ଏସିଡ୍ ମିଶାଯିବାର କାରଣ କ'ଣ ?

**ଉ.** ଜଳ ବିଦ୍ୟୁତ୍ ବିଶ୍ଳେଷଣ କରିପାରେନାହିଁ । ଏହାକୁ ବିଦ୍ୟୁତ୍ ପରିବାହୀ ଦ୍ରବଣର ପରିଣତ କରିବା ପାଇଁ ସେଥିରେ ସଲଫ୍ୟୁରିକ୍ ଏସିଡ୍ ମିଶାଯାଏ ।

6) ପ୍ରାକୃତିକ ଗ୍ୟାସର ମୁଖ୍ୟ ଉପାଦାନ କ'ଣ ? ଏହାର ଦହନରୁ କ'ଣ ଉତ୍ପାଦ ମିଳେ ସମୀକରଣ ସହ ଦର୍ଶାଅ ।

**ଉ.** (i) ପ୍ରାକୃତିକ ଗ୍ୟାସର ମୁଖ୍ୟ ଉପାଦାନ ହେଉଛି ମିଥେନ୍ ।

(ii) ଏହାର ଦହନରୁ $CO_2$, $H_2O$ ଓ ତାପ ଉତ୍ପନ୍ନ ହୁଏ ।

$$CH_4\ (g) + 2O_2\ (g) \rightarrow CO_2\ (g) + 2H_2O\ (g)$$

7) ନିମ୍ନ ସମୀକରଣକୁ ସମତୁଲ କର ।

(i) $Na + H_2O \rightarrow NaOH + H_2$

(ii) $Pb\ (NO_3)_2 \xrightarrow{\text{ତାପ}} PbO + NO_2 + O_2$

(iii) $AgCl \xrightarrow{\text{ସୂର୍ଯ୍ୟାଲୋକ}} Ag + Cl_2$

(iv) $FeSQ_4 \xrightarrow{\text{ତାପ}} Fe_2O_3 + SO_2 + SO_3$

**ଉ.** (i) $2Na + 2H_2O \rightarrow 2NaOH + H_2$

(ii) $2Pb(NO_3)_2 \xrightarrow{\text{ତାପ}} 2PbO + 4NO_2 + O_2$

(iii) $2AgCl \xrightarrow{\text{ସୂର୍ଯ୍ୟାଲୋକ}} 2Ag + C_2$

(iv) $2FeSO_4 \xrightarrow{\text{ତାପ}} FeO_3 + SO_2 + SO_3$

8) AgCl କୁ କାହିଁକି କଳାରଙ୍ଗର ବୋତଲରେ ରଖାଯାଏ ?

**ଉ.** (i) AgCl ଆଲୋକ ସହ ପ୍ରତିକ୍ରିୟା କରି ଧୂସର ରଙ୍ଗର Ag ଧାତୁରେ ପରିଣତ ହୁଏ । ତେଣୁ ସଂରକ୍ଷଣ ପାଇଁ କଳା ବୋତଲରେ ରଖାଯାଏ ।

(ii) $2AgCl \xrightarrow{\text{ସୂର୍ଯ୍ୟାଲୋକ}} 2Ag + Cl_2$

9) ଜାରଣ ପ୍ରତିକ୍ରିୟାର 2ଟି ଅପକାରିତା ଲେଖ ।

**ଉ.** (i) ଜାରଣ ଫଳରେ ଧାତୁମାନଙ୍କର ସଂକ୍ଷାରଣ ହୁଏ ଓ ସେମାନଙ୍କ ରକ୍ଷୟ ଘଟେ ।

(ii) ତୈଳଜାତୀୟ ଖାଦ୍ୟରେ ଜାରଣ ଫଳରେ ରହଣିଆ ଗନ୍ଧ ସୃଷ୍ଟି ହୁଏ । ଫଳରେ ଖାଦ୍ୟ ନଷ୍ଟ ହୁଏ ।

10) ସୂତ୍ରୀୟ ସମୀକରଣ ଲେଖିବାର ନିମୟ କ'ଣ ? ।

**ଉ.** (i) ପ୍ରତିକାରକ ଗୁଡ଼ିକର ପ୍ରତୀକ / ସଂକେତକୁ ବାମପାର୍ଶ୍ୱରେ ଓ ଉତ୍ପାଦ ଗୁଡ଼ିକର ପ୍ରତୀକ/ସଂକେତ ଗୁଡ଼ିକୁ ଦକ୍ଷିଣ ପାର୍ଶ୍ୱରେ ଲେଖାଯାଏ ।

(ii) ଏକାଧିକ ପ୍ରତିକାରକ / ଉତ୍ପାଦ ମଧ୍ୟରେ ତୀର ଚିହ୍ନ (→) ଦିଆଯାଏ ।

11) ଗୋଟିଏ କାଚ଼ପାତ୍ର ଓ ଲୁହାପାତ୍ର ମଧ୍ୟରୁ କପର ସଲଫେଟକୁ କେଉଁଥିରେ ରଖାଯାଇପାରିବ ଓ କାହିଁକି ?

**ଉ.** (i) କାଚ଼ପାତ୍ରରେ ରଖାଯାଇପାରିବ

(ii) କାରଣ, ଲୁହାପାତ୍ରରେ $CuSO_4$ ରଖିଲେ ଏହା ପ୍ରତିକ୍ରିୟା କରି ଲୌହ ସଲଫେଟ୍ ସୃଷ୍ଟି କରିବ ।

$$Fe + CuSO_4 \rightarrow FeSO_4 + Cu$$

୧୨) ଅବକ୍ଷେପଣ ପ୍ରତିକ୍ରିୟା କ'ଣ ଏହାର ୨ଟି ଉଦାହରଣ ଦିଅ ।

ଉ:- ଅବକ୍ଷେପଣ ପ୍ରତିକ୍ରିୟା - ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଅବକ୍ଷେପ ସୃଷ୍ଟିହୁଏ । ତାହାକୁ ଅବକ୍ଷେପଣ ପ୍ରତିପ୍ରିୟା କୁହାଯାଏ ।

ଉଦାହରଣ - ଶମିତ ଚୂନର ଦ୍ରବଣରେ ଅଙ୍ଗାରକାମ୍ଳ ଗ୍ୟାସ ପ୍ରବେଶ କରାଇଲେ କ୍ୟାଲସିୟମ କାର୍ବୋଟର ଅବକ୍ଷେପ ଓ ଜଳ ସୃଷ୍ଟିହୁଏ ।

$Ca(OH)_2(aq) + CO_2(aq) \rightarrow CaCO_3\,(s)\downarrow + H_2O(l)$

ସିଲଭର ନାଇଟ୍ରେର ଜଳୀୟ ଦ୍ରବଣରେ ସୋଡ଼ିୟମ କ୍ଲୋରଡର ଜଳୀୟ ଦ୍ରବଣର ପ୍ରତିକ୍ରିୟା ଘଟିଲେ ସିଲଭର କ୍ଲୋରାଇଡ୍ ବା ଧଳାରଙ୍ଗର ଅବକ୍ଷେପ ସୃଷ୍ଟିସେବା ସହ ସୋଡ଼ିୟମ ନାଇଟ୍ରେଟ୍ ଉତ୍ପନ ହୁଏ ।

$AgNO_{3\,(aq)} + NaCl_{(aq)} = AgCl + NaNO_3$

୧୩) ତାପ ଉତ୍ପାଦୀ ପ୍ରତିକ୍ରିୟା କଣ ? ଶ୍ୱସନ ପ୍ରକ୍ରିୟା ଏକ ତପଉତ୍ପାଦି ପ୍ରକ୍ତିୟା କିପରି ବୁଝାଅ ?

ଉ:- ତାପ ଉତ୍ପାଦୀ ପ୍ରତିକ୍ରିୟା - ଯେଉଁ ପ୍ରତିକ୍ରିୟାରେ ତାପଶକ୍ତି ନିର୍ଗତ ହୁଏ । ତାହାକୁ ତାପ ଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।

ଶ୍ୱସନ ଏକ ତାପ ଉତ୍ପାଦୀ ପ୍ରତିକ୍ରିୟାରେ

କ) ଆମ ଖାଦ୍ୟରେଥିବା ଭାତ, ଆଳୁ, ରୁଟି, ଆଦିରେ ଶ୍ୱେତସାର ଥାଏ ।

ଖ) ପରିପାକ କ୍ରିୟାରୁ ଏକ ଶ୍ୱେତସାର ଗ୍ଲୁକୋଜ ଉପାନ୍ନ ହୁଏ ।

ଗ) ଗ୍ଲୁକୋଜ ଆମ ଶରୀର କୋଷ ଗୁଡ଼ିକରେ ଥିବା ଅକ୍‌ସିଜେନ ସହ ରାସାୟନିକ ପ୍ରିତିକ୍ରିୟା କରି ଶରୀରକୁ ଶକ୍ତି ଯୋଗାଏ, ଏହି ପ୍ରତିକ୍ରିୟାକୁ ଶ୍ୱସନ ପ୍ରକ୍ରିୟା କୁହାଯାଏ ।

$C_6H_{12}O_6\,(aq) + 6O_2(aq) \rightarrow 6CO_2\,(aq) + 6H_2O(l)$ +ଶକ୍ତି

୧୪) ଜାରଣ କହିଲେ କଣ ବୁଝ ? ଉଦାହରଣ ସହ ବ୍ୟାଖ୍ୟା କର ?

ଉ:- ଜାରଣ ଯେଉଁ ରାସାୟନିକ ପ୍ରତିକ୍ରିୟାରେ କୌଣସି ପଦାର୍ଥ ସହ ଅକସିଜେନର ଂଯୋଗ କିମ୍ୱା ହାଇଡ୍ରୋଜେନର ଅପସାରଣ ଘଟେ, ତାହାକୁ ଜାରଣ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ (କ) ମ୍ୟାଗ୍ନେସିୟମ ପାତକୁ ସ୍ପିରିଟ ଲ୍ୟାମ୍ପରେ ଜଳାଇଲେ ମ୍ୟାଗ୍ନେସିୟମ ଅକ୍ସାଇଡ୍ ଉତ୍ପନ ହୁଏ । $2Mg + O_2 \rightarrow 2MgO$

ଏଠାରେ Mg ର ଜାରଣ ଘଟୁଛି

୨) ଜିଙ୍କ ଅକ୍ସାଇଡ୍ କାର୍ବନର ପ୍ରତିକ୍ରିୟା ଦ୍ୱାରା ଜିଙ୍କ ଓ କାର୍ବନ ମନୋକ୍ସାଇଡ୍ ଉତ୍ପନ ହୁଏ ।

$ZnO + C \rightarrow Zn + CO$

ଏଠାରେ କାର୍ବନର ଜାରଣ ହେଉଛି

୧୫) ଜାରଣ - ବିଜାରଣ ପ୍ରତିକ୍ରିୟା କଣ ଉଦାହରଣ ସହ ବୁଝାଅ ।

ଉ:- ଜାରଣ - ବିଜାରଣ ପ୍ରତିକ୍ରିୟା

ଯେଉଁ ପ୍ରତିକ୍ରିୟାରେ ଗୋଟିଏ ପ୍ରତିକାରକର ଜାରଣ ଘଟୁଥିବା ବେଳେ ଅନ୍ୟଟିର ବିଜାରଣ ଘଟେ ତାହାକୁ ଜାରଣ - ବିଜାରଣ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ (କ) ମାଙ୍ଗାନିଜ ଅକ୍ସାଇଡ୍ ସହ ହାଇଡ୍ରୋକ୍ଲୋରିକ୍ ଏସିଡ୍ ପ୍ରତିକ୍ରିୟାଦ୍ୱାରା ମାଙ୍ଗାନିଜ ମାଙ୍ଗାନିଜ ହାଇଡ୍ରୋସାଇଡ୍ ଜଳ କ୍ଲୋରିନ୍ ସୃଷ୍ଟି ହୁଏ $MnO_2 + 4HCl \rightarrow MnCl_2 + 2H_2O + Cl_2$

ଏଠାରେ MnOରେ ଅକ୍ସିଜେନ ଅପସାରିତ ଘଟୁଥିବାରୁ ଏହାର ବିଜାରଣ ଘଟୁଛି ଓ HCl ଜାରିତ ହୋଇ $Cl_2$ ରେ ପରିଣତ ହେଉଛି ।

୧୬) ବିସ୍ଥାପନ ଓ ଦ୍ୱୈତ-ବିସ୍ଥାପନ ମଧ୍ୟରେ ୨ଟି ପାର୍ଥକ୍ୟ ଦର୍ଶାଅ ?

### ବିସ୍ଥାପନ ପ୍ରତିକ୍ରିୟା

ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଗୋଟିଏ ମୌଳିକ କୌଣସି ଏକ ଯୌଗିକର ମୌଳିକକୁ ଅପସାରଣ କରେ ତାହାକୁ ବିସ୍ଥାପନ ପ୍ରତିକ୍ରିୟା କୁହାଯାଏ । ଜିଙ୍କ ଓ କପର ସଲଫେଟ୍ ପ୍ରତିକ୍ରିୟା ବେଳେ ଜିଙ୍କ, କପର ସଲଫେଟରୁ କପରକୁ ବିସ୍ଥାପିତ କରେ ।

**$Zn + CuSO_4 \rightarrow ZnSO_4 + Cu$**

### ଦ୍ୱୈତ - ବିସ୍ଥାପନ ପ୍ରତିକ୍ରିୟା

ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଦୁଇଟି ପ୍ରତିକାରକ ମ୍ନରେ ଆୟନ ବିନିମୟ ଘଟିଥାଏ, ତାହାକୁ ଦ୍ୱୈତ - ବିସ୍ଥାପନ ପ୍ରତିକ୍ରିୟା କୁହାଯାଏ ।

ସୋଡ଼ିୟମ ସଲଫେଟ ଓ ବେରିୟମ କ୍ଲୋରାଇଡ୍ ପ୍ରତିକ୍ରିୟାବେଳେ ସୋଡ଼ିୟମ କ୍ଲୋରାଇଡ଼ ଓ ବେରିୟମ ସଲଫେଟ, ଉତ୍ପନ୍ନ ହୁଏ ।

**$Na_2SO_4 + BaCl_2 \rightarrow NaCl + BaSO_4$**

୧୭) ତାପଶୋଷୀ ଓ ତାପଉତ୍ପାଦୀ ପ୍ରତିକ୍ରିୟା ମଧରେ ପାର୍ଥକ୍ୟ ଦର୍ଶାଅ ?

### ତାପଶୋଷୀ ପ୍ରତିକ୍ରିୟା

ଯେଉଁ ରାସାୟନିକ ପ୍ରତିକ୍ରିୟାରେ ତାପ ଶୋଷିତ ହୁଏ ବା ତାପଶକ୍ତି ଆବଶ୍ୟକ ହୁଏ ତାହାକୁ ତାପଶୋଷୀ ପ୍ରତ୍ରିକ୍ରିୟା କୁହାଯାଏ ।

ତାପ ପ୍ରୟୋଗ ହେତୁ କ୍ୟାଲସିୟମ କାର୍ବୋନେଟ ବିଘଟିତ ହୋଇ କ୍ୟାଲସିୟମ ଅକ୍ସାଇଡ଼୍ ଓ କାର୍ବନ ଡ଼ାଇଅକ୍ସାଇଡ଼ ଉତ୍ପନ୍ନ ହୁଏ ।

**$CaCO_3 \rightarrow CaO + CO_2$**

### ତାପଉତ୍ପାଦୀ ପ୍ରତିକ୍ରିୟା

ଯେଉଁ ରାସାୟନିକ ପ୍ରତିକ୍ରିୟାରେ ତାପ ଉତ୍ପାନ୍ନ ହୁଏ ତାହାକୁ ତାପ ଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।

ଜିଙ୍କଧାତୁ ସହ ହାଇଡ୍ରୋକ୍ଲୋରିକ୍ ଏସିଡ୍‌ର ପ୍ରତିକ୍ରିୟାରୁ ଜିଙ୍କ କ୍ଲୋରାଇଡ଼ ହାଇଡ୍ରୋଜେନ ଗ୍ୟାସ ଉତ୍ପନ୍ନ ହେବା ସହିତ ତାପଶକ୍ତି ନିର୍ଗତ ହୋଇଥାଏ ।

**$Zn + HCl \rightarrow ZnCl_2 + H_2$ + ତାପ ଶକ୍ତି**

୧୮) ବିଘଟନ ପ୍ରତ୍ରିକ୍ରିୟା କାହାକୁ କୁହାଯାଏ । ଲୋଡ଼ ନାଇଟ୍ରେଟ୍‌କୁ ଉତ୍ତପ୍ତକଲେ କ'ଣ ହୁଏ ?

ଉ- **ବିଘଟନ <u>ପ୍ରତ୍ରିକ୍ରିୟା</u>** - ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଗୋଟିଏ ପ୍ରତିକାରକ ବିଘଟିତ ହୋଇ ଏକାଧିକ ସରଳତାର ଉତ୍ପାଦ ଉତ୍ପନ୍ନ ହୁଏ ତାହାକୁ ବିଘଟନ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ - ଲୋଡ଼ ନାଇଟ୍ରେଟ୍‌କୁ ଉ□ପ୍ତ କଲେ ହଳଦିଆ ରଙ୍ଗର ଲେଡ୍ ଅକ୍ସାଇଡ୍ ସୃଷ୍ଟିହେବା ସହିତ ବାଦାମୀରଙ୍ଗର ନାଇଡ୍ରୋଜେନ ଅକ୍‌ସାଇଡ଼୍‌ର ଧୂମ ସହ ଅକ୍ସିଜେନ୍ ଗ୍ୟାସ ନିର୍ଗତ ହୁଏ ।

$2Pb(NO_3)_2 \rightarrow 2PbO + 4\ NO_2 + O_2$

ଏହି ରାସାୟନିକ ପ୍ରତିକ୍ରିୟା ତାପ ପ୍ରୟୋଗ ଦ୍ୱାରା ବିଘଟନ ଘଟୁଥିବାରୁ ଏହାକୁ ତାପୀୟ ବିଘଟନ କୁହାଯାଏ ।

୧୯) କପର ସଲଫେଟ୍, ଦ୍ରବଣରେ ଜିଙ୍କଦାନ ମିଶାଇଲେ କଣ ଘଟେ ସମୀକରଣ ମାଧମରେ ବୁଝାଅ ?

ଉ- ଜିଙ୍କଦାନାକୁ କପର ସଲଫେଟ୍ ଦ୍ରବଣରେ ମିଶାଇଲେ ଜିଙ୍କ କପର ସଲଫେଟ୍‌ରୁ କପରକୁ ବିସ୍ଥାପିତ କରେ । କାରଣ ଜିଙ୍କ ଧାତୁକୁ କପର ଧାତୁ କପର ଠାରୁ ଅଧିକ ପ୍ରତିକ୍ରିୟାଶିଳ ଅଟେ । ଏହା ଏକ ବିସ୍ଥାପନ ପ୍ରତିକ୍ରିୟା ଅଟେ ।

$Zn + CuSO_4 \rightarrow ZnSO_4 + Cu$

୨୦) ସଂଶ୍ଳେଷଣ ପ୍ରତିକ୍ରିୟା କାହାକୁ କୁହାଯାଏ । ୨ଟି ଉଦାହରଣ ସହ ବୁଝାଅ ।

ଉ- ସଂଶ୍ଳେଷଣ ପ୍ରତ୍ରିକ୍ରିୟା - ଯେଉଁ ରାସାୟନିକ ପ୍ରତିକ୍ରିୟାରେ ପ୍ରତିକ୍ରିୟାରେ ଦୁଇ ବା ଅଧିକ ପ୍ରତିକାରକ ସଂଯୁକ୍ତ ହୋଇଉତ୍ପନ୍ନ ହୋଇଥାଏ ତାହାକୁ ସଂଶ୍ଳେଷଣ ପ୍ରତିକ୍ରିୟା କୁହାଯାଏ ।

ହାଇଡ୍ରୋଜେନ ଓ କ୍ଲୋରିନ୍ ଗ୍ୟାସ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟି ହାଇଡ୍ରୋଜେନ କ୍ଲୋରାଇଡ୍ ଗ୍ୟାସ ଉତ୍ପନ୍ନ ହୁଏ ।

$H_2 + Cl_2 \rightarrow 2\ HCl$

ହାଇଡ୍ରୋଜେନ୍ ଓ ଅକ୍ସିଜେନ୍ ସହ ପ୍ରତିକ୍ରିୟା କରି ଜଳ ସୃଷ୍ଟି ହୁଏ । $H_2 + O_2 \rightarrow 2\ H_2O$

୨୧) କପର ସଲଫେଟ୍ ଦ୍ରବଣରେ ଲୁହାକ□ ବୁଡ଼ାଇଲେ କଣ ଘଟେ ସମୀକରଣ ସହ ଲେଖ ।

ଉ- କପର ସଲଫେଟ୍, ଦ୍ରବଣରେ ଲୁହାକ□ ବୁଡ଼ାଇଲେ ଲୁହା ଅନ୍ୟ ମୌଳିକ କପରକୁ କପର ସଲଫେଟ୍ ଦ୍ରବଣରୁ ଅପସାରଣ ବା ବିସ୍ଥାପିତ କରିଥାଏ । ଏହା ଏକ ବିସ୍ଥାପନ ପ୍ରତିକ୍ରିୟା ଅଟେ ।

$CuSO_4 + Fe \rightarrow FeSO_4 + Cu$

୨୨) ସଂକ୍ଷାରଣ କ'ଣ ? ଉଦାହରଣ ସହ ବୁଝାଅ । ଲୁହାରେ କଳଙ୍କି ଲାଗିଲେ କେଉଁ ରଙ୍ଗର ଆସ୍ତରଣ ଦେଖାଯାଏ ।

ଉ- କ) ସଂକ୍ଷାରଣ – ଏକ ଧାତୁ ତାହାକୁ ଘେରି ରହିଥିବା ଉପାଦାନ ଯଥା ଜଳୀୟ ବାଷ୍ପ, ଅମ୍ଳ ଇତ୍ୟାଦି ସହିତ ରାସାୟନିକ ପ୍ରତିକ୍ରିୟା କଲେ ଧାତୁଟି କ୍ରମଶଃ କ୍ଷୟ ପ୍ରାପ୍ତ ହୁଏ । ଏହି ପ୍ରକ୍ରିୟାକୁ ସଂକ୍ଷାରଣ କୁହାଯାଏ ।

ଖ) ସଂକ୍ଷାରଣ ହେତୁ ରୂପାଉପରେ କଳାରଂଗର ଆସ୍ତରଣ ଓ ତମ୍ବା ଉପରେ ସବୁଜ ରଙ୍ଗର ଆସ୍ତରଣ ସୃଷ୍ଟି ହୁଏ ।

ଗ) ଲୁହାରେ କଳିଙ୍କି ଲାଗିଲେ ଲୋହିତ ବାଦାମୀ ରଙ୍ଗ ଆସ୍ତରଣ ଦେଖାଯାଏ ।

# ସଂକ୍ଷିପ୍ତ ପ୍ରଶ୍ନୋତ୍ତର

## (3 ନମ୍ବର ସମ୍ବଳିତ)

1) ମୌଳିକ -ମୌଳିକ, ମୌଳିକ-ଯୌଗିକ ଯୌଗିକ-ଯୌଗିକ ମଧ୍ୟରେ ଘଟୁଥିବା ସଂଶ୍ଳେଷଣ ପ୍ରତିକ୍ରିୟାର ଉଦାହରଣ ଦିଅ ।

**ଉ.** (i) ମୌଳିକ + ମୌଳିକ :-

ହାଇଡ୍ରୋଜେନ ଗ୍ୟାସ ଓ କ୍ଲୋରିନ୍ ଗ୍ୟାସ ମିଶି ହାଇଡ୍ରୋଜେନ କ୍ଲୋରାଇଡ଼ ଗ୍ୟାସ ଉତ୍ପନ୍ନ ହୁଏ ।

$H_2(g) + Cl_2(g) \rightarrow 2HCl(g)$

(ii) ମୌଳିକ + ଯୌଗିକ :-

କାର୍ବନ ମନୋକ୍ସାଇଡ଼ ଗ୍ୟାସ ବାୟୁମଣ୍ଡଳରେ ଥିବା ଅକ୍ସିଜେନ ସହ ପ୍ରତିକ୍ରିୟା କରି $CO_2$ ଗ୍ୟାସ ଉତ୍ପନ୍ନ କରେ ।

$2CO(g) + O_2\,(g) \rightarrow 2CO_2\,(g)$

2) ଅବକ୍ଷେପ ସୃଷ୍ଟି ହେଉଥିବା ଓ ହେଉ ନଥିବା ଗୋଟିଏ ଲେଖାଏଁ ଦ୍ୱୈତ-ବିସ୍ଥାପନ ପ୍ରତିକ୍ରିୟାର ଉଦାହରଣ ଦିଅ । ଏପରି ଏକ ଅବକ୍ଷେପଣ ପ୍ରତିକ୍ରିୟାର ଉଦାହାରଣ ଦିଅ ଯାହା ଦ୍ୱୈତ-ବିସ୍ଥାପନ ପ୍ରତିକ୍ରିୟା ହୋଇନଥିବ ।

**ଉ.**(i) ସିଲଭର ନାଇଟ୍ରେଟ୍ ଦ୍ରବଣରେ ସୋଡ଼ିୟମ କ୍ଲୋରାଇଡ଼ର ଦ୍ରବଣ ମିଶାଇଲେ ଧଳା ରଙ୍ଗର ସିଲଭର କ୍ଲୋରାଇଡ଼ର ଅବକ୍ଷେପ ସୃଷ୍ଟି ହୁଏ ଓ ସୋଡ଼ିୟମ ନାଇଟ୍ରେଟ ଉତ୍ପନ୍ନ ହେବ ।

$AgNO_3(aq) + NaCl(aq) \rightarrow AgCl(s)\downarrow + NaNO_3(aq)$

(ii) ବେରିୟମ୍ ହାଇଡ୍ରକ୍ସାଇଡ଼ ସହ ଏମୋନିୟମ୍ କ୍ଲୋରାଇଡ଼ର ପ୍ରତିକ୍ରିୟା ଝଟି ଏମୋନିୟମ୍ ହାଇଡ୍ରକ୍ସାଇଡ଼ ଓ ବେରିୟମ୍ କ୍ଲୋରାଇଡ଼୍ ଉତ୍ପନ୍ନ ହୁଏ

$Ba(OH)_2(aq) + 2NH_4Cl\,(aq) \rightarrow BaCl_2(aq) + 2NH_4OH(aq)$

(iii) ବେରିୟମ୍ ଧାତୁ ସହ ଲଘୁ ସଲଫ୍ୟୁରିକ୍ ଏସିଡ଼ର ପ୍ରତିକ୍ରିୟା ଘଟି ବେରିୟମ୍ ସଲଫେଟର ଧଳା ଅବକ୍ଷେପ ସୃଷ୍ଟି ହେବା ସହ $H_2$ ଗ୍ୟାସ ଉତ୍ପନ୍ନ ହୋଇଥାଏ ।

$Ba(s) + H_2SO_4\,(aq) \rightarrow BaSO_4(s) + H_2(g)$

3) ତୁମକୁ ଲଘୁ HCl, $HNO_3$ ଓ $ZnCl_2$ ର ଦ୍ରବଣ ଏବଂ ଜଳ ଦିଆଯାଇଛି ଏହା ସହ ତମ୍ବା ପାତ୍ର ଓ ଏଲୁମିନିୟମ ପାତ୍ର ଦିଆଯାଇଛି । ତୁମେ ଉପରୋକ୍ତ ଦ୍ରବଣ ଗୁଡ଼ିକ ମଧ୍ୟରୁ କାହାକୁ କେଉଁ ପାତ୍ରରେ ରଖିବ କାରଣ ସହ ଉତ୍ତର ଦିଅ ।

**ଉ.**(i) ତମ୍ବା ବା କପର ଲଘୁ ସହ ପ୍ରତିକ୍ରିୟା କରି କପର ନାଇଟ୍ରେଟ୍ ସୃଷ୍ଟି କରିବ । ତେଣୁ ଏହାକୁ ତମ୍ବା ପାତ୍ରରେ ରଖାଯାଇପାରିବ ନାହିଁ ।

$Cu(s) + 8HNO_3\ (dil) \rightarrow 3Cu\ (NO_3)_2\ (aq) + 2NO(g) + 4H_2C(l)$

କିନ୍ତୁ ଜଳ ଲଘୁ HCl ଓ $ZnCl_2$ ତମ୍ବା ସହ ପ୍ରତିକ୍ରିୟା କରିବ ନାହିଁ । ତେଣୁ ସେଗୁଡ଼ିକୁ ତମ୍ବା ପାତ୍ରରେ ରଖାଯାଇପାରିବ ।

(ii) ସେହିପରି ଏଲୁମିନିୟମ ଲଘୁ HCl ଓ $ZnCl_2$ ଦ୍ରବଣ ସହ ପ୍ରତିକ୍ରିୟା କରିବ ।

$2Al(s) + 6HCl\ (aq) \rightarrow 2AlCl_3(aq) + 3H_2\,(g)$

$2Al(s) + 3ZnCl_2\ (aq) \rightarrow 2AlCl_3(aq) + 3Zn\ (s)$

ତେଣୁ HCl ଓ $ZnCl_2$ ଦ୍ରବଣ ବ୍ୟତୀତ ଜଳ ଓ $HNO_3$କୁ ଏଲୁମିନିୟମ ପାତ୍ରରେ ରଖିହେବ ।

4) ନିମ୍ନ ରାସାୟନିକ ପ୍ରତିକ୍ରିୟାରେ 'A' କୁ ଚିହ୍ନଟ କର ଓ ଏଗୁଡ଼ିକ କି ପ୍ରକାରର ରାସାୟନିକ ପ୍ରତିକ୍ରିୟା ? ଏହି ପ୍ରତିକ୍ରିୟାରୁ କେଉଁ ସୂଚନା ମିଳିଛି ?

$Zn + CuSO_4 \rightarrow A + Cu$

$Na_2SO_4 + BaCl_2 \rightarrow A + 2NaCl$

**ଉ.**(i) ପ୍ରଥମ ସମୀକରଣ ପାଇଁ A = $ZnSQ_4$

ଦ୍ୱିତୀୟ ସମୀକରଣ ପାଇଁ A = $BaSQ_4$

(ii) ପ୍ରଥମ ପ୍ରତିକ୍ରିୟାଟି ବିସ୍ଥାପନ ପ୍ରତିକ୍ରିୟା ଓ ଦ୍ୱିତୀୟ ପ୍ରତିକ୍ରିୟାଟି ଏକ ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟା

(iii) ପ୍ରଥମ ପ୍ରତିକ୍ରିୟାରେ ଜଣାଯାଏ ଯେ, ଠାରୁ ଅଧିକ ପ୍ରତିକ୍ରିୟାଶୀଳ ଧାତୁ ଓ ଦ୍ୱିତୀୟ ପ୍ରତିକ୍ରିୟାରେ ଧଳା ରଙ୍ଗର ଅବକ୍ଷେପ ($BaSO_4$) ସୃଷ୍ଟି ହେଉଥିବାରୁ ତାହା ଏକ ଅବକ୍ଷେପଣ ପ୍ରତିକ୍ରିୟା ।

5) ନିମ୍ନଲିଖିତ ରାସାୟନିକ ପ୍ରତିକ୍ରିୟା ଗୁଡ଼ିକ ପାଇଁ ସମତୁଲ ସମୀକରଣ ଲେଖ ଓ ସେଗୁଡ଼ିକ କେଉଁ ପ୍ରକାରର ରାସାୟନିକ ପ୍ରତିକ୍ରିୟା ସୂଚଅ ।

(a) ଜିଙ୍କ କାର୍ବୋନେଟ (କଠିନ)→ ଜିଙ୍କ ଅକ୍ସାଇଡ଼ (କଠିନ) + କାର୍ବନ ଡ଼ାଇକ୍ସାଇଡ଼ (ଗ୍ୟାସ)

(b) ହାଇଡ୍ରୋଜେନ (ଗ୍ୟାସ) + କ୍ଲୋରିନ୍ (ଗ୍ୟାସ) → ହାଇଡ୍ରୋଜେନ୍ କ୍ଲୋରାଇଡ଼ (ଗ୍ୟାସ)

(c) ମ୍ୟାଗ୍ନେସିୟମ (କଠିନ) ହାଇଡ୍ରୋକ୍ଲୋରିକ୍ ଏସିଡ଼ (ଜଳୀୟ) + ମ୍ୟାଗ୍ନେସିୟମ କ୍ଲୋରାଇଡ୍ (ଜଳୀୟ) + ହାଇଡ୍ରୋଜେନ (ଗ୍ୟାସ)

**ଉ.**(a) $ZnCO_3(s) \rightarrow ZnO(s) + CO_2(g) \Rightarrow$ ବିଘଟନ ପ୍ରତିକ୍ରିୟା

(b) $H_2(g) + Cl_2(g) \rightarrow 2HCl(g) \Rightarrow$ ସଂଶ୍ଲେଷଣ ପ୍ରତିକ୍ରିୟା

(c) $Mg(s) + 2HCl(aq) \rightarrow MgCl_2(aq) + H_2(g) \Rightarrow$ ବିସ୍ଥାପନ ପ୍ରତିକ୍ରିୟା

6) ତାପ, ଆଲୋକ କିମ୍ବା ବିଦ୍ୟୁତ୍‌ଶକ୍ତି ପ୍ରୟୋଗ ଦ୍ୱାରା ସମ୍ପାଦିତ ହେଉଥିବା ପ୍ରତ୍ୟେକ ବିଘଟନ ପ୍ରତିକ୍ରିୟା ପାଇଁ ରାସାୟନିକ ସମୀକରଣ ଲେଖ ।

**ଉ.**(i) କାର୍ବୋନେଟକୁ ଉତ୍ତପ୍ତ କଲେ ଏହା ବିଘଟିତ ହୋଇ କ୍ୟାଲସିୟମ ଅକ୍ସାଇଡ଼ ଓ ଅଙ୍ଗାରକାମ୍ଳରେ ପରିଣତ ହୁଏ ।

$CaCO_3(s) \xrightarrow{\text{ତାପ}} CaO(s) + CO_2(g)$

(ii) ସିଲଭର କ୍ଲୋରାଇଡ଼ ସୂର୍ଯ୍ୟାଲୋକ ଉପସ୍ଥିତିରେ ବିଘଟିତ ହୋଇ ସିଲଭର ଓ କ୍ଲୋରିନରେ ପରିଣତ ହୁଏ ।

$2AgCl(s) \xrightarrow{\text{ସୂର୍ଯ୍ୟାଲୋକ}} 2Ag(s) + Cl_2(g)$

(iii) ସୋଡ଼ିୟମ କ୍ଲୋରାଇଡ଼ର ବିଦ୍ୟୁତ୍ ବିଶ୍ଲେଷଣ କଲେ ସୋଡ଼ିୟମ୍ ଓ କ୍ଲୋରିନ ମିଳେ ।

$2NaCl(aq) \xrightarrow{\text{ବିଦ୍ୟୁତ୍}} 2Na(aq) + Cl_2(g)$

7) ଜାରଣ ଓ ବିଜାରଣ ପ୍ରତିକ୍ରିୟା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

**ଜାରଣ**

**ଉ.**(i) ଏଥିରେ ଅମ୍ଳଜାନର ସଂଯୋଗ ହୁଏ ।

(ii) ଏଥିରେ ହାଇଡ୍ରୋଜେନର ବିଯୋଗ ମଧ୍ୟ ଘଟିଥାଏ ।

(iii) $CuO + H_2 \rightarrow Cu + H_2O$ (ଜାରଣ)

**ବିଜାରଣ**

(i) ଏଥିରେ ହାଇଡ୍ରୋଜେନର ସଂଯୋଗ ହୁଏ ।

(ii) ଏଥିରେ ଅମ୍ଳଜାନର ବିଯୋଗ ମଧ୍ୟ ଘଟିଥାଏ ।

(iii) $CuO + H_2 \rightarrow Cu + H_2O$ (ବିଜାରଣ)

8) ଶମିତ ଚୂନ କିରପି ପ୍ରସ୍ତୁତ ହୁଏ ? ଏହାକୁ କାହିଁକି କାନ୍ଥ ଧଉଳାଇବା ପାଇଁ ବ୍ୟବହାର କରାଯାଏ ?

**ଉ.** (i) କଳିଚୂନ ଜଳ ସହ ପ୍ରତିକ୍ରିୟା କରି ଶମିତ ଚୂନ ପ୍ରସ୍ତୁତ କରେ ।

$CaO + H_2O \rightarrow Ca(OH)_2$ + ତାପ

(ii) ଶମିତ ଚୂନ ବାୟୁରେ ଥିବା ସହ ପ୍ରତିକ୍ରିୟା କରି କ୍ୟାଲସିୟମ କାର୍ବୋନେଟର ଏକ ଧବଳ ସ୍ତର ସୃଷ୍ଟି କରେ ।

$Ca(OH)_2(aq) + CO_2(g) \rightarrow CaCO_3(s) + H_2O(l)$

9) ଜାରକ ଓ ବିଜାରକ ଓ ପ୍ରତିଜାରକ  କାହାକୁ କୁହାଯାଏ ? ଉଦାହରଣ ସହ ବୁଝାଅ ।

**ଉ.**(i) ଜାରକ- ଯେଉଁ ପଦାର୍ଥ ଜାରଣ ପ୍ରତିକ୍ରିୟାରେ ସାହାଯ୍ୟ କରେ, ତାହାକୁ ଜାରକ କୁହାଯାଏ ।

ଉଦାହରଣ- ଅମ୍ଳଜାନ

(ii) ବିଜାରକ- ଯେଉଁ ପଦାର୍ଥ ଜାରଣ ପ୍ରତିକ୍ରିୟାରେ ସାହାଯ୍ୟ କରେ, ତାହାକୁ ବିଜାରଣ କୁହାଯାଏ ।

ଉଦାହରଣ- ହାଇଡ୍ରୋଜେନ୍

(iii) ପ୍ରତିଜାରକ- ଯେଉଁ ପଦାର୍ଥ ଜାରଣ ପ୍ରତିକ୍ରିୟାକୁ ପ୍ରତିରୋଧ କରେ, ତାହାକୁ ପ୍ରତିଜାରକ କୁହାଯାଏ ।

ଉଦାହରଣ- ନାଇଟ୍ରୋଜେନ

# ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର
# (4 ନମ୍ବର ସମ୍ବଳିତ)

1) ବିଘଟନ ପ୍ରତିକ୍ରିୟା କାହାକୁ କୁହାଯା ? ଗୋଟିଏ ଉଦାହରଣ ସହ ଲେଖ ।

**ଉ.** (i) ବିଘଟନ ପ୍ରତିକ୍ରିୟା :- ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଗୋଟିଏ ପ୍ରତିକାରକରୁ ଏକାଧିକ ସରଳତର ଉତ୍ପାଦ ସୃଷ୍ଟି ହୁଏ, ତାହାକୁ ବିଘଟନ ପ୍ରତିକ୍ରିୟା କୁହାଯାଏ ।

(ii) ଉଦାହରଣ :- କ୍ୟାଲସିୟମ କାର୍ବୋନେଟକୁ ଉତପ୍ତ କଲେ ତାହା ବିଘଟିତ ହୋଇ କ୍ୟାଲସିୟମ ଅକ୍ସାଇଡ଼ ଓ କାର୍ବନ ଡ଼ାଇଅକ୍ସାଇଡ଼ ମିଳେ ।

$$CaCO_3(s) \xrightarrow{\text{ତାପ}} CaO\ (s) + CO_2\ (g)$$

(iii) ବିଘଟନ ପ୍ରତିକ୍ରିୟାର ବିପରୀତ ପ୍ରତିକ୍ରିୟା ସଂଶ୍ଲେଷଣ ପ୍ରତିକ୍ରିୟା ଅଟେ । ଏଥିରେ ଏକାଧିକ ପ୍ରତିକାରକରୁ ଗୋଟିଏ ମାତ୍ର ଉତ୍ପାଦ ମିଳିଥାଏ ।

(iv) ଉଦାହରଣ :- କ୍ୟାଲିସିୟମ୍ ଅକ୍ସାଇଡ଼କୁ ଜଳରେ ମିଶାଇଲେ କ୍ୟାଲସିୟମ୍ ହାଇଡ୍ରାକ୍ସାଇଡ଼ ମିଳେ ।

$$CaO(s) + H_2O(l) \rightarrow Ca\ (OH)_2 + \text{ତାପ}$$

2) ନିମ୍ନ ପ୍ରତିକ୍ରିୟା ଗୁଡ଼ିକର ସମତୁଲ ସମୀକରଣ ଲେଖ (ଭୌତିକ ଅବସ୍ଥା ସହ) ।

**ଉ.** (i) ବେରିୟମ କ୍ଲୋରାଇଡ଼ର ଦ୍ରବଣ ଓ ସୋଡ଼ିୟମ
ସଲଫେଟର ଦ୍ରବଣ ମିଶାଇଲେ

(ii) ମରକ୍ୟୁରି ଅକ୍ସାଇଡ଼ ଉତ୍‌ତପ୍ତ କଲେ

(iii) ହାଇଡ୍ରୋକ୍ଲୋରିକ୍ ଏସିଡ଼୍‌ରେ ଏଲୁମିନିୟମ ଧାତୁ ମିଶାଇଲେ

(iv) ସିଲଭର ନାଇଟ୍ରେଟ ଦ୍ରବଣରେ ସୋଡ଼ିୟମ କ୍ଲୋରାଇଡ଼ର ଦ୍ରବଣ ମିଶାଇଲେ

**ଉ.** (i) ବେରିୟମ କ୍ଲୋରାଇଡ଼ର ଦ୍ରବଣରେ ସୋଡ଼ିୟମ ସଲଫେଟର ଦ୍ରବଣ ମିଶାଇଲେ ସୋଡ଼ିୟମ କ୍ଲୋରାଇଡ଼ର ଦ୍ରବଣ ଓ ବେରିୟମ ସଲଫେଟର ଅବକ୍ଷେପ ସୃଷ୍ଟି ହୁଏ ।

$$BaCl_2(aq) + NaSO_4\ (aq) \rightarrow BaSO_4(s) + 2NaCl(aq)$$

(ii) ମରକ୍ୟୁରି ଅକ୍ସାଇଡ଼କୁ ଉତ୍‌ତପ୍ତ କଲେ ମରକ୍ୟୁରି ଓ ଅକ୍ସିଜେନ ଗ୍ୟାସ ଉତ୍ପନ୍ନ ହୁଏ ।

$$2HgO(s) \rightarrow 2Hg(l) + O_2(g)$$

(iii) ହାଇଡ୍ରୋକ୍ଲୋରିକ୍ ଏସିଡ଼୍‌ରେ ଏଲୁମିନିୟମ ଧାତୁ ମିଶାଇଲେ ଏଲୁମିନିୟମ କ୍ଲୋରାଇଡ଼ ଓ ହାଇଡ୍ରୋଜେନ ଗ୍ୟାସ ଉତ୍ପନ୍ନ ହୁଏ ।

$$2Al(s) + 6HCl\ (aq) \rightarrow 2AlCl_3(aq) + 3H_2(g)$$

(iv) ସିଲଭର ନାଇଟ୍ରେଟ୍‌ର ଦ୍ରବଣରେ ସୋଡ଼ିୟମ କ୍ଲୋରାଇଡ଼ର ଦ୍ରବଣ ମିଶାଇଲେ ସିଲଗଭଭର କ୍ଲୋରାଇଡ଼ର ଅବକ୍ଷେପ ଓ ସୋଡ଼ିୟମ ନାଇଟ୍ରେଟ୍‌ର ଦ୍ରବଣ ଉତ୍ପନ୍ନ ହୁଏ ।

$$AgNO_3(aq) + NaCl(aq) \rightarrow AgCl(s) + NaNO_3(aq)$$

3) ସଂକ୍ଷାରଣ ଓ ରହଣିଆ ଅବସ୍ଥା ସମ୍ବନ୍ଧରେ ଉଦାହରଣ ସହ ବୁଝାଅ ।

**ଉ.** ସଂକ୍ଷାରଣ :-

(i) ଏକ ଧାତୁ ତାକୁ ଘେରି ରହିଥିବା ଉପାଦାନ; ଯଥା – ଜଳୀୟ ବାଷ୍ପ, ଅମ୍ଳ ଇତ୍ୟାଦି ସହ ରାସାୟନିକ ପ୍ରତିକ୍ରିୟା କଲେ ଧାତୁଟି କ୍ରମଶଃ କ୍ଷୟପ୍ରାପ୍ତ ହୁଏ । ଏହି ପ୍ରତିକ୍ରିୟାକୁ ସଂକ୍ଷାରଣ କୁହାଯାଏ ।

(ii) ସଂକ୍ଷାରଣ ହେତୁ ମଟରଗାଡ଼ିଇ, ପୋଲ, ଲୁହାବାଡ଼, ଜାହାଜ ଇତ୍ୟାଦି ଧାତୁ ନିର୍ମିତ ବସ୍ତୁଗୁଡ଼ିକର କ୍ଷୟ ଘଟେ । ବିଶେଷକରି ଲୌହ ନିର୍ମିତ ବସ୍ତୁଗୁଡ଼ିକର କ୍ଷୟ ଘଟେ । ଏହାକୁ ଉପରେ ଲୋହିତ ବାଦାମୀ ରଙ୍ଗର ଆସ୍ତରଣ ସୃଷ୍ଟି ହୁଏ । ଏହାକୁ ଲୁହାରେ କଳଙ୍କି ଲାଗିବା କୁହାଯାଏ ।

(iii) ସେହିପରି ସଂକ୍ଷାରଣ ହେତୁ ରୁପା ଉପରେ କଳା ରଙ୍ଗର ଆସ୍ତାରଣ ଓ ତମ୍ବା ଉପରେ ସବୁଜ ରଙ୍ଗର ଆସ୍ତରଣ ସୃଷ୍ଟି ହୁଏ ।

**ରହଣିଆ ଅବସ୍ଥା :-**

(i) ବହୁତ ଦିନ ଧରି ତେଲ ଓ ଚ଼ର୍ବି ବାୟୁ ସଂସ୍ପର୍ଶରେ ଆସି ଜାରିତ ହେଲେ ତାହାର ସ୍ୱାଦ ଓ ଗନ୍ଧ ବଦଳିଯାଏ ।

(ii) ତେଲ ଓ ଚ଼ର୍ବି ଜାତୀୟ ଖାଦ୍ୟକୁ ପ୍ରତିକାରକ ମିଶାଇ ଦୀର୍ଘକାଳ ପାଇଁ ସାଇତି ରଖାଯାଏ ।

(iii) ବାୟୁରୋଧୀ ପାତ୍ରରେ ଖାଦ୍ୟ ପଦାର୍ଥକୁ ସାଇତି ରଖିଲେ ଜାରଣ ପ୍ରକ୍ରିୟା ମନ୍ଥର ହେବା ଯୋଗୁ ଖାଦ୍ୟପଦାର୍ଥ ବହୁତ ଦିନ ପର୍ଯ୍ୟନ୍ତ ରହିଥାଏ ।

(iv) ଜାରଣ ପ୍ରକ୍ରିୟାକୁ ମନ୍ଥର କରିବା ପାଇଁ ଚିପ୍ସ ପ୍ରସ୍ତୁତକାରୀମାନେ ଚିପ୍ସ ଖୋଳ ମଧ୍ୟରେ ନାଇଟ୍ରୋଜେନ ଗ୍ୟାସ ଭର୍ତ୍ତି କରନ୍ତି ।

4) ରାସାୟନିକ ପ୍ରତିକ୍ରିୟା କାହାକୁ କୁହନ୍ତି ? ଗୋଟିଏ ଲେଖାଏଁ ଉଦାହରଣ ସହ ସଂଶ୍ଲେଷଣ, ବିଘଟନ, ବିସ୍ଥାପନ, ଦ୍ୱୈତ -ବିସ୍ଥାପନ ପ୍ରତିକ୍ରିୟା କାହାକୁ କୁହନ୍ତି ବୁଝାଅ ।

**ଉ.** (i) ରାସାୟନିକ ପ୍ରତିକ୍ରିୟା :- ଯେଉଁ ଘଟଣାରେ ମୂଳ ପଦାର୍ଥର ପ୍ରକୃତି ଓ ନିଜସ୍ୱ ସତ୍ତାର କିଛି ହେଲେ ପରିବର୍ତ୍ତନ ଘଟିଥାଏ, ତାହାକୁ ରାସାୟନିକ ପ୍ରତିକ୍ରିୟା କୁହାଯାଏ । ଏଥିରେ ପୁରାତନ ରାସାୟନିକ ବନ୍ଧ ଭାଙ୍ଗି ନୂତନ ରାସାୟନିକ ବନ୍ଧ ସୃଷ୍ଟି ହୁଏ ।

(ii) ସଂଶ୍ଲେଷଣ ପ୍ରତିକ୍ରିୟା :-ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଦୁଇ ବା ଅଧିକ ପ୍ରତିକାରକ ସଂଯୁକ୍ତ ହୋଇ ଗୋଟିଏ ମାତ୍ର ଉତ୍ପାଦ ସୃଷ୍ଟି ହୁଏ, ତାହାକୁ ସଂଶ୍ଲେଷଣ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ :- ହାଇଡ୍ରୋଜେନ କ୍ଲୋରିନ୍ ଗ୍ୟାସ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟି ହାଇଡ୍ରୋଜେନ କ୍ଲୋରାଇଡ଼ ଗ୍ୟାସ ଉତ୍ପନ୍ନ ହୁଏ ।

$$H_2(g) + Cl_2(g) \rightarrow 2HCl(g)$$

(iii) ବିଘଟନ ପ୍ରତିକ୍ରିୟା :- ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଗୋଟିଏ ଯୌଗିକରୁ ଏକାଧିକ ଉତ୍ପାଦ ସୃଷ୍ଟି ହୁଏ, ତାହାକୁ ବିଘଟନ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ :- କ୍ୟାଲସିୟମ କାର୍ବୋନେଟକୁ ଗରମ କଲେ କଳିଚୂନ ଓ $CO_2$ ଗ୍ୟାସ ଉତ୍ପନ୍ନ କରେ ।

$$CaCO_3(s) \xrightarrow[\text{ତାପ}]{} CaO\ (s) + Co_2(g)$$

(iv) ବିଜ୍ଞାପନ ପ୍ରତିକ୍ରିୟା :- ଏହି ରାସାୟନିକ ପ୍ରତିକ୍ରିୟାରେ ଗୋଟିଏ ମୌଳିକ ଯୌଗିକରେ ଥିବା ଅନ୍ୟ ଏକ ମୌଳିକକୁ ଅପସାରଣ କରିଥାଏ ।

ଉଦାହରଣ :- ସିଲଭର ସାଇଟ୍ରେଟ୍ ଦ୍ରବଣରେ କପର ଧାତୁ ମିଶାଇଲେ କପର ଦ୍ୱାରା ସିଲଭର ବିସ୍ଥାପିତ ହୁଏ ଓ କପର ନାଇଟ୍ରେଟ୍ ଉତ୍ପନ୍ନ ହୁଏ ।

$$Cu(s) + 2AgNO_3(aq) \rightarrow Cu(NO_3)_2(aq) + 2Ag\ (s)$$

(v) ଦ୍ୱୈତ -ବିସ୍ଥାପନ ପ୍ରତିକ୍ରିୟା :-ଯେଉଁ ରାସାୟନିକ ପ୍ରତିକ୍ରିୟାରେ ଦୁଇଟି ଯୌଗିକ ମଧ୍ୟରେ ଆୟନ ବିନିମୟ ଘଟେ, ତାହାକୁ ଦ୍ୱୈତ - ବିସ୍ଥାପନ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ :- ସୋଡ଼ିୟମ ହାଇଡ୍ରକ୍ସାଇଡ଼ର ଦ୍ରବଣରେ ଲଘୁ ହାଇଡ୍ରୋକ୍ଲୋରିକ୍ ଏସିଡ଼ ମିଶାଇଲେ ସୋଡ଼ିୟମ କ୍ଲୋରାଇଡ଼ ଓ ଜଳ ସୃଷ୍ଟି ହୁଏ ।

$$NaOH(aq) + HCl(aq) \rightarrow NaCl(aq) + H_2O(l)$$

5) ତାପଶୋଷୀ ଓ ତାପ ଉତ୍ପାଦୀ ପ୍ରତିକ୍ରିୟା କାହାକୁ କୁହନ୍ତି ? ଉଦାହରଣ ସହ ବୁଝାଅ । ବେରିୟମ୍ ହାଇଡ୍ରକସାଇଡ଼ ସହ ଏମୋନିୟମ କ୍ଲୋରାଇଡ଼କୁ ମିଶାଇଲେ କ'ଣ ହୁଏ, ସମୀକରଣ ସହ ଲେଖ ।

**ଉ.** (i) ତାପଶୋଷୀ ପ୍ରତିକ୍ରିୟା :-ଯେଉଁ ରାସାୟନିକ ପ୍ରତିକ୍ରିୟାରେ ତାପ ଶୋଷିତ ହୁଏ ବା ତାପଶକ୍ତି ଆବଶ୍ୟକ ହୁଏ, ତାହାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ ।

(ii) ଉଦାହରଣ :- କ୍ୟାଲସିୟମ୍ କାର୍ବୋନେଟ୍ ତାପଶକ୍ତି ପ୍ରୟୋଗରେ ବିଘଟିତ ହୋଇ କ୍ୟାଲସିୟମ ଅକ୍ସାଇଡ଼ ଓ କାର୍ବନ ଡ଼ାଇଅକ୍ସାଇଡ଼ ଉତ୍ପନ୍ନ କରେ ।

$$CaCO_3\,(s) \xrightarrow[\text{ତାପ}]{} CaO + CO_2\,(s)$$

(iii) ତାପ ଉତ୍ପାଦୀ ପ୍ରତିକ୍ରିୟା :- ଯେଉଁ ପ୍ରତିକ୍ରିୟାରେ ତାପ ଉତ୍ପନ୍ନ ହୁଏ, ତାହାକୁ ତାପ ଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।

(iv) ଉଦାହରଣ :- ହାଇଡ୍ରୋକ୍ଲୋରିକ୍ ଏସିଡ୍ ସହ ଜିଙ୍କ ଧାତୁ ସହ ପ୍ରତିକ୍ରିୟା କରି ଜିଙ୍କ କ୍ଲୋରାଇଡ଼, ହାଇଡ୍ରୋଜେନ ଗ୍ୟାସ ଉତ୍ପନ୍ନ ହେବା ସହ ତାପଶକ୍ତି ମଧ୍ୟ ନିର୍ଗତ ହୁଏ ।

$Zn(s) + 2HCl(l) \rightarrow ZnCl_2(aq) + H_2(g)$ + ତାପଶକ୍ତି

(iv) ବେରିୟମ୍ ହାଇଡ୍ରାକ୍ସାଇଡ଼ ସହ ଏମୋନିୟମ୍ କ୍ଲୋରାଇଡ଼କୁ ମିଶାଇଲେ ବେରିୟମ୍ କ୍ଲୋରାଇଡ଼ ଓ ଏମୋନିୟମ୍ ହାଇଡ୍ରକ୍ସାଇଡ଼ ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ହେଉଥିବା ପାତ୍ରଟି ହାତକୁ ଥଣ୍ଡା ଲାଗିବ ।

6) ନିମ୍ନସ୍ଥ ପ୍ରତ୍ୟେକ ପରିସ୍ଥିତି ପାଇଁ ଗୋଟିଏ ଲେଖାଏଁ ରାସାୟନିକ ପ୍ରତିକ୍ରିୟାର ଉଦାହରଣ ଦିଅ ।

(i) ଅବସ୍ଥାରେ ପରିବର୍ତ୍ତନ

(ii) ତାପମାତ୍ରାରେ ପରିବର୍ତ୍ତନ

(iii) ବର୍ଣ୍ଣରେ ପରିବର୍ତ୍ତନ

(iv) ଗ୍ୟାସର ନିର୍ଗମନ

**ଉ.** (i) ହାଇଡ୍ରୋଜେନ୍ ଓ ଅକ୍ସିଜେନ ଗ୍ୟାସ ମଧ୍ୟରେ ପ୍ରତିକ୍ରିୟା ଘଟିଲେ ଜଳ ଉତ୍ପନ୍ନ ହୁଏ ।

$$2H_2(g) + O_2\,(g) \rightarrow 2H_2O(l)$$

(ii) ଜିଙ୍କ୍ ଧାତୁ ସହ ହାଇଡ୍ରୋକ୍ଲୋରିକ୍ ଏସିଡ଼ର ପ୍ରତିକ୍ରିୟା ଘଟିଲେ ଜିଙ୍କ କ୍ଲୋରାଇଡ଼, ହାଇଡ୍ରୋଜେନ ଗ୍ୟାସ ଓ ତାପ ଉତ୍ପନ୍ନ ହୁଏ ।

$$Zn(s) + 2HCl\,(aq) \rightarrow ZnCl_2(aq) + H_2(g)$$

(iii) ନୀରରଙ୍ଗର କପର ସଲଫେଟ ଦ୍ରବଣ ଲୁହା ଧାତୁ ସହ ପ୍ରତିକ୍ରିୟା କରି ସବୁଜ ରଙ୍ଗର ଆଇରନ ସଲଫେଟ ଦ୍ରବଣ ସୃଷ୍ଟି କରେ ।

$$CuSO_4(aq) + Fe(s) \rightarrow FeSO_4(aq) + Cu(s)$$

(iv) ଲେଡ଼ନାଇଟ୍ରେଟ୍‌କୁ ଉତପ୍ତ କଲେ ଲେଡ୍ ଅକ୍ସାଇଡ଼, ନାଇଟ୍ରୋଜେନ ଡ଼ାଇଅକ୍ସାଇଡ଼ ଗ୍ୟାସ ଓ ଅକ୍ସିଜେନ ଗ୍ୟାସ ଉତ୍ପନ୍ନ ହୁଏ ।

$$2Pb(NO_3)\,(s) \rightarrow 2PbO(s) + 4NO_4(g) + O_2(g)$$

7) $3Fe(s) + 4H_2O(g) \rightarrow Fe_3O_4(s) + 4H_2(g)$ – ଏହା ଏକ ଜାରଣ -ବିଜାରଣ ପ୍ରତିକ୍ରିୟା କିପରି ବୁଝାଅ । ଏଠାରେ ଜାରକ ଓ ବିଜାରକ ଚିହ୍ନାଅ ।

**ଉ.** (i) ଗୋଟିଏ ପଦାର୍ଥ ରାସାୟନିକ ପ୍ରତିକ୍ରିୟା ସମୟରେ ଅକ୍ସିଜେନ ଗ୍ରହଣ କଲେ କିମ୍ବା ହାଇଡ୍ରୋଜେନ ହରାଇଲେ, ଏହାକୁ ଜାଣ ପ୍ରତିକ୍ରିୟା କୁହାଯାଏ ।

(ii) $3Fe(s) + 4H_2O(g) \rightarrow Fe_3O_4(s) + 4H_2(g)$

ଏଠାରେ Fe ଅକ୍ସିଜେନ ଗ୍ରହଣକ କରି $Fe_3O_4$ କୁ ଜାରିତ ହୋଇଛି । ସେହିପରି $H_2O$ ଅକ୍ସିଜେନ ହରାଇ $H_2$ କୁ ବିଜାରିତ ହୋଇଛି । କାରଣ,

(iii) ଗୋଟିଏ ପଦାର୍ଥ ରାସାୟନିକ ପ୍ରତିକ୍ରିୟା ସମୟରେ ଅକ୍ସିଜେନ ହରାଇଲେ କିମ୍ବା ହାଇଡ୍ରୋଜେନ ଗ୍ରହଣ କଲେ, ଏହାକୁ ବିଜାରଣ ପ୍ରତିକ୍ରିୟା କୁହାଯାଏ ।

(iv) ଏଠାରେ ଜାରକ – $H_2O$
ବିଜାରକ - Fe

ଦ୍ୱିତୀୟ ଅଧ୍ୟାୟ

# ଅମ୍ଳ, କ୍ଷାର ଓ ଲବଣ

- **ଏକ ପଦାର୍ଥ ଅମ୍ଳ କି କ୍ଷାରକ ଜାଣିବା ପାଇଁ ସୂଚକ ବ୍ୟବହାର କରାଯାଏ ।**
- **ସୂଚକ ୩ ପ୍ରକାରର**
  **ପ୍ରାକୃତିକ ସୂଚକ – ଲିଟମସ୍ ଦ୍ରବଣ, ହଳଦୀ, ଲାଲ ବନ୍ଧାକୋବି ପତ୍ର, ପେଟୁନିଆ, ହାଇଡ୍ରାନଜିଆ ଓ ଜେରାନିୟମ ଆଦି ଫୁଲର ପାଖୁଡ଼ା**
  **ସଂଶ୍ଳେଷିତ ସୂଚକ – ମିଥାଇଲ ଅରେଞ୍ଜ, ଫିନଲଫ୍ଥାଲିନ୍**
  **ଘ୍ରାଣ ସୂଚକ - ପିଆଜ, ଭାନିଲା ଅତର, ଲବଙ୍ଗତେଲ**
- **ଅମ୍ଳ ପାଟିକୁ ଖଟା ଲାଗେ ଏବଂ ନୀଳ ଲିଟମସକୁ ଲାଲ କରେ । କ୍ଷାରକ ଖାରିଆ ଲାଗେ ଓ ଲାଲ୍ ଲିଟମସକୁ ନୀଳ କରେ ଏବଂ ହାତକୁ ଲାଳୁଆ ଲାଗେ ।**
- **ଅମ୍ଳ ଓ କ୍ଷାରକ ଧାତୁ ସହ ପ୍ରତିକ୍ରିୟା କରି ଲବଣ ଓ ହାଇଡ୍ରୋଜେନ୍ ଗ୍ୟାସ ଉତ୍ପନ୍ନ କରେ ।**
- **ଅମ୍ଳ ଧାତବ କାର୍ବୋନେଟ୍ ଓ ଧାତବ ହାଇଡ୍ରୋଜେନ କାର୍ବୋନେଟ ସହ ପ୍ରତିକ୍ରିୟା କରି ଲବଣ, କାର୍ବନ ଡାଇଅକସାଇଡ୍ ଓ ଜଳ ଉତ୍ପନ୍ନ କରେ ।**
- **ଅମ୍ଳ ଓ କ୍ଷାରକ ପରସ୍ପର ସହିତ ପ୍ରତିକ୍ରିୟା କରି ଲବଣ ଓ ଜଳ ସୃଷ୍ଟି କରେ । ଏହି ପ୍ରତିକ୍ରିୟାକୁ ପ୍ରଶମନୀକରଣ ପ୍ରତିକ୍ରିୟା କୁହାଯାଏ ।**
- **ଧାତବ ଅକ୍ସାଇଡ୍‌ର ଅମ୍ଳ ସହିତ ପ୍ରତିକ୍ରିୟା କରି ଲବଣ ଓ ଜଳ ସୃଷ୍ଟି କରେ । ତେଣୁ ଧାତବ ଅକସାଇଡ୍‌ର ପ୍ରକୃତି କ୍ଷାରୀୟ ।**
- **ଅଧାତବ ଅକସାଇଡ୍ କ୍ଷାରକ ସହିତ ପ୍ରତିକ୍ରିୟା କରି ଲବଣ ଓ ଜଳ ଉତ୍ପନ୍ନ କରେ । ତେଣୁ ଅଧାତବ ଅକ୍ସାଇଡ୍‌ର ପ୍ରକୃତି ଅମ୍ଳୀୟ ।**
- **ସମସ୍ତ ଅମ୍ଳ ଜଳରେ ଦ୍ରବୀଭୂତ ହୋଇ $H^+/H_3O^+$ ଆୟନ ଦିଏ । ସମସ୍ତ କ୍ଷାରକ ଜଳରେ ଦ୍ରବୀଭୂତ ହୋଇ $OH^-$ ଆୟନ ଦେଇଥାଏ ।**
- **ଯେଉଁ କ୍ଷାରକ ଜଳରେ ଦ୍ରବଣୀୟ ସେଗୁଡିକୁ କ୍ଷାର / ଆଲ୍‌କାଲି କୁହାଯାଏ ।**
- **ଜଳରେ ଅମ୍ଳ ବା କ୍ଷାରକ ମିଶାଇବା ଦ୍ୱାରା ଏକକ ଆୟତନ ପ୍ରତି $OH^-/H_3O^+$ ଆୟନ ଗୁଡିକର ଗାଢତା କମିଯାଏ । ଏହିପରି ପ୍ରକ୍ରିୟାକୁ ଲଘୁକରଣ କହନ୍ତି । ଜଳରେ ଅମ୍ଳ ବା କ୍ଷାରକ ମିଶାଇବା ଏକ ତାପଉତ୍ପାଦୀ ପ୍ରତିକ୍ରିୟା ।**

- କୌଣସି ଦ୍ରବଣର ହାଇଡ୍ରୋଜେନ ଆୟନ ଗାଢତା ମାପ କରିବା ପାଇଁ  ସ୍କେଲ ନାମରେ ଏକ ସ୍କେଲର ବିକାଶ କରାଯାଇଛି ।
- ଜର୍ମାନ ଶବ୍ଦ ‘potenz’ ରୁ PH ର P ଆସିଛି । ‘potenz’ର ଅର୍ଥ ହେଲା କ୍ଷମତା । PH ସ୍କେଲର ପରିସର 0 ରୁ 14 ପର୍ଯ୍ୟନ୍ତ । PH ଏକ ସଂଖ୍ୟା ଯାହା ଏକ ଦ୍ରବଣର ଅମ୍ଳୀୟ ବା କ୍ଷାରୀୟ ପ୍ରକୃତିକୁ ସୂଚାଏ ।
- ଏକ ପ୍ରଶମିତ ଦ୍ରବଣର PH= 7 , PH ର ମୂଲ୍ୟ 7 ରୁ କମ୍ ହେଲେ ଦ୍ରବଣଟି ଅମ୍ଳୀୟ । PH ର ମୂଲ୍ୟ 7 ରୁ ବେଶି ହେଲେ ଦ୍ରବଣଟି କ୍ଷାରୀୟ ।
- ଯେଉଁ ଅମ୍ଳ ଗୁଡିକ ଅଧିକ ପରିମାଣର $H^+$ ଆୟନ ଦେଇଥାନ୍ତି ସେଗୁଡ଼ିକୁ ସବଳ ଅମ୍ଳ କୁହାଯାଏ । ଯେଉଁ ଅମ୍ଳଗୁଡିକ କମ୍ ପରିମାଣର $H^+$ ଆୟନ ଦେଇଥାନ୍ତି ସେଗୁଡ଼ିକୁ ଦୁର୍ବଳ ଅମ୍ଳ କୁହାଯାଏ ।
- ଦୈନନ୍ଦିନ ଜୀବନରେ PH ର ଗୁରୁତ୍ୱ ରହିଛି । ଯଥା – ଉଦ୍ଭିଦ ଓ ପ୍ରାଣୀଗୁଡିକର ଶରୀର ନିର୍ଦ୍ଦିଷ୍ଟ PH ପରିସରରେ କାମ କରିବା, ପରିପାକ ବ୍ୟବସ୍ଥାରେ PH , ଦନ୍ତ କ୍ଷୟର କାରଣ PH ପରବର୍ତନ, ରାସାୟନିକ ଯୁଦ୍ଧ ଜରିଆରେ ପ୍ରାଣୀ ଓ ଉଦ୍ଭିଦର ଆତ୍ମରକ୍ଷା ।
- ସମାନ ଯୁକ୍ତାତ୍ମକ କିମ୍ବା ସମାନ ବିଯୁକ୍ତାତ୍ମକ ରେଡିକାଲ ଥିବା ଲବଣ ଗୁଡିକ ଏକ ପରିବାରର ଅନ୍ତର୍ଭୁକ୍ତ ।
- ସବଳ ଅମ୍ଳ ଓ ସବଳ କ୍ଷାରରେ ପ୍ରସ୍ତୁତ ଲବଣର PH = 7
- ସବଳ ଅମ୍ଳ ଓ ଦୁର୍ବଳ କ୍ଷାରରେ ପ୍ରସ୍ତୁତ ଲବଣର PH < 7
- ଦୁର୍ବଳ ଅମ୍ଳ ଓ ସବଳ କ୍ଷାରରେ ପ୍ରସ୍ତୁତ ଲବଣର PH > 7
- ଦୁର୍ବଳ ଅମ୍ଳ ଓ ଦୁର୍ବଳ କ୍ଷାରରେ ପ୍ରସ୍ତୁତ ଲବଣର PH = 7
- ଖାଇବା ଲୁଣକୁ କଂଚାମାଲ ରୂପେ ବ୍ୟବହାର କରି ବିଭିନ୍ନ ରାସାୟନିକ ପଦାର୍ଥ ପ୍ରସ୍ତୁତ କରାଯାଉଛି । ଯଥାଃ- NaOH , ବ୍ଲିଚିଂ ପାଉଡର, ବେକିଂ ବା ଖାଇବା ସୋଡା ଓ ଧୋଇବା ସୋଡା ଇତ୍ୟାଦି
- ଲବଣର ସଂକେତ ଏକକରେ ଥିବା ନିର୍ଦ୍ଦିଷ୍ଟ ସଂଖ୍ୟକ ଜଳ ଅଣୁକୁ ସ୍ଫଟିକ ଜଳ କୁହାଯାଏ ।
  Ex :- $CuSO_4 . 5 H_2O$ , $FeSO_4 . 7 H_2O$, $CaSO_4 . \frac{1}{2} H_2O$ , $CaSO_4 . 2 H_2O$
- ଲବଣଗୁଡିକୁ ଦୈନନ୍ଦିନ ଜୀବନରେ ଓ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ବିଭିନ୍ନ ଭାବରେ ବ୍ୟବହାର କରାଯାଏ ।

# ଅମ୍ଳ ,କ୍ଷାରକ ଓ ଲବଣ

## MCQ- SET-1

1) ଗୋଟିଏ ସବଳ ଅମ୍ଳ ଓ ଗୋଟିଏ ସବଳ କ୍ଷାରକରେ ପ୍ରସ୍ତୁତ ଲବଣର pH କେତେ ?

A)5 B ) 6 C ) 7 D ) 14

2) ଅଗ୍ନିନିର୍ବାପକ ଯନ୍ତ୍ରରେ କାହାକୁ ବ୍ୟବହାର କରାଯାଏ ?

A) $KHCO_3$ B ) MgOH C ) $K_2CO_3$ D ) $NaHCO_3$

3) ଅଶୁଦ୍ଧତା ହେତୁ ଖାଇବା ଲୁଣର ବୃହତ ସ୍ଫଟିକ ଗୁଡିକ କିପରି ଦେଖାଯାଏ ?

A) ଲାଲ B ) ବାଦାମି C ) ହଳଦିଆ D ) କଳା

4) କ୍ଲୋରଆଲକାଲି ପ୍ରଣାଳୀରେ ଉତ୍ପନ୍ନ ହେଉଥିବା ଆଲକାଲି ନାମ କ'ଣ ?

A) $Ca(OH)_2$ B ) CaO C ) NaOH D ) $Na_2CO_3$

5) କେଉଁ ଧାତୁ ଉଭୟ ଅମ୍ଳ ଓ କ୍ଷାର ସହ ପ୍ରତିକ୍ରିୟା କରି ଗ୍ୟାସ ନିର୍ଗତ କରେ ?

A) Cu B ) K C ) Zn D ) Fe

6) NaOH + Zn → _______ + $H_2$

A) NaZnO B ) $Na_2ZnO$ C ) $Na_2ZnO_2$ D ) $Na_2Zn_3O_2$

7) ନୀଳ ସବୁଜ ବର୍ଣ୍ଣର ଯୌଗିକଟି କ'ଣ ?

A) $KHCO_3$ B ) MgOH C ) $K_2CO_3$ D ) $NaHCO_3$

8) ନିର୍ଜଳୀୟ କପର ସଲଫେଟ୍ ର ବର୍ଣ୍ଣ କ'ଣ ?

A) ଧଳା B ) ନୀଳ C ) ହଳଦିଆ D ) କଳା

9) ବ୍ରାଇନ୍ କାହାକୁ କୁହାଯାଏ ?

A) ସୋଡିୟମ କ୍ଲୋରାଇଡ଼ B ) ସୋଡିୟମ କ୍ଲୋରାଇଡ଼ର ଜଳୀୟ ଦ୍ରବଣ

C ) ପୋଟାସିୟମ କ୍ଲୋରାଇଡ଼ D ) ପୋଟାସିୟମ କ୍ଲୋରାଇଡ଼ର ଜଳୀୟ ଦ୍ରବଣ

10) ଗୋଟିଏ ସବଳ ଅମ୍ଳ ଓ ଦୁର୍ବଳ କ୍ଷାରକରେ ପ୍ରସ୍ତୁତ ଲବଣର pH କେତେ ?

A)7 B ) ରୁ କମ୍ 7 C ) ରୁ ଅଧିକ 7 D ) କୌଣସିଟି ନୁହେଁ

11) A, B , C, D ଚାରୋଟି ପଦାର୍ଥର pH ଯଥାକ୍ରମେ 4,5,6,7 ହେଲେ କେଉଁଟି ର ହାଇଡ୍ରୋଜେନ ଆୟନର ଗାଢତା ଅଧିକ ?

A) A B ) B C ) C D ) D

12) ନିମ୍ନୋକ୍ତ ମଧ୍ୟରୁ କେଉଁଟି ମୃଦୁ କ୍ଷାରକ ?

A) NaOH B ) KOH C ) $Ca(OH)_2$ D ) $NaHCO_3$

13) ରନ୍ଧନକୁ ଦ୍ରୁତତର କରିବା ପାଇଁ କେଉଁ ପଦାର୍ଥ ବ୍ୟବହାର ହୁଏ ?

A) ଖାଇବା ସୋଡା B ) ଧୋଇବା ସୋଡା C) ବ୍ଲିଚିଂ ପାଉଡର D ) ଜିପସମ

14) ଧାତୁକୁ ତୈଳ ମୁକ୍ତ କରିବା, କାଗଜ ଓ କୃତ୍ରିମ ତନ୍ତୁ ପ୍ରସ୍ତୁତି ପାଇଁ ନିମ୍ନୋକ୍ତ କେଉଁ ରାସାୟନିକ ଦ୍ରବ୍ୟର ବ୍ୟବହାର କରାଯାଏ ?

A) NaOH B ) $Cl_2$ C ) $H_2$ D ) $CaOCl_2$

15) ଚୂନପାଣି ମଧ୍ୟକୁ ଅତ୍ୟଧିକ କାର୍ବନ ଡାଇଅକ୍ସାଇଡ ଗ୍ୟାସ ପ୍ରବେଶ କରାଇଲେ, ନିମ୍ନୋକ୍ତ ମଧ୍ୟରୁ କେଉଁ ପଦାର୍ଥଟି ସୃଷ୍ଟି ହୁଏ ?

A) CaO B ) $Ca(OH)_2$) aq) C ) $Ca(HCO_3)_2$) aq) D ) $CaCO_3$)s)

16) ଜିଙ୍କ , ସୋଡିୟମ ହାଇଡ୍ରୋକସାଇଡ ସହ ରାସାୟନିକ ପ୍ରତିକ୍ରିୟା କରି ଯେଉଁ ଯୌଗିକଟି ସୃଷ୍ଟି କରେ, ତାର ସଂକେତ କ'ଣ ?

A) ZnO B ) $Na_2ZnO_2$ C ) $Na_2O$ D ) NaZnO

17) ଭାନିଲାର ଗନ୍ଧ କାହାର ଉପସ୍ଥିତିରେ ରହେ ନାହିଁ ?

A) HCl B ) $H_2SO_4$ C ) $HNO_3$ D ) NaOH

18) ଆମ ଶରୀରର pH ପରିସର କେତେ ?

A) 7.0-7.8 B ) 6.0 – 6.8 C ) 6.5 – 7.5 D ) 7 -8

19) କ୍ଲୋର ଆଲକାଲି ପ୍ରଣାଳୀରେ ଏନୋଡରେ କ'ଣ ଉତ୍ପନ୍ନ ହୋଇଥାଏ ?

A) ହାଇଡ୍ରୋଜେନ B ) ଏମୋନିଆ C ) କ୍ଲୋରିନ D ) ସୋଡିୟମ

20) ରକ୍ତର pH କେତେ ?

A) 7.0 B ) 7.4 C ) 4.7 D ) 6.4

21) କେଉଁ ଲବଣର ଜଳୀୟ ଦ୍ରବଣର pH ର ମୂଲ୍ୟ ରୁ ଅଧିକ ହେବ 7?

A) $AlCl_3$ B ) $CuSO_4$ C ) $NH_4Cl$ D ) $Na_2CO_3$

22) ସୋଡିୟମ କାର୍ବୋନେଟକୁ କେଉଁ ଶିଳ୍ପରେ ବ୍ୟବହାର କରାଯାଏ ନାହିଁ ?

A) କାଚ B ) ସାବୁନ C ) କାଗଜ D ) ସିମେଣ୍ଟ

23) ମ୍ୟାଗ୍ନେସିୟମ ଫିତାକୁ ଜଳାଇଲା ପରେ ଉତ୍ପନ୍ନ ହେଉଥିବା ଧଳାଗୁଣ୍ଡକୁ ଜଳରେ ମିଶାଇଲେ ଉତ୍ପନ୍ନ ଦ୍ରବଣର pH କେତେ ହୋଇପାରେ ?

A)ରୁ ଅଧିକ 7 B )7 C )ରୁ କମ୍ 7 D ) 7 କିମ୍ବା 0

24) ଟୁଥ ପେଷ୍ଟର ପ୍ରକୃତି କ'ଣ ?

A) ଅମ୍ଳୀୟ B ) କ୍ଷାରୀୟ C ) ଅମ୍ଳୀୟ କିମ୍ବା କ୍ଷାରୀୟ ନୁହେଁ D ) କୌଣସିଟି ନୁହେଁ

25) ନିମ୍ନୋକ୍ତ କେଉଁ ପଦାର୍ଥରୁ ପ୍ରସ୍ତୁତ ପାତ୍ରରେ ତୁମେ ଦହି କିମ୍ବା ଖଟା ଖାଇବାକୁ ପସନ୍ଦ କରିବ ?

A) ତମ୍ବା B ) କଂସା C ) ପିତ୍ତଳ D ) ଏଲୁମିନିୟମ

## ANSWERS

1) C 2) D 3) B 4) C 5) C 6) C 7) B 8) A 9) B 10) B 11) A 12) D
13) A 14) A 15) C 16) B 17) D 18) A 19) C 20) B 21) D 22) D
23) A 24) B 25) D

# ବିଷୟ-ଅମ୍ଳ, କ୍ଷାରକ ଓ ଲବଣ

# MCQ –SET-2

୧) କେଉଁ ଅମ୍ଳଟି ଅମ୍ଳୀୟ ଲବଣ ଗଠନ କରେ ନାହିଁ ?

a) ସଲଫରସ ଅମ୍ଳ b) ସଲଫ୍ୟୁରିକ୍ ଅମ୍ଳ c) କାର୍ବୋନିକ ଅମ୍ଳ d) ହାଇଡ୍ରୋକ୍ଲୋରିକ୍ ଅମ୍ଳ

୨) pH ହ୍ରାସ ପାଇଲେ, କ୍ଷୀରର ସ୍ୱାଦ କିପରି ହୋଇଥାଏ ?

a) ଖଟା b) ମିଠା

c) ପିତା d) କଷା

୩) ଚ଼କ୍ ଓ ମାର୍ବଲ ନିମ୍ନଲିଖିତ ମଧ୍ୟରୁ କାହାର ଏକ ଅପରୂପ ?

a) କ୍ୟାଲସିୟମ ଫସଫେଟ

b) କ୍ୟାଲସିୟମ କାର୍ବୋନେଟ୍

c) ସୋଡ଼ିୟମ୍ କାର୍ବୋନେଟ

d) ସୋଡ଼ିଅମ୍ ସଲଫେଟ୍

୪) ଜିପସମ୍‌କୁ କେଉଁ ତାପମାତ୍ରାରେ ଉ□ପ୍ତ କଲେ ପ୍ଲାଷ୍ଟର ଅଫ୍ ପ୍ୟାରିସ ମିଳିଥାଏ ?

a) 273ºK b) 273ºC c) 373ºK d) 373ºC

୫) ବନସ୍ପ□ଘିଅ ପ୍ରସ୍ତୁତିରେ କେଉଁ ଗ୍ୟାସ ବ୍ୟବହାର କରାଯାଏ ?

a) $H_2$ b) $Cl_2$

c) $CO_2$ d) $N_2$

୬) ଅମ୍ଳ ବର୍ଷା ହେଲେ, ବର୍ଷାଜଳର pH କେତେ ଥାଏ ?

a) ୫.୬ ରୁ ଅଧିକ b) ୫.୬ ରୁ କମ୍ c) ୫.୬ d)ଏଗୁଡ଼ିକ ମଧ୍ୟରୁ କେଉଁଟି ନୁହେଁ

୭) ଶୁକ୍ର ଗ୍ରହର ବାୟୁମଣ୍ଡଳ କେଉଁ ବିଷାକ୍ତ ଗ୍ୟାସରେ ପରିପୂର୍ଣ୍ଣ ଥିବାରୁ ଏଠାରେ ଜୀବ ବାସ ସମ୍ଭବ ନୁହେଁ ?

a) ସଲଫ୍ୟୁରିକ ଅମ୍ଳ b) ନାଇଟ୍ରିକ ଅମ୍ଳ c) ଲବଣାମ୍ଳ d) ଏ ସମସ୍ତ

୮) pH ସ୍କେଲରେ ଅମ୍ଳୀୟ ପ୍ରକୃତି କିପରି ଜାଣି ହୁଏ ?

a) ବାମରୁ ଡ଼ାହାଣକୁ ବଢ଼ିଥାଏ

b) ବାମରୁ ଡ଼ାହାଣକୁ କମିଥାଏ

c) ସ୍ଥିର ଥାଏ

d) ଡ଼ାହାଣରୁ ବାମକୁ ବଢ଼ିଥାଏ

୯) ତମ୍ବା ବ୍ୟତୀତ ପି□ଳର ଅନ୍ୟ ଏକ ଉପାଦାନ କେଉଁଟି ?

a) ଦସ୍ତା b) ଲୁହା

c) ଆଲୁମିନିୟମ d) ନିକେଲ

୧୦) କେଉଁ ଦୁଇଟି ପଦାର୍ଥ ପରସ୍ପର ସହ ପ୍ରତିକ୍ରିୟା କରି ଉଭୟଙ୍କ ପ୍ରଭାବକୁ ହ୍ରାସ କରନ୍ତି ?

a) ଅମ୍ଳ ଲବଣ b) କ୍ଷାର ଲବଣ c) ଅମ୍ଳ କ୍ଷାର d) ଏ ସମସ୍ତ

୧୧) ବଦହଜମୀ କାରଣରୁ ଆମ ପାକସ୍ଥଳୀରୁ କେଉଁ ଅମ୍ଳ ଅତ୍ୟଧିକ ପରିମାଣରେ କ୍ଷରିତ ହୋଇଥାଏ ?

a) ସ୍ନେହାମ୍ଳ b) ଲବଣାମ୍ଳ

c) ଗନ୍ଧକାମ୍ଳ d) ଯବକ୍ଷାରାମ୍ଳ

୧୨) ଅମ୍ଳ ଜଳରେ ଦ୍ରବୀଭୂତ ହୋଇ କେଉଁ ଆୟନ ସୃଷ୍ଟି କରୁଥିବାରୁ ତାହା ବିଦ୍ୟୁତ ପରିବହନ କରିଥାଏ ?

a) $Cl^-$ b) $H_3O^{2-}$ c) $OH^-$ d) $H^+$

୧୩) କ୍ଷାର ଫେନଲପଥାଲିନ୍ ଦ୍ରବଣକୁ କେଉଁ ରଙ୍ଗ କରିଥାଏ ?

a) ହଳଦିଆ b) ଗୋଲାପୀ c) ନୀଳ d) ଲାଲ୍

c) ଚାରି d) ତିନି

୫୮) ଏସିଟିଲିନ୍‌ରେ ମୋଟ କେତୋଟି ସହସଂଯୋଜ୍ୟ ବନ୍ଧ ଅଛି ?

a) 4 b) 5

c) 7 d) 3

୫୯) ଏକ ଏମୋନିଆ ଅଣୁରେ ______ସଂଖ୍ୟକ ଇଲେକ୍ଟ୍ରନ ଥାଏ ?

a) 10 b) 12

c) 8 d) 14

୬୦) କେଉଁ ଇନ୍ଧନଟି ଜଳିଲେ ଶିଖା ସୃଷ୍ଟି ହେବନାହିଁ ?

a) ANG b) LPG

c) ହାଇଡ୍ରୋଜେନ d) କୋଇଲା

## ANSWER

1. c 2. b 3. d 4. b 5. a 6. b 7. a 8. a 9. d 10. c 11. c 12. a 13. d 14. d 15. d 16. a 17. a 18. d 19. b 20. d
21. d 22. a 23. b 24. d 25. c 26. c 27. c 28. b 29. b 30. a 31. c 32. c 33. c 33. a 34. a 35. a 36. c 37. c 38. d 39. d 40. b 41. b 42. b 43. c 44. b 45. c 46. d 47. C 48.b 49. c
50. c 51. a 52. B 53. d 54. d 55. d 56. D 57. d 58. b 59. a 60.d

## ଅତି ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନୋତ୍ତର

## (୨ ନମ୍ବର ସମ୍ବଳିତ)

୧-ସଂଶ୍ଲେଷିତ ହୀରା କ'ଣ ? ଏହାର ବୈଶିଷ୍ଟ୍ୟ ଲେଖ ?

ଉ. (i) ଅତି ଉଚ୍ଚ ତାପମାତ୍ରା ଓ ଚାପରେ ବିଶୁଦ୍ଧ କାର୍ବନରୁ କୃତ୍ରିମ ଉପାୟରେ ପ୍ରସ୍ତୁତ ହୀରାକୁ ସଂଶ୍ଲେଷିତ ହୀରା କୁହାଯାଏ ।

(ii) ଏହାର ଆକାର ଛୋଟ, ସ୍ୱଚ୍ଛ ଏବଂ ପ୍ରାକୃତିକ ହୀରା ଠାରୁ କୌଣସି ଗୁଣରେ କମ୍ ନୁହେଁ ।

୨-କୋଇଲା ଓ ପେଟ୍ରୋଲିୟମ ଜାଳେଣି ମୁଖ୍ୟ ପ୍ରଦୂଷକ କାହିଁକି ?

ଉ. (i) କୋଇଲା ଓ ପେଟ୍ରୋଲିୟମ ଜାଳେଣିରେ କିଛି ପରିମାଣର ନାଇଟ୍ରୋଜେନ୍, ସଲଫର ରହିଥାଏ ।

(ii) ଏଗୁଡ଼ିକର ଦହନ ଫଳରେ ନାଇଟ୍ରୋଜେନ୍ ଓ ସଲଫର ଅକ୍ସାଇଡ଼ ଉତ୍ପନ୍ନ ହୋଇ ପରିବେଶ ପ୍ରଦୂଷଣ କରେ ।

୩- କାଟିନେସନ୍ କଣ ? ସିଲିକନ୍‌ର କାଟିନେସନ କାର୍ବନର କାଟିନେସନ ଠାରୁ କିପରି ଭିନ୍ନ ?

ଉ. (i) କାର୍ବନର ଅନ୍ୟ କାର୍ବନ ପରମାଣୁ ସହିତ ବନ୍ଧ ଗଠନ କରି ବୃହତ୍ ଅଣୁ ସୃଷ୍ଟି କରିବା ପାଇଁ ଅନନ୍ୟ ସାମର୍ଥ୍ୟ ରହିଛି । ଏହି ଗୁଣକୁ କାଟିନେସନ୍ କହନ୍ତି ।

(ii) କାର୍ବନ ଶୃଙ୍ଖଳରେ ବହୁ ସଂଖ୍ୟକ କାର୍ବନ ସଂଯୁକ୍ତ ହେଉଥିବା ବେଳେ ସିଲିକନ ଶୃଙ୍ଖଳରେ ୭ଟି କିମ୍ବା ୮ଟି ସିଲିକନ ପରମାଣୁ ସଂଯୁକ୍ତ ହୋଇଥାଏ ।

୪- କାଟିନେସନ୍ କାର୍ବନ ଠାରେ କାହିଁକି ଦେଖାଯାଏ ?

ଉ. (i) କାର୍ବନର ଆକାର ଛୋଟ ଯୋଗୁଁ ଏହା ଅକ୍ଳେଶରେ ବନ୍ଧ ଗଠନ କରିପାରେ ।

(ii) ସହଭାଜିତ ଇଲେକ୍‌ଟ୍ରନ ଯୁଗଳକୁ ଶକ୍ତ ଭାବରେ ଧରି ରଖିବା ପାଇଁ ଏହା ନ୍ୟୁକ୍ଲିୟସକୁ ସମର୍ଥ କରିଥାଏ ଫଳରେ ଏକବନ୍ଧ, ଦ୍ୱିବନ୍ଧ କିମ୍ବା ତ୍ରିବନ୍ଧ ଗଠନ କରିବାକୁ ସମର୍ଥ ହୁଏ ।

୫-କାର୍ବନ ଯୌଗିକ ଗୁଡ଼ିକ ବିଦ୍ୟୁତ୍ ପରିବହନ କରନ୍ତି ନାହିଁ କାହିଁକି ?

ଉ. (i) କାର୍ବନ କେବଳ ଅନ୍ୟ ପରମାଣୁ ସହ ଇଲେକ୍‌ଟ୍ରନ ସହଭାଜନ କରି ସହସଂଯୋଜ୍ୟ ବନ୍ଧ ଗଠନ କରେ ।

(ii) ଏଥିପାଇଁ କାର୍ବନ ଯୌଗିକ ଗୁଡ଼ିକରେ ଆଦୌ ଚାର୍ଜିତ କଣିକା ନଥିବାରୁ ଏମାନେ ବିଦ୍ୟୁତ୍ ପରିବହନ କରନ୍ତି ନାହିଁ ।

୬- ଇଥାନଲରୁ ଇଥାନୋଇକ୍ ଏସିଡ୍ କିପରି ସୃଷ୍ଟି ହୁଏ ? ଏହା କାହିଁକି ଏକ ଜାରଣ ପ୍ରତିକ୍ରିୟା ?

ଉ. (i) ଇଥାନଲକୁ କ୍ଷାରୀୟ କିମ୍ବା ଅମ୍ଳୀୟ ସହ ଉତପ୍ତ କଲେ ଇଥୋନୋଇକ୍ ଏସିଡ୍ ମିଳେ ।

$$CH_3 - CH_2 - OH \xrightarrow[\text{ଅମ୍ଳୀୟ } Kr_2Cr_2O_7 + \text{ତାପ}]{\text{କ୍ଷାରୀୟ } KmnO_4 + \text{ତାପ}} CH_3 - COOH$$

(ii) ଏହି ପ୍ରତିକ୍ରିୟାରେ ଇଥାନଲ୍ ଅକ୍ସିଜେନ୍ ଗ୍ରହଣ କରୁଥିବାରୁ ଏହା ଏକ ଜାରଣ ପ୍ରତିକ୍ରିୟା ଏଠାରେ କ୍ଷାରୀୟ $KmnO_4$ କିମ୍ବା ଅମ୍ଳୀୟ $K_2Cr_2O_7$ ଜାରକ ଭାବରେ କାର୍ଯ୍ୟ କରେ ।

୭- ବେଞ୍ଜିନ ଓ ସାଇକ୍ଲୋହେକ୍ସନର ଅଣୁ ସଂକେତ ଲେଖି ଏହାର ସଂରଚନା ଚିତ୍ର ଦର୍ଶାଅ ?

ଉ. (i) ବେଞ୍ଜିନର ଅଣୁ ସଂକେତ $C_6H_6$ ଏହାର ସଂରଚନା ଚିତ୍ର ନିମ୍ନମତେ ଅଟେ ।



(ii) ସାଇକ୍ଲୋହେକ୍ସନର ଅଣୁ ସଂକେତ $C_6H_{12}$ ଏହାର ସଂରଚନା ଚିତ୍ର ନିମ୍ନମତେ ଅଟେ ।



୮-କାର୍ବନ ପରମାଣୁ କାହିଁକି $C^{4+}$ ଓ $C^{4-}$ ଆୟନ ସୃଷ୍ଟି କରିପାରେ ନାହିଁ କାହିଁକି ?

ଉ. (i) $C^{4+}$ କାଟାୟନ ସୃଷ୍ଟି କରିବାକୁ କାର୍ବନକୁ ୪ଟି ଇଲେକ୍ଟ୍ରନ ତ୍ୟାଗ କରିବାକୁ ପଡ଼ିଥାନ୍ତା । କିନ୍ତୁ କାର୍ବନ ନ୍ୟୁକ୍ଲିୟସରୁ ୪ଟି ଇଲେକ୍ଟ୍ରନ ଅପସାରଣ କରିବାକୁ ପ୍ରଚୁର ଶକ୍ତି ଆବଶ୍ୟକ ହେବ । କାରଣ $C^{4+}$ ଗଠନ ପାଇଁ କେବଳ ଦୁଇଟି ଇଲେକ୍ଟ୍ରନକୁ ଧାରଣ କରି ରଖିବ ।

(ii) $C^{4-}$ ଏନାୟନ ସୃଷ୍ଟି କରିବା ପାଇଁ କାର୍ବନ ପରମାଣୁ ୪ଟି ଇଲେକ୍ଟ୍ରନ ଗ୍ରହଣ କରିଥାନ୍ତା । କିନ୍ତୁ ୬ଟି ପ୍ରୋଟନ ଥିବା ନ୍ୟୁକ୍ଲିୟସ ପାଇଁ ୧୦ଟି ଇଲେକ୍ଟ୍ରନକୁ ଆୟତ୍ତରେ ରଖିବା କଷ୍ଟକର ହେବ ।

୯- ଅସମ ପରମାଣୁ କଣ ? ଏମାନଙ୍କର ବିଶେଷତ୍ୱ କଣ ?

ଉ. (i) ହାଇଡ୍ରୋକାର୍ବନରେ ହାଇଡ୍ରୋଜେନ ପରମାଣୁ ବଦଳରେ ଯେଉଁ ମୌଳିକ ପରମାଣୁ କିମ୍ବା କେତେକ ମୌଳିକ ପରମାଣୁର ଗ୍ରୁପ ସ୍ଥାନ ପାଏ, ତାହାକୁ ଅସମ ପରମାଣୁ କୁହାଯାଏ ।

(ii) ଏହି ଅସମ ପରମାଣୁ କାର୍ବନ ଯୌଗିକର ଧର୍ମକୁ ନିର୍ଦ୍ଧାରଣ କରିଥାଏ ।

୧୦- ଇଥାନୋଇକ୍ ଏସିଡ଼୍ କାହାକୁ କୁହାଯାଏ ? ଏହାର ବିଶେଷତ୍ୱ କଣ ?

ଉ. (i) ଇଥାନୋଇକ୍ ଏସିଡ଼୍‌କୁ ଏସିଟିକ୍ ଏସିଡ଼ କୁହାଯାଏ । ଏହା କାର୍ବୋକ୍ସିଲିକ୍ ଏସିଡ଼ର ଅନ୍ତର୍ଭୁକ୍ତ ।

(ii) ଜଳରେ ଏସିଟିକ୍ ଏସିଡ଼ର 5.8% ଦ୍ରବଣକୁ ଭିନେଗାର କୁହାଯାଏ ଏବଂ ବିଶୁଦ୍ଧ ଏସିଟିକ୍ ଏସିଡ଼ର ଗଳନାଙ୍କ 290K ହୋଇଥିବାରୁ ଥଣ୍ଡା ଜଳବାୟୁରେ ଘନୀଭୂତ ହୋଇଯାଏ । ଏହାକୁ ଗ୍ରାସିଆଲ କୁହାଯାଏ ।

ବନ୍ଧ ଗଠନ କରିବା ପାଇଁ ସମର୍ଥ ହୋଇଥାଏ ।

(ii) ଅନ୍ୟ ମୌଳିକ ଯଥା- O,H, N, S, CL ଇତ୍ୟାଦି କାର୍ବନ ସହ ଯୋଗିକ ସୃଷ୍ଟି ହୋଇଥାଏ ।

(iii) ଏହି ଯୌଗିକ ଗୁଡ଼ିକର ସୁନିର୍ଦ୍ଦିଷ୍ଟ ଧର୍ମ ରହିଥାଏ । ଏହି ଧର୍ମ ଗୁଡ଼ିକ ଅଣୁରେ ଥିବା କାର୍ବନ ଛଡ଼ା ଅନ୍ୟ ମୌଳିକ ଗୁଡ଼ିକ ଉପରେ ନିର୍ଭର କରେ ।

(iv) କାର୍ବନ ପରମାଣୁର ଆକାର ଛୋଟ ହେତୁ ବିଭିନ୍ନ ପ୍ରକାର ଶକ୍ତ ବନ୍ଧ ଗଠନ କରେ । ସହ ଭାଜିତ ଇଲେକ୍ଟ୍ରନ ଯୁଗଳକୁ ଶକ୍ତ ଭାବରେ ଧରି ରଖିବା ପାଇଁ ଏହା ନ୍ୟୁକ୍ଲିୟସକୁ ସମର୍ଥ କରିଥାଏ ।

## କାର୍ବନ ଏବଂ ଏହାର ଯୌଗିକ

### (ଅତି ସଂକ୍ଷିପ୍ତ ଉ□ରମୂଳକ ପ୍ରଶ୍ନୋ□ର

### (୨ ନମ୍ବର ସମ୍ବଳିତ)

**୧୧.ପ୍ର) ମହମବତୀ ଜଳିବା ବେଳେ କେଉଁ ରଙ୍ଗର ଶିଖା ଦେଖାଯାଏ ଓ କାହିଁକି ?**

ଉ. କ) ମହମବତୀ କିମ୍ବା ଗ୍ୟାସ ଷ୍ଟୋଭରେ ଏଲପିଜି (ଖଚଏ) ଏକ ଶିଖା ସହ ଜଳେ ।

ଖ) ଏହା ଏକ ପୃକ୍ତ ହାଇଡ୍ରୋକାର୍ବନ ଯୋଗୁଁ ସ୍ୱଚ୍ଛ ନୀଳଶିଖା ପ୍ରଦାନ କରିଥାଏ । ଗ୍ୟାସୀୟ ପଦାର୍ଥର ପରମାଣୁଗୁଡ଼ିକ ଉ□ପ୍ତ ହୋଇ ଆଲୋକ ଓ ତାପ ବିକିରଣ କରିବାକୁ ଆରମ୍ଭ କରେ ଓ ପ୍ରଦୀପ୍ତ ଶିଖା ଦେଇଥାଏ ।

**ପ୍ର.୧୨) ସହ ସଂଯୋଜ୍ୟ ଯୌଗିକଗୁଡ଼ିକ ବିଦ୍ୟୁତ କୁପରିବାହୀ, ନିମ୍ନ ଗଳନାଙ୍କ ଓ ସ୍ଫୁଟନାଙ୍କ ବିଶିଷ୍ଟ କାହିଁକି ?** ଉ. କ) କାର୍ବନ ଯୌଗିକଗୁଡ଼ିକ ସହ ସଂଯୋଜ୍ୟ ଯୌଗିକ ହୋଇଥିବାରୁ, ଏହାର ଅଣୁଗୁଡ଼ିକ ମଧ୍ୟରେ ଥିବା ଆକର୍ଷଣ ବଳ ବେଶୀ ଦୃଢ଼ ନୁହେଁ ।

ଖ) ଏହି ଯୌଗିକଗୁଡ଼ିକ ଆୟନିକ ଯୌଗିକ ଭଳି କୌଣସି ଆୟନ ସୃଷ୍ଟି କରନ୍ତି ନାହିଁ । ଏଗୁଡ଼ିକର ଗଳନାଙ୍କ ଓ ସ୍ଫୁଟନାଙ୍କ ଆୟନିକ ଯୌଗିକ ତୁଳନାରେ ଖୁବ୍ କମ୍ ।

**ପ୍ର.୧୩) ଫୁଲେରିନ କଣ, ଏହାର ଏପରି ନାମକରଣ କାହିଁକି ହୋଇଛି ?**

ଉ. କ) କାର୍ବନର ଆଉ କ ରୂପ ହେଉଛି ଫୁଲରିନ୍ (ଉ-୬୦) ।

ଖ) ଏଥିରେ କାର୍ବନର ପରମାଣୁଗୁଡ଼ିକ ଫୁଟବଲ୍ ଆକାରରେ ସଜିତ ହୋଇ ରହିଥାଏ । ଏହା ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥପତି ବକ୍‌ମିନ୍‌ଷ୍ଟର୍ ଫୁଲରଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବାରୁ ଏହାର ଏପରି ନାମକରଣ କରାଯାଇଛି ।

**ପ୍ର.୧୪) କୋଇଲା ଓ ପେଟ୍ରୋଲିୟମ୍‌ର ଦହନ ପରିବେଶକୁ ପ୍ରଦୂଷଣ କରେ କାହିଁକି ?**

ଉ. କ) କୋଇଲା ଓ ପେଟ୍ରୋଲିୟମ ଭଳି ଜାଳେଣିରେ କିଛି ପରିମାଣର ନାଇଟ୍ରୋଜେନ ଓ ସଲଫର ରହିଥାଏ ।

ଖ) ଏଗୁଡ଼ିକର ଦହନ ଫଳରେ ନାଇଟ୍ରୋଜେନ୍ ଓ ସଲଫର ଅକ୍‌ସାଇଡ୍ ଉତ୍ପନ୍ନ ହୁଏ, ଏହା ପରିବେଶର ମୁଖ୍ୟ ପ୍ରଦୂଷକ ଅଟେ ।

**ପ୍ର.୧୫) ସଂରଚନାତ୍ମକ ଆଇସୋମର କଣ ଉଦାହରଣ ସହ ବୁଝାଅ ?**

ଉ. କ) ଯେଉଁ ଯୌଗିକଗୁଡ଼ିକର ଏକା ଅଣୁ ସଂକେତ ଥାଏ, କିନ୍ତୁ ଅଣୁ ଭିତର ପରମାଣୁ ସଜ୍ଜା ପୃଥକ ହୋଇଥାଏ, ସେହି ଯୌଗିକଗୁଡ଼ିକୁ ସଂରଚନାତ୍ମକ ଆଇସୋମର କୁହାଯାଏ ।

ଖ) ଉଦାହରଣ – ($C_4H_{10}$) ସଂକେତ ଏକ ଦୁଇଟି ସଂରଚନା ପାଇଁ ସଂପୂର୍ଣ୍ଣ ଅଣୁ ।

**ପ୍ର.୧୬) କାଟିନେସନ କଣ ? କାର୍ବନର କାଟିନେସନ୍ ଗୁଣ, ସିଲିକନ୍‌ର କାଟିନେସନ୍ ଗୁଣ ଠାରୁ ଏହା ଭିନ୍ନ କିପରି ?**

ଉ. କ) କାର୍ବନର ଅନ୍ୟ କାର୍ବନ ପରମାଣୁ ସହିତ ବନ୍ଧଗଠନ କରି ବୃହତ୍ ଅଣୁ ସୃଷ୍ଟି କରିବା ପାଇଁ ଅନନ୍ୟ ସାମର୍ଥ୍ୟ ରହିଛି । ଏହି ଗୁଣକୁ କାଟିନେସନ୍ କୁହାଯାଏ ।

ଖ) କାର୍ବନ ଯୌଗିକରେ ଏହି କାଟିନେସନ୍ ଗୁଣ ଯେତେ ମାତ୍ରାରେ ଦେଖାଯାଏ, ଅନ୍ୟ କୌଣସି ମୌଳିକରେ ସେପରି ଦେଖାଯାଏ ନାହିଁ । ସିଲିକନ୍, ହାଇଡ୍ରୋଜେନ୍ ସହ ଯୌଗିକଗୁଡ଼ିକ ସୃଷ୍ଟି କରେ । ତାହାର ଶୃଙ୍ଖଳରେ ସାତ କିମ୍ବା ଆଠ ପରମାଣୁ ପର୍ଯ୍ୟନ୍ତ ଥାଏ, କିନ୍ତୁ ଏହି ଯୌଗିକଗୁଡ଼ିକ ଖୁବ୍ ପ୍ରତିକ୍ରିୟାଶୀଳ ।

**ପ୍ର.୧୭) ସହ ସଂଯୋଜ୍ୟ ଯୌଗିକର ଧର୍ମଗୁଡ଼ିକ ଲେଖ ?**

ଉ. କ) ଏଗୁଡ଼ିକ ସାଦାରଣତଃ ତରଳ ବା ଗ୍ୟାସୀୟ ଅବସ୍ଥାରେ ଥାଆନ୍ତି ।

ଖ) ଏଗୁଡ଼ିକ ନିମ୍ନ ଗଳନାଙ୍କ ଓ ସ୍ଫୁଟନାଙ୍କ ବିଶିଷ୍ଟ ।

ଗ) ଏଗୁଡ଼ିକ ବିଦ୍ୟୁତର କୁପରିବାହୀ ।

ଘ) ଏଗୁଡ଼ିକ ଜଳରେ ଅଦ୍ରବଣୀୟ ।

**ପ୍ର.୧୮) ଆଲକେନ୍, ଆଲକିନ୍ ଓ ଆଲକାଇନ୍ କ'ଣ ? ଉଦାହରଣ ସହ ବୁଝାଅ ?**

ଉ. କ) ପୃକ୍ତ ହାଇଡ୍ରୋକାର୍ବନ ଯୌଗିକରେ କାର୍ବନ କାର୍ବନ ମଧ୍ୟରେ ଏକ ବନ୍ଧ ରହିଥାଏ । ଏଗୁଡ଼ିକୁ ଆଲକେନ୍ କୁହାଯାଏ । ଏହାର ସାଧାରଣ ଅଣୁ ସଂକେତ $C_nH_{2n+2}$। ଉଦାହରଣ– ମିଥେନ ($CH_4$), ଇଥେନ୍ (C2H6) ଇତ୍ୟାଦି ।

ଖ) ଅପୃକ୍ତ ହାଇଡ୍ରୋକାର୍ବନ ଦୁଇପ୍ରକାର; ଯଥା– ଆଲକିନ ଓ ଆଲକାଇନ୍ । ଦ୍ୱି-ବନ୍ଧ ଥିବା ହାଇଡ୍ରାକାର୍ବନକୁ ଆଲକିନ ଓ ତ୍ରିବନ୍ଧ ଥିବା ହାଇଡ୍ରୋକାର୍ବନକୁ ଆଲକାଇନ୍ କୁହାଯାଏ । ଏଗୁଡ଼ିକର ସାଧାରଣ ଅଣୁ ସଂକେତ ଯଥାକ୍ରମେ $C_nH_{2n}$ ଓ $C_nH_{2n-2}$ ଉଦାହରଣ - ଏଥିନ ($C_2H4$), ପ୍ରୋପିନ୍ ($C_3H_6$) ଇତ୍ୟାଦି ଆଲକିନ୍ ଅଟେ । ଇଥାଇନ୍ ($C_2H_2$), ପ୍ରୋପାଇନ ($C_3H_4$), ଇତ୍ୟାଦି ଆଲକାଇନ୍ ଅଟେ ।

**ପ୍ର.୧୯) ହୀରା ଓ ଗ୍ରାଫାଇଟ୍ ଅଣୁର ଗଠନ ବର୍ଣ୍ଣନା କର ?**

ଉ. କ) ହୀରା - ଏଥିରେ ପ୍ରତ୍ୟେକ କାର୍ବଣାନ ପରମାଣୁ ଅନ୍ୟ ଚାରୋଟି କାର୍ବନ ପରମାଣୁ ସହିତ ସଂଯୁକ୍ତ ହୋଇ ଏକ ଦୃଢ଼ ତ୍ରିବିମୀୟ ସଂରଚନା ଗଠନ କରେ । ଏହାଗଠନ କରେ । ଏହା ଅତି ଶକ୍ତ । ଅତି ଉଚ୍ଚ ଚାପ ଓ ତାପ ମାତ୍ରା ପ୍ରୟୋଗ କରି ବିଶୁଦ୍ଧ କାର୍ବନରୁ ହୀରା ସଂଶ୍ଳେଷଣ କରାଯାଇପାରେ ।

ଖ) ଗ୍ରାଫାଇଟ – ଏଥିରେ ପ୍ରତ୍ୟେକ କାର୍ବନ ପରମାଣୁ ଅନ୍ୟ ତିନୋଟି କାର୍ବନ ପରମାଣୁ ସହିତ ସଂଯୁକ୍ତ ହୋଇ ଏକ ଷଠଭୁଜୀୟ ସଂରଚନା ଗଠନ କରିଥାଏ । ଏହା କୋମଳ । ଗ୍ରାପାଇଟର ବନ୍ଧଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଦ୍ୱିବନ୍ଧ । ଷଠଭୁଜୀୟ ବିନ୍ୟାସଗୁଡ଼ିକ ଗୋଟିଏ ସ୍ତର ଉପରେ ଅନ୍ୟ ଏକ ସ୍ତର ଏହିପରି ଅନେକ ସ୍ତର ରହିଦ୍ୱାରା ଗ୍ରାପାଇଟ ସଂରଚନା ସୃଷ୍ଟି ହୋଇଥାଏ । ଗ୍ରାଫାଇଟ୍ ହାତକୁ ଚିକ୍‌କଣ ଲାଗେ ଓ ଏହା ବିଦୁତର ସୁପରିବାହୀ ।

**ପ୍ର.୨୦) ପୃକ୍ତ ହାଇଡୋକାର୍ବନ ଓ ଅପୃକ୍ତ ହାଇଡ୍ରୋକାର୍ବନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?**

ଉ. କ) ପୃକ୍ତ ହାଇଡ୍ରୋକାର୍ବନ - ଯେଉଁ ହାଇଡେ୍ୟାକାର୍ବନଗୁଡ଼ିକରେ କାର୍ବନ କାର୍ବନ ମଧ୍ୟରେ ଗୋଟିଏ ଲେଖାଏଁ ସହସଂଯୋଜ୍ୟ ବନ୍ଧ ଥାଏ ସେଗୁଡ଼ିକୁ ପୃକ୍ତ ହାଇଡ୍ରୋକାର୍ବନ କୁହାଯାଏ । ଏହାକୁ ମଧ୍ୟ ଆଲକେନ୍ କୁହାଯାଏ । ଏହାର ଅଣୁ ସଂକେତ $C_nH_{2n+2}$ । ଉଦାହରଣ - ମିଥେନ୍ ($CH_4$), ଇଥେନ ($C_2H_6$) ଇତ୍ୟାଦି ।

ଖ)  ଅପୃକ୍ତ ହାଇଡ୍ରୋକାର୍ବନ – ଯେଉଁ ହାଇଡ୍ରୋକାର୍ବନଗୁଡ଼ିକରେ କାର୍ବନ କାର୍ବନ ମଧ୍ୟରେ ଦୁଇଟି କିମ୍ବା ତିନୋଟି ବନ୍ଧ ରହିଥାଏ, ସେଗୁଡ଼ିକୁ ଅପୃକ୍ତ ହାଇଡ୍ରୋକାର୍ବନ କୁହାଯାଏ । ଦୁଇବନ୍ଧ ଥିବା ହାଇଡ୍ରୋକାର୍ବନକୁ ଆଲକିନ କୁହାଯାଏ ।

ଏହାର ଅଣୁ ସଂକେତ $C_nH_{2n}$ ଏବଂ ତିନି ବନ୍ଧ ଥିବା ହାଇଡ୍ରୋକାର୍ବନକୁ ଆଲକାଇନ୍ କୁହାଯାଏ । ଏହାର ଅଣୁସଂକେତ $C_nH_{2n-2}$ ।

**ପ୍ର.୨୧) ଏମୋନିଆ ($NH_3$) ଅଣୁର ଗଠନ ବୁଝାଅ ? ନିସଙ୍ଗ ଇଲେକଟ୍ରନଯୁଗଳ କ'ଣ ଲେଖ ?**

ଉ.  କ)  ଏମୋନିଆ ଅଣୁ ଗୋଟିଏ ନାଇଟ୍ରୋଜେନ ଓ ତିନୋଟି ହାଇଡ୍ରୋଜେନ ପରମାଣୁକୁ ନେଇ ଗଠିତ । ଏହି ତିନୋଟି ଉଦଜାନ ପରମାଣୁ ତିନୋଟି ଇଲେକଟ୍ରନ ସହଭାଜନ ଦ୍ୱାରା ଉଦ୍‌ଜାନ ସହ ସହସଂଯୋଜ୍ୟ ବନ୍ଧ ଗଠନ କରିଥାନ୍ତି । ଫଳରେ ଏକ ସ୍ଥାୟୀ ସଂରଚନା ପ୍ରାପ୍ତ ହୋଇଥାଆନ୍ତି ।

ଖ)  ଏମୋନିଆ ଅଣୁରେ ନାଇଟ୍ରୋଜେନ ଓ ଉଦ୍‌ଜାନ ପରମାଣୁ ମଧ୍ୟରେ ଯେଉଁ ବନ୍ଧ ଗଠିତ ହୁଏ ତାହା ଅପେକ୍ଷାକୃତ ଦୁର୍ବଳ ବନ୍ଧ ଅଟେ ।

**ପ୍ର.୨୨) କାର୍ବନର ବିଭିନ୍ନ ରୂପ ସଂପର୍କରେ ଦର୍ଶାଅ ?**

ଉ.  କ)  କାର୍ବନର ବିଭିନ୍ନ ରୂପଗୁଡ଼ିକ ହେଲା - ଗ୍ରାଫାଇଟ, ହୀରା ଓ ଫୁଲରିନ୍ । ବିଭିନ୍ନ ରୂପଗୁଡ଼ିକର ରାସାୟନିକ ପ୍ରକୃତି ସମାନ ହେଲେ ମ୍ଧ ଭୌତିକ ପ୍ରକୃତି ଭିନ୍ନ ଅଟେ ।

୧) ଗ୍ରାଫାଇଟ୍ – ଗ୍ରାପାଇଟରେ ପ୍ରତ୍ୟେକ କାର୍ବନ ପରମାଣୁ ଅନ୍ୟ ତିନୋଟି କାର୍ବନ ପରମାଣୁ ସହିତ ଏକ ସମତଳରେ ବନ୍ଧ ଗଠନ କରିଥାଏ ଏବଂ ଏକ ଷଡଭୂଜୀୟ ବିନ୍ୟାସ ଦେଇଥାଏ । ଏହି ବନ୍ଧଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଦ୍ୱି-ବନ୍ଧ । ଷଡଭୂଜୀୟ ବିନ୍ୟାସଗୁଡ଼ିକ ଗୋଟିଏ ସ୍ତର ଉପରେ ଆଉ ଏକ ସ୍ତର ଏହିପରି ଅନେକ ସ୍ତର ରହିବା ଦ୍ୱାରା ଗ୍ରାପାଇଟ୍ ସଂରଚନା ସୃଷ୍ଟି ହୋଇଥାଏ । ଗ୍ରାଫାଇଟ୍ କୋମଳ ଓ ହାତକୁ ଚିକକ୍‌ଣ ଲାଗେ ।

୨) ହୀରା – ହୀରାରେ ପ୍ରତ୍ୟେକ କାର୍ବନ ପରମାଣୁ ଅନ୍ୟ ୪ଟି କାର୍ବନ ପରମାଣୁ ସହ ସଂଯୁକ୍ତ ହୋଇ ଏକ ଦୃଢ଼ ତ୍ରିବିମୟୀୟ ସଂରଚନା ଗଠନ କରେ । ପଦାର୍ଥ ମଧ୍ୟରେ ହୀରା ସବୁଠାରୁ ଶକ୍ତ । ଅତି ଉଚ୍ଚ ଚାପ ଓ ତାପମାତ୍ରା ପ୍ରୟୋଗ କରି ବିଶୁଦ୍ଧ କାର୍ବନରୁ ହୀରା ସଂଶ୍ଳେଷଣ କରାଯାଇପାରେ ।

୩)ଫୁଲରିନ୍ – କାର୍ବନର ଏହି ରୂପଟି ହେଲା, ଉ-୬୦୧ ଯେଉଁଥିରେ କାର୍ବନ ପରମାଣୁଗୁଡ଼ିକ ଫୁଟବଲ୍ ଆକାରରେ ସଜ୍ଜିତ ହୋଇ ରହିଥାଏ ।

**ପ୍ର.୨୩) କାର୍ବନ ଅନ୍ୟ ମୌଳିକ ସହ ସହସଂଯୋଜ୍ୟ ବନ୍ଧ କିପରି ସହଜରେ ଗଠନ କରିପାରେ ବୁଝାଅ ?**

ଉ.  କ)  ଚତୁଃସଂଯୋଜ୍ୟତା ଓ କାଟିନେସନ୍ ଗୁଣ ଯୋଗୁଁ କାର୍ବନ ବହୁ ସଂଖ୍ୟକ ଯୌଗିକ ଗଠନ କରେ । ଏକ କିମ୍ବା ଏକାଧିକ ବନ୍ଧ ଗଠନ କରି କାର୍ବନକାର୍ବନ ଚତୁଃସଂଯୋଜକତା ଲାଭ କରିଥାଏ । ଦୁଇଟି ପରମାଣୁ ପରସ୍ପର ମ୍ଧରେ ଇଲେକଟ୍ରନ ସହଭାଜନ କରିବାଦ୍ୱାରା ସହସଂଯୋଜ୍ୟ ବନ୍ଧ ଗଠିତ ହୋଇଥାଏ ଏବଂ ପ୍ରତ୍ୟେକ ପରମାଣୁ ପରିପୂର୍ଣ୍ଣ ବାହ୍ୟତମ କକ୍ଷ ଲାଭ କରେ ।

ଖ)  କାର୍ବନ ଅନ୍ୟ କାର୍ବନ ପରମାଣୁ ସହିତ ଏବଂ ଅନ୍ୟ ମୌଳିକର ପରମାଣୁ; ଯଥା - ହାଇଡ୍ରୋଜେନ, ଅକ୍‌ସିଜେନ, ସଲଫର, ନାଇଟ୍ରୋଜେନ୍ ଓ କ୍ଲୋରିନ ସହ ସହସଂଯୋଜୀ ବନ୍ଧ ଗଠନ କରେ ।

**ପ୍ର.୨୪) ବେଞ୍ଜିନର ସଂକେତ କଣ ? ସଂରଚନା ଚିତ୍ର ସହ ବର୍ଣ୍ଣନା କର ?**

ଉ.  କ)  ବେଞ୍ଜିନ୍‌ର ସଂକେତ = $C_6H_6$, ଏହାର ସଂରଚନା =

ଖ)  ବେଞ୍ଜିନରେ ୬ଟି କାର୍ବନ ପରମାଣୁ ବିଶିଷ୍ଟ ଏକ ସ୍ୱତନ୍ତ୍ର ପ୍ରକାର ଚକ୍ରାକାର ସଂରଚନାରେ ୩ଟି ଦ୍ୱିବନ୍ଧ ଏକାନ୍ତର ଭାବେ ରହିଥାଏ ।

# ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧) ହୀରା ଓ ଗ୍ରାଫାଇଟ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

**ହୀରା**

(i) ଏଥିରେ ପ୍ରତ୍ୟେକ କାର୍ବନ ପରମାଣୁ ଚାରୋଟି କାର୍ବନ ପରମାଣୁ ସହ ସଂଯୁକ୍ତ ହୋଇଥାଏ

(ii) ହୀରା ଅଣୁର ଗଠନ ଚ଼ତୁଃଷ୍କୋଣୀ

(iii) ହୀରା ଅଣୁରେ ସମସ୍ତ କାର୍ବନ-କାର୍ବନ ସହସଂଯୋଜ୍ୟ ବନ୍ଧଗୁଡ଼ିକ ଏକ ବନ୍ଧଯୁକ୍ତ ।

(iv) ହୀରା ଖୁବ୍ ଶକ୍ତ

(v) ହୀରା ବିଦ୍ୟୁତ୍ କୁପରିବାହୀ ।

(vi) ହୀରା ଏକ ସ୍ୱଚ୍ଛ ପଦାର୍ଥ

**ଗ୍ରାଫାଇଟ୍**

(i) ଏଥିରେ କାର୍ବନ ପରମାଣୁ ଅନ୍ୟ ତିନୋଟି କାର୍ବନ ପରମାଣୁ ସହ ସଂଯୁକ୍ତ ହୋଇଥାଏ ।

(ii) ଗ୍ରାଫଇଟ୍ ଅଣୁର ଗଠନ ଷଡ଼ଭୁଜୀୟ ।

(iii) ଗ୍ରାଫାଇଟ୍ ଅଣୁରେ ସମସ୍ତ ସହ ସଂଯୋଜ୍ୟ ବନ୍ଧ ମଧ୍ୟରୁ ଗୋଟିଏ ଦ୍ୱିବନ୍ଧ ।

(iv) ଗ୍ରାଫାଇଟ୍ ଅପେକ୍ଷାକୃତ ନରମ

(v) ଗ୍ରାଫାଇଟ ବିଦ୍ୟୁତ୍ ସୁପରିବାହୀ ।

(vi) ଗ୍ରାଫାଇଟ୍ ଏକ ଅସ୍ୱଚ୍ଛ ପଦାର୍ଥ ।

୨) **ସାବୁନ ଓ ଡ଼ିଟରଜେଣ୍ଟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?**

**ସାବୁନ**

(i) ସାବୁନ ଅଣୁଗୁଡ଼ିକ ଦୀର୍ଘ ଶୃଙ୍ଖଳ ବିଶିଷ୍ଟ କାର୍ବୋନସିଲିକ୍ ଏସିଡ଼ର ସୋଡ଼ିୟମ ବା ପୋଟାସିୟମ ଲବଣ ।

(ii) ସାବୁନର ସଫା କରିବା ଗୁଣଟି ଡ଼ିଟରଜେଣ୍ଟଠାରୁ କମ୍ ।

(iii) ଉଦ୍ଭିଦ ବା ପ୍ରାଣୀର ଫ୍ୟାଟରୁ ସାବୁନ ତିଆରି ।

(iv) ସାବୁନର ଜୈବ ନିମ୍ନୀକରଣ ଡ଼ିଟରଜେଣ୍ଟ ଠାରୁ ଅଧିକ ।

(v) ସାବୁନ କ୍ୟାଲସିୟମ ଓ ମ୍ୟାଗ୍ନେସିୟମ ଆୟନ ସହିତ ଅଦ୍ରବଣୀୟ ଅବକ୍ଷେପ ସୃଷ୍ଟି କରେ ।

**ଡ଼ିଟରଜେଣ୍ଟ**

(i) ଡ଼ିଟରଜେଣ୍ଟ ଅଣୁ ଗୁଡ଼ିକ ଦୀର୍ଘ ଶୃଙ୍ଖଳ ବିଶିଷ୍ଟ କାର୍ବୋକସିଲିକ୍ ଏସିଡ଼ର ଏମୋନିୟମ କିମ୍ବା ସଲଫୋନେଟ୍ ଲବଣ ।

(ii) ଡ଼ିଟରରଜେଣ୍ଟ ସଫା କରିବା କ୍ଷମତା ସାବୁନଠାରୁ ଅଧିକ ।

(iii) ଡ଼ିଟରଜେଣ୍ଟ ପେଟ୍ରୋକେମିକାଲରୁ ତିଆରି ।

(iv) ଡ଼ିଟରରଜେଣ୍ଟ ସାବୁନ ଠାରୁ କମ୍ ଜୈବ ନିମ୍ନୀକରଣ ଅଟେ ।

(v) ଡ଼ିଟରରଜେଣ୍ଟ କ୍ୟାଲସିୟମ ଓ ମ୍ୟାଗ୍ନେସିୟମ ଆୟନ ସହ ଅବକ୍ଷେପ ସୃଷ୍ଟି କରେ ନାହିଁ ।

3) ହୋମୋଲଗସ ଶ୍ରେଣୀ କହିଲେ କଣ ବୁଝ ? ଆଲକେନ ଓ ଆଲକିନ ହୋମୋଲଗସ ଶ୍ରେଣୀକୁ ଉଦାହରଣ ଭାବେ ନେଇ ଏହାକୁ ବୁଝାଅ ? ଏହାର ବୈଶିଷ୍ଟ୍ୟ ଗୁଡ଼ିକୁ ଲେଖ ?

ଉ. ସମାନ ସଂରଚ଼ନା ଓ ସମାନ ରାସାୟନିକ ଧର୍ମ ବିଶିଷ୍ଟ ଗୋଟିଏ ଯୌଗିକ ଠାରୁ ଆଣବିକ ସଂକେତରେ ଗୋଟିଏ ଗ୍ରୁପ ଦ୍ୱାରା ପୃଥକ୍ ହୋଇଥାଏ । ସେହି ଶ୍ରେଣୀକୁ ହୋମୋଲଗସ ଶ୍ରେଣୀ କୁହାଯାଏ ।

ଉଦାହରଣ – 1) ଆଲକେନ୍ ହୋମୋଲଗସ ଶ୍ରେଣୀ

(i) $CH_4$ ଓ $C_2H_6$ – ଗୋଟିଏ ଏକକ ଦ୍ୱାରା ପୃଥକ୍

(ii) $C_2H_6$ ଓ $C_3H_8$ – ଗୋଟିଏ – $C_2$ – ଏକକ ଦ୍ୱାରା ପ୍ରଭେଦ ରହିଛି

(iii) $C_3H_8$ ଓ $C_4H_{10}$ – ଗୋଟିଏ – $CH_2$ – ଏକକ ଦ୍ୱାରା ପ୍ରଭେଦ ରହିଛି ।

ଉଦାହରଣ- 2) ଆଲକିନ୍ ହୋମୋଲଗସ ଶ୍ରେଣୀ :-

(i) $C_2H_4$ ଓ $C_3H_6$ – ଗୋଟିଏ – $CH_2$ – ଏକକ ଦ୍ୱାର ପ୍ରଭେଦ ରହିଛି ।

(ii) $C_3H_6$ ଓ $C_4H_8$ – ଗୋଟିଏ – $CH_2$ – ଏକକ ଦ୍ୱାର ପ୍ରଭେଦ ରହିଛି ।

(iii) $C_4H_8$ ଓ $C_5H_{10}$ – ଗୋଟିଏ – $CH_2$ – ଏକକ ଦ୍ୱାର ପ୍ରଭେଦ ରହିଛି ।

**ହୋମୋଲଗସ ଶ୍ରେଣୀର ବୈଶିଷ୍ଟ୍ୟ**

ଉପରୋକ୍ତ ଯୌଗିକ ଶ୍ରେଣୀ ଗୁଡ଼ିକରେ ଆଣବିକ ବସ୍ତୁତ୍ୱରେ କ୍ରମ ବୃଦ୍ଧି ଘଟେ । ଗୋଟିଏ ଯୌଗିକ ତାହାର ପୂର୍ବବର୍ତ୍ତି ଯୌଗିକ ।

(i) ଆଣବିକ ବସ୍ତୁତ୍ୱ ମଧ୍ୟରେ 14, a, m , u ପ୍ରଭେଦ ରହିଥାଏ ।

(ii) ହୋମୋଲଗସ ଶ୍ରେଣୀଗୁଡ଼ିକରେ ଆଣବିକ ବସ୍ତୁତ୍ୱର କ୍ରମ ବୃଦ୍ଧି ସହ ଭୌତିକ ଗୁଣରେ ମଧ୍ୟ ଏକ କ୍ରମ ବିନ୍ୟାସ ଘଟିଥାଏ । କାରଣ ଆଣବିକ ବସ୍ତୁତ୍ୱ ବୃଦ୍ଧି ସହ ସେମାନଙ୍କ ଗଳନାଙ୍କ ଓ ସ୍ଫୁଟନାଙ୍କର ବୃଦ୍ଧି ଘଟିଥାଏ ।

(iii) ଏହାଛଡ଼ା ଏକ ନିର୍ଦ୍ଦିଷ୍ଟ ଦ୍ରାବକରେ ଏମାନଙ୍କର ଦ୍ରବଣୀୟତାରେ ମଧ୍ୟ କ୍ରମବିନ୍ୟାସ ଦେଖାଯାଏ । ହୋମୋଲଗସ ଶ୍ରେଣୀରେ ଏକା ପ୍ରକାର ସକ୍ରିୟ ଗ୍ରୁପ ରହୁଥିବାରୁ ସେମାନଙ୍କର ରାସାୟନିକ ଧର୍ମ ସମାନ ରହେ ।

4) $CO_2$ ଅଣୁର ଗଠନ କିପରି ହୁଏ । ଏହାର ଇଲେକ୍ଟ୍ରନିକ ଡ଼ଟ ସଂରଚ଼ନା ଚ଼ିତ୍ର ଅଙ୍କନ କର ?

ଉ.(i) ଗୋଟିଏ କାର୍ବନ ପରମାଣୁ ଓ ଦୁଇଟି ଅକ୍ସିଜେନ ପରମାଣୁ ନେଇ କାର୍ବନ ଡ଼ାଇଅକ୍ସାଇଡ଼ ଅଣୁ ଗଠିତ ।

(ii) କାର୍ବନ ପରମାଣୁ କ୍ରମାଙ୍କ 6 । ଇଲେକ୍ଟ୍ରନ ସଂରଚ଼ନା K(2), L(4) । ଅକ୍ସିଜେନ ପରମାଣୁ କ୍ରମାଙ୍କ 8, ଇଲେକ୍ଟ୍ରନ ସଂରଚ଼ନା K(2), L(6) ।

(iii) କାର୍ବନର ଦୁଇଟି ଲେଖାଏଁ ଇଲେକ୍ଟ୍ରନ ପୃଥକ ଭାବରେ ଗୋଟିଏ ଅକ୍ସିଜେନ ପରମାଣୁର ଦୁଇଟି ଲେଖାଏଁ ଇଲେକ୍ଟ୍ରନ ସହ ସହଭାଜିତ ହୋଇ $CO_2$ ଅଣୁ ଗଠନ କରେ ।




## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋ□ର (୩ନମ୍ବର ସମ୍ବଳିତ)

**ପ୍ର.୫) ଆଲକେନ୍ କାହାକୁ କୁହାଯାଏ ? ଏହାର ଗୋଟିଏ ଯୌଗିକର ସଂକେତ ଓ ସଂରଚନା ଚିତ୍ର ପ୍ରଦାନ କର ?**

ଉ. କ) ଯେଉଁ ହାଇଡ୍ରୋକାର୍ବନଗୁଡ଼ିକରେ କାର୍ବନ, କାର୍ବନ ମଧ୍ୟରେ ଗୋଟିଏ ଲେଖାଏଁ ସହ ସଂଯୋଜ୍ୟ ବନ୍ଧ ଥାଏ, ସେଗୁଡ଼ିକୁ ଆଲକେନ୍ ବା ପୃକ୍ତ ହାଇଡ୍ରୋକାର୍ବନ କୁହାଯାଏ । ଏହାର ସାଧାରଣ ଅଣୁ ସଂକେତ $C_nH_{2n+2}$ ।

ଖ) ଏହାର ଗୋଟିଏ ଉଦାହରଣ = ମିଥେନ୍ ($CH_4$)

**ପ୍ର.୬) ଦୁଇଟି ଚକ୍ରାକାର ହାଇଡ୍ରୋକାର୍ବନର ନାମ, ଅଣୁ ସଂକେତ ଓ ସଂରଚନା ଚିତ୍ର ପ୍ରଦାନ କର ?**

ଉ. କ) ହାଇଡ୍ରୋକାର୍ବନ୍‌ଗୁଡ଼ିକରେ ୩ଟି କିମ୍ବା ତହିଁରୁ ଅଧିକ କାର୍ବନ ପରମାଣୁ ରହିଲେ ଚକ୍ରାକାର ଚେନ୍ ସମ୍ଭବ ହୋଇଥା । ସଳଖଚେନ୍ ହାଇଡ୍ରୋକାର୍ବନ ଯୌଗିକଗୁଡ଼ିକର ନାମ ପୂର୍ବରୁ ସାଇକ୍ଲୋ (Cyclo) ଯୋଗ କରାଯାଇ ନାମ କରଣ କରାଯାଇଥାଏ ।

ଖ) ଉଦାହରଣ = (୧) ସାଇକ୍ଲୋପ୍ରୋପେନ୍ =

(୨)

ସାକ୍ଲୋବ୍ୟୁଟେନ୍ =

**ପ୍ର.୭) ଅକ୍ସିଜେନ୍ ଅଣୁର ଗଠନ ଡଟ୍ ସଂରଚନା ଚିତ୍ର ସହ ବୁଝାଅ ?**

ଉ. କ) ଦୁଇଟି ଅମ୍ଳଜାନ ପରମାଣୁ ଦୁଇଟି ଇଲେକଟ୍ରନ ଯୁଗଳର ସହଭାଜନଦ୍ୱାରା ପରସ୍ପର ସଂଯୁକ୍ତ ହୋଇ ଅମ୍ଳଜାନ ଅଣୁ ଗଠନ କରନ୍ତି ।




ଚିତ୍ର 4.3 ଦୁଇଟି ଅକ୍ସିଜେନ୍ ପରମାଣୁ ମଧ୍ୟରେ ଦ୍ୱିବନ୍ଧ

ଖ) ପ୍ରତି ଅମ୍ଳଜାନ ପରମାଣୁ (୨, ୬)ର ବାହ୍ୟତମ କକ୍ଷରେ ୬ଟି ଇଲେକଟ୍ରନ୍ ଥାଏ । ତେଣୁ ଏହା ନିକଟତମ ନିଷ୍କ୍ରିୟ ଗ୍ୟାସ୍‌ର ସଂରଚନା ଲାଭ କରିବା ପାଇଁ ବା ଅଷ୍ଟକ ପୂରଣ ପାଇଁ ୨ଟି ଇଲେକଟ୍ରନ ଆବଶ୍ୟକ କରିତାଏ ।

ଗ) ତେଣୁ ଅମ୍ଳଜାନ ଅଣୁ ଗଠନ ପାଇଁ ଉଭୟ ପରମାଣୁ ପ୍ରତ୍ୟେକ ୨ଟି ଲେଖାଏଁ ଇଲେକଟ୍ରନ୍ ଦାନ କରନ୍ତି ।

ଘ) ଙ୨ ଅଣୁର ଦୁଇଟି ଇଲେକଟ୍ରନ ଯୁଗଳର ସହଭାଜନ ଘଟୁଥିବାରୁ ପରମାଣୁଦ୍ୱୟ ମଧ୍ୟରେ ଦ୍ୱି-ବନ୍ଧ ଗଠିତ ହୋଇଥାଏ ।

**ପ୍ର.୮) ହାଇଡ୍ରୋଜେନ (H2) ଅଣୁର ଗଠନ ଚିତ୍ର ସହ ବର୍ଣ୍ଣନା କର ?**

ଉ. କ) ଦୁଇଟି ପରମାଣୁ ଗୋଟିଏ ଇଲେକଟ୍ରନ ଯୁଗଳ ସହଭାଜନ କଲେ ସେମାନଙ୍କ ମଧ୍ୟରେ ବନ୍ଧ ଗଠିତ ହୁଏ । ଏକ ବନ୍ଧକୁ (—) ଚିହ୍ନ ଦ୍ୱାରା ସୂଚିତ କରାଯାଏ । ଉଦାହରଣ – ଉଦ୍‌ଜାନ ଅଣୁ ।

ଖ) ଉଦ୍‌ଜାନର ପରମାଣୁ କ୍ରମାଙ୍କ ୧, ତେଣୁ ଏହାର କ କକ୍ଷପୂର୍ଣ୍ଣ ହେବାପାଇଁ ୨ଟି ଇଲେକଟ୍ରନ୍ ହେବାପାଇଁ ଆଉ ଗୋଟିଏ ଇଲେକଟ୍ରନ୍ ଆବଶ୍ୟକ ।

ଗ) ତେଣୁ ଗୋଟିଏ ଉଦ୍‌ଜାନ ଅଣୁ ଗଠନ କରିବା ପାଇଁ ୨ଟି ହାଇଡ୍ରୋଜେନ୍ ପରମାଣୁ ସେମାନଙ୍କର ଇଲେକଟ୍ରନଗୁଡ଼ିକୁ ପରସ୍ପର ମଧ୍ୟରେ ଭାଗ କରନ୍ତି । ଏହାଦ୍ୱାରା ପ୍ରତ୍ୟେକ ହାଇଡ୍ରୋଜେନ ପରମାଣୁ ନିକଟତମ ନିଷ୍କ୍ରିୟ ଗ୍ୟାସ ହିଲିୟମ (He)ର ସଂରଚନା ଅର୍ଥାତ କ(He)ର ସଂରଚନା ଅର୍ଥାତ କ କକ୍ଷରେ ୨ଟି ଇଲେକଟ୍ରନ ଧାରଣ କରେ । ସହସଜିତ ଇଲେକଟ୍ରନ ଯୁଗଳ ଦୁଇଟି ହାଇଡ୍ରୋଜେନ୍ ପରମାଣୁ ମଧ୍ୟରେ ଗୋଟିଏ ବନ୍ଧ ଗଠନ କରିଥାଏ ।

(ଦୁଇଟି ହାଇଡ୍ରୋଜେନ (ସହଭାଜିତ ଇଲେକଟ୍ରନ୍ ଏକ ବନ୍ଧ (ଉଦ୍‌ଜାନ ଅଣୁ) (ଏକ ବନ୍ଧଯୁକ୍ତ ଅଣୁ)

ପରମାଣୁ) ଯୁଗଳ)

ଖ) ଦୁଇ ବନ୍ଧ ଥିବା ଅପୃକ୍ତ ହାଇଡ୍ରୋକାର୍ବନକୁ ଆଲକିନ୍ ଓ ତ୍ରିବନ୍ଧ ଥିବା ଅପୃକ୍ତ ହାଇଡ୍ରୋକାର୍ବନକୁ ଆଲକାଇନ୍ କୁହାଯାଏ ।

**୯) କାର୍ବନର ଅଧିକାଂଶ ଯୌଗିକକୁ କାହିଁକି ଇନ୍ଧନରୂପେ ବ୍ୟବହାର କରାଯାଏ ।**

ଉ. ବାୟୁ ଉପସ୍ଥିତିରେ କାର୍ବନ ଓ ଏହାର ଯୌଗିକଗୁଡ଼ିକର ଦହନ ଘଟିଲେ ବିପୁଳ ପରିମାଣରେ ତାପ ଉତ୍ପନ୍ନ ହେଉଥିବାରୁ ଏଗୁଡ଼ିକ ଅଧିକାଂଶ ପ୍ରୟୋଗରେ ଇନ୍ଧନରୂପେ ବ୍ୟବହାର କରାଯାଏ ।

**ପ୍ର.୧୦) କାର୍ବନ ଯୌଗିକକୁ କାହିଁକି ଜୈବ ଯୌଗିକ କୁହାଯାଉଥିଲା ?**

ଉ. କ) ପୂର୍ବେ ଜୈବ ରସାୟନ ବିଜ୍ଞାନ କହିଲେ ଜୀବନ୍ତ ବସ୍ତୁରୁ ବାହାରୁଥିବା ଯୌଗିକ ସମ୍ବନ୍ଧୀୟ ବିଜ୍ଞାନକୁ ବୁଝାଉଥିଲା ।

ଖ) ମାତ୍ର ଏବେ ଏହି ଯୌଗିକଗୁଡ଼ିକୁ ବିଜ୍ଞାନାଗାରରେ ତିଆରି କରାଯାଇପାରୁଛି । ତେଣୁ ଜୈବ ରସାୟନ ବିଜ୍ଞାନର ସଂଜ୍ଞା ବଦଳିଛି । ଏବେ ଏହାକୁ କାର୍ବନ ଯୌଗିକର ବିଜ୍ଞାନ କୁହାଯାଉଛି ।

**୧୧) ମିଥେନ୍ ଅଣୁ କିପରି ଗଠିତ ହୁଏ? ଇଲେକଟ୍ରନ ଡଟ୍ ସଂରଚନା ଚିତ୍ର ସହ ବୁଜାଅ ।**

ଉ. କ) ମିଥେନ୍ ସହ ସଂଯୋଜ୍ୟ ବନ୍ଧ ଧାରଣ କରିଥିବା ଏକ ସହସଂଯୋଜ୍ୟ ଯୌଗିକ ।




ଚିତ୍ର 4.5 ମିଥେନ ପାଇଁ ଇଲେକ୍ଟ୍ରନ୍ ଡଟ୍ ସଂରଚନା

ଖ) କାର୍ବନ ପରମାଣୁ (୨,୪)ର ବାହ୍ୟତମ କକ୍ଷରେ ୪ଟି ଇଲେକଟ୍ରନ୍ ଥିବାରୁ ଏହାର ଅଷ୍ଟକ ପୂରଣ ପାଇଁ ଆଉ ୪ଟି ଇଲେକଟ୍ରନ ଆବଶ୍ୟକ କରିଥାଏ ।

ଗ) ହାଇଡ୍ରୋଜେନ ପରମାଣୁର ଗୋଟିଏ ଇଲେକଟ୍ରନ୍ ତାଏ ଏବଂ ଏହା ନିକଟତମ ନିଷ୍କ୍ରିୟ ଗ୍ୟାସର ସଂରଚନା ଲାଭ କରିବାପାଇଁ ଆଉ ଗୋଟିଏ ଇଲେକଟ୍ରନ୍ ଆବଶ୍ୟକ କରିତାଏ ।

ଘ) ତେଣୁ ଗୋଯିଏ କାର୍ବନ ପରମାଣୁ ଏହାର ୪ଟି ଇଲେକଟ୍ରନ୍‌କୁ ୪ଟି ହାଇଡ୍ରୋକାର୍ବନ ପରମାଣୁ ସହଭାଜନ କରି ୪ଟି ସହ ସଂଯୋଜ୍ୟ ବନ୍ଧ ଗଠନ କରିଥାଏ ।

ଙ) କାର୍ବନ ପରମାଣୁ ଓ ହାଇଡ୍ରୋଜେନ ପରମାଣୁ ଯତାକ୍ରମେ ନିକଟତମ ନିଷ୍କ୍ରିୟ ଗ୍ୟାସ୍ ନିୟନ ଓ ହିଲିୟମର ସ୍ଥାୟୀ ସଂରଚନା ଧାରଣ କରିଥାଏ ।

**୧୨) କାର୍ବନକୁ କାହିଁକି ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ କୁହାଯାଏ ?**

ଉ. କ) କାର୍ବନ ଏକ ମୌଳିକ ଯାହାକି ଏକାକୀ ତିନି ଅୟୁତରୁ ଅଧିକ ଯୌଗିକ ସୃଷ୍ଟି କରିପାରେ । କାର୍ବନ ଅନ୍ୟ କାର୍ବନ ପରମାଣୁ ସହବନ୍ଧ ଗଠନ କରି ବୃହତ୍ ଅଣୁ ଗଠନ କରିପାରେ । କାର୍ବନ ମୌଳିକ ଦ୍ୱାରା ଗଠିତ ଯୌଗିକର ସଂଖ୍ୟା ଅନ୍ୟ ସବୁ ମୌଳିକରୁ ଗଠିତ ଯୌଗିକଗୁଡ଼ିକର ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ।

ଖ) ଅକ୍‌ସିଜେନ୍, ହାଇଡ୍ରୋଜେନ୍, ନାଇଟ୍ରୋଜେନ୍, ସଲଫର, କ୍ଲୋରିନ ଓ ଆହୁରି ଅନେକ ମୌଳିକ ସହ କାର୍ବନର ଯୌଗିକ ସୃଷ୍ଟି ହୋଇଥାଏ ।

ଗ) କାର୍ବନର ଛୋଟ ଆକାର ଯୋଗୁଁ କାର୍ବନଦ୍ୱାରା ଗଠିତ ବନ୍ଧ ଶକ୍ତ ହୋଇଥାଏ ।

**୧୩) ପୃକ୍ତ କାର୍ବନ ଯୌଗିକ କ'ଣ ? ଉଦାହରଣ ସହ ବୁଝାଅ ?**

ଉ. କ) ଯେଉଁ ହାଇଡ୍ରୋକାର୍ବନଗୁଡ଼ିକରେ କାର୍ବନ, କାର୍ବନ ମଧ୍ୟରେ ଗୋଟିଏ ଲେଖାଏଁ ସହ ସଂଯୋଜ୍ୟ ବନ୍ଧ ତାଏ, ସେଗୁଡ଼ିକୁ ପୃକ୍ତ ହାଇଡ୍ରୋକାର୍ବନ କୁହାଯାଏ । ଉଦାହରଣ – ମିଥେନ ($CH_4$), ଇଥେନ୍ ($C_2H_6$) ଇତ୍ୟାଦି ।

ଖ) ଏଗୁଡ଼ିକୁ ଆଲକେନ୍ ମଧ୍ୟ କୁହାଯାଏ । ଏହାର ଅଣୁ ସଂକେତ = CnH2n+2

**୧୪) ଅପୃକ୍ତ କାର୍ବନ ଯୌଗିକ କ'ଣ ? ଉଦାହରଣ ସହ ବୁଝାଅ ?**

ଉ. କ) ଯେଉଁ ହାଇଡ୍ରୋକାର୍ବନଗୁଡ଼ିକରେ କାର୍ବନ କାର୍ବନ ମଧ୍ୟରେ ଦୁଇଟି କିମ୍ବା ତିନୋଟି ବନ୍ଧ ରହିତାଏ, ସେଗୁଡ଼ିକୁ ଅପୃକ୍ତ ହାଇଡ୍ରୋକାର୍ବନ କୁହାଯାଏ । ଉଦାହରଣଏଥିନ୍ ($C_2H_4$), ପ୍ରୋପିନ୍ ($C_3H_6$), ବ୍ୟୁଟିନ୍ ($C_4H_8$) ଇତ୍ୟାଦି ।

## ୧୫) ଅପୃକ୍ତ ହାଇଡ୍ରୋକାର୍ବନର ଦହନରୁ କଳାଧୂଆଁ ଓ ହଳଦିଆ ଶିଖା ସୃଷ୍ଟି ହୁଏ କାହିଁକି ?

ଉ. କ) ଅପୃକ୍ତ ହାଇଡ୍ରୋକାର୍ବନଗୁଡ଼ିକ ସାଧାରଣତଃ ସ୍ୱଚ୍ଛଶିଖା ଦେଉଥିବାବେଳେ ଅପୃକ୍ତ କାର୍ବନ ଯୌଗିକଗୁଡ଼ିକ ବହୁପରିମାଣରେ କଳାଧୂଆଁ ସହ ହଳଦିଆ ରଙ୍ଗର ଶିଖା ଦେବ ।

ଖ) ବାୟୁ ଯୋଗାଣକୁ ସୀମିତ କରିଦେଲେ ଏପରିକି ପୃକ୍ତ ହାଇଡ୍ରୋକାର୍ବନଗୁଡ଼ିକ ଅସଂପୂର୍ଣ୍ଣ ଦହନ 'ଲରେ କଳାଧୂଆଁର ଶିଖା ଦେଇଥାଏ ।

## ପ୍ର.୧୬) କିରୋସିନ୍ ଷ୍ଟୋଭରେ ନୀଳଶିଖା କାହିଁକି ସୃଷ୍ଟି ହୁଏ ?

ଉ. କ) ଆମ ଘରଗୁଡ଼ିକରେ ବ୍ୟବହୃତ ହେଉଥିବା ଗ୍ୟାସ/କିରୋସିନ ଷ୍ଟୋଭରେ ବାୟୁ ପାଇଁ ପ୍ରବେଶ ପଥ ତାଏ, ଫଳରେ ଯଥେଷ୍ଟ ପରିମାଣରେ ଅକ୍ସିଜେନଯୁକ୍ତ ମିଶ୍ରଣ ଏକ ସ୍ୱଚ୍ଛ ନୀଳଶିଖା ଦେଇଥାଏ ।

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

1) କାର୍ବନ ଯୌଗିକର ବହୁଳତା ପାଇଁ କେଉଁ ଦୁଇଟି ପ୍ରକୃତି ଦାୟୀ, ଉଦାହରଣ ସହ ବୁଝାଅ ?

**ଉ.** କାର୍ବନ ଯୌଗିକର ବହୁଳତା ପାଇଁ ଦୁଇଟି କାରଣ ରହିଛି, ଯଥା-କାଟିନେସନ ଓ ଚ଼ତୁଃସଂଯୋଜୀ

<u>କାଟିନେସନ୍</u>

i)କାର୍ବନର ଅନ୍ୟ କାର୍ବନ ପରମାଣୁ ସହିତ ବନ୍ଧ ଗଠନ କରି ବୃହତ୍ ଅଣୁ ଗଠନ କରିବାର ଅନ୍ୟ ସାମର୍ଥ୍ୟ ଗୁଣକୁ କାଟିନେସନ କୁହାଯାଏ ।

ii) ଏହି ଯୌଗିକ ଗୁଡ଼ିକ କାର୍ବନର ଦୀର୍ଘ ଶୃଙ୍ଖଳ, କାର୍ବନର ଶାଖାଯୁକ୍ତ ଶୃଙ୍ଖଳ କିମ୍ବା କାର୍ବନ ପରମାଣୁ ଗୁଡ଼ିକର ଚ଼କ୍ରୀୟ ସଜ୍ଜା ଦେଖାଯାଏ ।



(ଦୀର୍ଘ ଶୃଙ୍ଖଳ)



(ଶାଖାଯୁକ୍ତ ଶୃଙ୍ଖଳ)



(ଚ଼କ୍ରୀୟ ସଜ୍ଜା)

(iii) କାର୍ବନ ପରମାଣୁ ଗୁଡ଼ିକ ଏକ ବନ୍ଧ ବା ଦ୍ୱିବନ୍ଧ ବା ତ୍ରିବନ୍ଧ ଦ୍ୱାରା ସଂଯୁକ୍ତ ହୋଇପାରେ । ବନ୍ଧ ଗଠନକୁ ନେଇ କାର୍ବନ ଯୌଗିକକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା- ପୃକ୍ତ ଯୌଗିକ ଓ ଅପୃକ୍ତ ଯୌଗିକ

(iv) କାର୍ବନ ଶହ ଶହ ହାଇଡ୍ରୋଜେନ ସହିତ ସଂଯୁକ୍ତ ହୋଇ ଯୌଗିକ ସୃଷ୍ଟି କରେ । କାର୍ବନ-କାର୍ବନ ବନ୍ଧ ଖୁବ୍ ଶକ୍ତ । ତେଣୁ ତାହା ସ୍ଥାୟୀ ।

### ଚ଼ତୁର୍ଥ ସଂଯୋଜୀ

1.କାର୍ବନ ଯୋଜ୍ୟତା ଚ଼ରି ହୋଇଥିବାରୁ ଏହା କାର୍ବନର ଅନ୍ୟ ଚ଼ରୋଟି ପରମାଣୁ କିମ୍ବା ଏକ ଯୋଜ୍ୟତା ବିଶିଷ୍ଟ ଅନ୍ୟ ମୌଳିକର ପରମାଣୁ ସହ ।

# ୫ମ ଅଧ୍ୟାୟ
# ମୌଳିକ ଗୁଡ଼ିକର ପର୍ଯ୍ୟାୟୀ ଶ୍ରେଣୀକରଣ

୧) ଏବେ ସୁଦ୍ଧା କେତୋଟିମୌଳିକ ଆବିଷ୍କୃତ ହୋଇଛି ?

a) ୧୦୮ b) ୧୧୨

c) ୧୧୮ d) ୧୨୨

୨) କେଉଁ ବୈଜ୍ଞାନିକ ୧୭୧୭ ମସିହାରେ ଅନୁରୂପ ଧର୍ମ ଥିବା ମୌଳିକ ଗୁଡ଼ିକୁ ନେଇ ଗ୍ରୁପ୍ କରି ସଜାଇବାକୁ ଚେଷ୍ଟା କରିଥାଏ ?

a) ମୋସଲି b) ନିଉଲାଣ୍ଡ

c) ଡୁବେରିନର d) ମେଣ୍ଡେଲିଫ

୩) Ca ଓ Bae ପାରମାଣିକ ବସ୍ତୁତ୍ୱର ଝକ୍ସର ପାରମାଣବିକ ବସ୍ତୁତ୍ୱ ସହ ସମାନ । ଏହି ତିନୋଟି ମୌଳିକ ଗୋଟିଏ ଟ୍ରାଇଏଡ଼ରେ ସ୍ଥାନ ପାଇବେ ବୋଲି କିଏ ଦର୍ଶାଇଥିଲେ ?

a) ମୋସଲି b) ନିଉଲାଣ୍ଡ

c) ଡୁବେରିନର d) ମେଣ୍ଡେଲିଫ

୪) ନିଉଲାଣ୍ଡଙ୍କ ଅଷ୍ଟକ ନିୟମରେ ୫୬ତମ ମୌଳିକ ଭାବେ କିଏ ସ୍ଥାନ ପାଇଥିଲା ?

a) As b) Ca

c) Sr d) Th

୫) କେଉଁ ବୈଜ୍ଞାନିକଙ୍କ ଅଷ୍ଟକ ନିୟମରେ ୫୬ତମ ମୌଳିକ ଭାବେ କିଏ ସ୍ଥାନ ପାଇଥିଲା ?

a) ମୋସ୍‌ଲି b) ନିଉଲାଣ୍ଡ

c) ଡୁବେରିନର d) ମେଣ୍ଡେଲିଫ୍

୬) ମେଣ୍ଡେଲି‘ କେତୋଟି ମୌଳିକର ହାଇଡ୍ରାଇଡ୍ ଓ ଅକ୍ସାଇଡ଼ର ଯୋଜ୍ୟତାକୁ ନେଇ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କରିଥିଲେ ?

a) 58 b) 67

c) 72 d) 63

୭) କ୍ଷାରୀୟ ଧାତୁ ଓ ହାଲୋଜେନ୍ ଗ୍ରୁପ୍‌ର ଇଲେକ୍ଟ୍ରୋନିକ୍ ସଂରଚ଼ନା କାହା ସହ ସାମଞ୍ଜସ୍ୟ ରହିଛି ବୋଲି ମେଣ୍ଡେଲି‘ ଦର୍ଶାଇଥିଲେ ?

a) Cl b) Al

c) N d) H

୮) ମେଣ୍ଡେଲି‘ଙ୍କ ପର୍ଯ୍ୟାୟ ସାରଣୀରେ କେଉଁ ତ୍ରୁଟି ଥିଲା ?

a) ଆଇସୋଟୋପ୍‌ର ଅବସ୍ଥିତି

b) ଅମ୍ଳଜରନୀ ଅବସ୍ଥିତି

c) ଧାତୁର ସଂଯୋଜ୍ୟତା

d) ରାସାୟନିକ ଅସାଦୃଶ୍ୟ ମୌଳିକର ଅବସ୍ଥିତି

୯) ମୌଳିକ ଗୁଡ଼ିକରେ ଆଇସୋଟୋପ୍ ଗୁଡ଼ିକର କେଉଁ ଧର୍ମ ଅସମାନ ?

a) ପାରମାଣବିକ ବସ୍ତୁତ୍ୱ

b) ସଂଯୋଜ୍ୟତା

c) ଧାତବୀୟ ଗୁଣ

d) ବଣୀୟତା

୧୦) ଗୋଟିଏ ଗ୍ରୁପ୍ କ୍ରମରେ ଉପରୁ ତଳକୁ ଗଲେ ମୌଳିକ ଗୁଡ଼ିକର କେଉଁ ବୃଦ୍ଧି ଯୋଗୁ ପରମାଣୁ ବ୍ୟାସାର୍ଦ୍ଧ ବୃଦ୍ଧି ପାଏ ?

a) ପରମାଣୁରେ ଗୋଟିଏ ନୂଆ କକ୍ଷ

b) ପାରମାଣବିକ ବସ୍ତୁତ୍ୱ

c) ଧାତବୀୟ ଗୁଣ d) ପରମାଣୁ କ୍ରମାଙ୍କ

୧୧) ଗୋଟିଏ ପର୍ଯ୍ୟାୟ କ୍ରମରେ ବାମରୁ ଡ଼ାହାଣକୁ ଗଲେ ମୌଳିକ ଗୁଡ଼ିକର ପରମାଣୁ ବ୍ୟାସାର୍ଦ୍ଧ କାହିଁକି ହ୍ରାସ ପାଏ ?

a) ପରମାଣୁରେ କକ୍ଷ ସଂଖ୍ୟା ସ୍ଥିର ଯୋଗୁ

b) ପରମାଣୁର ନ୍ୟୁକ୍ଲିୟସରେ ବସ୍ତୁତ୍ୱ ବୃଦ୍ଧି ଯୋଗୁଁ

c) ପରମାଣୁରେ ଇଲେକ୍ଟ୍ରନ ବୃଦ୍ଧି ଯୋଗୁ

d) କହିହେବ ନାହିଁ

୧୨) କେଉଁଟି ଉଭୟ ଧାତୁ ଓ ଅଧାତୁର ଧର୍ମ ପ୍ରଦର୍ଶନ କରନ୍ତି ନାହିଁ ?

a) B b) Si

c) Ge d) Na

୧୩) ଆଧୁନିକ ପର୍ଯ୍ୟାୟ ସାରଣୀରେ କେତୋଟି ଉପଧାତୁ ଅଛି ?

a) 2 b) 3

c) 5 d) 7

୧୪) କେଉଁ ମୌଳିକ ମାନଙ୍କର ଅକ୍ସାଇଡ଼ ମାନେ ଅମ୍ଳୀୟ ?

a) ଧାତବୀୟ b) ଅଧାତବୀୟ

c) ଉଭୟ (a) ଓ (b) d)କେଉଁଟି ନୁହେଁ

୧୫) ଆଧୁନିକ ପର୍ଯ୍ୟାୟ ସାରଣୀରେ ଯଥାକ୍ରମେ କେତୋଟି -ପର୍ଯ୍ୟାୟ ଓ ଗ୍ରୁପ୍ ଅଛି ?

a) 7,18 b) 8,16

c) 7,16 d) 8,18

୧୬) ପ୍ରତି ପର୍ଯ୍ୟାୟରେ ମୌଳିକ ମାନଙ୍କର ବିଦ୍ୟୁତ୍ ଋଣାତ୍ମକତା ବାମରୁ ଡ଼ାହାଣକୁ କିପରି ବଦଳେ ?

a) କମେ b) ବଢ଼େ

c) ବଦଳେ ନାହିଁ

d)ପ୍ରଥମେ ବଢ଼େ ପରେ କମେ

୧୭) ଡୁବେରିନରଙ୍କ କେତୋଟି ଟ୍ରାଇଏଡ଼ ଗଠନ କରିଥିଲେ ?

a) ୨ b) ୩

c) ୪ d) ୫

୧୮) ଏକ ପର୍ଯ୍ୟାଳୟରେ ବାମରୁ ଡ଼ାହାଣକୁ ପରମାଣୁ କ'ଣ ବଦଳେ ନାହିଁ ?

a) ସଂଯୋଜକ ଇଲେକ୍ଟ୍ରନ୍

b) ଯୋଜ୍ୟତା c) କକ୍ଷ ସଂଖ୍ୟା

d) ଧାତବ ପ୍ରକୃତି

୧୯) ଆଧୁନିକ ପର୍ଯ୍ୟାୟ ସାରଣୀରେ ଗ୍ରୁପ-୧୭ର ମୌଳିକକୁ କ'ଣ କୁହାଯାଏ ?

a) ଆଲକାଲି ମେଟାଲ

b) ହାଲୋଜେନ୍ c) ନୋବଲ ଗ୍ୟାସ୍ d)ଆଲକାଲାଇନ୍ ଅର୍ଥ ମେଟାଲ

୨୦) ଆଧୁନିକ ପର୍ଯ୍ୟାୟ ଆରଣ୍ୟରେ ଗ୍ରୁପ୍-୧୮ର ମୌଳିକକୁ କ'ଣ କୁହାଯାଏ ?

a) ଆଲକାଲି ମେଟାଲ

b) ହାଲୋଜେନ୍

c) ନୋବଲ ଗ୍ୟାସ

d) ଆଲକାଲାଇନ୍ ଆର୍ଥ ମେଟାଲ

୨୧) ଆଧୁନିକ ପର୍ଯ୍ୟାୟ ସାରଣୀରେ ସର୍ବନିମ୍ନ ସଂଖ୍ୟକ ମୌଳିକ କେଉଁ ପର୍ଯ୍ୟାୟରେ ଅଛନ୍ତି ?

a) ୧ମ b) ୪**ର୍ଥ**

c) ୭ମ d) ୫ମ **ଥୟ**

୨୨) ଆଧୁନିକ ପର୍ଯ୍ୟାୟ ସାରଣୀରେ ସର୍ବାଧିକ ସଂଖ୍ୟକ ମୌଳିକ କେଉଁ ପର୍ଯ୍ୟାୟରେ ଅଛନ୍ତି ?

a) ୨**ୟ** b) ୪**ର୍ଥ**

c) ୭ମ d) ୫ମ

୨୩) କେଉଁ ମୌଳିକର ୨ୟ କକ୍ଷରେ ଥିବା ଇଲେକ୍ଟ୍ରନ ସଂଖ୍ୟା ୧ମ କକ୍ଷରେ ଥିବା ଇଲେକ୍ଟ୍ରନ୍ ସଂଖ୍ୟାର ଦୁଇଗୁଣ ?

a) ବୋରନ୍ b) କାର୍ବନ

c) ଅକ୍ସିଜେନ d) ନାଇଟ୍ରୋଜେନ୍

୨୪) ଗ୍ରୁପ୍-14ର ଏକ ମୌଳିକର ଇଲେକ୍ଟ୍ରନ୍ ସଂରଚନା 2,8,4 ହେଲେ ତାହା କେଉଁ ପର୍ଯ୍ୟାୟରେ ରହିବ ?

a) 2 b) 3

c) 4 d) 5

୨୫) ଢ ମୌଳିକ ଢଉଖ୍‌୨ସଂକେତ ସହ ଏକ କ୍ଲୋରାଇଡ୍ ସୃଷ୍ଟି କରେ । ତାହା କଠିନ ଓ ଉଚ୍ଚ ଗଳାନାଙ୍କର ଏକ ଯୌଗିକ । ପର୍ଯ୍ୟାୟ ସାରଣୀର କେଉଁ ମୌଳିକ ଗ୍ରୁପ୍‌ରେ ଢ ରହିବାର ସମ୍ଭାବନା ସବୁଠାରୁ ଅଧିକ ?

a) Na b) Mg

c) Al d) Si

୨୫) ଢ ମୌଳିକ ଢଉଖ୍‌୨ସଂକେତ ସହ ଏକ କ୍ଲୋରାଇଡ୍ ସୃଷ୍ଟି କରେ । ତାହା କଠିନ ଓ ଉଚ୍ଚ ଗଳାନାଙ୍କର ଏକ ଯୌଗିକ । ପର୍ଯ୍ୟାୟ ସାରଣୀର କେଉଁ ମୌଳିକ ଗ୍ରୁପ୍‌ରେ ଢ ରହିବାର ସମ୍ଭାବନା ସବୁଠାରୁ ଅଧିକ ?

a) Na b) Mg c) Al d) Si

୨୬) କେଉଁ ମୌଳିକର ଦୁଇଟି କକ୍ଷ ଅଛି ଯାହା ଇଲେକ୍ଟ୍ରନ୍ ଦ୍ୱାରା ଭର୍ତ୍ତିହୋଇଛି ?

a) Al b) Na c) Ne d) F

୨୭) କେଉଁ ମୌଳିକର ଇଲେକ୍ଟ୍ରନ୍ ସଂରଚନା ୨,୮,୨ ?

a) Na b) Mg c) Al d) Si

୨୮) କେଉଁ ମୌଳିକର ସମୁଦାୟ ୩ଟି କକ୍ଷ ଅଛି ଓ ୪ଟି ସଂଯୋଜକ ଇଲେକ୍ଟ୍ରନ୍ ଅଛି ?

a) Na b) Mg

c) Al d) Si

୨୯) ନିମ୍ନୋକ୍ତ କେଉଁ ଗ୍ରୁପ୍‌ର ଅଣୁ ଦୁଇ ପରମାଣୁ ବିଶିଷ୍ଟ ?

a) O, F, Ne b) F, Cl, Br

c) Na, F, Mg d) Na, Mg, S

୩୦) ନିମ୍ନସ୍ଥ କେଉଁଟି ଉପଧାତୁ ଅଟେ ?

a) Na b) B

c) Mg d) ଉ

୩୧) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅଧିକ ଅମ୍ଳୀୟ ?

a) $Al_2O_3$ b) MgO

c) $Na_2O$ d) $K_2O$

୩୨) କେଉଁ ମୌଳିକର ଇଲେକ୍ଟ୍ରନ ସଂରଚନା K(x), L(x+1) ?

a) N b) O

c) F d) Li

୩୩) କେଉଁ ମୌଳିକର ଇଲେକଟ୍ରନ ସଂରଚନା K(n), L(3n) ?

a) N b) Be

c) O d) Ne

୩୪) ନିମ୍ନୋକ୍ତ ମଧ୍ୟରୁ କାହାର ସଂଯୋଜକ ଇଲେକଟ୍ରନ ସଂଖ୍ୟା ସର୍ବାଧିକ ?

a) Na b) Al

c) Si d) P

୩୫) ନିମ୍ନୋକ୍ତ ମଧ୍ୟରୁ କାହାର ପରମାଣୁ ଆକାର ସର୍ବାଧିକ ?

a) Na b) K

c) Ca d) Mg

୩୬) କେଉଁ ମୌଳିକର କକ୍ଷ ସଂଖ୍ୟା ଅଧିକ ?

a) C b) S

c) N d) O

୩୭) ଯୋଜ୍ୟତା ଅନୁଯାୟୀ କେଉଁ କ୍ରମଟି ଠିକ୍ ?

a) Li < Be < O < F

b) O < C < N < Be

c) F < Li < N < O

d) F < Be < N < Li

କେଉଁଟି ଅତି ସହଜରେ ଏନାୟନ୍ ଗଠନ କରିପାରେ ?

a) N b) F

c) S d) O

୩୮) କେଉଁ ଗ୍ରୁପ୍‌ରେ ଉପଧାତୁ ନଥାଏ ?

a) 14 b) 15

c) 16 d) 17

୩୯) ଆଧୁନିକ ପର୍ଯ୍ୟାୟ ସାରଣୀର ବାମପାର୍ଶ୍ୱରେ ଥିବା ମୌଳିକକୁ କ'ଣ କୁହାଯାଏ ?

a) ଧାତୁ b) ଅଧାତୁ

c) ଉପଧାତୁ d) ଅପଧାତୁ

୪୦) ନିଉଲାଣ୍ଡଙ୍କ ଅଷ୍ଟକ ନିୟମରେ ଲିଥିୟମ୍ ସହ କେଉଁଟିର ଧର୍ମର ସାଦୃଶ୍ୟ ଥିଲା ?

a) ଫ୍ଲୋରିନ୍ b) ସୋଡ଼ିୟମ୍

c) ମ୍ୟାଗ୍ନେସିୟମ୍ d) ଆଲୁମିନିୟମ୍

୪୧) ନିଉଲାଣ୍ଡଙ୍କ ଅଷ୍ଟକ ନିୟମରେ କେଉଁ ମୌଳିକ ପର୍ଯ୍ୟନ୍ତ ଏହା ପ୍ରଯୁଜ୍ୟ ଥିଲା ?

a) ସୋଡ଼ିୟମ୍ b) ଏକ ଆଲୁମିନିୟମ୍

c) ଏକ ସିଲିକନ d) ଏକ କ୍ଲୋରିନ୍

୪୨) ମେଣ୍ଡେଲି'ଙ୍କ ଅନୁଯାୟୀ ଗାଲିୟମ୍‌ର ଧର୍ମ କାହା ସହ ସମାନ ?

a) ଏକ ବୋରନ b) ଏକ ଆଲୁମିନିୟମ୍ c) ଏକ ସିଲିକନ d) ଏକ କ୍ଲୋରିନ୍

୪୩) ନିମ୍ନସ୍ଥ କେଉଁ ଗ୍ରୁପ୍ ଟ୍ରାଇଏଡ୍ ଗଠନ କରିପାରିବ ନାହିଁ ?

a) Be, Mg, Ca b) He, Ne, Ar

c) Li, Na, K d) C, Si, Ge

୪୪) ନିମ୍ନୋକ୍ତ ମଧ୍ୟରୁ କିଏ ସହଜରେ ଇଲେକ୍ଟ୍ରନ୍ ତ୍ୟାଗ କରିପାରେ ?

a) Na b) K

c) Cl d) Al

୪୫) ନିମ୍ନସ୍ଥ ମଧ୍ୟରୁ କେଉଁଟି ପରମାଣୁ ବ୍ୟାସାର୍ଦ୍ଧର ବର୍ଦ୍ଧିତ କ୍ରମରେ ଅଛି ?

a) Li, B, C b) N, C, B

c) B, Be, C d) N, Be, O

୪୬) ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀରେ କେଉଁ ଅକ୍ଷରକୁ ମୌଳିକ ରୂପେ ନିଆଯାଇଥିଲା ?

a) P b) Q

c) R d) S

୪୭) ଗ୍ରୁପ୍-13ରେ ଥିବା ଏକ ମୌଳିକ X ର ଅକ୍ସାଇଡ଼ର ସଂକେତ କ'ଣ ?

a) XO b) $X_2O_3$

c) $X_2O_4$ d) $X_2O$

୪୮) ଆଧୁନିକ ପର୍ଯ୍ୟାୟ ସାରଣୀରେ ଲାନ୍ଥାନାଇଡ୍ ଗ୍ରୁପର ମୌଳିକ ମାନେ କେଉଁ ପର୍ଯ୍ୟାୟରେ ସ୍ଥାନ ପାଇଛନ୍ତି ?

a) 5 b) 7

c) 6 d) 3

୪୯) ଆଧୁନିକ ପର୍ଯ୍ୟାୟ ସାରଣୀରେ ତରଳ ହାଲୋଜେନ୍ କିଏ ?

a) Br b) Cl

c) F d) I

**ANSWER**

1. c 2. c 3. c 4. d 5. b 6. d 7. d 8. a 9. a 10. a 11. b 12. d 13. d 14. b 15. a 16. b 17. b 18. c 19. b 20. c 21. a 22. c 23. b 24. b 25. b 26. c 27. b 28. d 29. b 30. b 31. a 32. a 33. c 34. d 35. b 36. b 37. d 38. d 39. a 40. b 41. b 42. b 43. d 44. a 45. b 46. c 47. b 48. c 49. a

## ମୌଳିକ ଗୁଡ଼ିକର ପର୍ଯ୍ୟାୟ ଶ୍ରେଣୀକରଣ ଅତି ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

## (୨ ନମ୍ବର ସମ୍ବଳିତ)

୧) Ca ପରମାଣୁ କ୍ରମାଙ୍କ ୨୦ ଏହା କେଉଁ ପର୍ଯ୍ୟାୟ ଓ କେଉଁ ଶ୍ରେଣୀରେ ରହିବ ? ଏହାର ଯୋଜ୍ୟତା କେତେ ?

ଉ□ର: Ca ର ପରମାଣୁ କ୍ରମାଙ୍କ ୨୦ । ଏହାର ଇଲେକ୍ଟ୍ରନ୍ ସଂରଚନା (୨,୮,୮,୨) ଏହାର ଯୋଜ୍ୟତା ୨ ଅଟେ ।

୨) ଡୁମେରିନରଙ୍କ ଟ୍ରାଇଏଡ ଗଠନର ମୂଳ ନିୟମଟି ଲେଖ ଓ ଉଦାହରଣ ସହ ବୁଝାଅ ।

(କ) ଡୁବେରିନ୍‌ର ତିନୋଟି ଲେଖାଏଁ ମୌଳିକକୁ ନେଇ ଏପରି ସଜାଇଥିଲେ ଯେ ୧ମ ଓ ତୃତୀୟ ମୌଳିକର ପାରମାଣବିକ ବସ୍ତୁତ୍ୱର ହାରାହାରି ୨ୟ ମୌଳିକର ପାରମାଣବିକ ବସ୍ତୁତ୍ୱ ସହ ପ୍ରାୟ ସମାନ ହେଉଥିଲା । ଏହାକୁ ଟ୍ରାଇଏଡର କୁହାଯାଏ ।

(ଖ) ଡୁବେରିନର ଟ୍ରାଇଏଡର ଉଦାହରଣ

N ର ପାରମାଣବିକ ବସ୍ତୁତ୍ୱ ୧୪.୦

P ର ପାରମାଣବିକ ବସ୍ତୁତ୍ୱ ୩୧.୦

As ର ପାରମାଣବିକ ବସ୍ତୁତ୍ୱ ୪୭.୯

N and As ର ହାରାହାରି ପାରମାଣବିକ ବସ୍ତୁତ୍ୱ - ୪୪.୩ ଯାହାକି P ର ପାରମାଣବିକ ବସ୍ତୁତ୍ୱ ସହ ପ୍ରାୟ ସମାନ ।

ଯାହାକି P ର ପାରମାଣବିକ ବସ୍ତୁତ୍ୱ ସହ ପ୍ରାୟ ସମାନ ।

୩) ନିଉଲାଣ୍ଡଙ୍କ ଅଷ୍ଟକ ନିୟମ ଲେଖ ? ଏହାର ଏକ ତ୍ରୁଟି ଲେଖ ।

ଉ:- ନିଉଲାଣ୍ଡଙ୍କ ଅଷ୍ଟମ ନିୟମ - ଯେ କୌଣସି ଗୋଟିଏ ମୌଳିକକୁ ୧ମ ମୌଳିକ ବୋଲି ଧରିଲେ ସେହି ମୌଳିକର ଧର୍ମ ଠିକ୍ ତାହାର ପରବର୍ତ୍ତୀ ଅଷ୍ଟମ ମୌଳିକର ଧର୍ମ ସହ ସମାନ ।

ତ୍ରୁଟି

ନିଉଲାଣ୍ଡଙ୍କ ଅଷ୍ଟକ ନିୟମ ca ପର୍ଯ୍ୟନ୍ତ ପ୍ରଯୁଜ୍ୟ ଥିଲାବେଳେ ପରବ୍ ପ୍ରତି ଅଷ୍ଟମ ମୌଳିକର ଧର୍ମ ୧ମ ମୌଳିକର ଧର୍ମସହ ସମାନ ନଥିଲା

୪) He and Ne କାହିଁକି ଗୋଟିଏ ଗ୍ରୁପରେ ସ୍ଥାନିତ ହୋଇଛନ୍ତି ।

ଉ:- ହିଲିୟମ ଓ ନିୟନର ପରମାଣୁ ମାନଙ୍କର ବ୍ୟହ୍ୟତମ କକ୍ଷରେ ପୂର୍ଣ୍ଣ ସଂଖ୍ୟକ ଇଲେକ୍‌ଟ୍ରନ୍ ଥିବାରୁ ଏବଂ ପ୍ରତ୍ୟେକ ଯୋଜ୍ୟତା (ଶୂନ) ହୋଇଥିବାରୁ ସେମାନଙ୍କୁ ଗୋଟିଏ ଗ୍ରୁପରେ ସ୍ଥାନ ଦିଆଯାଇଛି ।

୫) C,F ମଧ୍ୟରୁ କାହାର ଆକାର ଛୋଟ ଓ କାହିଁକି ?

ଉ:- ଏକ ନିର୍ଦ୍ଦିଷ୍ଟ ଗ୍ରୁପରେ ତଳକୁ ମୌଳିକ ମାନଙ୍କର ଆକାର କ୍ରମାଗତ ବୃଦ୍ଧିପାଏ ଏବଂ ବାମରୁ ଦକ୍ଷିଣକୁ ମୌଳିକ ମାନଙ୍କର ଆକାର କ୍ରମାଗତ ହ୍ରାସପାଏ । ତେଣୁ C ର ଆକାର ବଡ଼ ଓ F ର ଆକାର ସାନ ।

୬) ମେଣ୍ଡଲିଭଙ୍କ ପର୍ଯ୍ୟାୟ ନିୟମ ଓ ଆଧୁନିକ ପର୍ଯ୍ୟାୟ ନିୟମ ମଧ୍ୟରେ ପାର୍ଥକ୍ୟ କ'ଣ ଥିଲା ।

ମେଣ୍ଡଲିଭଙ୍କ ପର୍ଯ୍ୟାୟ ନିୟମ -

କ) ମୌଳିକ ଗୁଡ଼ିକର ଗୁଣ ସେଗୁଡ଼ିକର ପାରମାଣବିକ କ୍ରମାଙ୍କର ପର୍ଯ୍ୟାୟ ଫଳନ । ଏହା ପରମାଣୁର ପ୍ରୋଟନ୍ ସଂଖ୍ୟା ଉପରେ ନର୍ଭର କରେ ।

ଖ) ମୌଳିକ ଗୁଡ଼ିକର ଗୁଣ ସେଗୁଡ଼ିକର ପାରମାଣବିକ କ୍ରମାଙ୍କର ପର୍ଯ୍ୟାୟ 'ଳନ । ଏହା ପରମାଣୁର ପ୍ରୋଟନ୍ ଓ ନ୍ୟୁଟ୍ରନ ସଂଖ୍ୟା ଉପରେ ନିର୍ଭର କରେ ।

୭) ନିଉଲାଣ୍ଡଙ୍କ ଅଷ୍ଟକରେ ଡୁବେରିନ୍‌ରଙ୍କ ଟ୍ରାଇଏଡ୍ ସମୂହ ଦେଖାଯାଏକି ? ଯଦି ହଁ ତେବେ କେଉଁଟି ।

ଉ:- i) ନିଉଲାଣ୍ଡଙ୍କ ଅଷ୍ଟକରେ ଥିବା ସ୍ତମ୍ଭଗୁଡ଼ିକରେ ଡୁବେରିନରଙ୍କ ଟ୍ରାଇଏଡ୍ ସମୂହ ମଧ୍ୟରୁ କେବଳ ଗୋଟିଏ ଟ୍ରାଇଏଡ୍ ଦେଖାଯାଏ ।

ii) ଡୁବେରିନରଙ୍କ ଟ୍ରାଇଏଡ୍ Li, Na, K ନିଉଲାଣ୍ଡଙ୍କ ଗୋଟିଏ ସ୍ତମ୍ଭରେ ସ୍ଥାନ ପାଇଥିଲା ।

୮) (କ) ବିଦ୍ୟୁତ୍ ଯୁକ୍ତାତ୍ମକ ଓ ବିଦ୍ୟୁତ୍‌ବିଯୁକ୍ତାତ୍ମକ ମୌଳିକ କାହାକୁ କୁହନ୍ତି ?

ବିଦ୍ୟୁତ ଯୁକ୍ତାତ୍ମକ ମୌଳିକ

ଯେଉଁ ମୌଳିକମାନଙ୍କର ଇଲେକ୍‌ଟ୍ରନ ପ୍ରଦାନ କରିବାର ପ୍ରବୃତ୍ତି ଥାଏ, ସେମାନଙ୍କୁ ବିଦ୍ୟୁତ ଯୁକ୍ତାତ୍ମକ ମୌଳିକ କୁହାଯାଏ ।

ଉଦାହରଣ - Na (ସୋଡିୟମ୍)

ଖ) ବିଦ୍ୟୁତ ବିଯୁକ୍ତାତ୍ମକ ମୌଳିକ

ଯେଉଁ ମୌଳିକ ମାନଙ୍କର ଇଲେକଟ୍ରନ୍ ଗ୍ରହଣ କରିବାର ପ୍ରବୃତ୍ତିଥାଏ, ସେମାନଙ୍କୁ ବିଯୁକ୍ତାତ୍ମକ ମୌଳିକ କୁହାଯାଏ

ଉଦାହରଣ - Cl (କ୍ଲୋରିନ୍)

୦୯) ଉପଧାତୁ କ'ଣ ? ଉଦାହରଣ ସହ ବୁଝାଅ ।

ଉ:- ଉପଧାତୁ + ଯେଉଁ ମୌଳିକ ଗୁଡ଼ିକ ଉଭୟ ଧାତୁ ଓ ଅଧାତୁର ଗୁଣ ପ୍ରଦର୍ଶନ କରନ୍ତି ସେମାନଙ୍କୁ ଉପଧାତୁ କୁହାଯାଏ ।

(କ) ବୋରନ (ଖ) ସିଲିକନ

(ଗ) ଜର୍ମାନିୟମ (ଘ) ଆର୍ସେନିକ୍

୧୦) ପର୍ଯ୍ୟାୟ ସାରଣୀ କରିବାପାଇଁ ମେଣ୍ଡେଲିଫ କେଉଁ ସବୁ ମାନଦଣ୍ଡ ଉପଯୋଗ କରିଥିଲେ ।

(କ) ମଣ୍ଡେଲିଫ୍ ୬୩ଟି କାର୍ଡ଼ ନେଇ ପ୍ରତି କାର୍ଡ଼ରେ ଗୋଟିଏ ମୌଳିକ ଧର୍ମ ଲେଖିଲେ । ସମଧର୍ମୀ ମୌଳିକମାନଙ୍କୁ ଏକତ୍ରକରି ଏକ ପିନ୍ କ ଦ୍ୱାରା କାନ୍ଥରେ ଲଗାଇଲେ । ସେ ଲକ୍ଷ୍ୟ କଲେ ଯେ ଅଧିକାଂଶ ମୌଳିକକୁ ପର୍ଯ୍ୟାୟ

ସାରଣୀର ଗୋଟିଏ ସ୍ଥାନ ମିଳିଛି ଓ ସେଗୁଡ଼ିକ ପାରମାଣବିକ ବସ୍ତୁତ୍ୱର କ୍ରମରେ ସଜାଇ ହୋଇଛି ।

(ଖ) ଏତଦ୍‌ବ୍ୟତୀତ ଦେଖାଗଲା ଯେ ନିୟମିତ ବ୍ୟବଧାନରେ ସମାନ ପ୍ରକୃତି ବିଶିଷ୍ଟ ମୌଳିକ ମାନଙ୍କର ପୁନରାବୃତ୍ତି ଘଟଛି । ଏହି ତଥ୍ୟକୁ ଭି□ କରି ମେଣ୍ଡେଲିଫ୍ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କରିଥିଲେ ।

୧୧) ନିଷ୍କ୍ରିୟ ଗ୍ୟାସ ଗୁଡ଼ିକୁ କାହିଁକି ଅଲଗା ଗ୍ରୁପରେ ସ୍ଥାନିତ କରାଗଲା ।ଉ:- ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ ହେବାପରେ ନିଷ୍କ୍ରିୟ ଗ୍ୟାସ ଗୁଡ଼ିକ ଆବିଷ୍କୃତ ହେଲା । ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀରେ ଥିବା ବ୍ୟବସ୍ଥାକୁ ଅଦଳବଦଳ ନକରିବା ପାଇଁ ପର୍ଯ୍ୟାୟ ସାରଣୀରେ ନିଷ୍କ୍ରିୟ ଗ୍ୟାସଗୁଡ଼ିକୁ ଏକ ଅଲଗା ଗ୍ରୁପରେ ରଖାଗଲା ।

୧୨) ଧାତବ ପ୍ରକୃତି କ'ଣ? ପର୍ଯ୍ୟାୟ ଓ ଶ୍ରେଣୀରେ ଏହା କିପରି ପରିବର୍ତ୍ତିତ ହୁଏ ?

କ) ଯେଉଁ ମୌଳିକ ଗୁଡ଼ିକ ଧାତବ ଗୁଣ ପ୍ରଦର୍ଶନ କରନ୍ତି, ସେମାନଙ୍କର ଗୁଣକୁ ଉକ୍ତ ମୌଳିକର ଗୁଣକୁ ଉକ୍ତ ମୌଳିକର ଧାତବ ପ୍ରକୃତ କୁହାଯାଏ ।

ଖ) ପ୍ରତି ପର୍ଯ୍ୟାୟରେ ଥିବା ମୌଳିକର ଗୁଡ଼ିକର ଧାତବ ପ୍ରକୃତି ବାମରୁ ଡାହାଣକୁ ହ୍ରାସପାଏ ଓ ପ୍ରତି ଗୁଣରେ ଉପରୁ ତଳ ଆଡ଼କୁ ବୃଦ୍ଧିପାଏ ।

୧୩) ଆଧୁନିକ ପର୍ଯ୍ୟାୟ ସାରଣୀର ଗୋଟିଏ ଗ୍ରୁପ୍‌ରେ ଯୋଜ୍ୟତା ସମାନ ଥିଲାବେଳେ ପର୍ଯ୍ୟାୟତରେ ଏହା ବଦଳେ କାହିଁକି ?

(କ) ଗୋଟିଏ ମୌଳତ୍ର ଯୋଜ୍ୟତାର ଏହାର ପରମାଣୁର ସଂଯୋଜନ ନିର୍ଦ୍ଧାରଣ କରାଯାଏ । ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରୁପରେ ମୌଳିକ ପରମାଣୁମାନଙ୍କର ସଂଯୋଜନ କକ୍ଷରେ ସମାନ ସଂଖ୍ୟକ ଥିବାରୁ ସେମାନଙ୍କର ଯୋଜ୍ୟତା ସମାନ ହୁଏ ।

(ଖ) ଗୋଟିଏ ପର୍ଯ୍ୟାୟରେ ବାମରୁ ଡାହାଣକୁ ଗଲେ ମୌଳିକ ମାନଙ୍କ ପରମାଣୁର ବାହ୍ୟତମ କକ୍ଷରେ ଗୋଟିଏ କରି ଇଲେକ୍‌ଟ୍ରନ୍ ବୃଦ୍ଧିପାଏ । ସେଥିପାଇଁ ପର୍ଯ୍ୟାୟରେ ମୌଳିକ ମାନଙ୍କର ଯୋଜ୍ୟତାରେ ପରିବର୍ତ୍ତନ ଘଟିଥାଏ ।

୧୪) ମୌଳିକ ମାନଙ୍କର ପର୍ଯ୍ୟାୟତା ପାଇଁ ପାରମାଣବିକ ବସ୍ତୁତ୍ୱ ଠାରୁ ପରମାଣୁ କ୍ରମାଙ୍କ ଅଧିକ ଉପଯୋଗୀ କାହିଁକି ?

(କ) ମୌଳିକ ମାନଙ୍କର ପରମାଣବିକ ବସ୍ତୁତ୍ୱରେ ନିୟମିତତା ନଥାଏ କିନ୍ତୁ ସେମାନଙ୍କର ପରମାଣୁ କ୍ରମାଙ୍କରେ ନିୟମିତତା ଥାଏ ।

(ଖ) ଏହା ବ୍ୟତୀତ ମୌଳିକମାନଙ୍କର ପରମାଣୁ କ୍ରମାଙ୍କ ସେମାନଙ୍କର ପରମାଣୁରେଥିବା ଇଲେକଟ୍ରନ ସଂଖ୍ୟାକୁ ବୁଝାଏ । ମୌଳିକ ଧର୍ମ ସେମାନଙ୍କର ପରମାଣୁ ମାନଙ୍କର ବାହ୍ୟତମ କକ୍ଷରେ ଥିବା ଇଲେକଟ୍ରନ ସଂଖ୍ୟ ଉପରେ ନିର୍ଭର କରେ । ଏଥିପାଇଁ ମୌଳିକମାନଙ୍କର ପର୍ଯ୍ୟାୟତାପାଇଁ ପାରମାଣବିକ ବସ୍ତୁତ୍ୱଠାରୁ ପରମାଣୁ କ୍ରମାଙ୍କ ଅଧିକ ଉପଯୋଗୀ ।

୧୫) ଗୋଟିଏ ମୌଳିକର ଇଲେକଟ୍ରନ ସଂରଚନା ୨,୮,୬ ଏହାର ନାମ ଯୋଜ୍ୟତା ଲେଖ ।

ଉ:- ମୌଳିକର ଇଲେକଟ୍ର ସଂରଚନା ୨,୮,୬ ଏହାର ପରମାଣୁ କ୍ରମାଙ୍କ ୧୬ ଉକ୍ତ ମୌଳିକର ନାମ ସଲ'ର ଏହାର ଯୋଜଗ୍ୟତା ୨

## ମୌଳିକ ଗୁଡ଼ିକର ପର୍ଯ୍ୟାୟ ଶ୍ରେଣୀ କରଣ

## (ସଂକ୍ଷିପ୍ତ ଉ□ର ମୂଳକ ପ୍ରଶ୍ନ ୩ ନମ୍ବର ସମ୍ବଳିତ)

1. ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀର ସଫଳତା କ'ଣ ସବୁ ଥିଲା ?

i. ମେଣ୍ଡେଲିଫ ତାଙ୍କର ପର୍ଯ୍ୟାୟ ସାରଣୀରେ ମୌଳିକ ଗୁଡ଼ିକୁ ସେମାନଙ୍କର ପରମାଣବିକ ବସ୍ତୁତ୍ୱର ବର୍ଦ୍ଧିତ କ୍ରମରେ ସଜାଇଥିଲେ, କିନ୍ତୁ କେତେକ ସାମାନ୍ୟ ଅଧିକ ପରମାଣବିକ ବସ୍ତୁତ୍ୱର ମୌଳିକ ପୂର୍ବରୁ ସ୍ଥାନିତ କରିଥିଲେ । ଏହା ଦ୍ୱାରା

ସଧର୍ମୀ ମୌଳିକ ଗୁଡ଼ିକ ଏକତ୍ର ଶ୍ରେଣୀ ବଦ୍ଧ ହୋଇପାରିଥିଲେ ।

ii. ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସରଣୀରେ କେତେଗୁଡ଼ିକ ଖାଲିସ୍ଥାନ ଥିଲା । ଏହିଠାରେ ନୂତନ ଆବିଷ୍କୃତ ମୌଳିକ ସ୍ଥାନ ପାଇବ ବୋଲି ସେ ଦର୍ଶାଇଥିଲେ । ନୂତନ ମୌଳିକ ଗୁଡ଼କ କେଉଁ ଗ୍ରୁପରେ ସ୍ଥାନ ପାଇବ ବୋଲି ସେହି ଗ୍ରୁପର ପରବର୍ତ୍ତୀ ମୌଳିକର ନାମ ପୂର୍ବରୁ ସଂସ୍କୃତ ଶବ୍ଦ ଏକ ଯୋଗ କରାଯିବ । iii. ହିଲିୟମ, ନିୟନ, ଆର୍ଗନ ଭଳି ନୋବଲ ଗ୍ୟାସ ଗୁଡ଼ିକ ବିଳମ୍ବରେ ଆବିଷ୍କୃତ ହେଲେ ମଧ୍ୟ ସଫଳତାର ସହ ସେଗୁଡ଼ିକୁ ଏକ ନୂଆ ଗ୍ରୁପରେ ସ୍ଥାନିତ କରାଯାଇପାରିଥିଲା ।

2. ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀର ବିଫଳତା ଆଲୋଚନା କର ।

i. ହାଇଡ୍ରୋଜେନର ଇଲେକ୍ଟ୍ରନ ସଂରଚନା ଓ ହାଲୋଜେନ ଗୁଡ଼ିକ ସହ ପ୍ରତିକ୍ରିୟା କ୍ଷାରୀୟ ଧାତୁମାନଙ୍କ ସହ ସମାନ ଅଟେ ।

ii. ଅପରପକ୍ଷରେ ଏକ ହାଲୋଜେନ ଭଳି ଦୁଇ ପରମାଣୁ ବିଶିଷ୍ଟ ଅଣୁ ଓ ଅନ୍ୟ ଅଧାତୁ ସହ ସହ ସଂଯୋଜ୍ୟ ଯୌଗିକ ଗଠନ କରେ, ଅର୍ଥାତ୍ ହାଇଡ୍ରୋଜେନକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯାଇ ପାରିବ ନାହିଁ ।

iii. ଏହି ପର୍ଯ୍ୟାୟରେ ସାରଣୀରେ ଗୋଟିଏ ମୌଳିକ ପରବର୍ତ୍ତୀ ମୌଳିକକୁ ଗଲାବେଳେ ପରମାଣବିକ ବସ୍ତୁତ୍ୱ ଏକ ନିୟମିତ ଧାରାରେ ବୃଦ୍ଧି ହେଉନଥିବାରୁ ଦୁଇଟି ମୌଳିକ ମଧ୍ୟରେ କେତୋଟି ନୂଆ ମୌଳିକ ଆବିଷ୍କୃତ ହୋଇପାରିବ, ତାହାର ପୂର୍ବାଭାସ ଦେବା ସମ୍ଭବ ନଥିଲା ।

3. ଡୁବେରିନଙ୍କ ଟ୍ରାଇଏଡ଼ କ'ଣ ବୁଝାଅ ।

i. ଜର୍ମାନ ବୈଜ୍ଞାନିକ ଜେ.ଡବ୍ଲୁ ଡୁବେରିନ ୧୮୧୭ ମସିହାରେ ଅନୁରୂପ ଧର୍ମ ଥିବା ମୌଳିକମାନଙ୍କୁ ସେମାନଙ୍କ ପରମାଣବିକ ବସ୍ତୁତ୍ୱର ବର୍ଦ୍ଧିତ କ୍ରମରେ ମୌଳିକମାନଙ୍କୁ ସଜାଇଥିଲେ ।

ii. ସେ ସମାନ ଧର୍ମ ଥିବା ୩ଟି ଲେଖାଏଁ ମୌଳିକକୁ ନେଇ ଗୋଟିଏ ଲେଖାଏଁ ଗ୍ରୁପ ତିଆରି କଲେ ।

ଡୁବେରିନଙ୍କ ଟ୍ରାଇଏଡ ସମୂହ

| | | |
|---|---|---|
| Li | Ca | Cl |
| Na | Sr | Br |
| K | Ba | I |

iii. ଏହି ସାରଣୀରେ ପ୍ରତ୍ୟେକ ଗ୍ରୁପକୁ ଗୋଟିଏ ଗୋଟିଏ ଟ୍ରାଇଏଡ କୁହାଗଲା । ଏହି ଟ୍ରାଇଏଡ ଗୁଡ଼ିକରେ ଥିବା ପ୍ରଥମ ଓ ତୃତୀୟ ମୌଳିକ ର ପାରମାଣବିକ ବସ୍ତୁତ୍ୱର ହାରାହାରି ଦ୍ୱିତୀୟ ମୌଳିକର ପରମାଣବିକ ବସ୍ତୁତ୍ୱ ସହ ସମାନ ।

ଯଥା :- Ca, Sr, Ba ଏକା ଗ୍ରୁପରେ ଅଛନ୍ତି । ଏଠାରେ Ca, Ba ର ହାରାହାରି ପରମାଣବିକ ବସ୍ତୁତ୍ୱ =

$$\frac{40.1+137.3}{2} = 88.7$$

ଏହା Sr ର ପରମାଣବିକ ବସ୍ତୁତ୍ୱ ସହ ପ୍ରାୟ ସମାନ ଅଟେ ।

4. ନିଉଲାଣ୍ଡଙ୍କ ଅଷ୍ଟକ ନିୟମରେ ତ୍ରୁଟି କ'ଣ ଥିଲା ବୁଝାଅ ।

i. ନିଉଲାଣ୍ଡଙ୍କ ଅଷ୍ଟକ ନିୟମ କ୍ୟାଲସିୟମ୍ ପର୍ଯ୍ୟନ୍ତ ପ୍ରଯୁଜ୍ୟ ଥିଲାବେଳେ ପରବର୍ତ୍ତୀ ପ୍ରତି ଅଷ୍ଟକ ମୌଳିକର ଧର୍ମ ପ୍ରଥମ ମୌଳିକର ଧର୍ମ ସହ ସମାନ ନଥିଲା ।

ii. ନିଉଲାଣ୍ଡ ମାତ୍ର ୫୬ଟି ମୌଳିକକୁ ତାଙ୍କ ସାରଣୀରେ ସ୍ଥାନ ଦେଇଥିଲେ ଏବଂ ଆଉ ପ୍ରକୃତିରେ ମୌଳିକ ନାହାନ୍ତି ବୋଲି ତାଙ୍କ ଧାରଣା ଥିଲା । କିନ୍ତୁ ପରେ ଅନେକ ମୌଳିକ ଆବିଷ୍କୃତ ହେଲା ଏବଂ ସେଗୁଡ଼ିକୁ ତାଙ୍କ ସାରଣୀରେ ସ୍ଥାନ ଦିଆଯିବା ସମ୍ଭବ ହେଲାନାହିଁ ।

iii. ସେ କେତେକ କ୍ଷେତ୍ରରେ ମୌଳିକ ଗୁଡ଼ିକୁ ଖାପଖୁଆଇବା ପାଇଁ ଦୁଇଟି ମୌଳିକକୁ ଏକା ସ୍ଥାନରେ ରଖିଥିଲେ ଓ କେତେକ ଅସମଧର୍ମୀ ମୌଳିକକୁ ଏକ ସ୍ୱର ଘରେ ସ୍ଥାନିତ କରିଥିଲେ ।

5. ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀରେ ଥିବା ଅସଙ୍ଗତିକୁ ଆଧୁନିକ ପର୍ଯ୍ୟାୟ ସାରଣୀ କିପରି ଦୂରକରିପାରିଲା ?

i. ମୌଳିକ ମାନଙ୍କର ପରମାଣୁ କ୍ରମାଙ୍କ ପୂର୍ଣ୍ଣ ସଂଖ୍ୟା ହୋଇଥିବାରୁ ସେମାନଙ୍କୁ କ୍ରମଅନୁସାରେ ରଖା ଯାଇପା ii. ମେଣ୍ଡଲିଫ୍ଙ୍କ ପର୍ଯ୍ୟାୟ ସାରଣୀ ଭଳି ଏଥିରେ କୌଣସି ଶୂନ୍ୟସ୍ଥାନ ଆବଶ୍ୟକ ପଡ଼ିଲା ନାହିଁ ।

iii. ଆଇସୋଟପ ଗୁଡ଼ିକୁ ସମାନ ପରମାଣୁ କ୍ରମାଙ୍କ ଥିବା ହେତୁ ଆଧୁନିକ ପର୍ଯ୍ୟାୟ ସାରଣୀରେ ସ୍ଥାନ ଦେବା ଅସୁବିଧା ହେଲା ନାହିଁ ।

6. ଏକ ମୌଳିକର ଇଲେକ୍ଟ୍ରନ୍ ସଂରଚନା ସହ ଆଧୁନିକ ପର୍ଯ୍ୟାୟ ସାରଣୀର କଣ ସମ୍ପର୍କ ରହିଛି ?

i. କୌଣସି ମୌଳିକର ଇଲେକ୍ଟ୍ରନ୍ ସଂରଚନା ରୁ ଆମେ ଦୁଇଟି ତଥ୍ୟ ପାଇଥାଉ ଯଥା ଉକ୍ତ ମୌଳିକର ସେଲ ସଂଖ୍ୟା ଓ ଉକ୍ତ ମୌଳିକ ପରମାଣୁର ବାହ୍ୟ ତମ କକ୍ଷରେ ଥିବା ଇଲେକ୍ଟ୍ରନ୍ ସଂଖ୍ୟା ।

ii. ମୌଳିକ ପରମାଣୁ ର ସେଲ ସଂଖ୍ୟା ଯେତିକି ଉକ୍ତ ମୌଳିକଟି ସେହି ପର୍ଯ୍ୟାୟ ମୌଳିକ ଅର୍ଥାତ ଯଦି ଏକ ମୌଳିକର ପରମାଣୁର ୩ ଟି କକ୍ଷ ଥାଏ ତେବେ ତାହା ତୃତୀୟ ପର୍ଯ୍ୟାୟରେ ମୌଳିକ ।

iii. ମୌଳିକ ପରମାଣୁର ବାହ୍ୟତମ କକ୍ଷରେ ଥିବା ଇଲେକ୍ଟ୍ରନ୍ ସଂଖ୍ୟା ତାହାର ଗ୍ରୁପକୁ ସୂଚାଏ ଅର୍ଥାତ୍ ଯଦି ଏକ ମୌଳିକର ବାହ୍ୟତମ କକ୍ଷରେ ଦୁଇଟି ଇଲେକ୍ଟ୍ରନ୍ ଥାଏ ତେବେ ତାହା ଦ୍ୱିତୀୟ ପର୍ଯ୍ୟାୟରେ ମୌଳିକ - ଉଦା:- ମାଗ୍ନେସିୟମ୍ ର ଇଲେକ୍ଟ୍ରନ୍ ସଂରଚନା (2,8,2) ଏହା ତୃତୀୟ ପର୍ଯ୍ୟାୟ ଓ ଦ୍ୱିତୀୟ ଗ୍ରୁପର ମୌଳିକ ।

7. ଆଧୁନିକ ପର୍ଯ୍ୟାୟ ସାରଣୀର ନିର୍ଦ୍ଦିଷ୍ଟ ଗ୍ରୁପ ରେ ମୌଳିକ ମାନଙ୍କର ଧାତବ ଓ ଅଧାତବ ଗୁଣ କିପରି ବଦଳେ ।

i. ଆଧୁନିକ ପର୍ଯ୍ୟାୟ ସାରଣୀରେ ବାମରୁ ଡାହାଣକୁ ମୌଳିକ ମାନଙ୍କର ପରମାଣୁର ନିଉକ୍ଲିୟସରେ ଗୋଟିଏ ଲେଖାଏ ଯୁକ୍ତ ଚାର୍ଜ ବୃଦ୍ଧିପାଇବା ସହ ଇଲେକ୍ଟ୍ରନ୍ ସଂଖ୍ୟା ମଧ୍ୟ ବୃଦ୍ଧିପାଏ ।

ii. ଏହି କାରଣରୁ ପରମାଣୁ ମାନଙ୍କର ନିଉକ୍ଲିୟସ ର ବାହ୍ୟତମ କକ୍ଷ ରେ ଥିବା ଇଲେକ୍ଟ୍ରନ୍ ପ୍ରତି ଆକର୍ଷଣ ବଳ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ବାମରୁ ଡାହାଣକୁ ବୃଦ୍ଧିପାଏ ।

iii. ଏହି କାରଣରୁ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ବାମରୁ ଡାହାଣ ମୌଳିକ ମାନଙ୍କର ବିଦ୍ୟୁତଯୁକ୍ତାତ୍ମକତା କ୍ରମଶଃ ବୃଦ୍ଧିପାଏ ଅର୍ଥାତ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ବାମରୁ ଡାହାଣକୁ ଧାତବ ଗୁଣ ହ୍ରାସ ପାଏ ଓ ଅଧାତବ ଗୁଣ ବୃଦ୍ଧିପାଏ, ଉଦା- ସ୍ୱରୂପ ଦ୍ୱିତୀୟ ପର୍ଯ୍ୟାୟରେ ବାମରୁ Li ଓ Be ଧାତୁ ତାପରେ B ଏକ ଉପଧାତୁ ଓ ପରବର୍ତ୍ତୀ ମୌଳିକ ଗୁଡ଼ିକ ଯଥା C, N, O, F ଓ Ne ଅଧାତୁ ଅଟନ୍ତି ।

8. ହାଇଡ୍ରୋଜେନର କ୍ଷାରୀୟ ଧାତୁ ଓ ହାଲୋଜେନ ମୌଳିକ ସହ କେଉଁପ୍ରକାର ସାମଞ୍ଜସ୍ୟ ରହିଛି ?

i. ହାଇଡ୍ରୋଜେନ, କ୍ଷାରୀୟ ଧାତୁ (Na, Li ଓ K) ଇତ୍ୟାଦି କରି ହାଲୋଜେନ (F, Cl, Br, I) ଇତ୍ୟାଦି । ଅକ୍ସିଜେନ ଓ ସଲଫର ସହ ସଂଯୁକ୍ତ ହୋଇ ଏକାଭଳି ସଙ୍କେତର ଯୌଗିକ ସୃଷ୍ଟିକରେ ।

ii. ପୁନଶ୍ଚ ହାଇଡ୍ରୋଜେନ ହାଲୋଜେନ ଭଳି ଦୁଇ ପରମାଣୁ ବିଶିଷ୍ଟ ଅଣୁ ଗଠନ କରିବା ସହ

ଅନ୍ୟ ଅଧାତୁ ସହ ପ୍ରତିକ୍ରିୟା କରି ସହ ସଂଯୋଜ୍ୟ ବନ୍ଧ ଗଠନ କରେ ।

9. ଯୋଜ୍ୟତା କହିଲେ କଣ ବୁଝ ? ପର୍ଯ୍ୟାୟରେ ଏହାର କିପରି ପରିବର୍ତ୍ତନ ଘଟେ, ଉଦାହରଣ ଦିଅ ?

i. କୌଣସି ମୌଳିକର ପରମାଣୁର ସଂଯୋଜନ କ୍ଷମତାକୁ ତାହାର ଯୋଜ୍ୟତା କୁହାଯାଏ ।

ii. କୌଣସି ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ବାମରୁ ଡାହାଣକୁ ମୌଳିକ ମାନଙ୍କର ଯୋଜ୍ୟତା ପ୍ରଥମେ ବୃଦ୍ଧିପାଏ ଓ ପରେ ପୁନର୍ବାର ହ୍ରାସ ପାଏ ।

iii. ଦ୍ୱିତୀୟ ପର୍ଯ୍ୟାୟର ମୌଳିକ ରୁ ଏହାର ସତ୍ୟତା ପ୍ରତିପାଦିତ ହୁଏ ।

10. ଉପଧାତୁ କାହାକୁ କହନ୍ତି ? ଚାରୋଟି ଉପଧାତୁର ଉଦାହରଣ ଦିଅ ?

ଯେଉଁ ମୌଳିକ ମାନେ ଉଭୟ ଧାତୁ ଓ ଅଧାତୁର ଗୁଣ ପ୍ରଦର୍ଶନ କରନ୍ତି ସେମାନଙ୍କୁ ଉପଧାତୁ କୁହାଯାଏ ।

ଚରୋଟି ଉପଧାତୁର ଉଦାହରଣ ହେଲା :- ୧. ବୋରନ (B), ୨. ସିଲିକନ (Si), ୩. ଆର୍ସେନିକ (As), ୪. ଜର୍ମାନିୟମ (Ge)

11. ଗ୍ରୁପରେ ମୌଳିକ ମାନଙ୍କର ଧର୍ମ କିପରି ବଦଳେ ବୁଝାଅ ?

ଗ୍ରୁପରେ ମୌଳିକ ମାନଙ୍କର ନିମ୍ନଲିଖିତ ଧର୍ମ ବଦଳିଥାଏ, ଯଥା

i. ଯୋଜ୍ୟତା - ପ୍ରତି ଗ୍ରୁପରେ ଥିବା ମୌଳିକ ମାନଙ୍କର ଯୋଜ୍ୟତା ସମାନ ହୋଇଥାଏ ।

ii. ପରମାଣୁର ଆକାର - ପ୍ରତି ଗ୍ରୁପରେ ଉପରୁ ତଳ ଆଡ଼କୁ ପରମାଣୁର ଆକାର ବୃଦ୍ଧି ପାଏ, କାରଣ ପ୍ରତି ସୋପାନରେ ଗୋଟିଏ ଲେଖାଏଁ ନୂତନ ପରମାଣୁ ସଂଯୁକ୍ତ ହୁଏ, ଫଳରେ ବାହ୍ୟତମ କକ୍ଷ ଓ ନିଉକ୍ଲିଅସ ମଧ୍ୟରେ ଦୂରତା ବୃଦ୍ଧିପାଏ ।

iii. ଧାତବ ପ୍ରକୃତି - ଗୋଟିଏ ଗ୍ରୁପରେ ଉପରେ ତଳ ଆଡ଼କୁ ମୌଳିକ ଗୁଡ଼ିକର ଧାତବ ଗୁଣ ବୃଦ୍ଧି ପାଏ ।

iv. ରାସାୟନିକ ପ୍ରତିକ୍ରିୟା ଶୀଳତା - ଗୋଟିଏ ଗ୍ରୁପରେ ଉପରୁ ତଳ ଆଡ଼କୁ ଧାତୁ ଗୁଡ଼ିକର ରାସାୟନିକ କ୍ରିୟାଶୀଳତା ବୃଦ୍ଧିପାଏ ।

# ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

**୧. ଆଲୋକ କେଉଁ ଗୁଣ ପ୍ରଦର୍ଶନ କରେ ?**

a. କେବଳ ତରଙ୍ଗ b. କେବଳ କଣିକା

c. ଉଭୟ କାଣିକା ଓ ତରଙ୍ଗ d. କୌଣସିଟି ନୁହେଁ

**୨. ଆଲୋକର ପ୍ରତିଫଳନ ବେଳେ ଆପତନ କୋଣ ଓ ପ୍ରତିଫଳନ କୋଣ ମଧ୍ୟରେ କି ସମ୍ପର୍କ ଥାଏ ?**

a. $i > r$ b. $i > r$

c. $i = r$ d. ସମସ୍ତ

**୩. ଆଲୋକର ଗତିପଥରେ ଅସ୍ୱଚ୍ଛ ବସ୍ତୁ ଯୋଗୁ ଗତିପଥ ବଙ୍କେଇ ଯିବାକୁ କ'ଣ କୁହାଯାଏ ।**

a. ପ୍ରତିଫଳନ b. ପ୍ରତିସରଣ

c. ବିକୀର୍ଣ୍ଣନ d. ପ୍ରକୀର୍ଣ୍ଣନ

**୪. ସମତଳ ଦର୍ପଣରେ ଗଠିତ ପ୍ରତିବିମ୍ବର ପ୍ରକୃତି କିପରି ହୋଇଥାଏ ?**

a. ସଳଖ ଓ ବାସ୍ତବ b. ସଳଖ ଓ ଆଭାସୀ c. ଓଲଟା ଓ ବାସ୍ତବ d. ଓଲଟା ଓ ଆଭାସୀ

**୫. ସମତଳ ଦର୍ପଣରେ ଗଠିତ ପ୍ରତିବିମ୍ବରେ ବସ୍ତୁ ତୁଳନାରେ ପ୍ରତିବିମ୍ବର କ'ଣ ପରିବର୍ତ୍ତନ ହୁଏ ?**

a. ଉଚ୍ଚତା b. ଦୂରତା

c. ପାର୍ଶ୍ୱ d. ଉଚ୍ଚତା ଓ ଦୂରତା

୬. ବର୍ତ୍ତୁଳାକାର ଦର୍ପଣ ଯେଉଁ ଗୋଲକର ଅଂଶ ହୋଇଥାଏ, ସେହି ଗୋଲକର କେନ୍ଦ୍ରକୁ କ'ଣ କୁହାଯାଏ ?

a. ଫୋକସ୍ b. ପୋଲ

c. ବକ୍ରତା କେନ୍ଦ୍ର d. ଆଲୋକ କେନ୍ଦ୍ର

୭. ଅବତଳ ଦର୍ପଣର ବକ୍ରତା କେନ୍ଦ୍ର ଦର୍ପଣର କେଉଁ ଠାରେ ରହେ ?

a. ପୃଷ୍ଠରେ b. ଆଗପଟେ

c. ପଛପଟେ d. କହିହେବ ନାହିଁ

୮. ଉତ୍ତଳ ଦର୍ପଣର ବକ୍ରତା କେନ୍ଦ୍ର ଦର୍ପଣର କେଉଁ ଠାରେ ଅବସ୍ଥାନ କରେ ?

a. ପୃଷ୍ଠରେ b. ଆଗପଟେ

c. ପଛପଟେ d. କହିହେବ ନାହିଁ

୯. ଯେଉଁ ସରଳରେଖା ବର୍ତ୍ତୁଳାକାର ଦର୍ପଣର ପୋଲ୍ ଓ ବକ୍ରତା କେନ୍ଦ୍ରକୁ ଯୋଗ କରୁଥାଏ, ତାକୁ କ'ଣ କୁହାଯାଏ ?

a. ପ୍ରମୁଖ ଅକ୍ଷ b. ବକ୍ରତା ବ୍ୟାସାର୍ଦ୍ଧ

c. ଫୋକସ୍ ଦୂରତା d. କେଉଁଟି ନୁହେଁ

୧୦. ଏକ କ୍ଷୁଦ୍ର ଦ୍ୱାରକ ବିଶିଷ୍ଟ ବର୍ତ୍ତୁଳାକାର ଦର୍ପଣର ବକ୍ରତା ବ୍ୟାସାର୍ଦ୍ଧ ଓ ଫୋକସ୍ ଦୂରତା ମଧ୍ୟରେ ସମ୍ପର୍କ କ'ଣ ?

a. $f = 2R$ b. $R = 2f$

c. $\frac{1}{R} = \frac{1}{F}$ d. $\frac{1}{R} - \frac{1}{F} = 0$

୧୧. ଅବତଳ ଦର୍ପଣରେ ବସ୍ତୁଟି ଅନନ୍ତ ଦୂରତାରେ ରହିଲେ ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?

a. f ଓ c ମଧ୍ୟରେ b. ଅନନ୍ତ ଦୂରତାରେ c. f ଠାରେ d. c ପରେ

୧୨. ଅବତଳ ଦର୍ପଣରେ ବସ୍ତୁ କେଉଁଠି ରହିଲେ ପ୍ରତିବିମ୍ବ **c** ଠାରେ ସୃଷ୍ଟି ହୁଏ ?

a. c ଓ f ମଧ୍ୟରେ b. e ଠାରେ

c. f ଠାରେ d. p ଓ f ମଧ୍ୟରେ

୧୩. ଅବତଳ ଦର୍ପଣରେ ବସ୍ତୁ କେଉଁଠି ରହିଲେ ପ୍ରତିବିମ୍ବ ଆଭାସୀ ଓ ସଳଖ ସୃଷ୍ଟି ହୁଏ ?

a. c ଠାରେ b. c ଓ f ମଧ୍ୟରେ

c. f ଠାରେ d. p ଓ f ମଧ୍ୟରେ

୧୪. ଅବତଳ ଦର୍ପଣରେ ବସ୍ତୁ P ଓ F ମଧ୍ୟରେ ରହିଲେ ପ୍ରତିବିମ୍ବ କେଉଁଠି ସୃଷ୍ଟି ହୁଏ ?

a. c ଠାରେ b. ଦର୍ପଣ ପଛପଟେ c. f ଓ c ମଧ୍ୟରେ d. ଅନନ୍ତ ଦୂରରେ

୧୫. ଅବତଳ ଦର୍ପଣରେ ମୁଖ୍ୟ ଅକ୍ଷ ସହ ସମାନ୍ତର ହୋଇ ଆସୁଥିବା ଗୋଟିଏ ରଶ୍ମି ପ୍ରତିଫଳିତ ହୋଇ କାହା ମଧ୍ୟ ଦେଇ ଗତି କରେ ?

a. C b. F c. R d. P

୧୬. ଟର୍ଚ୍ଚ ଓ ସନ୍ଧାନୀ ଆଲୋକରେ କେଉଁ ଦର୍ପଣ ବ୍ୟବହାର କରାଯାଏ ?

a. ଉତ୍ତଳ b. ଅବତଳ

c. ସମତଳ d. କେଉଁଟି ନୁହେଁ

୧୭. ସୌରଚୁଲାରେ ସୂର୍ଯ୍ୟାଲୋକକୁ କେନ୍ଦ୍ରୀଭୂତ କରିବା ପାଇଁ କେଉଁ ଦର୍ପଣ ବ୍ୟବହାର କରାଯାଏ ?

a. ଉତ୍ତଳ b. ଅବତଳ

c. ସମତଳ d. କେଉଁଟି ନୁହେଁ

୧୮. ଉତ୍ତଳ ଦର୍ପଣରେ ବସ୍ତୁ ଅନନ୍ତ ଦୂରତାରେ ଥିଲେ ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?

a. ଦର୍ପଣର ଆଗପଟେ b. ଦର୍ପଣ ପଛପଟେ c. f ଠାରେ d. f ଠାରେ ଓ ଦର୍ପଣର ପଛପଟେ

୧୯. ଉତ୍ତଳ ଦର୍ପଣରେ ବସ୍ତୁ ଅନନ୍ତ ଦୂରତାରେ ଥିଲେ ପ୍ରତିବିମ୍ବର ପ୍ରକୃତି କ'ଣ ହେବ ?

a. କ୍ଷୁଦ୍ର, ବାସ୍ତବ, ସଳଖ

b. ବିଲସମ, ଆଭାସୀ, ସଳଖ

c. ବିଲସମ, ବାସ୍ତବ, ଓଲଟା

d. କ୍ଷୁଦ୍ର, ଆଭାସୀ, ସଳଖ

୨୦. ଆଗ୍ରା ଦୁର୍ଗର କାନ୍ଥରେ କେଉଁ ପ୍ରକାରର ଦର୍ପଣ ବ୍ୟବହୃତ ହୋଇଛି ?

a. ଉତ୍ତଳ b. ଅବତଳ

c. ସମତଳ d. କହିହେବ ନାହିଁ

୨୧. ଯାନବାହାନରେ ପଛ ପାଖ ଦେଖିବା ପାଇଁ କେଉଁ ଦର୍ପଣ ବ୍ୟବହାର ହୁଏ ?

a. ଉତ୍ତଳ b. ଅବତଳ

c. ସମତଳ d. କହିହେବ ନାହିଁ

୨୨. କାର୍ଟେସିଆନ୍ ପ୍ରଥା ଅନୁସାରେ କାହାକୁ ମୂଳ ବିନ୍ଦୁ ରୂପେ ନିଆଯାଏ ?

a. P b. O

c. F d. E

୨୩. କାର୍ଟେସିଆନ୍ ପ୍ରଥା ଅନୁସାରେ ଦର୍ପଣର ପ୍ରମୁଖ ଅକ୍ଷକୁ କେଉଁ ଅକ୍ଷ ରୂପେ ନିଆଯାଏ ?

a. x - ଅକ୍ଷ b. y - ଅକ୍ଷ

c. z - ଅକ୍ଷ d. d - ଅକ୍ଷ

୨୪. ବର୍ତ୍ତୁଳାକାର ଦର୍ପଣରେ **p** ଠାରୁ ବସ୍ତୁର ଦୂରତାରୁ କେଉଁ ଅକ୍ଷର ନିଆଯାଏ ?

a. u b. v

c. f d. r

୨୫. ବର୍ତ୍ତୁଳାକାର ଦର୍ପଣରେ **p** ଠାରୁ ପତିବିମ୍ବର ଦୂରତାକୁ କେଉଁ ଅକ୍ଷର ନିଆଯାଏ ?

a. u b. v

c. f d. r

୨୬. ବର୍ତ୍ତୁଳାକାର ଦର୍ପଣର ଫୋକସ୍ ଦୂରତା, ବସ୍ତୁ ଦୂରତା, ପ୍ରତିବିମ୍ବ ଦୂରତା ମଧରେ ଥିବା ସମ୍ପର୍କଟି କ'ଣ ?

a. $\frac{1}{f}+\frac{1}{v}=\frac{1}{u}$ b. $\frac{1}{v}+\frac{1}{u}=\frac{1}{f}$

c. v + u = f d. $\frac{1}{v}+\frac{1}{u}=\frac{1}{f}$

୨୭. ପରିବର୍ଦ୍ଧନକୁ କାହାର ଅନୁପାତ ରୂପେ ପ୍ରକାଶ କରାଯାଏ ?

a. $\frac{u}{v}$ b. $\frac{-u}{v}$

c. $\frac{v}{u}$ d. $\frac{-v}{u}$

୨୮. ବସ୍ତୁ ପ୍ରମୁଖ ଅକ୍ଷର ଉପର ଆଡ଼କୁ ରହିଥିଲେ ବସ୍ତୁ ଉଚ୍ଚତା କ'ଣ ହୋଇଥାଏ ?

a. + b. -

c. + d. କେଉଁଟି ନୁହେଁ

୨୯. ବାସ୍ତବ ପ୍ରତିବିମ୍ବ ପାଇଁ ଉଚ୍ଚତା କ'ଣ ହୋଇଥାଏ ?

a. + b. -

c. o d. କହିହେବ ନାହିଁ

୩୦. ଆଭାସୀ ପ୍ରତିବିମ୍ବ ପାଇଁ ଉଚ୍ଚତା କ'ଣ ହୋଇଥାଏ ?

a. + b. -

c. o d. କହିହେବ ନାହିଁ

୩୧. ଆଲୋକ ତୀର୍ଯ୍ୟକ୍ ଭାବରେ ଗୋଟିଏ ମାଧମରୁ ଅନ୍ୟ ଏକ ମାଧମକୁ ପ୍ରବେଶ କଲେ ତା'ର ସଂଚାରଣ ଦିଗ ଦ୍ୱିତୀୟ ମଧାମରେ ବଦଳିଯାଏ । ଏହାକୁ କ'ଣ କୁହାଯାଏ ?

a. ପ୍ରତିଫଳନ b. ପ୍ରତିସରଣ

c. ବିକୀର୍ଣ୍ଣନ d. ପ୍ରକୀର୍ଣ୍ଣନ

୩୨.ପ୍ରତିସରଣାଙ୍କ = ?

a. $\frac{\sin i}{\sin r}$ b. sin i . sin r

c. $\frac{\sin r}{\sin i}$ d. sin i + sin r

୩୩. ଦୁଇଟି ନିର୍ଦ୍ଦିଷ୍ଟ ମାଧମ ପାଇଁ ଦିଗ ପରିବର୍ତ୍ତନ କାହା ଉପରେ ନିର୍ଭର କରେ ?

a. ଆଲୋକର ବର୍ଣ୍ଣ b. ପ୍ରତିସରଣାଙ୍କ

c. ଉଭୟ d. କହିହେବ ନାହିଁ

୩୪. ସମତଳ ଦର୍ପଣର ପରିବର୍ଦ୍ଧନ କ୍ଷମତା କେତେ ?

a. 0 b. + 1

c. 2 d. - 1

୩୫. ମୁଖ୍ୟ ଅକ୍ଷ ସହ ସମାନ୍ତର ଆଲୋକ ରଶ୍ମି ପ୍ରତିଫଳନ ପରେ ପରସ୍ପରକୁ ଯେଉଁ ବିନ୍ଦୁରେ ଛେଦ କରନ୍ତି, ସେ ବିନ୍ଦୁକୁ କ'ଣ କୁହାଯାଏ ?

a. ପୋଲ୍ b. ବକ୍ରତା କେନ୍ଦ୍ର

c. ଆଲୋକ କେନ୍ଦ୍ର d. ଫୋକସ୍

**୩୬. ଅବତଳ ଦର୍ପଣର ଫୋକସ୍ ଦେଇ ଗତି କରୁଥିବା ରଶ୍ମି କିପରି ପ୍ରତିଫଳିତ ହୋଇଥାଏ ?**

a. ବକ୍ରତା କେନ୍ଦ୍ର ଦେଇ

b. ମୁଖ୍ୟ ଅକ୍ଷ ସହ ସମାନ୍ତର ହୋଇ

c. ଫୋକସ୍ ଦେଇ d. ଦ୍ୱାରକ ସହ ଲମ୍ବ ହୋଇ

**୩୭. ଏକ ଦର୍ପଣର ପୋକସ୍ ଦୂରତା 1.5 ମି. ହେଲେ ବକ୍ରତା ବ୍ୟାସାର୍ଦ୍ଧ କେତେ ?**

a. 2m b. 3m

c. 2.5m d. 1.5m

**୩୮. ଆଲୋକ ରଶ୍ମି ଲଘୁ ମାଧ୍ୟମରୁ ଘନ ମାଧ୍ୟମକୁ ଗଲେ କ'ଣ ପରିବର୍ତ୍ତନ ହୁଏ ?**

a. ଅଭିଲମ୍ବ ଆଡ଼କୁ ବଙ୍କାଇବା

b. ଅଭିଲମ୍ବରୁ ଦୂରେଇବ

c. ସରଳ ରେଖାରେ ଗତିକରେ d. କହିହେବ ନାହିଁ

**୩୯. କୌଣସି ମାଧ୍ୟମର ପରମ ପ୍ରତିସରଣାଙ୍କ $n_{21}$ ର ମାନ କେତେ ?**

a. $\frac{v2}{v1}$ b. $\frac{v1}{v2}$

c. $\frac{c}{v}$ d. $\frac{v}{c}$

**୪୦. ଉତ୍ତଳ ଲେନ୍ସର କେଉଁ ବିନ୍ଦୁ ଦେଇ ଆଲୋକ ରଶ୍ମି ଗତି କଲେ ବିପଥନ ହୁଏ ନାହିଁ ।**

a. ବକ୍ରତା କେନ୍ଦ୍ର b. ଫୋକସ୍ ବିନ୍ଦୁ

c. ଆଲୋକ କେନ୍ଦ୍ର d. ଦ୍ୱାରକ

**୪୧. କେଉଁ ଲେନ୍ସ ସର୍ବଦା ସଳଖ ଓ ଆଭାସୀ ପ୍ରତିବିମ୍ବ ସୃଷ୍ଟି କରେ ?**

a. ଉତ୍ତଳ b. ଅବତଳ

c. ସମତଳ d. କୌଣସିଟି ନୁହେଁ

**୪୨. ଲେନ୍ସ ସୂତ୍ରଟି କ'ଣ ?**

a. $\frac{1}{v}+\frac{1}{u}=\frac{1}{f}$ b. $\frac{1}{v}-\frac{1}{u}=\frac{1}{f}$

c. $\frac{1}{u}-\frac{1}{v}=\frac{1}{f}$ d. $\frac{1}{f}+\frac{1}{v}=\frac{1}{u}$

**୪୩. ଲେନ୍ସର ପାୱାର P = ?**

a. $\frac{1}{f}$ ମି.$^{-1}$ b. $\frac{1}{f}$ ସେ.ମି.$^{-1}$

c. $\frac{f}{2}$ d. $\frac{r}{2}$

**୪୪. SI ପଦ୍ଧତିରେ ଲେନ୍ସର ପାୱାରର ଏକକ କ'ଣ ?**

a. ହର୍ଜ୍ଜ b. ଡେସିବେଲ

c. ଡାୟାପ୍ଟର d. ମିଟର

**୪୫. ଗୋଟିଏ ଲେନ୍ସର ପାୱାର +2.0 D ହେଲେ ଏହା କି ପ୍ରକାରର ଲେନ୍ସ ?**

a. ଉତ୍ତଳ b. ଅବତଳ

c. ସମତଳ d. କୌଣସିଟି ନୁହେଁ

**୪୬. ଜଳରେ ନିମଜ୍ଜିତ ମୁଦ୍ରା ଆଲୋକର କେଉଁ ପ୍ରକ୍ରିୟା ଯୋଗୁ ଉପରକୁ ଉଠିଲା ପରି ଦେଖାଯାଏ ?**

a. ପ୍ରତିଫଳନ b. ପ୍ରତିସରଣ

c. ବିକୀର୍ଣ୍ଣନ d. ଆପତନ

**୪୭.ଗୋଟିଏ ଲେନ୍ସର ପାୱାର +2.0 D ହେଲେ ଏହାର ଫୋକସ୍ ଦୂରତା କେତେ ?**

a. 2m b. 4m

c. 0.5.m d. 1m

**୪୮. କେଉଁ ଲେନ୍ସକୁ ଅଭିସାରୀ ଲେନ୍ସ କୁହାଯାଏ ?**

a. ଉତ୍ତଳ b. ଅବତଳ

c. ସ୍ତମ୍ଭାକା d. କେଉଁଟି ନୁହେଁ

**୪୯. କେଉଁ ଲେନ୍ସକୁ ଅପସାରୀ ଲେନ୍ସ କୁହାଯାଏ ?**

a. ଉତ୍ତଳ b. ଅବତଳ

c. ସ୍ତମ୍ଭାକାର d. କେଉଁଟି ନୁହେଁ

**୫୦. ଜଳର ପ୍ରତିସରଣାଙ୍କ କେତେ ?**

a. 1.33 b. 2.33

c. 1.31 d. 1.46

**୫୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ଲେନ୍ସ ତିଆରିରେ ବ୍ୟବହାର କରାଯାଇପାରିବ ନାହିଁ ?**

a. ଜଳ b. ମାଟି

c. କାଚ d. ପ୍ଲାଷ୍ଟିକ୍

**୫୨. ନିମ୍ନସ୍ଥ ମଧ୍ୟରୁ କାହାର ବସ୍ତୁତ୍ୱ ଘନତା ଜଳ ଠାରୁ କମ୍ ମାତ୍ର ପ୍ରତିସରଣାଙ୍କ ଅଧିକ ?**

a. ରୁବି b. ହୀରା

c. କିରୋସିନ୍ d. ବାୟୁ

## ANSWER

| | | | | | |
|---|---|---|---|---|---|
| 1.c | 2.c | 3.c | 4.b | 5.c | 6.c |
| 7.b | 8.c | 9.a | 10.b | 11.c | 12.b |
| 13.d | 14.b | 15.b | 16.b | 17.b | 18d |
| 19.b | 20.a | 21.a | 22.a | 23.a | 24.a |
| 25.b | 26.a | 27.d | 28.a | 29.b | 30.a |
| 31.b | 32.a | 33.b | 34.b | 35.d | 36.b |
| 37.b | 38.a | 39.b | 40.c | 41.b | 42.b |
| 43.a | 44.c | 45.a | 46.b | 47.c | 48.a |
| 49.b | 50.a | 51.b | 52.c | | |

# ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର (୨ ନମ୍ବର)

**Q.1 ଆଲୋକର ଦ୍ୱୈତ ପ୍ରକୃତି କାହାକୁ କୁହାଯାଏ ?**

ଉ : i. ଆଧୁନିକ କ୍ୱାଣ୍ଟମ ତତ୍ତ୍ୱ ଅନୁସାରେ ଆଲୋକ କେବଳ ତରଙ୍ଗ ନୁହେଁ କି କେବଳ କଣିକା ନୁହେଁ ।

ii. ଆଲୋକ ତରଙ୍ଗ ଓ କଣିକା ଉଭୟର ଗୁଣ ପ୍ରଦର୍ଶନ କରେ । ଏହାକୁ ଆଲୋକର ଦ୍ୱୈତ ପ୍ରକୃତି କୁହାଯାଏ ।

**Q.2 ବର୍ତ୍ତୁଳାକାର ଦର୍ପଣର ବକ୍ରତା କେନ୍ଦ୍ର କହିଲେ କ'ଣ ବୁଝ ?**

ଉ : i. ବର୍ତ୍ତୁଳାକାର ଦର୍ପଣର ପ୍ରତିଫଳନ ପୃଷ୍ଠ ଗୋଲକ ପୃଷ୍ଠର ଏକ ଅଂଶ ଅଟେ । ବର୍ତ୍ତୁଳାକାର ଦର୍ପଣ ଯେଉଁ ଗୋଲକର ଅଂଶ ହୋଇଥାଏ ସେହି ଗୋଲକର କେନ୍ଦ୍ରକୁ ବର୍ତ୍ତୁଳାକାର ଦର୍ପଣର ବକ୍ରତା କେନ୍ଦ୍ର କୁହାଯାଏ ।

ii. ଏହାକୁ ସାଧାରଣତଃ (c) ଅକ୍ଷର ଦ୍ୱାରା ଚିହ୍ନିତ କରାଯାଏ । ବକ୍ରତା କେନ୍ଦ୍ର ଦର୍ପଣ ଉପରେ ନଥାଇ ଏହା ଦର୍ପଣର ବାହାରେ ଥାଏ ।

**Q.3 ଦର୍ପଣର ବକ୍ରତା ବ୍ୟାସାର୍ଦ୍ଧ ଓ ଫୋକସ୍ ଦୂରତା କାହାକୁ କୁହାଯାଏ ? ଏମାନଙ୍କ ମଧ୍ୟରେ ସମ୍ପର୍କ କ'ଣ ?**

ଉ : i. ଦର୍ପଣ ଯେଉଁ ଗୋଲକର ଅଂଶ ହୋଇଥାଏ, ସେହି ଗୋଲକର ବ୍ୟାସାର୍ଦ୍ଧକୁ ବକ୍ରତା ବ୍ୟାସାର୍ଦ୍ଧ କୁହାଯାଏ କିନ୍ତୁ ଦର୍ପଣର ପୋଲ୍ ଓ ଫୋକସ୍ ମଧ୍ୟରେ ଥିବା ଦୂରତାକୁ ଫୋକସ୍ ଦୂରତା କୁହାଯାଏ ।

ii. ଦର୍ପଣରେ ବକ୍ରତା ବ୍ୟାସାର୍ଦ୍ଧ ଏହାର ଫୋକସ୍ ଦୂରତାର ଦୁଇଗଣ ଅଟେ । ଅର୍ଥାତ୍ **R = 2f**

**Q.4 ଯାନଗୁଡ଼ିକରେ ସାମନାପଟେ ଗୋଟିଏ କଡ଼କୁ ଉତ୍ତଳ ଦର୍ପଣ କାହିଁକି ବ୍ୟବହାର କରାଯାଏ ?**

ଉ : i. ଯାନଗୁଡ଼ିକରେ ସାମନାପଟେ ଗୋଟିଏ କଡ଼କୁ ଉତ୍ତଳ ଦର୍ପଣ ଲାଗିଥାଏ । ଏହାଦ୍ୱାରା ଗାଡ଼ିଚାଳକ ତା'ର ପଛରୁ ଆସୁଥିବ ଅନ୍ୟ ଯାନ ଗୁଡ଼ିକୁ ଦେଖିପାରେ ଓ ସେହି ଅନୁସାରେ ନିରାପଦ ଭାବେ ନିଜ ଗାଡ଼ି ଚଲାଏ ।

ii. ଉତ୍ତଳ ଦର୍ପଣରେ ସର୍ବଦା ସଳଖ ଓ ଛୋଟ ପ୍ରତିବିମ୍ବ ସୃଷ୍ଟି ହୋଇଥାଏ ।

**Q.5 ପରିବର୍ଦ୍ଧନ କହିଲେ କ'ଣ ବୁଝ ?**

ଉ : i. ବର୍ତ୍ତୁଳାକାର ଦର୍ପଣରେ ବସ୍ତୁର ପ୍ରତିବିମ୍ବ ସୃଷ୍ଟି ହୋଇଥିଲା ବେଳେ ବସ୍ତୁର ଆକାର ତୁଳନାରେ ପ୍ରତିବିମ୍ବ କେତେ ପରିମାଣର ବର୍ଦ୍ଧିତ ହୋଇଛି,

ତାହାକୁ ବର୍ତ୍ତୁଳାକାର ଦର୍ପଣ ଦ୍ୱାରା ସୃଷ୍ଟି ହୋଇଥିବା ପରିବର୍ଦ୍ଧନ କୁହାଯାଏ ।

ii. ପରିବର୍ଦ୍ଧନକୁ 'm' ଅକ୍ଷର ଦ୍ୱାରା ଚିହ୍ନିତ କରାଯାଏ । ଏହାକୁ ପ୍ରତିବିମ୍ବର ଉଚ୍ଚତା ଓ ବସ୍ତୁର ଉଚ୍ଚତାର ଅନୁପାତ ଦ୍ୱାରା ପ୍ରକାଶ କରାଯାଏ ।

**Q.6 ଆଲୋକର ପ୍ରତିସରଣର ଦୁଇଟି ନିୟମ କ'ଣ ?**

ଉ : i. ଆପତିତ ରଶ୍ମି, ପ୍ରତିସୃତ ରଶ୍ମି ଓ ଆପତନ ବିନ୍ଦୁ ଠାରେ ଦୁଇଟି ସ୍ୱଚ୍ଛ ମାଧ୍ୟମର ବ୍ୟବଧାନ ପୃଷ୍ଠ ପ୍ରତି ଅଙ୍କିତ ଅଭିଲମ୍ବ ଗୋଟିଏ ସମତଳରେ ରହେ ।

ii. ଦୁଇଟି ନିର୍ଦ୍ଦିଷ୍ଟ ମାଧ୍ୟମ ଓ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଣ୍ଣର ଆଲୋକ ପାଇଁ ଆପତନ କୋଣର ସାଇନ୍ ଓ ପ୍ରତିସରଣ କୋଣର ସାଇନର ଅନୁପାତ ଏକ ସ୍ଥିରାଙ୍କ । $\frac{\sin i}{\sin r}$ = ସ୍ଥିରାଙ୍କ

**Q.7 ଉତ୍ତଳ ଲେନ୍ସରେ ବସ୍ତୁ ଆଲୋକ କେନ୍ଦ୍ର ଓ ଫେକାସ୍ ମଧ୍ୟରେ ରହିଲେ ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ଓ ଏହାର ଆକାର, ପ୍ରକୃତି କ'ଣ ହେବ ?**

ଉ : i. ଉତ୍ତଳ ଲେନ୍ସରେ ବସ୍ତୁଟି ଆଲୋକକେନ୍ଦ୍ର ଓ ଫୋକସ୍ ମଧ୍ୟରେ ରହିଲେ ପ୍ରତିବିମ୍ବଟି ବସ୍ତୁ ଯେଉଁ ପାର୍ଶ୍ୱରେ ରହିଛି ସେହି ପାର୍ଶ୍ୱରେ ସୃଷ୍ଟି ହେବ ।

ii. ଏହି ପ୍ରତିବିମ୍ବଟି ବର୍ଦ୍ଧିତ, ଆଭାସୀ ଓ ସଳଖ ହେବ ।

**Q.8 ଲେନ୍ସର ପାୱାର କହିଲେ କ'ଣ ବୁଝ ? ଯେତେବେଳେ ଦୁଇ କିମ୍ବା ଅଧିକ ଲେନ୍ସକୁ ଏକାଠି ରଖାଯାଏ ତେବେ ମିଳିତ ପାୱାର କେତେ ହେବ ?**

ଉ : i. ଲେନ୍ସର ଆଲୋକ ରଶ୍ମିକୁ ଅପସାରଣ ବା ଅଭିସାରଣ କରିବାର ମାତ୍ରା ବା କ୍ଷମତାକୁ ଲେନ୍ସର ପାୱାର କୁହାଯାଏ । ତେଣୁ P = (ଏଠାରେ = ଫୋକସ୍ ଦୂରତା P = ଲେନ୍ସର ପାୱାର)

ii. SI ଏକକରେ ଲେନ୍ସର ପାୱାର ଡାୟପଟର୍ ଯଦି $P_1$, $P_2$ ଓ $P_3$ ପାୱାର ହୁଏ, ତେବେ ସମୂହ ପାୱାର $P = P_1, + P_2 + P_3$ ହେବ ।

**Q.9 ଦୁଇଟି ଲେନ୍ସର ପାୱାର ଯଥାକ୍ରମେ 3.5D ଓ 2.5D । ଲେନ୍ସକୁ ପରସ୍ପର ଲଗାଇ ରଖିଲେ ପାୱାର ଓ ଫୋକସ୍ ଦୈର୍ଘ୍ୟ କେତେ ହେବ ?**

ଉ : i. ଲେନ୍ସର ସମୂହ ପାୱାର

$P = P_1 + P_2 + P_{3.}$

5D + (-2.5D) = + 1 D

ii. $f = \frac{1}{p} = \frac{1}{1} = 1$ ମି.

ଏଠାରେ ମିଶ୍ରିତ ଲେନ୍ସ ଉତ୍ତଳ ଲେନ୍ସ ପରି କାମ କରିବ ।

**Q.10 ଏକ ସମତଳ ଦର୍ପଣରେ ପରିବର୍ଦ୍ଧନ m = + 1 ଅଟେ ଏହାର ଅର୍ଥ କ'ଣ ?**

ଉ : i. m = + 1 ର ଅର୍ଥ, ପ୍ରତିବିମ୍ବର ଉଚ୍ଚତା ବସ୍ତୁର ଉଚ୍ଚତା ସହ ସମାନ ।

ii. ଯୁକ୍ତ ଚିହ୍ନଟିରୁ ଜଣାଯାଏ, ପ୍ରତିବିମ୍ବ ସଳଖ ଓ ଆଭାସୀ ହେବ ।

**Q.11 ଏକ ଅବତଳ ଓ ଉତ୍ତଳ ଲେନ୍ସକୁ ଜଳ ମଧ୍ୟରେ ରଖିଲେ ସେଗୁଡ଼ିକର ଫୋକସ୍ ଦୈର୍ଘ୍ୟରେ କି ପରିବର୍ତ୍ତନ ଘଟିବ ?**

ଉ : i. ଦର୍ପଣର ଫୋକସ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରେ ନାହିଁ । ତେଣୁ ପାଣି ଭିତରେ ଅବତଳ ଫୋକସ୍ ଦୈର୍ଘ୍ୟ ଅପରିବର୍ତ୍ତିତ ରହିବ ।

ii. କିନ୍ତୁ ଲେନ୍ସର ଫୋକସ୍ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରୁଥିବାରୁ ପାଣି ଭିତରେ ଉତ୍ତଳ ଲେନ୍ସର ଫୋକସ୍ ଦୈର୍ଘ୍ୟ ବଦଳିବ ।

**Q.12 ଗୋଟିଏ ଲେନ୍ସର ପାୱାର +2.5 D । ଏହାର ଫୋକସ୍ ଦୂରତା କେତେ ? ଏହା କି ପ୍ରକାରର ଲେନ୍ସ ?**

ଉ:i. P = + 2.5 D

$P = \frac{1}{f} \Rightarrow f = \frac{1}{p} = \frac{1}{2.5}$ ମି.

$=\frac{1000}{25}$ ସେ.ମି = 40 ସେ.ମି

ii. ଯେହେତୁ ଲେନ୍‌ସର ପାୱାର ଯୁକ୍ତାତ୍ମକ ତେଣୁ ଏହା ଏକ ଅଭିସାରୀ ଲେନ୍‌ସ ।

# ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩ ନମ୍ବର)

**Q.1 ବର୍ତ୍ତୁଳାକାର ଦର୍ପଣରେ ପ୍ରତିଫଳନରେ ପ୍ରଚଳିତ ସଂକେତ ଗୁଡ଼ିକୁ ଉଲ୍ଲେଖ କର ?**

ଉ : i. ବସ୍ତୁକୁ ସର୍ବଦା ଦର୍ପଣର ବାମପାର୍ଶ୍ୱରେ ରଖାଯାଏ । ପ୍ରମୁଖ ଅକ୍ଷ ସହିତ ସମାନ୍ତର ରହିଥିବା ଦୂରତା ଗୁଡ଼ିକୁ ଦର୍ପଣର ପୋଲ୍ ଠାରୁ ମପାଯାଏ ।

ii. ଯେଉଁ ଦୂରତାକୁ ମୂଳବିନ୍ଦୁର ଡାହାଣ ଆଡ଼କୁ ଅକ୍ଷ ଦିଗରେ ମପାଯାଏ, ତାହାକୁ ଯୁକ୍ତାତ୍ମକ ଓ ଯାହା ମୂଳ ବିନ୍ଦୁର ବାମ ଆଡ଼କୁ ଅକ୍ଷ ଦିଗରେ ମପାଯାଏ ତାହାକୁ ବିଯୁକ୍ତାତ୍ମକ ନିଆଯାଏ ।

iii. ପ୍ରମୁଖ ଅକ୍ଷର ଉପର ଆଡ଼କୁ ଅକ୍ଷରେ ଲମ୍ବ ଭାବରେ ଯେଉଁ ଦୂରତା ବା ଉଚ୍ଚତା ମପାଯାଏ ତାହାକୁ ଯୁକ୍ତାତ୍ମକ ଓ ପ୍ରମୁଖ ଅକ୍ଷର ତଳ ଆଡ଼କୁ ଅକ୍ଷ ଦିଗରେ ଲମ୍ବ ଭାବରେ ଯେଉଁ ଦୂରତା ମପାଯାଏ, ତାହାକୁ ବିଯୁକ୍ତାତ୍ମକ ନିଆଯାଏ ।

**Q.2 . ଗୋଟିଏ ଅବତଳ ଦର୍ପଣର ଫୋକସ୍ ଦୂରତା ୩୦ ସେ.ମି । ବସ୍ତୁଟି ଦର୍ପଣ ସମ୍ମୁଖରେ କେଉଁ ଠାରେ ରହିଲେ ପ୍ରତିବିମ୍ବର ଆକାର ବସ୍ତୁର ଆକାରର ୩ ଗୁଣ ହେବ ?**

ଉ : i. ଯଦି ବସ୍ତୁଟିର ପ୍ରତିବିମ୍ବ ବାସ୍ତବ ଓ ଓଲଟା ହୁଏ,

$m = \frac{-v}{u} = -3$ , v = 3u, f = –30 ସେ.ମି.

$\frac{1}{v} + \frac{1}{u} = \frac{1}{f} \Rightarrow \frac{1}{3u} + \frac{1}{u} = \frac{1}{-30}$

$\Rightarrow \frac{4}{3u} = \frac{1}{-30}$ = u = - 40 ସେ.ମି.

∴ ବସ୍ତୁଟି ଦର୍ପଣ ସମ୍ମୁଖରେ 40 ସେ.ମି. ଦୂରରେ ରହିବ ।

ii. ଯଦି ପ୍ରତିବିମ୍ବ ସଳଖ ଓ ଆଭାସୀ ହୁଏ,

$m = \frac{-v}{u} = 3 \quad \therefore v = -3u$

$\therefore \frac{1}{v} + \frac{1}{u} = \frac{1}{f}$

$\Rightarrow \frac{1}{v} + \frac{1}{-3u} = \frac{1}{-30}$

$\Rightarrow \frac{1}{v} - \frac{1}{3u} = \frac{-1}{30}$

$\Rightarrow$

$\Rightarrow \frac{3-1}{3u} = \frac{1}{-30} \Rightarrow \frac{2}{3u} = \frac{1}{-30}$

$\Rightarrow$ u = –20 ସେ.ମି.

∴ ବସ୍ତୁଟି ଦର୍ପଣ ସମ୍ମୁଖରେ 20 ସେ.ମି. ଦୂରେ ରହିବା ଆବଶ୍ୟକ ।

**Q.3 ୧୮ ସେ.ମି. ଫୋକସ୍ ଦୂରତା ବିଶିଷ୍ଟ ଏକ ଅବତଳ ଦର୍ପଣର ୨୭ ସେ.ମି. ସମ୍ମୁଖରେ ୭ ସେ.ମି. ଆକାରର ବସ୍ତୁ ରଖାଯାଇଛି । ଦର୍ପଣ ଠାରୁ କେତେ ଦୂରରେ ଏକ ପରଦା ରଖିଲେ ତାହା ଉପରେ ଫୋକସ୍ ହୋଇଥିବା ଏକ ତୀକ୍ଷ୍ଣ ପ୍ରତିବିମ୍ବ ସୃଷ୍ଟି ହେବ ? ଏଠାରେ ପ୍ରତିବିମ୍ବର ଆକାର ଓ ପ୍ରକୃତି କ'ଣ ହେବ ?**

ଉ : ଏଠାରେ h = 7 ସେ.ମି., u = –27 ସେ.ମି., f = –18 ସେ.ମି.

ଦର୍ପଣ ସୂତ୍ର ଅନୁଯାୟୀ

$\Rightarrow \frac{1}{f} = \frac{1}{u} + \frac{1}{v}$

$\Rightarrow \frac{1}{v} = \frac{1}{f} - \frac{1}{u} = \frac{1}{-18} - \frac{1}{-27}$

$\Rightarrow \frac{-1}{18} + \frac{1}{27} = \frac{-3+2}{54} = \frac{-1}{54}$

$\therefore$ v = –54 ସେ.ମି.

ଦର୍ପଣ ସମ୍ମୁଖରେ 54 ସେ.ମି. ଦୂରତାର ପ୍ରତିବିମ୍ବ ଗଠିତ ହେବ । ତେଣୁ ପରଦାକୁ ଦର୍ପଣ ଠାରୁ ୫୪ ସେ.ମି. ଦୂରତାରେ ରଖିବା ଉଚିତ ।

ଏଠାରେ ପ୍ରତିବିମ୍ବ ବାସ୍ତବ ଓ ଓଲଟା ହେବ ।

ପୁନଶ୍ଚ, $m = \frac{h'}{h} = \frac{-v}{u} = h' = \frac{-vh}{u}$

$= \frac{-(-54) X 7}{-27} = -14$ ସେ.ମି.

ଏଠାରେ ପ୍ରତିବିମ୍ବର ଆକାର ବସ୍ତୁର ଆକାର ଠାରୁ ବଡ଼ ହେବ ।

**Q.4 ୧୦ସେ.ମି ଫୋକସ୍ ଦୂରତା ବିଶିଷ୍ଟ ଏକ ଉତ୍ତଳ ଦର୍ପଣ ଠାରୁ ୧୫ ସେ.ମି. ଦୂରରେ ଗୋଟିଏ ବସ୍ତୁ ଅଛି । ଏହାର ପ୍ରତିବିମ୍ବର ସ୍ଥିତି ଓ ପ୍ରକୃତି ନିର୍ଣ୍ଣୟ କର ।**

ଉ : i. ଏଠାରେ u = –15 ସେ.ମି., f = 10 ସେ.ମି.

ଦର୍ପଣ ସୂତ୍ର ଅନୁଯାୟୀ

$\Rightarrow \frac{1}{v} + \frac{1}{u} = \frac{1}{f}$

$\Rightarrow \frac{1}{v} = \frac{1}{f} - \frac{1}{u} = \frac{1}{10} - \frac{1}{-15}$

$\Rightarrow \frac{1}{10} + \frac{1}{15} = \frac{3+2}{30} = \frac{5}{30}$

$\Rightarrow \frac{1}{v} = \frac{5}{30}$

$\Rightarrow$ v = 6 ସେ.ମି.

ii. ପ୍ରତିବିମ୍ବ ଦର୍ପଣ ପଛପଟେ ୬ ସେ.ମି. ଦୂରତାରେ ଗଠିତ ହେବ । ଏହା ଆଭାସୀ, ସଳଖ ଓ ବସ୍ତୁ ଠାରୁ ସାନ ହେବ ।

**Q.5 ବାସ୍ତବ ପ୍ରତିବିମ୍ବ ଓ ଆଭାସୀ ପ୍ରତିବିମ୍ବ ମଧ୍ୟରେ ୩ଟି ପାର୍ଥକ୍ୟ ଲେଖ ।**

**ଉ : ବାସ୍ତବ ପ୍ରତିବିମ୍ବ — ଆଭାସୀ ପ୍ରତିବିମ୍ବ**

i. ଆଲୋକ ରଶ୍ମି ପ୍ରତିଫଳନ କିମ୍ବା ପ୍ରତିସରଣ i. ଆଲୋକ ରଶ୍ମି ପ୍ରତିଫଳନ କିମ୍ବା ପ୍ରତିସରଣ ପରେ ପରେ ଗୋଟିଏ ବିନ୍ଦୁରେ ମିଳିତ ହେଲେ ଗୋଟିଏ ବିନ୍ଦୁରେ ମିଳିତ ହେଲା ପରି ଦେଖାଗଲେ ବାସ୍ତବ ପ୍ରତିବିମ୍ବ ଗଠିତ ହୁଏ । ଆଭାସୀ ପ୍ରତିବିମ୍ବ ଗଠିତ ହୁଏ ।

ii. ଏହାକୁ ପରଦାରେ ଧରି ହୁଏ

ii. ଏହାକୁ ପରଦାରେ ଧରି ହୁଏ ନାହିଁ

iii. ଏହା ସର୍ବଦା ଓଲଟା ହୋଇଥାଏ ।

iii. ଏହା ସର୍ବଦା ସଳଖ ହୋଇଥାଏ ।

**Q.6 ଅବତଳ ଦର୍ପଣ ଓ ଉତ୍ତଳ ଦର୍ପଣ ମଧ୍ୟରେ ପାର୍ଥକ୍ୟ ଲେଖ ।**

**ଉ : ଅବତଳ ଦର୍ପଣ — ଉତ୍ତଳ ଦର୍ପଣ**

i. ଏଥିରେ ପ୍ରତିଫଳନ ଅବତଳ ପୃଷ୍ଠରେ ଘଟିଥାଏ ।

i. ଏଥିରେ ପ୍ରତିପଳନ ଉ©ଳ ପୃଷ୍ଠରେ ଘଟିଥାଏ ।

ii. ଦର୍ପଣ ଉପରେ ପଡୁଥିବା ସମାନ୍ତର ଆଲୋକ ଗୁଚ୍ଛ

ii. ଦର୍ପଣ ଉପରେ ପଡୁଥିବା ସମାନ୍ତର ଆଲୋକ ପ୍ରତିଫଳିତ ହୋଇ ଦର୍ପଣ ସମ୍ମୁଖରେ ଗୋଟିଏ ଗୁଚ୍ଛ ପ୍ରତିଫଳିତ ହୋଇ ଦର୍ପଣର ପଛ ପଟେ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି । ବିନ୍ଦୁରୁ ବାହାରିବା ପରି ଜଣା ପଡ଼େ ।

iii. ଏହା ଅଭିସାରୀ ଦର୍ପଣ

iii. ଏହା ଅପସାରୀ ଦର୍ପଣ ।

iv. ଏହାର ବାସ୍ତବ ଫୋକସ୍ ଥାଏ

iv. ଏହାର ଆଭାସୀ ଫୋକସ୍ ଥାଏ

**Q.7 ଅବତଳ ଲେନ୍ସ ଓ ଉତ୍ତଳ ଲେନ୍ସ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

**ଉ : ଅବତଳ ଲେନ୍ସ — ଉତ୍ତଳ ଲେନ୍ସ**

i. ଏହି ଲେନ୍ସର ମଧ୍ୟଭାଗ ସରୁ

i. ଏହି ଲେନ୍ସର ମଧ୍ୟଭାଗ ମୋଟା ।

ii. ଏଥିରେ ଆଲୋକ ରଶ୍ମି ପ୍ରତିସୃତି ହୋଇ

ii. ଏଥିରେ ଆଲୋକ ରଶ୍ମି ପ୍ରତିସୃତି ହୋଇ

ଗୋଟିଏ ବିନ୍ଦୁରୁ ଦୂରେଇ ଗଲାପରି ଦେଖାଯାଏ । ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି ।

iii. ଏହାର ଏକ ଅପସାରୀ ଲେନ୍‌ସ ।

iii. ଏହା ଏକ ଅଭିସାରୀ ଲେନ୍‌ସ ।

iv. ଏହାର ଫୋକସ୍ ଆଭାସୀ ।

iv. ଏହାର ଫୋକସ ବାସ୍ତବ ।

**Q.8 ଅବତଳ ଦର୍ପଣଗୁଡ଼ିକର ବ୍ୟବହାର ଲେଖ ?**

ଉ : i. ଟର୍ଚ୍ଚ, ସନ୍ଧାନୀ ଆଲୋକ ଓ ଯାନ ଗୁଡ଼ିକର ଶୀର୍ଷ ଆଲୋକରୁ ଶକ୍ତିଶାଳୀ ସମାନ୍ତର ଆଲୋକ ଗୁଚ୍ଛ ପାଇବା ପାଇଁ ଅବତଳ ଦର୍ପଣ ବ୍ୟବହାର କରାଯାଏ ।

ii. ଦାଢ଼ି କାଟିଲା ବେଳେ ମୁହଁର ବଡ଼ ପ୍ରତିବିମ୍ବ ଦେଖିବା ପାଇଁ ମଧ୍ୟ ଅବତଳ ଦର୍ପଣ ବ୍ୟବହାର କରାଯାଏ । iii. ଦନ୍ତ ଚିକିତ୍ସକ ମାନେ ରୋଗୀର ଦାନ୍ତର ବଡ଼ ପ୍ରତିବିମ୍ବ ଦେଖିବା ପାଇଁ ଏହି ଦର୍ପଣକୁ ବ୍ୟବହାର କରନ୍ତି ।

iv. ସୌର ଚୁଲ୍ଲୀରେ ସୂର୍ଯ୍ୟାଲୋକକୁ କେନ୍ଦ୍ରୀ ଭୂତ କରାଇ ତାପ ସୃଷ୍ଟି କରିବା ପାଇଁ ବଡ଼ ବଡ଼ ଅବତଳ ଦର୍ପଣ ବ୍ୟବହାର କରାଯାଏ ।

## ଦୀର୍ଘ ଉ‌ତ୍ତର ମୂଳକ ପ୍ରଶ୍ନୋ‌ତ୍ତର

**Q.1 ପାର୍ଶ୍ୱ ବିସ୍ଥାପନ କ'ଣ ? ଏହାକୁ ଚିତ୍ର ମାଧ୍ୟମରେ ବୁଝାଅ ?**

ଉ : PQRS = ଏକ କାଚ ସ୍ଲାବ୍

AB ରଶ୍ମି = ଆପତିତ ରଶ୍ମି

BC ରଶ୍ମି = ପ୍ରତିସୃତ ରଶ୍ମି

CD ରଶ୍ମି = ନିର୍ଗତ ରଶ୍ମି




i. ଯେତେବେଳେ ଆଲୋକ ରଶ୍ମି ବାୟୁ ମାଧ୍ୟମରୁ କାଚ ସ୍ଲାବ୍‌ରେ ପ୍ରବେଶ କରେ, ଏହା ପ୍ରତିସୃତ ହୋଇ ଅଭିଲମ୍ବର ନିକଟବର୍ତ୍ତୀ ହୁଏ ।

ii. ପୁନଶ୍ଚ ଏହି ପ୍ରତିସୃତ ରଶ୍ମି କାଚଗ୍ଲାସ ଅପର ପାର୍ଶ୍ୱରୁ ନିର୍ଗତ ହୁଏ । ଅର୍ଥାତ୍ ଏହା ଆଲୋକୀୟ ଘନ ମାଧ୍ୟମରୁ ଆଲୋକୀୟ ଲଘୁ ମାଧ୍ୟମରେ ପ୍ରବେଶ କରୁଥିବାରୁ ଅଭିଲମ୍ବ ଠାରୁ ଦୂରେଇ ଯାଏ ।

iii. ଆପତିତ ରଶ୍ମି ଓ ନିର୍ଗତ ରଶ୍ମି ଏକ ରେଖାରେ ନ ଥାନ୍ତି । ନିର୍ଗତ ରଶ୍ମି, ଆପତିତ ରଶ୍ମି ତୁଳନାରେ ବିସ୍ଥାପିତ ହୋଇଥିବାର ଦେଖାଯାଏ ।

iv. ଆପତିତ ରଶ୍ମି ଓ ନିର୍ଗତ ରଶ୍ମି ସମାନ୍ତର ହୋଇଥାନ୍ତି । ତେଣୁ ଆପତିତ ରଶ୍ମି ଓ ନିର୍ଗତ ରଶ୍ମି ମଧ୍ୟରେ ଥିବା ବ୍ୟବଧାନକୁ ପାର୍ଶ୍ୱ ବିସ୍ଥାପନ କୁହାଯାଏ ।

**Q.2 ଗୋଟିଏ ଅବତଳ ଦର୍ପଣରେ ବସ୍ତୁ ଅନନ୍ତ ଦୂରତାରୁ ପୋଲ ଆଡ଼କୁ ଗତି କଲେ ବିଭିନ୍ନ ଅବସ୍ଥାନରେ ଗଠିତ ପ୍ରତିବିମ୍ବର ପ୍ରକୃତି ଆଲୋଚନା କର ।**

ଉ : i. ଯେତେବେଳେ ବସ୍ତୁ ଅନନ୍ତ ଦୂରତାରୁ ଅବତଳ ଦର୍ପଣର ପୋଲ୍ ଆଡ଼କୁ ଅଗ୍ରସର ହୁଏ, ଏହାର ପ୍ରତିବିମ୍ବ ଫୋକସ୍ ଠାରୁ ଅନନ୍ତ ଦୂରତା ଆଡ଼କୁ ଅଗ୍ରସର ହୁଏ ।

ii. ବସ୍ତୁଟି ଅନନ୍ତ ଦୂରତାରେ ଥିଲେ ଏହାର ପ୍ରତିବିମ୍ବ ଫୋକସ୍ ଠାରେ ଗଠିତ ହୁଏ । ଏହାର ଆକାର ଅତିକ୍ଷୁଦ୍ର ବିନ୍ଦୁସମ ହୋଇଥାଏ ।

iii. ବସ୍ତୁଟି ଅନନ୍ତ ଦୂରତାରୁ ଆସି ବକ୍ରତା କେନ୍ଦ୍ର ବାହାରେ ରହିଲେ ଏହାର ଏକ ବାସ୍ତବ, ଓଲଟା ଓ

କ୍ଷୁଦ୍ର ପ୍ରତିବିମ୍ବ ଫୋକସ୍ ଓ ବକ୍ରତା କେନ୍ଦ୍ର ମଧ୍ୟରେ ଗଠିତ ହୋଇଥାଏ ।

iv. ବସ୍ତୁଟି ଆସି ବକ୍ରତା କେନ୍ଦ୍ର ଠାରେ ଅବସ୍ଥାନ କଲେ ଏହାର ଏକ ବାସ୍ତବ, ଓଲଟା ଓ ବସ୍ତୁ ସହ ସମାନ ଆକୃତିର ପ୍ରତିବିମ୍ବ ବକ୍ରତା କେନ୍ଦ୍ର ଠାରେ ଗଠିତ ହୁଏ ।

v. ପୁନଶ୍ଚ ବସ୍ତୁଟି ଆସି ବକ୍ରତା କେନ୍ଦ୍ର ଓ ଫୋକସ୍ ମଧ୍ୟରେ ରହିଲେ ଏହାର ଏକ ବାସ୍ତବ, ଓଲଟା ଓ ବର୍ଦ୍ଧିତ ପ୍ରତିବିମ୍ବ ବକ୍ରତା କେନ୍ଦ୍ର ବାହାରେ ଗଠିତ ହୁଏ ।

vi. ବସ୍ତୁ ଫୋକସ୍ ଠାରେ ଅବସ୍ଥାନ କଲେ, ଏହାର ଏକ ବାସ୍ତବ, ଓଲଟା ଓ ଅତିଶୟ ବଡ଼ ପ୍ରତିବିମ୍ବ ଅନନ୍ତ ଦୂରତା ଠାରେ ଗଠିତ ହୁଏ ।

vii. ବସ୍ତୁ ଫୋକସ୍ ଓ ପୋଲ୍ ମଧ୍ୟରେ ରହିଲେ ଏହାର ଏକ ଆଭାସୀ, ସଳଖ ଓ ବଡ଼ ପ୍ରତିବିମ୍ବ ଦର୍ପଣର ପଛପଟେ ଗଠିତ ହୁଏ ।

**Q.3 ପ୍ରତିସରଣାଙ୍କ କାହାକୁ କୁହାଯାଏ ? ବିଭିନ୍ନ ମାଧ୍ୟମରେ ପ୍ରତିସରଣାଙ୍କ କିପରି ଭିନ୍ନ ଭିନ୍ନ ହୁଏ ବୁଝାଇ ଲେଖ ।**

ଉ : i. ଆପତନ କୋଣ ‘i’ ଓ ପ୍ରତିସରଣ କୋଣ ‘r’ ହେଲେ ସ୍ନେଲ୍‌ଙ୍କ ନିୟମାନୁସାରେ $\frac{\sin i}{\sin r}$ = ସ୍ଥିରାଙ୍କ । ଏହି ସ୍ଥିରାଙ୍କକୁ ପ୍ରଥମ ମାଧ୍ୟମ ତୁଳନାରେ ଦ୍ୱିତୀୟ ମାଧ୍ୟମର ପ୍ରତିସରଣାଙ୍କ କୁହାଯାଏ ।

ii. ଯଦି ଆଲୋକ ରଶ୍ମି ବାୟୁରୁ କାଚ ମାଧ୍ୟମରେ ପ୍ରବେଶ କରେ, ତେବେ $\frac{\sin i}{\sin r}$ କୁ ବାୟୁ ତୁଳନାରେ କାଚର ପ୍ରତିସରଣାଙ୍କ କୁହାଯାଏ ।

$\therefore \frac{\sin i}{\sin r}$ = ବାୟୁ $\mu$ କାଚ

iii. ଯଦି ଆଲୋକ ରଶ୍ମି ଶୂନ୍ୟରୁ କାଚ ମାଧ୍ୟମରେ ପ୍ରବେଶ କରେ, ତେବେ $\frac{\sin i}{\sin r}$ କୁ ଶୂନ୍ୟ ତୁଳନାରେ କାଚର ପ୍ରତିସରଣାଙ୍କ କୁହାଯାଏ ।

$\therefore \frac{\sin i}{\sin r}$ = ଶୂନ୍ୟ $\mu$ କାଚ

iv. ଯଦି ଆଲୋକ ରଶ୍ମି କାଚରୁ ବାୟୁ ମାଧ୍ୟମକୁ ପ୍ରବେଶ କରେ, ତେବେ $\frac{\sin i}{\sin r}$ କୁ କାଚ ତୁଳନାରେ ବାୟୁର ପ୍ରତିସରଣାଙ୍କ କୁହାଯାଏ ।

$\therefore \frac{\sin i}{\sin r}$ = କାଚ $\mu$ ବାୟୁ

(ପ୍ରତିସରଣାଙ୍କ ଏକକ ବିହୀନ ଅଟେ ।)

## ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

**Q.4 ରଶ୍ମିଚିତ୍ର ସାହାଯ୍ୟରେ ଉତ୍ତଳ ଦର୍ପଣ ଦ୍ୱାରା ଗଠିତ ପ୍ରତିବିମ୍ବର ପ୍ରକୃତି ସମ୍ବନ୍ଧରେ ଆଲୋଚନା କର ।**

ଉ : ୧.




ଗୋଟିଏ ବସ୍ତୁ ଉତ୍ତଳ ଦର୍ପଣରେ ଫୋକସ୍ (f) ବାହାରେ ରହିଲେ ଏହାର ପ୍ରତିବିମ୍ବ ପୋଲ୍ (P) ଓ ଫୋକସ୍ (F) ମଧ୍ୟରେ ଦର୍ପଣ ପଛ ପଟେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହା ଅତି କ୍ଷୁଦ୍ର ହୋଇଥାଏ ।

୨.




ଗୋଟିଏ ବସ୍ତୁ ଦର୍ପଣର ଫୋକସ୍ (F) ଠାରେ ରହିଲେ ଏହାର ପ୍ରତିବିମ୍ବ ଦର୍ପଣର ପଛପଟେ ପୋଲ (P) ଓ ଫୋକସ୍ ମଧ୍ୟରେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ

ସଳଖ ହୋଇଥାଏ ଏବଂ ଏହାର ଆକାର ବସ୍ତୁ ଠାରୁ ସାନ ହୋଇଥାଏ ।

୩. ଗୋଟିଏ ବସ୍ତୁ ଦର୍ପଣର ଫୋକସ୍ (F) ଓ ପୋଲ୍ (P) ମଧ୍ୟରେ ରହିଲେ ଏହାର ପ୍ରତିବିମ୍ବ ପୋଲ (P) ଓ (F) ଫୋକସ୍ ମଧ୍ୟରେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହାର ଆକାର ସାନ ହୋଇଥାଏ ।




୪. ଗୋଟିଏ ବସ୍ତୁ ଦର୍ପଣ ଠାରୁ ଅନନ୍ତ ଦୂରତାରେ ରହିଲେ ଏହାର ପ୍ରତିବିମ୍ବ ଦର୍ପଣ ପଛ ପଟେ ଫୋକସ୍ (F) ଠାରେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହାର ଆକାର ଅତି କ୍ଷୁଦ୍ର (ବିନ୍ଦୁସମ) ହୋଇଥାଏ ।

# ମାନବ ଚକ୍ଷୁ ଓ ବର୍ଣ୍ଣ ଜଗତ

1. ମାନବ ଚକ୍ଷୁ ଏକ କ୍ୟାମେରା ସଦୃଶ ।
2. ମାନବ ଚକ୍ଷୁ ମୁଖ୍ୟ ଅଂଶଗୁଡ଼ିକ ହେଉଛି – ସ୍ୱଚ୍ଛପଟଳ, କନିନୀକା, ନେତ୍ରପିତୁଳା, ଜଳାଭରସ, କାଚଭରସ, ମୁକୁରିକା, ଚକ୍ଷୁଲେନ୍ସ, ସିଲିଆରୀ ମାଂସପେଶୀ ।
3. ଚକ୍ଷୁ ମଧ୍ୟରେ ଥିବା ଲେନ୍ସ ବ୍ୟବସ୍ଥା ଦ୍ୱାରା ବସ୍ତୁର ପ୍ରତିବିମ୍ବ ଆଲୋକ ସଂବେଦୀ ପରଦା, ମୁକୁରିକା ଉପରେ ସୃଷ୍ଟି ହୁଏ ।
4. ଆଲୋକ ଯେଉଁ ପତଳା ସ୍ୱଚ୍ଛଝିଲ୍ଲୀ ମଧ୍ୟ ଦେଇ ଚକ୍ଷୁକୁ ପ୍ରବେଶ କରେ, ତାହାକୁ ସ୍ୱଚ୍ଛପଟଳ କୁହାଯାଏ ।
5. କନିନୀକା ନେତ୍ରପିତୁଳାର ଆକାରକୁ ନିୟନ୍ତ୍ରଣ କରି ଚକ୍ଷୁ ମଧ୍ୟକୁ ଆବଶ୍ୟକ ପରିମାଣର ଆଲୋକ ପଠାଇଥାଏ ।
6. ବସ୍ତୁ ଚକ୍ଷୁର ନିକଟରେ ବା ଦୂରରେ ଥିଲେ ମଧ୍ୟ ସିଲିଆରୀ ମାଂସପେଶୀ ଚକ୍ଷୁଲେନ୍ସର ବକ୍ରତା ଆବଶ୍ୟକ ଅନୁସାରେ ବଦଳାଇ ପ୍ରତିବିମ୍ବକୁ ସର୍ବଦା ମୁକୁରିକା ଉପରେ ସୃଷ୍ଟି କରେ । ଏହାକୁ ଚକ୍ଷୁର ସମାୟୋଜନ କ୍ଷମତା କୁହାଯାଏ ।
7. ସୁସ୍ଥ ସାଧାରଣ ଚକ୍ଷୁ ପାଇଁ ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା 25cm ।
8. ସାଧାରଣ ଚକ୍ଷୁ ପାଇଁ ଦୂର ବିନ୍ଦୁ ହେଉଛି ଅନନ୍ତ ଦୂରତା ଅର୍ଥାତ୍ 25cm ରୁ ଅନନ୍ତ ଦୂରତା ମଧ୍ୟରେ ଥିବା ବସ୍ତୁକୁ ଆମେ ସ୍ପଷ୍ଟ ଦେଖିପାରୁ ।
9. ଜଣେ ଗୋଟିଏ ଚକ୍ଷୁରେ ଭୂସମାନ୍ତର ଅଞ୍ଚଳର ପ୍ରାୟ $150^0$ କୋଣ ପର୍ଯ୍ୟନ୍ତ ଓ ଦୁଇଟି ଚକ୍ଷୁରେ ପ୍ରାୟ $180^0$ ରେ ଥିବା ଅଞ୍ଚଳ ଦେଖିପାରେ ।
10. କୌଣସି କାରଣରୁ ଚକ୍ଷୁର ସମାୟୋଜନ କ୍ଷମତା ହ୍ରାସ ପାଇଲେ ଦୃଷ୍ଟିଦୋଷ କୁହାଯାଏ ।
11. ଦୃଷ୍ଟିଦୋଷ ତିନି ପ୍ରକାରର – (a) ସମୀପ ଦୃଷ୍ଟି (b) ଦୂର ଦୃଷ୍ଟି (c) ଚାଳିଶା
12. ସମୀପ ଦୃଷ୍ଟିରେ ଦୂର ବସ୍ତୁ ଦେଖାଯାଏ ନାହିଁ ମାତ୍ର ନିକଟବସ୍ତୁ ଦେଖାଯାଏ । ଏଥିରେ ପ୍ରତିବିମ୍ବ କାଚଭରସରେ ସୃଷ୍ଟି ହୁଏ । ଏହାର ପ୍ରତିକାର ପାଇଁ ଉପଯୁକ୍ତ ଅବତଳ ଲେନ୍ସର ଚଷମାର ବ୍ୟବହାର କରାଯାଏ ।
13. ଦୂରଦୃଷ୍ଟିରେ ଦୂର ବସ୍ତୁ ଦେଖାଯାଏ ମାତ୍ର ନିକଟବସ୍ତୁ ଦେଖାଯାଏ ନାହିଁ । ଏଥିରେ ପ୍ରତିବିମ୍ବ ମୁକୁରିକା ପଛପଟେ ସୃଷ୍ଟି ହୁଏ । ଏହାର ପ୍ରତିକାର ପାଇଁ ଉତ୍ତଳ ଲେନ୍ସର ଚଷମା ବ୍ୟବହାର କରାଯାଏ ।
14. ଚାଳିଶାରେ ବ୍ୟକ୍ତି ନିକଟବସ୍ତୁ ଦେଖିପାରେ ନାହିଁ । ଏହାର ପ୍ରତିକାର ପାଇଁ ଉତଳ ଲେନ୍ସର ଚଷମା ବ୍ୟବହାର କରାଯାଏ । ଚାଳିଶା ବୟସ ବଢ଼ିଲେ ସିଲିଆରୀ ମାଂସପେଶୀର ଦୁର୍ବଳତା ପାଇଁ ସୃଷ୍ଟି ହୁଏ ।
15. କୌଣସି ବ୍ୟକ୍ତିଙ୍କର ଉଭୟ ସମୀପ ଦୃଷ୍ଟି ଓ ଦୂର ଦୃଷ୍ଟି ଥିଲେ ସେ ଦ୍ୱିଫୋକସୀ ବା ବାଇପୋକାଲ ଚଷମା ବ୍ୟବହାର କରନ୍ତି ।
16. ସମୟେ ସମୟେ ବୟସ୍କ ବ୍ୟକ୍ତିଙ୍କର ଅତି ସ୍ୱଚ୍ଛ ଚକ୍ଷୁ ଲେନ୍ସ ଧଳା ଓ ଧୂସର ହୋଇଯାଏ । ଏହି ଅବସ୍ଥାକୁ ମୋତିଆବିନ୍ଦୁ କୁହାଯାଏ । ଶଲ୍ୟ ଚିକିତ୍ସା ଦ୍ୱାରା ଏହାର ଚିକିତ୍ସା କରାଯାଇପାରୁଛି ।
17. ଚକ୍ଷୁଦାନ ପାଇଁ ବୟସସୀମା ନଥାଏ । ମଧୁମେହ, ଉଚ୍ଚ ରକ୍ତଚାପ, ଶ୍ୱାସ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ମଧ୍ୟ ଅନ୍ୟ କୌଣସି ସଂକ୍ରାମକ ରୋଗ ନ ଥିଲେ ଚକ୍ଷୁଦାନ କରିପାରିବେ ।
18. ଯେଉଁ ବ୍ୟକ୍ତିମାନେ ଏଡ଼ସ୍, ହେପାଟାଇଟିସ - B କିମ୍ବା C, ଜଳାତଙ୍କ, କଲେରା, ଧନୁଷ୍ଟଙ୍କାର କିମ୍ବା ଏନସେଫାଲାଇଟିସ୍ ରୋଗରେ ମୃତ୍ୟୁବରଣ କରିଥିବେ, ସେମାନେ ଚକ୍ଷୁଦାନ କରିପାରିବେ ନାହିଁ ।
19. ଏକ ପ୍ରିଜିମରେ ସୂର୍ଯ୍ୟାଲୋକର ପ୍ରତିସରଣ କରାଇଲେ ଧଳା ଆଲୋକରୁ ସାତୋଟି ରଙ୍ଗର ବର୍ଣ୍ଣପଟ୍ଟି ମିଳେ । ଏହାକୁ ବର୍ଣ୍ଣାଳୀ କୁହାଯାଏ ।
20. ଇର୍ଣ୍ଣାଳୀରେ ବର୍ଣ୍ଣଗୁଡ଼ିକର କ୍ରମ ହେଉଛି – ବାଘନୀସହନାଲା (VIBGYOR) ଏଥିରେ ଲାଲ୍ ବର୍ଣ୍ଣ ଖୁବ୍ କମ୍ ବଙ୍କାଏ ଓ ବାଇଗଣୀ ଅତି ବେଶୀ ବଙ୍କାଏ ।
21. ପ୍ରିଜିମରେ ଧଳା ଆଲୋକରୁ ବର୍ଣ୍ଣାଳୀ ସୃଷ୍ଟି ହେବା ପ୍ରକ୍ରିୟାକୁ ପ୍ରକୀର୍ଣ୍ଣନ କୁହାଯାଏ ।
22. ପ୍ରିଜିମର ତ୍ରିଭୁଜାକାର ଆକୃତି ହେତୁ ଦୁଇ ଆୟତାକାର ପ୍ରତିସରଣ ପୃଷ୍ଠ ପରସ୍ପର ସହ କୋଣ କରି ରହିଥିବାରୁ ନିର୍ଗତ ରଶ୍ମି, ଆପତନ ରଶ୍ମି ସହ କୋଣ କରି

ବଙ୍କାଇଥାଏ । ଏହି କୋଣକୁ ବିଚ୍ୟୁତି କୋଣ କୁହାଯାଏ ।

23. ବୈଜ୍ଞାନିକ ସାର ଆଇଜାକ୍ ନିଉଟନ ପ୍ରଥମେ ପ୍ରିଜିମରେ ସୂର୍ଯ୍ୟାଲୋକର ପ୍ରତିସରଣ କରାଇ ବର୍ଣ୍ଣାଳୀର ସୃଷ୍ଟି କରିଥିଲେ ଓ ପ୍ରମାଣ କରିଥିଲେ ଯେ ସୂର୍ଯ୍ୟାଲୋକ ସାତୋଟି ବର୍ଣ୍ଣର ଆଲୋକର ସମଷ୍ଟି ।
24. ସୂର୍ଯ୍ୟାଲୋକର ଏହି ପ୍ରକୀର୍ଣ୍ଣନର ପ୍ରାକୃତିକ ଦୃଷ୍ଟାନ୍ତ ହେଉଛି ଆକାଶରେ ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ ।
25. ବାୟୁମଣ୍ଡଳୀୟ ପ୍ରତିସରଣ ଯୋଗୁ ଆକାଶରେ ତାରାମାନେ ଦପ୍‌ଦପ୍ ହୁଅନ୍ତି ।
26. ସଅଳ ସୂର୍ଯ୍ୟୋଦୟ ଓ ବିଳମ୍ବ ସୂର୍ଯ୍ୟାସ୍ତ ମଧ୍ୟ ବାୟୁମଣ୍ଡଳୀୟ ପ୍ରତିସରଣ ଯୋଗୁ ହୁଏ । ପ୍ରକୃତ ସୂର୍ଯ୍ୟାସ୍ତ ଓ ଆଭାସୀ ସୂର୍ଯ୍ୟାସ୍ତ ଏବଂ ପ୍ରକୃତ ସୂର୍ଯ୍ୟୋଦୟ ଓ ଆଭାସୀ ସୂର୍ଯ୍ୟୋଦୟ ମଧ୍ୟରେ ସମୟ ବ୍ୟବଧାନ ପ୍ରାୟ ଦୁଇ ମିନିଟ୍
27. ଏକ କଲକଏଡ଼ାଲ ଦ୍ରବଣ ମଧ୍ୟରେ ଆଲୋକର ବିଚ୍ଛୁରଣକୁ ଟିଣ୍ଡାଲ ସିଦ୍ଧାନ୍ତ କୁହାଯାଏ ।
28. ଆଲୋକର ବିଚ୍ଛୁରଣ ପାଇଁ ନିର୍ମଳ ଆକାଶର ବର୍ଣ୍ଣ ନୀଳ ଦେଖାଯାଏ ଏବଂ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟର ବର୍ଣ୍ଣ ଲାଲ୍ ଦେଖାଯାଏ
29. ଲାଲ ଆଲୋକ କୁହୁଡ଼ି କିମ୍ବା ଧୂଳିକଣା ଦ୍ୱାରା ଖୁବ୍ କମ୍ ବିଚ୍ଛୁରିତ ହେଉଥିବାରୁ ବିପଦ ସଂକେତ ରୂପେ ଲାଲ ରଙ୍ଗକୁ ବ୍ୟବହାର କରାଯାଏ ।
30. ଦୃଶ୍ୟମାନ ଆଲୋକର ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲାଲ୍ ଆଲୋକ ସବୁଠାରୁ କମ୍ ବିଚ୍ଛୁରଣ ହୁଏ ଓ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ଆଲୋକ ସବୁଠାରୁ ଅଧିକ ବିଚ୍ଛୁରିତ ହୁଏ । ଲାଲ୍ ଆଲୋକର ତରଙ୍ଗ ଦୈର୍ଘ୍ୟ ନୀଳ ଆଲୋକର ତରଙ୍ଗ ଦୈର୍ଘ୍ୟର ପ୍ରାୟ 1.8 ଗୁଣ ।
31. ପୃଥିବୀ ଚାରିପାଖରେ ବାୟୁମଣ୍ଡଳ ନଥିଲେ କୌଣସି ବିଚ୍ଛୁରଣ ହୋଇନଥାନ୍ତା ଓ ଆକାଶ ଅନ୍ଧକାରମୟ ହୋଇଥାନ୍ତା ।

# ମାନବ ଚକ୍ଷୁ ଓ ବର୍ଣ୍ଣଜଗତ

## MCQ- Set-1

1) ଧୂଆଁପୂର୍ଣ୍ଣ ଏକ କୋଠରୀ ମଧ୍ୟକୁ ସୂକ୍ଷ୍ମ ଦେଇ ପ୍ରବେଶ କରୁଥିବା ସୂର୍ଯ୍ୟାଲୋକର ଗତିପଥ ସ୍ପଷ୍ଟ ଦିଶେ । ଏହାକୁ କ'ଣ କୁହନ୍ତୁ ?

(a) ବିକିରଣ (b) ପ୍ରତିଫଳନ
(c) ଟିଣ୍ଡଲ ସିଦ୍ଧାନ୍ତ (d) କେଉଁଟି ନୁହେଁ

2) କ୍ଷୀଣ ଆଲୋକ ଓ ଉଜ୍ଜ୍ୱଳ ଆଲୋକରେ ବସ୍ତୁକୁ ସ୍ପଷ୍ଟ ଭାବେ ଦେଖିବାରେ ମାନବ ଚକ୍ଷୁର କେଉଁ ଅଂଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ?

(a) କନିନୀକା (b) ନେତ୍ରପିତୁଳା (c) ଉଭୟ A ଓ B (d) କୌଣସିଟି ନୁହେଁ

3) ଜଣେ ଛାତ୍ର ଶ୍ରେଣୀର ପଛ ବେଞ୍ଚରେ ବସି ବ୍ଲାକବୋର୍ଡ଼ର ଅକ୍ଷରକୁ ସ୍ପଷ୍ଟ ଦେଖିପାରୁ ନାହିଁ । ତେବେ ସେହି ଛାତ୍ରର କେଉଁ ଦୃଷ୍ଟିଦୋଷ ହୋଇଛି ?

(a) ସମୀପ ଦୃଷ୍ଟି (b) ଦୂର ଦୃଷ୍ଟି (c) ବକ୍ର ଦୃଷ୍ଟି (d) କେଉଁଟି ନୁହେଁ

4) ପୃଥିବୀରେ ପ୍ରାୟ କେତେଜଣ ବ୍ୟକ୍ତି ସ୍ୱଚ୍ଛପଟଳ ଦୋଷରୁ ଦେଖିପାରୁ ନାହାନ୍ତି ?

(a) 45 ଲକ୍ଷ (b) 45 ନିୟୁତ
(c) 35 ଲକ୍ଷ (d) 35 ନିୟୁତ

5) ଇନ୍ଦ୍ରଧନୁ ଆଲୋକର କେଉଁ ପ୍ରତିକ୍ରିୟାର ପ୍ରାକୃତିକ ଦୃଷ୍ଟାନ୍ତ ?

(a) ପ୍ରତିଫଳନ (b) ପ୍ରତିସରଣ (c) ପ୍ରକୀର୍ଣ୍ଣନ (d) ବିଚ୍ଛୁରଣ

6) ଚକ୍ଷୁ ଲେନ୍‌ସର ବକ୍ରତା କାହା ଦ୍ୱାରା ନିୟନ୍ତ୍ରିତ ହୁଏ ?

(a) ସ୍ୱଚ୍ଛପଟଳ (b) ନେତ୍ରପିତୁଳା (c) ସିଲିଆରୀ ମାଂସପେଶୀ (d) ଜଳୀୟରସ

7) ସଅଳ ସୂର୍ଯ୍ୟୋଦୟ ଓ ବିଳମ୍ବ ସୂର୍ଯ୍ୟାସ୍ତ ବାୟୁମଣ୍ଡଳୀୟ କେଉଁ ପରିଘଟଣା ?

(a) ପ୍ରତିଫଳନ (b) ପ୍ରତିସରଣ (c) ପ୍ରକୀର୍ଣ୍ଣନ (d) ବିଚ୍ଛୁରଣ

8) କେଉଁ ଦୃଷ୍ଟିଦୋଷରେ ଚକ୍ଷୁ ଲେନ୍‌ସର ଫୋକସ ଦୂରତା ବଢ଼ିଯାଏ ?

(a) ସମୀପଦୃଷ୍ଟି (b) ଦୂରଦୃଷ୍ଟି (c) ଛାଲିଶା (d) ବକ୍ରଦୃଷ୍ଟି

9) ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଅଧିକାଂଶ ଆଲୋକ ରଶ୍ମି କାହାର ବାହ୍ୟ ପୃଷ୍ଠରେ ପ୍ରତିଫଳିତ ହୁଏ ?

(a) ଚକ୍ଷୁ ଲେନ୍‌ସ (b) ନେତ୍ରପୁତୁଳା (c) କନିନୀକା (d) ସ୍ୱଚ୍ଛପଟଳ

10) ପ୍ରିଜିମରେ ଆଲୋକ ପ୍ରତିସରଣ ପରେ ସ୍ୱଷ୍ଟ ବର୍ଣ୍ଣପଟିରେ ତଳୁ ଉପରକୁ ବର୍ଣ୍ଣ କ୍ରମଟି କ'ଣ ?

(a) VIBGYOR (b) VBIGYOR (c) VIBGYRO (d) VBIGORY

11) ଧଳା ଆଲୋକରେ ଥିବା କେଉଁ ରଙ୍ଗର ତରଙ୍ଗ ଦୈର୍ଘ୍ୟ ସର୍ବାଧିକ ?

(a) ନୀଳ (b) ବାଇଗଣୀ (c) ସବୁଜ (d) ଲାଲ୍

12) ସମୀପ ଦୃଷ୍ଟିରେ କ'ଣ ହୁଏ ?

(a) ଚକ୍ଷୁ ଲେନ୍‌ସ ମୋଟା ହୋଇଯାଏ

(b) ଚକ୍ଷୁ ଲେନ୍‌ସର ପାୱାର ବଢ଼ିଯାଏ

(c) ଚକ୍ଷୁ ଗୋଲକ ଲମ୍ବି ଯାଏ

(d) ଉପରୋକ୍ତ ସମସ୍ତ

13) ଦୂରଦୃଷ୍ଟିରେ କ'ଣ ହୁଏ ନାହିଁ ?

(a) ଚକ୍ଷୁ ଗୋଲକ ଛୋଟ ହୁଏ

(b) ଚକ୍ଷୁ ଗୋଲକ ଲମ୍ବି ଯାଏ

(c) ଚକ୍ଷୁ ଲେନ୍‌ସର ପାୱାର କମିଯାଏ

(d) ଚକ୍ଷୁ ଲେନ୍‌ସ ସରୁ ହୋଇଯାଏ

14) ନିମ୍ନ ରୋଗମାନଙ୍କ ମଧ୍ୟରୁ କେଉଁଥିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ଚକ୍ଷୁଦାନ ହୋଇପାରିବ ନାହିଁ ?

(a) ଏଡ଼ସ୍ (b) ମଧୁମେହ

(c) ଶ୍ୱାସ (d) ଉଚ୍ଚ ରକ୍ତଚାପ

15) ଚକ୍ଷୁର ସ୍ୱଚ୍ଛପଟଳର ପଛରେ ଥିବା କଳା ମାଂସଳ ବସ୍ତୁକୁ କ'ଣ କୁହାଯାଏ ?

(a) ସ୍ୱଚ୍ଛଝିଲ୍ଲୀ (b) ନେତ୍ରପୁତୁଳା

(c) କନିନୀକା (d) ମୁକୁରିକା

16) କେଉଁ ଆଲୋକୀୟ ଘଟଣାଟି ଅନ୍ୟଠାରୁ ପୃଥକ୍ ?

(a) ତାରାମାନେ ଦପ୍‌ଦପ୍ କରିବା

(b) ସଅଳ ସୂର୍ଯ୍ୟୋଦୟ

(c) ବିଳମ୍ବ ସୂର୍ଯ୍ୟାସ୍ତ

(d) ଆକାଶ ନୀଳ ଦେଖାଯିବା

17) ଆଲୋକର କେଉଁ ଗୁଣ ଯୋଗୁ ସୂର୍ଯ୍ୟାସ୍ତ, ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କର ଲାଲବର୍ଣ୍ଣ ଦେଖାଯାଏ ?

(a) ପ୍ରତିଫଳନ (b) ପ୍ରତିସରଣ

(c) ପ୍ରକୀର୍ଣ୍ଣନ (d) ବିଚ୍ଛୁରଣ

18) ନିମ୍ନୋକ୍ତ ମଧ୍ୟରୁ ଇନ୍ଦ୍ରଧନୁ ସୃଷ୍ଟିରେ ଆଲୋକର କେଉଁ କେଉଁ ଘଟଣା ଘଟେ ?

(a) ପ୍ରତିଫଳନ, ବିଚ୍ଛୁରଣ ଓ ବିକୀର୍ଣ୍ଣନ

(b) ପ୍ରତିସରଣ, ପ୍ରତିଫଳନ ଓ ପ୍ରକୀର୍ଣ୍ଣନ

(c) ପ୍ରକୀର୍ଣ୍ଣନ, ବିକୀର୍ଣ୍ଣନ ଓ ବିଚ୍ଛୁରଣ

(d) ପ୍ରକୀର୍ଣ୍ଣନ, ବିଚ୍ଛୁରଣ ଓ ପ୍ରତିସରଣ

19) ଲାଲ୍ ଆଲୋକର ତରଙ୍ଗ ଦୈର୍ଘ୍ୟ ନୀଳ ଆଲୋକର ତରଙ୍ଗ ଦୈର୍ଘ୍ୟର କେତେ ଗୁଣ ?

(a) 1.8 (b) 1.08

(c) 1.008 (d) 1.0008

20) ଚକ୍ଷୁରେ ପରିବର୍ତ୍ତନଶୀଳ ରନ୍ଧ୍ରଟି କିଏ ?

(a) କନିନୀକା (b) ନେତ୍ରପିତୁଳା

(c) ମୁକୁରିକା (d) ସ୍ୱଚ୍ଛପଟଳ

21) ନେତ୍ରପିତୁଳାର ଆକାର ପରିବର୍ତ୍ତନ ପାଇଁ କିଏ ?

(a) ମୁକୁରିକା (b) କନିନୀକା

(c) ସ୍ୱଚ୍ଛପଟଳ (d) ନେତ୍ରସ୍ନାୟୁ

22) ଚକ୍ଷୁର ଆଲୋକ ସମ୍ବେଦୀ ପରଦାଟି କିଏ ?

(a) ମୁକୁରିକା (b) ବାହ୍ୟପଟଳ

(c) ସ୍ୱଚ୍ଛପଟଳ (d) କନିନୀକା

23) ମନୁଷ୍ୟକୁ ଯଥାକ୍ରମେ ଦୁଇଟି ଓ ଗୋଟିଏ ଚକ୍ଷୁରେ ପୃଥିବୀ କିପରି ଦେଖାଯାଏ ?

(a) ତ୍ରି-ବିମିତୀୟ, ଦ୍ୱି-ବିମିତୀୟ

(b) ଦ୍ୱି-ବିମିତୀୟ, ତ୍ରି-ବିମିତୀୟ

(c) ଉଭୟ କ୍ଷେତ୍ରରେ ଗୋଲାକାର

(d) ଉଜ୍ଜ୍ୱଳମୟ, ଅନ୍ଧକାରମୟ

24) ସ୍ୱଚ୍ଛ ଜଳୀୟଭରସ ଏକ ତରଳ ପଦାର୍ଥ ଯାହା ଚକ୍ଷୁର __________ ମଧ୍ୟରେ ଥାଏ ?

(a) କନିନୀକା, ଚକ୍ଷୁ ଲେନ୍ସ

(b) ଚକ୍ଷୁ ଲେନ୍ସ, ମୁକୁରିକା

(c) କନିନୀକା, ମୁକୁରିକା

(d) ସ୍ୱଚ୍ଛପଟଳ, କନିନୀକା

25) ଚକ୍ଷୁଲେନ୍ସ ଓ ମୁକୁରିକା ମଧ୍ୟରେ ଥିବା ଜେଲି ଭଳି ପଦାର୍ଥକୁ କ'ଣ କୁହାଯାଏ ?

(a) ଜଳୀୟଭରସ (b) କାଚଭରସ

(c) ଚକ୍ଷୁଦ୍ରବ (d) ଚକ୍ଷୁରସ

26) ଆମର ଚକ୍ଷୁଦ୍ୱୟ ମୁଖମଣ୍ଡଳର ସମ୍ମୁଖ ଭାଗରେ ଥିବାରୁ କ'ଣ ହୁଏ ?

(a) ଆମର ଦୃଷ୍ଟି ପରିସର ଅଧିକ

(b) ଅନ୍ୟ ପ୍ରାଣୀଙ୍କ ତୁଳନାରେ ଆମ ଦୃଷ୍ଟି ପରିସର କମ୍

(c) ଆମେ ବର୍ଣ୍ଣ ବାରିପାରୁ

(d) ଆମେ ଅନ୍ଧାରରେ ମଧ୍ୟ ଭଲ ଦେଖିପାରୁ

27) କେଉଁ ରୋଗରେ ମୃତ ବ୍ୟକ୍ତି ଚକ୍ଷୁଦାନ କରିପାରିବେ ?

(i) ମଧୁମେହ (ii) ଉଚ୍ଚ ରକ୍ତଚାପ (iii) ଶ୍ୱାସରୋଗ

(a) i ଓ ii (b) ii ଓ iii

(c) i ଓ iii (d) i, ii ଓ iii

28) ଗୋଟିଏ ପ୍ରିଜିମ୍ ଦ୍ୱାରା ସୃଷ୍ଟି ବର୍ଣ୍ଣାଳୀକୁ ଅନ୍ୟ ଏକ ଓଲଟା ଭାବେ ଥିବା ପ୍ରିଜିମ୍ ମଧ୍ୟରେ ପ୍ରବେଶ କରାଇଲେ କେଉଁ ରଙ୍ଗର ଆଲୋକ ମିଳିବ ?

(a) ନୀଳ (b) ଲାଲ

(c) ଧଳା (d) ଶ୍ୟାମଳ

29) କେଉଁ ରଶ୍ମି ଦ୍ୱୟ ଦ୍ୱାରା ବିଚ୍ୟୁତି କୋଣ ସୃଷ୍ଟି ହୁଏ ?

(a) ଆପତିତ ରଶ୍ମି ଓ ନିର୍ଗତ ରଶ୍ମି

(b) ପ୍ରତିସୃତ ଓ ନିର୍ଗତ ରଶ୍ମି

(c) ଆପତିତ ରଶ୍ମି ଓ ପ୍ରତିସୃତ ରଶ୍ମି

(d) ନିର୍ଗତ ରଶ୍ମି ଓ ଅଭିଲମ୍ବ

30) ମହାକାଶଚାରୀମାନଙ୍କୁ ମହାକାଶ କିପରି ଦେଖାଯାଏ ?

(a) ଉଜ୍ଜ୍ୱଳ (b) ନୀଳ

(c) ନାରଙ୍ଗୀ (d) ଅନ୍ଧକାରମୟ

31) ଗାଢ଼ ସଲଫ୍ୟୁରିକ୍ ଏସିଡ୍ ସହ ଜଳ ଓ ସୋଡ଼ିୟମ ଥାୟୋସଲଫେଟ୍ ମିଶାଇଲେ ତାହା କଲଏଡ଼ିଅ ଦ୍ରବଣ ସୃଷ୍ଟି କରେ । ଏଥିପାଇଁ କିଏ ଦାୟୀ ?

(a) ଫେଣ ଆକାରରେ ସୃଷ୍ଟି ହେଉଥିବା ସଲଫର କଣିକା

(b) ଭାସମାନ ସଲଫର ଡ଼ାଇଅକ୍ସାଇଡ୍

(c) ଭାସମାନ ହାଇଡ୍ରୋଜେନ ସଲଫାଇଡ୍

(d) ଏ ସମସ୍ତ

32) କେତେ ଦୂରତାରୁ ଚକ୍ଷୁର ସମାୟୋଜନତା କାମ କରେ ନାହିଁ ?

(a) 25 ସେ.ମି (b) 1 ମି.

(c) 25 ସେ.ମିରୁ କମ୍ (d) 100 ମି.

33) ଏକ ପ୍ରିଜିମର __________ଟି ଆୟତାକାର ପୃଷ୍ଠ ଅଛି ?

(a) 1 (b) 2

(c) 3 (d) 5

34) ବାୟୁମଣ୍ଡଳସ୍ଥ ବାୟୁକଣିକାର ଆକାର ଦୃଶ୍ୟମାନ ଆଲୋକର ତରଙ୍ଗ ଦୈର୍ଘ୍ୟ ଠାରୁ __________ ?

(a) ଅଧିକ (b) କମ୍

(c) ସମାନ (d) ସାନ କିମ୍ବା ବଡ଼ ହୋଇପାରେ

35) କେଉଁଟି ପ୍ରତିସରଣଜନିତ ଦୃଷ୍ଟିଦୋଷ ନୁହେଁ ?

(a) ଚାଳିଶା (b) ସମୀପଦୃଷ୍ଟି

(c) ମୋତିଆବିନ୍ଦୁ (d) ଦୂରଦୃଷ୍ଟି

36) ବାଇଗଣୀ, ଘନନୀଳ ଓ ନୀଳ ଆଲୋକର ତରଙ୍ଗ ଦୈର୍ଘ୍ୟ ଯଥାକ୍ରମେ x, y, z ହେଲେ କେଉଁଟି ଠିକ୍ ?

(a) $x = y = z$ (b) $x < y < z$

(c) $x > y > z$ (d) $x < y$ ଓ $y > z$

37) ଇନ୍ଦ୍ରଧନୁ ସୃଷ୍ଟି ବେଳେ ଆକାଶରେ ଭାସିବୁଲୁଥିବା କ୍ଷୁଦ୍ର ଜଳବିନ୍ଦୁମାନେ କିଭଳି କାର୍ଯ୍ୟ କରନ୍ତି ?

(a) କ୍ଷୁଦ୍ରଲେନ୍ସ (b) କ୍ଷୁଦ୍ର ଦର୍ପଣ

(c) କ୍ୟାମେରା (d) ପ୍ରିଜିମ

38) ଚକ୍ଷୁରେ ଥିବା ବିଭିନ୍ନ ଅଂଶଗୁଡ଼ିକର ସଠିକ୍ କ୍ରମଟି କିଏ ?

(a) ସ୍ୱଚ୍ଛପଟଳ, କନିନୀକା, ମୁକୁରିକା, ଚକ୍ଷୁ ଲେନ୍ସ

(b) ସ୍ୱଚ୍ଛପଟଳ, ମୁକୁରିକା, ଚକ୍ଷୁଲେନ୍ସ, କନିନୀକା

(c) ସ୍ୱଚ୍ଛପଟଳ, କନିନୀକା, ଚ଼କ୍ଷୁ ଲେନ୍ସ, କାଚଭରସ, ମୁକୁରିକା

(d) ସ୍ୱଚ୍ଛପଟଳ, ଚ଼କ୍ଷୁ ଲେନ୍ସ, ଜଳାଭରସ, କନିନୀକା, ମୁକୁରିକା

39) କେଉଁଟି ଆଲୋକର ବିଚ୍ଛୁରଣ ଯୋଗୁଁ ଘଟେ ନାହିଁ ?

(a) ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟ ଲାଲ ଦେଖାଯିବା

(b) ବିଳମ୍ବ ସୂର୍ଯ୍ୟାସ୍ତ

(c) ବିପଦ ସଂକେତର ବର୍ଣ୍ଣ ଲାଲ

(d) ନିର୍ମଳ ଆକାଶର ବର୍ଣ୍ଣ ନୀଳ ଦେଖାଯିବ

40) ଦ୍ୱି ଫୋକସୀ ଚ଼ଷମାର ଉପର ଅଂଶ __________ଲେନ୍ସ ଓ ନିମ୍ନାଂଶ __________ ଲେନ୍ସରେ ଗଠିତ ?

(a) ଉତ୍ତଳ, ଅବତଳ

(b) ଅବତଳ, ଉତ୍ତଳ

(c) ଭିନ୍ନ ଭିନ୍ନ ପାୱାରର ଉତ୍ତଳ ଲେନ୍ସ

(d) ଭିନ୍ନ ଭିନ୍ନ ପାୱାରର ଅବତଳ ଲେନ୍ସ

## ଉତ୍ତର

| | | | |
|---|---|---|---|
| 1) C | 2) C | 3) A | 4) A |
| 5) C | 6) C | 7) B | 8) B |
| 9) D | 10) A | 11) D | 12) D |
| 13) B | 14) A | 15) C | 16) D |
| 17) B | 18) B | 19) A | 20) B |
| 21) B | 22) A | 23) A | 24) D |
| 25) B | 26) B | 27) D | 28) C |
| 29) A | 30) D | 31) A | 32) C |
| 33) C | 34) B | 35) C | 36) B |
| 37) A | 38) C | 39) B | 40) B |

# ମାନବ ଚକ୍ଷୁ ଓ ବର୍ଣ୍ଣଜଗତ

## MCQ- Set-2

୧. ମାନବ ଚକ୍ଷୁ ଗୋଲକର ବ୍ୟାସ ପ୍ରାୟ କେତେ ସେ.ମି. ?

a. 1.3 b. 2.3 c. 3.3 d. 4.3

୨. ମାନବ ଚକ୍ଷୁରେ ପ୍ରତିବିମ୍ବ କାହା ଉପରେ ଗଠିତ ହୁଏ ?

a. ସ୍ୱଚ୍ଛ ପଟଳ b. ଚକ୍ଷୁ ଲେନ୍ସ c. କନୀନିକା d. ମୁକୁରିକା

୩. ନେତ୍ର ପିତୁଳାର ଆକାରକୁ ନିୟନ୍ତ୍ରଣ କରି ଚକ୍ଷୁ ମଧ୍ୟକୁ ଆବଶ୍ୟକ ପରିମାଣର ଆଲୋକ କିଏ ପଠାଇଥାଏ ?

a. ସ୍ୱଚ୍ଛପଟଳ b. କନୀନିକା c. ମୁକୁରିକା d. ଚକ୍ଷୁଲେନ୍ସ

୪. ଚକ୍ଷୁ ଲେନ୍ସରେ ସୃଷ୍ଟ ପ୍ରତିବିମ୍ବର ପ୍ରକୃତି କ'ଣ ?

a. ବାସ୍ତବ, ଓଲଟା b. ଆଭାସୀ, ସଳଖ c. ଆଭାସୀ, ଓଲଟା d. ବାସ୍ତବ, ସଳଖ

୫. ଚକ୍ଷୁରୁ ମସ୍ତିଷ୍କକୁ କାହା ମାଧ୍ୟମରେ ବିଦ୍ୟୁତ୍ ସଂକେତ ଯାଏ ?

a. ଚିତ୍ର ସ୍ନାୟୁ b. ସଂବେଦୀ ସ୍ନାୟୁ c. ନେତ୍ର ସ୍ନାୟୁ d. ତନ୍ତୁ ସ୍ନାୟୁ

୬. ସିଲିଆରୀ ମାଂସପେଶୀ ଦ୍ୱାରା ଚକ୍ଷୁ ଲେନ୍ସର ବକ୍ରତା ତଥା ଫୋକସ୍ ଦୂରତାକୁ ବଦଳାଇ ଏକ ବିନ୍ଦୁରେ କେନ୍ଦ୍ରୀଭୂତ କରିବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

a. ସମାୟୋଜନ b. ପ୍ରକୀର୍ଣ୍ଣନ c. ପ୍ରତିସରଣ d. ଦୃଷ୍ଟି ଚଳନ

୭. ସୁସ୍ଥ ଲୋକର ସ୍ୱଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା କେତେ ?

a. 25 CM b. 25 M c. 2.5 M d. 2.5 CM

୮. ସାଧାରଣ ଚକ୍ଷୁ ପାଇଁ ଦୂର ବିନ୍ଦୁ କେଉଁଟି ?

a. 25 CM b. 25 କି.ମି c. ଅନନ୍ତ ଦୂରତା d. 25 M.

୯. ମୋତିଆବିନ୍ଦୁ ହେଲେ ଚକ୍ଷୁ ଲେନ୍ସର ରଙ୍ଗ କ'ଣ ହୋଇଯାଏ ?

a. ଧଳା b. କଳା c. ନୀଳ d. କହିହେବ ନାହିଁ

୧୦. ଚକ୍ଷୁ ଲେନ୍ସ ମୋଟା ହୋଇ ଗଲେ ଫୋକସ୍ ଦୂରତାରେ କି ପରିବର୍ତ୍ତନ ହୁଏ ?

a. ବଢ଼ିଯାଏ b. କମିଯାଏ c. ସ୍ଥିର ରହେ d. କହିହେବ ନାହିଁ

୧୧. ଫୋକସ୍ ଦୂରତା ବଢ଼ିଲେ ଚକ୍ଷୁ ଲେନ୍ସରେ କି ପରିବର୍ତ୍ତନ ହୁଏ ?

a. ସରୁ ହୋଇଯାଏ b. ମୋଟା ହୋଇଯାଏ c. ସ୍ଥିର ରହେ d. କହିହେବ ନାହିଁ

୧୨. ଜଣେ ଗୋଟିଏ ଚକ୍ଷୁରେ ଭୂସମାନ୍ତର ଅଂଚଳର କେଉଁ ପରିମାଣ କୋଣରେ ଦେଖିପାରେ ?

a. $120^0$ b $180^0$ c. $150^0$ d. $90^0$

୧୩. ଜଣେ ଦୁଇଟି ଚକ୍ଷୁରେ କେଉଁ ପରିମାଣର କୋଣରେ ଥିବା ଅଂଚଳ ଦେଖିପାରେ ?

a. $150^0$ b. $180^0$ c $120^0$ d. $90^0$

୧୪. ଦୂର ବସ୍ତୁ ସ୍ୱଷ୍ଟ ଦେଖି ନ ପାରିବାକୁ କ'ଣ କୁହାଯାଏ ?

a. ସମୀପ ଦୃଷ୍ଟି b. ଦୂର ଦୃଷ୍ଟି c ଚାଳିଶା d. କେଉଁଟି ନୁହେଁ

୧୫. ସମୀପ ଦୃଷ୍ଟି ହେଲେ ଚକ୍ଷୁ ଲେନ୍ସର କି ପରିବର୍ତ୍ତନ ହୁଏ ?

a. ମୋଟା ହୋଇଯାଏ b. ସରୁ ହୋଇଯାଏ c ବକ୍ର ହୋଇଯାଏ d. କଣା ହୋଇଯାଏ

**୧୬. ସମୀପ ଦୃଷ୍ଟି ହେଲେ ବସ୍ତୁର ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?**

a. ମୁକୁରିକାରେ b. ମୁକୁରିକା ପଛରେ c. ମୁକୁରିକା ଆଗରେ d. ଜଳାଭରସରେ

**୧୭. ସମୀପ ଦୃଷ୍ଟିର ସଂଶୋଧନ ପାଇଁ କି ପ୍ରକାର ଲେନ୍ସର ଚଶମା ବ୍ୟବହାର କରାଯାଏ ?**

a. ଉତ୍ତଳ b. ସ୍ତମ୍ଭକର c. ଅବତଳ d. ଉତ୍ତଳ - ଅବତଳ

**୧୮. ସମୀପ ଦୃଷ୍ଟିରେ ଅବତଳ ଲେନ୍ସ ବ୍ୟବହାର କଲେ ପାୱାରର ସମାହାର ରୋଗୀର ଚକ୍ଷୁ ଲେନ୍ସର ପାୱାର ଠାରୁ କ'ଣ ହୁଏ ?**

a. ବଢ଼ି ଯାଏ b. କମି ଯାଏ c. ସ୍ଥିର ରହେ d. କହିହେବ ନାହିଁ

**୧୯. ଦୂର ଦୃଷ୍ଟି ହେଲେ ବସ୍ତୁର ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?**

a. ମୁକୁରିବା ପଛରେ b. ମୁକୁରିକା ଉପରେ c. ମୁକୁରିକା ଆଗରେ d. କାଚଭରସରେ

**୨୦. ପାଖ ବସ୍ତୁ ସ୍ୱଷ୍ଟ ଦେଖି ନ ପାଇବାକୁ କ'ଣ କୁହାଯାଏ ?**

a. ସମୀପ ଦୃଷ୍ଟି b. ଦୂର ଦୃଷ୍ଟି c. ଋଳିଶା d. କେଉଁଟି ନୁହେଁ

**୨୧. ଦୂର ଦୃଷ୍ଟି ହେଲେ ଚକ୍ଷୁ ଲେନ୍ସର କି ପରିବର୍ତ୍ତନ ହୁଏ ?** a. ମୋଟା ହୋଇଯାଏ b. ସରୁ ହୋଇଯାଏ c. ବକ୍ର ହୋଇଯାଏ d. କଣା ହୋଇଯାଏ

**୨୨. ଦୂର ଦୃଷ୍ଟିର ସଂଶୋଧନ ପାଇଁ କି ପ୍ରକାର ଲେନ୍ସର ଚଶମା ବ୍ୟବହାର କରାଯାଏ ?**

a. ଉତ୍ତଳ b. ଅବତଳ c. ଉତ୍ତଳ - ଅବତଳ d. କେଉଁଟି ନୁହେଁ

**୨୩. ଦୂର ଦୃଷ୍ଟିରେ ଉତ୍ତଳ ଲେନ୍ସ ବ୍ୟବହାର କଲେ ସମୂହ ଫୋକସ୍ ଦୂରତାରେ କି ପରିବର୍ତ୍ତନ ହୁଏ ?**

a. ବଢ଼ିଯାଏ b. ସ୍ଥିର ରହେ c. କମିଯାଏ d. କହିହେବ ନାହିଁ

**୨୪. ବ୍ୟକ୍ତିର ଉଭୟ ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି ରହିଥିଲେ କେଉଁ ପ୍ରକାର ଚଷମା ବ୍ୟବହାର କରାଯାଏ ?**

a. କଳା b. ଦ୍ୱି-ଫୋକସୀ c. ଏକ ଫୋକସୀ d. କଳା-ଧଳା

**୨୫. ତ୍ରିଭୁଜାକାର ପ୍ରିଜିମ୍‌ରେ ଧଳା ଆଲୋକର ପ୍ରତିସରଣ ବେଳେ ନିର୍ଗତ ରଶ୍ମି ଆପତନ ରଶ୍ମି ସହ କେଉଁ କୋଣ ସୃଷ୍ଟି କରେ ?**

a. ପ୍ରତିଫଳନ କୋଣ b. ଆପତନ କୋଣ c. ନିର୍ଗତ କୋଣ d. ବିଚଳନ କୋଣ

**୨୬. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରତିସରଣରୁ ବର୍ଣ୍ଣାଳୀ ସୃଷ୍ଟି ହେବା ପ୍ରକ୍ରିୟାକୁ କ'ଣ କୁହାଯାଏ ?**

a. ବିକୀର୍ଣ୍ଣନ b. ପ୍ରକୀର୍ଣ୍ଣନ c. ପ୍ରତିଫଳନ d. ସମାୟୋଜନ

**୨୭. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରତିସରଣ କରାଇ କେଉଁ ବୈଜ୍ଞାନିକ ପ୍ରଥମେ ବର୍ଣ୍ଣାଳୀ ସୃଷ୍ଟି କରାଇଥିଲେ ?**

a. ଗାଲିଲିଓ b. ଆଇନ୍‌ଷ୍ଟାଇନ୍ c. କୋପରନିକସ୍ d. ସାର୍ ଆଇଜାକ୍ ନିଉଟନ୍

**୨୮. ପ୍ରିଜିମ୍‌ରେ ସୃଷ୍ଟି ହେଉଥିବା ଧଳା ଆଲୋକର ବର୍ଣ୍ଣ ଅଂଶ ଗୁଡ଼ିକୁ କ'ଣ କୁହାଯାଏ ?**

a. ବର୍ଣ୍ଣମାଳା b. ବର୍ଣ୍ଣସମୂହ c. ସପ୍ତବର୍ଣ୍ଣ d. ବର୍ଣ୍ଣାଳୀ

**୨୯. ପ୍ରିଜିମ୍ ଦ୍ୱାରା ଧଳା ଆଲୋକ କେତୋଟି ବର୍ଣ୍ଣର ଆଲୋକରେ ବିଭକ୍ତ ହୁଏ ?**

a. 5 b. 6

c. 7 d. 4

**୩୦. ପ୍ରିଜିମ୍‌ରେ ଧଳା ଆଲୋକରୁ ବର୍ଣ୍ଣାଳୀ ସୃଷ୍ଟି ବେଳେ କେଉଁ ରଙ୍ଗର ଆଲୋକ ସର୍ବାଧିକ ବଙ୍କାଏ ?**

a. ବାଇଗଣୀ b. ଲାଲ୍ c. ସବୁଜ d. ଘନନୀଳ

**୩୧. ପ୍ରିଜିମ୍‌ରେ ଧଳା ଆଲୋକରୁ ବର୍ଣ୍ଣାଳୀ ସୃଷ୍ଟି ବେଳେ କେଉଁ ରଙ୍ଗର ଆଲୋକ ସର୍ବନିମ୍ନ ବଙ୍କାଏ ?**

a. ବାଇଗଣୀ b. ଲାଲ୍ c. ସବୁଜ d. ଘନନୀଳ

**୩୨. ଋଳିଶା ସଂଶୋଧନ ପାଇଁ କେଉଁ ଚଷମା ବ୍ୟବହାର କରାଯାଏ ?**

a. ଅବତଳ ଲେନ୍ସ b. ଉତ୍ତଳ ଲେନ୍ସ c. ସ୍ତମ୍ଭାକାର ଲେନ୍ସ d. ଆୟତାକାର ଲେନ୍ସ

**୩୩. ବର୍ଷା ଦିନେ ଆକାଶରେ ସୂର୍ଯ୍ୟର କେଉଁ ଦିଗରେ ଇନ୍ଦ୍ରଧନୁ ଦେଖାଯାଏ ?**

a. ସମାନ b. ବିପରୀତ c. ଉଭୟ d. କେଉଁଟି ନୁହେଁ

**୩୪. ଜଳ କଣାରେ କେଉଁ ପ୍ରକ୍ରିୟା ଯୋଗୁଁ ଇନ୍ଦ୍ରଧନୁ ସୃଷ୍ଟି ହୁଏ ?**

a. ପ୍ରତିଫଳନ b. ପ୍ରକୀର୍ଣ୍ଣନ

c. ପ୍ରକୀର୍ଣ୍ଣନ ଓ ଆଭ୍ୟନ୍ତରୀଣ ପ୍ରତିଫଳନ

d. ବିଚ୍ଛୁରଣ

**୩୫. କେଉଁ ମାନେ ସ୍ଥିର ଆଲୋକ ପ୍ରଦାନ କରନ୍ତି ?**

a. ନକ୍ଷତ୍ର b. ଗ୍ରହ c. ମହାଜାଗତିକ ପିଣ୍ଡ d. ଉପରୋକ୍ତ ସମସ୍ତ

**୩୬. କେଉଁ ମାନେ ଦପ୍ ଦପ୍ ହୁଅନ୍ତି ?**

a. ନକ୍ଷତ୍ର b. ଗ୍ରହ c. ତାରା d. କେଉଁଟି ନୁହେଁ

**୩୭. ତାରା ମାନେ ଦପ୍ ଦପ୍ ହୁଅନ୍ତି । ଏଥି ପାଇଁ କେଉଁ ପ୍ରକ୍ରିୟା ଦାୟୀ ?**

a. ପ୍ରତିଫଳନ b. ପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରତିଫଳନ c. ବାୟୁମଣ୍ଡଳୀୟ ପ୍ରତିସରଣ d. ବାୟୁମଣ୍ଡଳୀୟ ପ୍ରତିଫଳନ

**୩୮. ପ୍ରକୃତ ସୂର୍ଯ୍ୟାସ୍ତ ଓ ଆଭାସୀ ସୂର୍ଯ୍ୟାସ୍ତ ମଧ୍ୟରେ ସମୟ ବ୍ୟବଧାନ କେତେ ?**

a. 2 ମିନିଟ୍ b. 4 ମିନିଟ୍ c. 8 ମିନିଟ୍ d. 1 ମିନିଟ୍

**୩୯. କଲଏଡ଼ାଲ୍ ଦ୍ରବଣରେ ଆଲୋକର ଗତିପଥ କେଉଁ ପ୍ରକ୍ରିୟା ପାଇଁ ଦେଖାଯାଏ ?**

a. ପ୍ରତିଫଳନ b. ପ୍ରତିସରଣ c. ବିଚ୍ଛୁରଣ d. ବିକୀର୍ଣ୍ଣନ

**୪୦. କଲଏଡ଼ାଲ ଦ୍ରବଣରେ ଆଲୋକର ବିଚ୍ଛୁରଣକୁ କ'ଣ କୁହାଯାଏ ?**

a. ବସ୍ତୁତ୍ୱ ସିଦ୍ଧାନ୍ତ b. ଟିଣ୍ଡଲ ସିଦ୍ଧାନ୍ତ c. ନିଉଟନ୍ ସିଦ୍ଧାନ୍ତ d. କଣାଦ ସିଦ୍ଧାନ୍ତ

**୪୧. ଅତ୍ୟଧିକ କ୍ଷୁଦ୍ର କଣିକା କେଉଁ ରଙ୍ଗର ଆଲୋକ ବିଚ୍ଛୁରଣ କରେ ?**

a. ଲାଲ୍ b. ନୀଳ c. ସବୁଜ d. ଧଳା

**୪୨. ଅତ୍ୟଧିକ ବଡ଼ ଆକାରର କଣିକା କେଉଁ ଆଲୋକ ବିଚ୍ଛୁରଣ କରେ ?**

a. ଲାଲ୍ b. ନୀଳ c. ଧଳା d. ସବୁଜ

**୪୩. ଆକାଶର ବର୍ଣ୍ଣ କେଉଁ ପ୍ରକ୍ରିୟା ପାଇଁ ନୀଳ ଦେଖାଯାଏ ?**

a. ପ୍ରତିଫଳ b. ପ୍ରତିସରଣ c. ଆଭ୍ୟନ୍ତରୀଣ ପ୍ରତିଫଳନ d. ବିଚ୍ଛୁରଣ

**୪୪. ପୃଥିବୀ ଋରିପଟେ ବାୟୁମଣ୍ଡଳ ନ ଥିଲେ ଆକାଶ କିପରି ହୋଇଥାନ୍ତା ?**

a. ଧଳା b. ଅନ୍ଧ କାରମୟ c. ଅଧିକ ନୀଳ d. ଲାଲ୍

**୪୫. କେଉଁ ବର୍ଣ୍ଣ ଆଲୋକକୁ ବିପଦ ସଂକେତ ରୂପେ ବ୍ୟବହାର କରାଯାଏ ?**

a. ନୀଳ b. କଳା c. ଧଳା d. ଲାଲ୍

**୪୬. କୌଣସି ବ୍ୟକ୍ତି ୫୦ ସେ.ମି. ଦୂରରୁ ବସ୍ତୁକୁ ସ୍ୱଷ୍ଟ ଭାବେ ଦେଖିପାରେ ନାହିଁ ଏହି ଦୃଷ୍ଟିକୁ ସୁଧାରିବା**

a. +5D b. +0.5D c. +2D d. +0.5D

**୪୭. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରକୀର୍ଣ୍ଣନରେ କେଉଁ ରଙ୍ଗ ପ୍ରିଜିମ୍ ଭୂମି ଆଡୁ ଦ୍ୱିତୀୟରେ ରହେ ?**

a. ନୀଳ b. ନାରଙ୍ଗୀ c. ଘନନୀଳ d. ହଳଦିଆ

**୪୮. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରକୀର୍ଣ୍ଣନରେ ପିଜିମ୍‌ର ଭୂମି ଆଡୁ ପଂଚମରେ କେଉଁ ରଙ୍ଗ ରହେ ?**

a. ନୀଳ b. ନାରଙ୍ଗୀ c. ଘନନୀଳ d. ହଳଦିଆ

**୪୯. ସୂର୍ଯ୍ୟାସ୍ତ ସମୟରେ ନିମ୍ନସ୍ଥ କେଉଁ ରଙ୍ଗର ଆଲୋକ ବିଚ୍ଛୁରିତ ହୋଇଥାଏ ?**

a. ଧଳା b. ଲାଲ୍ c. ନୀଳ d. କହିହେବ ନାହିଁ

**୫୦. ମଧ୍ୟାହ୍ନ ସମୟରେ ସୂର୍ଯ୍ୟାଲୋକର ବର୍ଣ୍ଣ କ'ଣ ଥାଏ ?**

a. ହଳଦିଆ b. ଲାଲ୍ c. ଧଳା d. ନୀଳ

## ANSWER

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1.b | 2.d | 3.b | 4.a | 5.c | 6.a | 7.a | 8.c | 9.a | 10.b | 11.a | 12.c |
| 13.b | 14.a | 15.a | 16c | 17.c | 18.b | 19.a | 20.b | 21.b | 22.a | 23.c | 24.b |
| 25.d | 26.b | 27.d | 28.d | 29.c | 30.a | 31.b | 32b | 33.b | 34.c | 35.d | 36.c |
| 37.c | 38a | 39.c | 40.b | 41.b | 42.c | 43.d | 44.b | 45.d | 46.b | 47.c | 48.d |
| 49.c | 50.c | | | | | | | | | | |

## 4 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

1) ବିଭିନ୍ନ ଦୃଷ୍ଟିଦୋଷର କାରଣ ଓ ନିରାକରଣ ବିଷୟରେ ଆଲୋଚ଼ନା କର ।

ଉ- ଦୃଷ୍ଟିଦୋଷ ମୁଖ୍ୟତଃ ତିନି ପ୍ରକାରର । ଯଥା - ସମୀପଦୃଷ୍ଟି, ଦୂରଦୃଷ୍ଟି ଓ ଚାଳିଶା

(a) ସମୀପ ଦୃଷ୍ଟିର କାରଣ ଓ ଲକ୍ଷଣ :-

(i) ଏହି ଦୃଷ୍ଟିଦୋଷରେ ନିକଟବସ୍ତୁ ଦେଖାଯାଏ ମାତ୍ର ଦୂରବସ୍ତୁ ଦେଖାଯାଏ ନାହିଁ ।

(ii) ଏହି ଦୃଷ୍ଟିଦୋଷର ଚ଼କ୍ଷୁଲେନ୍ସର ବକ୍ରତା ବଢ଼ିଯାଏ କିମ୍ବା ଚ଼କ୍ଷୁ ଗୋଲକ ଲମ୍ବିଯାଏ । ଫଳରେ ଦୂରବସ୍ତୁରୁ ଆସୁଥିବା ଆଲୋକ ରଶ୍ମିଗୁଚ୍ଛ ମୁକୁରିକା ପରିବର୍ତ୍ତେ କାଚଭରସରେ ପ୍ରତିବିମ୍ବ ସୃଷ୍ଟି କରେ । ତେଣୁ ଦୂରବସ୍ତୁ ସ୍ପଷ୍ଟ ଦେଖାଯାଏ ନାହିଁ ।

(iii) ନିରାକରଣ –

ଏହି ଦୃଷ୍ଟି ଦୋଷର ପ୍ରତିକାର ପାଇଁ ଲେନ୍ସର ଫୋକସ ଦୂରତା ବଢ଼ାଇବା କିମ୍ବା ପାୱାର କମାଇବା ଆବଶ୍ୟକ । ତେଣୁ ଉପଯୁକ୍ତ ପାୱାରର ଅବତଳ ଚ଼ଷମା ପିନ୍ଧିଲେ ଚ଼କ୍ଷୁଲେନ୍ସ ଓ ଚ଼ଷମା ଲେନ୍ସର ମୋଟ ପାୱାର ଚ଼କ୍ଷୁଲେନ୍ସର ପାୱାର ଠାରୁ କମ୍ ହେବ ଓ ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହେବ ।

(b) ଦୂରଦୃଷ୍ଟିରେ କାରଣ ଓ ଲକ୍ଷଣ

(i) ଏହି ଦୃଷ୍ଟି ଦୋଷର ଦୂରବସ୍ତୁ ଦେଖାଯାଏ ମାତ୍ର ନିକଟବସ୍ତୁ ଦେଖାଯାଏ ନାହିଁ

(ii) ଏହି ଦୃଷ୍ଟି ଦୋଷର ଚ଼କ୍ଷୁଲେନ୍ସର ବକ୍ରତା କମିଯାଏ କିମ୍ବା ଚ଼କ୍ଷୁ ଲେନ୍ସର ପାୱାର କମିଯାଏ । ଫଳରେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ନପଡ଼ି ତା' ପଛ ପାଖରେ ପଡ଼େ । ତେଣୁ ନିକଟ ବସ୍ତୁ ଦେଖାଯାଏ ନାହିଁ ।

(iii) ନିରାକରଣ –

ଏହି ଦୃଷ୍ଟି ଦୋଷର ନିରାକରଣ ପାଇଁ ଚ଼କ୍ଷୁ ଲେନ୍ସର ପାୱାର ବଢ଼ାଇବା ଦରକାର । ତେଣୁ ଉପଯୁକ୍ତ ପାୱାରର ଉତଳ ଚ଼ଷମା ପିନ୍ଧିଲେ ଏହି ଉତଳ ଲେନ୍ସ ଓ ଚ଼କ୍ଷୁ ଲେନ୍ସର ସମାହାରର ପାୱାର ଅଧିକ ହୁଏ ଓ ଫୋକସ

ଦୂରତା କମିଯାଏ । ଫଳରେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ପଡ଼େ ଓ ବସ୍ତୁଟି ସ୍ପଷ୍ଟ ଦେଖାଯାଏ ।

(c) ଚାଳିଶା

(vii) ବୟସ ଚାଳିଶ ବର୍ଷ ପାଖାପାଖି ହୋଇଗଲେ କିଛି ବ୍ୟକ୍ତିଙ୍କ ଚକ୍ଷୁର ସିଲିଆରୀ ମାଂସପେଶୀ ଦୁର୍ବଳ ହୋଇଯାଏ । ଏହା ଯୋଗୁ ଚକ୍ଷୁ ଲେନ୍ସ ସମାୟୋଜନ ପାୱାର ହରାଏ ଓ ନିକଟ ବସ୍ତୁ ଦେଖିବାରେ ଅସୁବିଧା ହୁଏ । ଏହାକୁ ଚାଳିଶ କୁହାଯାଏ ।

(viii) ଏହି ଦୃଷ୍ଟିଦୋଷକୁ ନିରାକରଣ କରିବା ପାଇଁ ଉପଯୁକ୍ତ ପାୱାରର ଉତଳ ଲେନ୍ସର ଚକ୍ଷମା ବ୍ୟବହାର କରାଯାଏ ।

2. ଏକ ପ୍ରିଜିମ୍ ମାଧ୍ୟମରେ ଆଲୋକର ପ୍ରତିସରଣ ବୁଝାଏ । ଏହାର ନାମାଙ୍କିତ ଚିତ୍ର ଅଙ୍କନ କରି ବିଚଳନ କୋଣ କାହାକୁ କୁହନ୍ତି ଲେଖ ।

ଚିତ୍ର –




ଚିତ୍ର 7.4 ତ୍ରିଭୁଜାକାର ପ୍ରିଜ୍ମରେ ଧଳା ଆଲୋକର ପ୍ରତିସରଣ

(i) ABC ତ୍ରିଭୁଜଟି ଏକ ପ୍ରିଜିମର ପ୍ରସ୍ଥଚ୍ଛେଦ । ଏଠାରେ PQ ରଶ୍ମି ପ୍ରିଜିମର AB ପୃଷ୍ଠ ଉପରେ E ବିନ୍ଦୁରେ ଆପାତିତ ହେଉଛି $NEN^1$ ଅଭିଲମ୍ବ ।

(ii) ଆପାତିତ ରଶ୍ମି PE ପ୍ରିମିଜ ମଧ୍ୟରେ EF ରୂପରେ ପ୍ରତିସୃତ ହୋଇ F ଠାରେ FS ରଶ୍ମି ରୂପରେ ନିର୍ଗତ ହେଉଛି । F ଠାରେ $MM^1$ ହେଉଛି ଅଭିଲମ୍ବ ।

(iii) E (ଆପତନ ବିନ୍ଦୁ) ଠାରେ ବାୟୁ ମାଧ୍ୟମରୁ ଆସୁଥିବା ଆଲୋକ ରଶ୍ମି ପ୍ରିଜିମ୍ ମଧ୍ୟରେ ପ୍ରବେଶ କରି ପ୍ରତିସୃତ ହେଲା ବେଳେ ଅଭିଲମ୍ବ ଆଡ଼କୁ ବଙ୍କାଇ ଆସେ । ସେହିପରି କାଚ୍‌ରୁ ବାୟୁକୁ ଯିବା ବେଳେ F ବିନ୍ଦୁଠାରେ ପ୍ରତିସୃତ ହେବା ସମୟରେ ଅଭିଲମ୍ବଠାରୁ ଦୂରେଇ ଯାଏ ।

(iv) ପ୍ରିମିଜର ତ୍ରିଭୁଜାକାର ଆକୃତି ହେତୁ ଦୁଇ ଆୟତାକାର ପ୍ରତିସରଣ ପୃଷ୍ଠ ପରସ୍ପର ସହ କୋଣକରି ରୁହନ୍ତି । ସେଥିପାଇଁ ନିର୍ଗତ ରଶ୍ମି ଓ ଆପତନ ରଶ୍ମି ପରସ୍ପର ସହ କୋଣ ସୃଷ୍ଟି କରି ବଙ୍କାଇ ଥାନ୍ତି । ଏହି କୋଣକୁ ବିଚଳନ କୋଣ (angle of deviation) କୁହାଯାଏ । ଏହି ଚିତ୍ରରେ $\angle HGF$ କୁ ବିଚଳନ କୋଣ କୁହାଯାଏ ।

3. ଚକ୍ଷୁଦାନ ବେଳେ କେଉଁ ସବୁ ବିଷୟରେ ଧ୍ୟାନ ଦିଆଯାଏ ଲେଖ ।

ଉ.(i) ଯେ କୌଣସି ବୟସର ସ୍ତ୍ରୀ, ପୁରୁଷ କିମ୍ବା ପିଲା ଚକ୍ଷୁଦାନ କରିପାରିବେ ।

(ii) ଯେଉଁମାନେ ଚକ୍ଷମା ପିନ୍ଧୁଛନ୍ତି ବା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଛନ୍ତି, ସେମାନେ ମଧ୍ୟ ଚକ୍ଷୁଦାନ କରିପାରିବେ ।

(iii) ମଧୁମେହ, ଉଚ୍ଚରକ୍ତଚାପ, ଶ୍ୱାସରୋଗରେ ପୀଡ଼ିତ ହେଲେ ମଧ୍ୟ କୌଣସି ସଂକ୍ରାମକ ରୋଗ ନଥିଲେ ସେହି ବ୍ୟକ୍ତି ଚକ୍ଷୁଦାନ କରିପାରିବେ ।

(iv) ଯେଉଁ ବ୍ୟକ୍ତିମାନେ ଏଡ଼ସ୍, ହେପାଟାଇଟସ ବା ଏନସେଫାଲାଇଟିସ ରୋଗରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କର ଚକ୍ଷୁଦାନ ହୋଇପାରେନାହିଁ ।

(v) ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର 4–6 ଘଣ୍ଟା ମଧ୍ୟରେ ଚକ୍ଷୁକୁ କାଢ଼ି ନିଆଯାଏ । ତେଣୁ ନିକଟସ୍ଥ ଚକ୍ଷୁବ୍ୟାଙ୍କକୁ ଅବଗତ କରାଗଲେ ସେମାନେ ମୃତ ବ୍ୟକ୍ତିଙ୍କ ଘରୁ କିମ୍ବା ନିକଟସ୍ଥ ଡ଼ାକ୍ତରଖାନାରେ ଚକ୍ଷୁ କାଢ଼ିନିଅନ୍ତି ।

(vi) ଚକ୍ଷୁ କାଢ଼ିବା ପାଇଁ 10–15 ମିନିଟ୍ ସମୟ ଲାଗେ ଓ ଏହା ଯୋଗୁ ମୃତବ୍ୟକ୍ତିର ମୁଖମଣ୍ଡଳ ବିକୃତ ହୁଏ ନାହିଁ । ଚକ୍ଷୁଦାତା ଓ ଗ୍ରହୀତାଙ୍କ ନାମ ଗୋପନ ରଖାଯାଏ । ଯେଉଁ ଚକ୍ଷୁ ଦାନ କରାଯାଇପାରେ ନାହିଁ, ତାହା ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣା ଶିକ୍ଷା ପାଇଁ ବ୍ୟବହାର କରାଯାଏ ।

4. ଚକ୍ଷୁ ଆମକୁ କିପରି ଦେଖିବାରେ ସହାୟକ ହୁଏ, ବୁଝାଅ ।

ଉ. (i) କୌଣସି ବସ୍ତୁରୁ ଆସୁଥିବା ଆଲୋକ ରଶ୍ମି ସ୍ୱଚ୍ଛପଟଳ ମଧ୍ୟଦେଇ ଚକ୍ଷୁ ମଧ୍ୟରେ ପ୍ରବେଶ କରେ । ଚକ୍ଷୁ ଲେନ୍ସ

ପରିବର୍ତ୍ତିତ ହୋଇ ଭିନ୍ନ ଭିନ୍ନ ଦୂରତାରେ ଥିବା ବସ୍ତୁର ପ୍ରତିବିମ୍ବ ମୁକୁରିକା ଉପରେ ଫୋକ୍ସ କରେ ।

(ii) ଚକ୍ଷୁର କନିନୀକା ନେତ୍ରପିତୁଳାର ଆକାରକୁ ନିୟନ୍ତ୍ରଣ କରି ଚକ୍ଷୁ ମଧ୍ୟକୁ ଆବଶ୍ୟକ ପରିମାଣର ଆଲୋକ ପଠାଇଥାଏ ।

(iii) ଚକ୍ଷୁ ଲେନ୍ସ ଦ୍ୱାରା ବସ୍ତୁର ଏକ ବାସ୍ତବ, କ୍ଷୁଦ୍ର ଓ ଓଲଟା ପ୍ରତିବିମ୍ବ ମୁକୁରିକା ଉପରେ ସୃଷ୍ଟି ହୁଏ । ମୁକୁରିକାରେ ଥିବା ଆଲୋକ ସଂବେଦୀ ସେଲଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଂକେତ ନେତ୍ରସ୍ନାୟୁ ମାଧ୍ୟମରେ ମସ୍ତିଷ୍କକୁ ପଠାନ୍ତି ।

(iv) ମସ୍ତିଷ୍କ ସୃଷ୍ଟି ହୋଇଥିବା ଓଲଟା ପ୍ରତିବିମ୍ବକୁ ସଳଖ କରି ଆମକୁ ବସ୍ତୁକୁ ଦେଖାଏ ।

5. ଚାଳିଶା ଦୋଷ କାହାକୁ କୁହାଯାଏ ? ଏହାର କାରଣ ଓ ନିରାକରଣ ଲେଖ ।

ଉ. (i) ବୟସ ବଢ଼ିଗଲେ ଅର୍ଥାତ୍ ଚାଳିଶ ବର୍ଷ ପାଖାପାଖି ବା ଅଧିକ ହୋଇଗଲେ କିଛି ବ୍ୟକ୍ତି ଚକ୍ଷୁର ସିଲିଆରୀ ମାଂସପେଶୀ ଦୁର୍ବଳ ହୋଇଯାଏ ।

(ii) ଏହା ଯୋଗୁ ଚକ୍ଷୁ ଲେନ୍ସ ତାହାର ସମାୟୋଜନ କ୍ଷମତା ହରାଇବା ଫଳରେ ସେହି ବ୍ୟକ୍ତି ପାଇଁ ନିକଟ ବସ୍ତୁ ଦେଖିବାରେ ଅସୁବିଧା ହୁଏ । ଏପରି ଦୃଷ୍ଟିଦୋଷକୁ ଚାଳିଶା କୁହାଯାଏ ।

(iii) ଏଥିପାଇଁ ଉପଯୁକ୍ତ ପାୱାରର ଉତ୍ତଳ ଲେନ୍ସର ଚଷମା ବ୍ୟବହାର କରାଯାଏ ।

(iv) ସମୟେ ସମୟେ ଜଣେ ବ୍ୟକ୍ତିର ଉଭୟ ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି ରହିଥାଏ । ସେମାନଙ୍କର ଚଷମାରେ ଦୁଇ ପ୍ରକାରର ଲେନ୍ସ ଏକାଠି ରଖାଯାଇଥାଏ ।

(v) ତଳ ଲେନ୍ସରେ ସେମାନେ ନିକଟବସ୍ତୁକୁ ଦେଖନ୍ତି ବା ବହି ପଢ଼ିପାରନ୍ତି ଓ ଉପର ଲେନ୍ସରେ ଦୂରରେ ଥିବା ବସ୍ତୁକୁ ଦେଖନ୍ତି । ଏ ପ୍ରକାରର ଚଷମାକୁ ବାଇଫୋକାଲ ଚଷମା (ଦ୍ୱିଫୋକସୀ ଚଷମା) କୁହାଯାଏ ।

6. କଲଏଡ଼ାଲ ଦ୍ରବଣ ମଧ୍ୟରେ ଆଲୋକର ବିଚ୍ଛୁରଣ କିପରି ହୁଏ, ପରୀକ୍ଷା ଦ୍ୱାରା ବୁଝାଅ ।

ଉ. (i) ଗୋଟିଏ ଉତଳ ଲେନ୍ସ (4) ର ଫୋକସରେ ଏକ ଧଳା ଆଲୋକ ଉତ୍ସ ରଖାଯାଉ ।

(ii) $L_1$ ରୁ ନିର୍ଗତ ହେଉଥିବା ସମାନ୍ତରାଳ ଆଲୋକ ରଶ୍ମି ଗୁଡ଼ିକୁ ସ୍ୱଚ୍ଛ ଜଳପୂର୍ଣ୍ଣ ପାତ୍ର (T) ମଧ୍ୟରେ ଯିବାକୁ ଦିଆଯାଉ ।

(iii) ଏହା ପରେ ଆଲୋକ ରଶ୍ମି ଗୁଛକୁ ଏକ କାର୍ଡ଼ବୋର୍ଡ଼ର ବୃତ୍ତାକାର ରନ୍ଧ୍ର (C) ଦେଇ ଛଡ଼ାଯାଉ ଯାହା ଅନ୍ୟ ଏକ ଉତ୍ତଳ ଲେନ୍ସ $L_2$ ମଧ୍ୟରେ ଯାଇ ପରଦାରେ ପଡ଼ୁ ।

(iv) 200 ଗ୍ରାମ ସୋଡ଼ିୟମ ଥାଓସଲଫେଟ୍ 2 ଲିଟର ଜଳରେ ଦ୍ରବୀଭୂତ କରି କାଚ଼ପାତ୍ର T ମଧ୍ୟରେ ରଖାଯାଉ ଓ 1 ରୁ 2ମିଲି. ଗାଢ଼ ସଲଫ୍ୟୁରିକ୍ ଅମ୍ଳ ଏଠାରେ ମିଶାଯାଉ ।

(v)ଦୁଇ ବା ତିନିମିନିଟ୍ ମଧ୍ୟରେ ଅତି ସୂକ୍ଷ୍ମ ସଲଫର କଣିକାଗୁଡ଼ିକ ଫେଣ ଆକାରରେ ଭାସୁଥିବାର ଦେଖାଯିବ । ଏହି କଣିକା ସୃଷ୍ଟି ହେଲେ କାଚ଼ପାତ୍ରର ତିନି ପାଖରୁ ନୀଳ ଆଲୋକ ଆସୁଥିବାର ଦେଖାଯିବ ।

(vi)ବୃତ୍ତାକାର ରନ୍ଧ୍ର (C) ଦେଇ ସଂଚରିତ ଆଲୋକ ଲେନ୍ସ $L_2$ ଦ୍ୱାରା ପ୍ରତିସୃତ ହେଲା ପରେ ପରଦାରେ ପ୍ରଥମେ ଲାଲ ମିଶା ନାରଙ୍ଗୀ ଓ ତାହା ପରେ MN ଗାଢ଼ ଲାଲବର୍ଣ୍ଣର ଆଲୋକ ଦେଖାଯିବ ।

(vii)ସଲଫର କଣିକାଗୁଡ଼ିକ ଅତି ସୂକ୍ଷ୍ମ ହୋଇଥିବାରୁ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ଆଲୋକ ବିଚ୍ଛୁରଣ କରନ୍ତି । ତେଣୁ କାଚ଼ପାତ୍ରର ତିନି ପାଖରେ ନୀଳ ଆଲୋକ ଦେଖାଯାଏ ।

(viii)ପ୍ରତିକ୍ରିୟା ଘଟିଲେ ବୃହତ୍ ସଲଫର କଣିକାମାନେ ସୃଷ୍ଟି ହୁଅନ୍ତି ଓ ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନାରଙ୍ଗୀ ଓ ଲାଲ୍ ଆଲୋକ ବିଚ୍ଛୁରଣ କରନ୍ତି ଯାହା ପରଦାରେ ଦେଖାଯାଏ ।

ଚିତ୍ର –




ଚିତ୍ର 7.11 କଲଏଡ଼ାଲ ଦ୍ରବଣ ମଧରେ ଆଲୋକର ବିଚ୍ଛୁରଣ

# 3 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

1. ଗ୍ରହମାନେ କାହିଁକି ଦପ୍‌ଦପ୍ କରନ୍ତି ନାହିଁ ?

ଉ. (i) ଗ୍ରହମାନେ ପୃଥିବୀର ନିକଟତର ଥିବାରୁ ବଡ଼ ଦେଖାଯାଆନ୍ତି । ତେଣୁ ଏମାନଙ୍କୁ ବିସ୍ତୀର୍ଣ୍ଣ ଆଲୋକ-ଉତ୍ସ ରୂପେ ଗଣାଯାଏ ।

(ii) ଏହି ବିସ୍ତୀର୍ଣ୍ଣ ଆଲୋକ ଉତ୍ସର ବିଭିନ୍ନ ବିନ୍ଦୁରୁଏକ ସମୟରେ ଅନେକ ରଶ୍ମି ବାହାରି ବାୟୁମଣ୍ଡଳ ମଧ୍ୟକୁ ଏକ ରଶ୍ମିଗୁଚ୍ଛ ରୂପେ ପ୍ରବେଶ କରେ ।

(iii) ବାୟୁମଣ୍ଡଳୀୟ ପ୍ରତିସରଣ ପାଇଁ ରଶ୍ମିଗୁଚ୍ଛର ପ୍ରତ୍ୟେକ ବିନ୍ଦୁ ଉତ୍ସରୁ ଦୀପ୍ତିରେ ହ୍ରାସ ବୃଦ୍ଧି ହେଉଥିଲେ ମଧ୍ୟ ତାହା ସ୍ୱତନ୍ତ୍ର ଭାବେ ଜଣା ନପଡ଼ି ସବୁ ବିନ୍ଦୁଉତ୍ସରେ ମିଶ୍ରିତ ଦୀପ୍ତି ସମାନ ରହିବା ପରି ଲାଗେ ।

(iv) ତେଣୁ ଗ୍ରହର ଦୀପ୍ତି ଗୁଡ଼ିଏ ବିନ୍ଦୁର ହାରାହାରି ଦୀପ୍ତି ସହ ସମାନ ହୁଏ । ପ୍ରତ୍ୟେକ ବିନ୍ଦୁର ଆଲୋକ ହ୍ରାସ ବୃଦ୍ଧି ବାରି ହୁଏ ନାହିଁ । ଗ୍ରହ ସ୍ଥିର ଆଲୋକ ଦେଲା ପରି ମନେ ହୁଏ ।

2. ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟ ଲାଲ ଦେଖାଯାଏ ମାତ୍ର ମଧ୍ୟାହ୍ନ ସମୟରେ ଧଳା ଦେଖାଯାଏ କାହିଁକି ?

ଉ. (i) ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟ ଦିଗ୍‌ବଳୟ ନିକଟରେ ଅର୍ଥାତ୍ ସର୍ବାଧିକ ଦୂରତାରେ ଥାଆନ୍ତି ଓ ସୂର୍ଯ୍ୟାଲୋକ ବାୟୁମଣ୍ଡଳରେ ଅଧିକ ଦୂରତା ଅତିକ୍ରମ କରି ଆମ ଚକ୍ଷୁ ନିକଟରେ ପହଞ୍ଚେ ।

(ii) ଅଧିକ ଦୂରତା ଅତିକ୍ରମ କରି ପହଞ୍ଚିବା ବେଳେ ନୀଳବର୍ଣ୍ଣର ଆଲୋକ କ୍ଷୁଦ୍ରକଣିକା ଦ୍ୱାରା ବିଚ୍ଛୁରିତ ହୋଇଯାଆନ୍ତି ଓ ଆମ ଚକ୍ଷୁ ନିକଟରେ ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲାଲ ଆଲୋକ ପହଞ୍ଚେ । ତେଣୁ ସୂର୍ଯ୍ୟ ଲାଲ ଦେଖାଯାଏ ।

(iii) ମାତ୍ର ମଧ୍ୟାହ୍ନ ସମୟରେ ସୂର୍ଯ୍ୟ ଆମ ମୁଣ୍ଡ ଉପରେ ଥାଆନ୍ତି । ତେଣୁ ଆଲୋକକୁ ଅପେକ୍ଷା କମ୍ ଦୂରତା ଅତିକ୍ରମ କରିବାକୁ ପଡ଼େ । କମ୍ ଦୂରତା ଗତି କରୁଥିବାରୁ ନୀଳ ଓ ବାଇଗଣୀ ଆଲୋକ ଖୁବ୍ କମ୍ ବିଚ୍ଛୁରିତ ହୁଏ ଓ ସୂର୍ଯ୍ୟ ଧଳା ଦେଖାଯାଏ ।

3. ବାଦଲ କାହିଁକି ଧଳା ଦେଖାଯାଏ ?

ଉ. (i) ବାଦଲ ଗୁଡ଼ିକ ବାୟୁମଣ୍ଡଳରେ ବହୁତ କମ୍ ଉଚ୍ଚତାରେ ଥାଆନ୍ତି ।

(ii) ଏହି ଉଚ୍ଚତାରେ ବଡ଼ ଧୂଳିକଣା, ଜଳବିନ୍ଦୁ ଓ ବରଫ କଣିକା ଗୁଡ଼ିକ ଥାଆନ୍ତି ।

(iii)ଏହି କଣିକା ଗୁଡ଼ିକର ଆକାର ବଡ଼ ହୋଇଥିବାରୁ ଏହା ଧଳା ଆଲୋକ ବିଚ୍ଛୁରଣ କରେ । ତେଣୁ ବାଦଲ ଧଳା ଦେଖାଯାଏ ।

4. ବାୟୁମଣ୍ଡଳୀୟ ପ୍ରତିସରଣ ଯୋଗୁ ସଅଳ ସୂର୍ଯ୍ୟୋଦୟ ଓ ବିଳମ୍ବ ସୂର୍ଯ୍ୟାସ୍ତ କିପରି ହୁଏ, ଚିତ୍ର ସହ ବୁଝାଅ ?




ଉ. (i)

(ii) ସୂର୍ଯ୍ୟ ଉଦୟର ପ୍ରାୟ ଦୁଇ ମିନିଟ ପୂର୍ବରୁ ଓ ସୂର୍ଯ୍ୟାସ୍ତର ପ୍ରାୟ ଦୁଇ ମିନିଟ୍ ପର ପର୍ଯ୍ୟନ୍ତ ସୂର୍ଯ୍ୟ ଆମକୁ ଆକାଶର ଦେଖାଯାଏ ।

(iii)ବାୟୁମଣ୍ଡଳୀୟ ପ୍ରତିସରଣ ଯୋଗୁଁ ସୂର୍ଯ୍ୟ ଦିଗ୍‌ବଳୟର ତଳେ ଥିଲେ ମଧ୍ୟ ଆମକୁ ସୂର୍ଯ୍ୟର ଆଭାସୀ ଅବସ୍ଥାନ ଆକାଶରେ ଦେଖାଯାଏ ।

5. ମଣିଷର ଦୁଇଟି ଚକ୍ଷୁ ଥିବାରୁ କ'ଣ ସୁବିଧା ହୁଏ ଲେଖ । ମଣିଷର ଆଖି ମୁହଁ ସମ୍ମୁଖରେ ନଥାଇ ମୁଣ୍ଡର ଦୁଇ ବିପରୀତ ପାର୍ଶ୍ୱରେ ଥିଲେ କ'ଣ ସୁବିଧା ହୋଇଥାନ୍ତା ?

ଉ. ମଣିଷର ଦୁଇଟି ଚକ୍ଷୁ ଥିବାର ସୁବିଧା :-

(i) ଗୋଟିଏ ଚକ୍ଷୁରେ ଭୂସମାନ୍ତର ଅଞ୍ଚଳର ପ୍ରାୟ 150° କୋଣ ପର୍ଯ୍ୟନ୍ତ ଦେଖାଯାଏ ମାତ୍ର ଦୁଇଟି ଚକ୍ଷୁରେ ପ୍ରାୟ 180° ରେ ଥିବା ଅଞ୍ଚଳ ଦେଖାଯାଏ ।

(ii) ଦୁଇଟି ଚକ୍ଷୁ ଥିବା ଦ୍ୱାରା ଦେଖିବାର ଦକ୍ଷତା ମଧ୍ୟ ବୃଦ୍ଧି ପାଏ ।

(iii) ଦୁଇଟି ଚକ୍ଷୁ ଥିବା ଦ୍ୱାରା ବସ୍ତୁର ତୃତୀୟ ବିମିତି, ଗଭୀରତା ବା ମୋଟେଇ ଜଣାଯାଏ ।

(iv) ମଣିଷର ଚକ୍ଷୁ ମୁଖମଣ୍ଡଳର ସମ୍ମୁଖ ଭାଗରେ ନ ଥାଇ ମୁଣ୍ଡର ଦୁଇ ବିପରୀତ ପାର୍ଶ୍ୱରେ ଥିଲେ ଦେଖିବାର ପରିସର ବୃଦ୍ଧି ପାଇଥାନ୍ତା ଓ ଆମେ ଅଧିକ ଅଚଳ ଦେଖିପାରନ୍ତେ ।

6. ଚକ୍ଷୁ ଦ୍ୱାରା ସୃଷ୍ଟ ପ୍ରତିବିମ୍ବର ଆକାର ଓ ପ୍ରକୃତି ବିଷୟରେ ସୂଚନା ଦିଅ । ଆମେ ସମ ଆକାର ଓ ସଳଖ ଭାବରେ ବସ୍ତୁକୁ କିପରି ଦେଖୁ ?

ଉ. (i) ଚକ୍ଷୁରେ ସୃଷ୍ଟ ପ୍ରତିବିମ୍ବ ମୁକୁରିକା ଭଳି ପରଦାରେ ଧରି ହୁଏ । ତେଣୁ ଏହା ବାସ୍ତବ ପ୍ରତିବିମ୍ବ ।

(ii) ଆମର ଦୁଇଟି ଚକ୍ଷୁରେ ଦୁଇଟି ଉତଳ ଲେନ୍ସ ଅଛି ଓ ସେମାନେ ପରସ୍ପର ଠାରୁ କିଛି ଦୂରତାରେ ଅଛି । ଆମର ଦୁଇଟି ଯାକ ଚକ୍ଷୁରେ ବସ୍ତୁର ଦୁଇଟି କ୍ଷୁଦ୍ର, ଓଲଟା ଏବଂ ବାସ୍ତବ ପ୍ରତିବିମ୍ବ ସୃଷ୍ଟି ହୁଏ ।

(iii) ମସ୍ତିଷ୍କର ନିର୍ଦ୍ଦେଶରେ ଦୁଇଟି ପ୍ରତିବିମ୍ବକୁ ଗୋଟିଏ କରି ଦେଖିବା ସହ ସଳଖ ଓ ସମ ଆକାରରେ ଦେଖୁ ।

7. ପ୍ରିଜିମ୍ ଦ୍ୱାରା ଧଳା ଆଲୋକର ପ୍ରକୀର୍ଣ୍ଣନକୁ ଦର୍ଶାଇବା ପାଇଁ ଏକ ପରୀକ୍ଷା ବର୍ଣ୍ଣନା କର ।




ଉ. (i)

ଚିତ୍ର 7.5 ପ୍ରିଜ୍‌ମରେ ଧଳା ଆଲୋକର ପ୍ରକୀର୍ଣ୍ଣନ

(ii) **ପରୀକ୍ଷଣ –**

(a) ଏକ ମୋଟା କାର୍ଡ୍‌ବୋର୍ଡ୍ ନେଇ ତାହାର ମଝିରେ ଏକ ସୂକ୍ଷ୍ମ ରନ୍ଧ୍ରଟିଏ କରାଯାଉ । ଏହି ରନ୍ଧ୍ର ମଧ୍ୟ ଦେଇ ଧଳା ସୂର୍ଯ୍ୟାଲୋକ କିମ୍ବା ଟର୍ଚ୍ଚ ଆଲୋକକୁ ଏକ କାଚ୍ ପ୍ରିଜିମର ଗୋଟିଏ ପ୍ରତିସରଣ ପୃଷ୍ଠ ଉପରେ ପକାଯାଉ ।

(b) ପ୍ରିଜିମକୁ ଧୀରେ ଧୀରେ ଘୁଂଚାଇ ପ୍ରତିସୃତ ରଶ୍ମିକୁ ଏକ ପରଦା ଉପରେ ପକାଯାଉ ।

(iii) **ପର୍ଯ୍ୟବେକ୍ଷଣ –**

ବର୍ତ୍ତମାନ ଆମେ ପରଦା ଉପରେ ସାତୋଟି ବର୍ଣ୍ଣର ଏକ ବର୍ଣ୍ଣପଟ୍ଟି ଦେଖିବାକୁ ପାଇବା । ଏହା ପ୍ରିଜିମର ଭୂମି ଆଡୁ ତଳୁ ଉପରକୁ ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ କ୍ରମରେ ସଜାଇ ହୋଇ ରହିବ । ଆଲୋକର ଏହି ବର୍ଣ୍ଣାଳୀକୁ ସଂକ୍ଷେପରେ ବାଘନୀସହନାଲା (VIBGYOR) କୁହାଯାଏ ।

## 2 ନମ୍ବର ସମ୍ବଳିତ ପ୍ରଶ୍ନ

1.ଚକ୍ଷୁର ଅତି ନିକଟରେ କାହିଁକି ବହି ପଢ଼ିପାରିବା ନାହିଁ ?

ଉ. (i) ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା 25 ସେ.ମି ।

(ii) 25 ସେ.ମିରୁ କମ୍ ଦୂରତାରେ ବହି ରଖିଲେ ସିଲିଆରୀ ମାଂସପେଶୀ ଚକ୍ଷୁ ଲେନ୍ସର ବକ୍ରତା ଆଉ ବୃଦ୍ଧି କରିପାରେ ନାହିଁ । ଫଳରେ ଫୋକସ୍ ଦୂରତା ହ୍ରାସ ହୁଏ ନାହିଁ । ତେଣୁ ବହିର ଲେଖାର ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହୁଏ ନାହିଁ ଓ ବହି ପଢ଼ି ହୁଏ ନାହିଁ ।

2. ସାଧାରଣ ଉତ୍ତଳ ଲେନ୍ସ ଓ ଚକ୍ଷୁର ଉତ୍ତଳ ଲେନ୍ସ ମଧ୍ୟରେ ପାର୍ଥକ୍ୟ ଲେଖ ।

ଉ. (i) ସାଧାରଣ ଉତ୍ତଳ ଲେନ୍ସ କାଚ୍ କିମ୍ବା ପ୍ଲାଷ୍ଟିକରେ ତିଆରି ହୋଇଥିଲା ବେଳେ ଚକ୍ଷୁ ଲେନ୍ସ ଜେଲି ପରି ତନ୍ତୁ ଜାତୀୟ ପଦାର୍ଥରେ ଗଠିତ ।

(ii) ସାଧାରଣ ଉତ୍ତଳ ଲେନ୍ସର ଆକାର ସ୍ଥିର ଓ ଫୋକସ୍ ଦୂରତା ସ୍ଥିର ମାତ୍ର ଚକ୍ଷୁ ଲେନ୍ସର ଆକାର ସିଲିଆରୀ ମାଂସପେଶୀ ଦ୍ୱାରା ପରିବର୍ତ୍ତନ ହୋଇ ଫୋକସ୍ ଦୂରତା ମଧ୍ୟ ପରିବର୍ତ୍ତନ କରେ ।

3. ମନୁଷ୍ୟର ଚକ୍ଷୁର ଅବସ୍ଥିତି ଏହାର ଦୃଷ୍ଟି ପରିସରକୁ କିପରି କମାଇଦିଏ ?

ଉ. (i) ମନୁଷ୍ୟ ଗୋଟିଏ ଚକ୍ଷୁରେ ଭୂସମାନ୍ତର ଅଞ୍ଚଳର ପ୍ରାୟ 150° ଓ ଦୁଇଟି ଚକ୍ଷୁରେ 180° ପର୍ଯ୍ୟନ୍ତ ଦେଖିପାରେ । ଗୋଟିଏ ଚକ୍ଷୁରେ ପୃଥିବୀକୁ ଦେଖିଲେ ଏହା ସମତଳ ଓ ଦ୍ୱି-ବିମିତୀୟ ଏବଂ ଦୁଇ ଚକ୍ଷୁରେ ତ୍ରିବିମିତୀୟ ଜଣାଯାଏ ।

(ii) କେତେକ ଶିକାରୀ ପ୍ରାଣୀଙ୍କର ଦୁଇଟି ଚକ୍ଷୁ ମୁଣ୍ଡର ଦୁଇ ବିପରୀତ ଦିଗରେ ରହିବା ଦ୍ୱାରା ସେମାନେ ଅଧିକ ବିସ୍ତୃତ ଅଞ୍ଚଳ ଦେଖି ପାରନ୍ତି । କିନ୍ତୁ ଆମର ଚକ୍ଷୁ ମୁଖ ମଣ୍ଡଳର ସମ୍ମୁଖ ଭାଗରେ ଓ ମୁଖର ଦୁଇ ପାଖରେ ଥିବା ହେତୁ ଏହା ଆମର ଦୃଷ୍ଟି ପରିସରକୁ କମାଇଦିଏ ।

4. ଏକ ବସ୍ତୁଚକ୍ଷୁଠାରୁ 5 ସେ.ମି. ଦୂରରେ ଅଛି । ଏକ ସୁସ୍ଥ ବ୍ୟକ୍ତି ସହଜରେ ବସ୍ତୁକୁ ଦେଖିପାରିବ କି ନାହିଁ ବୁଝାଅ ।

ଉ. (i) ଚକ୍ଷୁର ସମାୟୋଜନତା ଯୋଗୁ ବସ୍ତୁ ଯେତେ ଦୂରରେ ଥିଲେ ମଧ୍ୟ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହୁଏ ।

(ii) ସୁସ୍ଥ ଚକ୍ଷୁ ପାଇଁ ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା 25 ସେ.ମି., ଅର୍ଥାତ୍ 25 ସେ.ମି.ରୁ କମ୍ ଦୂରତାରେ ବସ୍ତୁ ଥିଲେ ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହୁଏ ନାହିଁ; ତେଣୁ ଆମେ ବସ୍ତୁକୁ ଦେଖିପାରିବା ନାହିଁ ।

5. ଟିଣ୍ଡଲ ସିଦ୍ଧାନ୍ତ କ'ଣ ? ଏହାର ଏକ ଉଦାହରଣ ଦିଅ ।

ଉ. (i) କଲଏଡ଼ାଏ ଦ୍ରବଣ ମଧ୍ୟରେ ଆଲୋକ ରଶ୍ମି ପ୍ରବେଶ କଲେ କଲଏଡ଼ାଲ କଣିକାମାନଙ୍କ ଦ୍ୱାରା ଆଲୋକ ରଶ୍ମିର ବିଚ୍ଛୁରଣ ଘଟେ । ଏହି ଆଲୋକୀୟ ଘଟଣାକୁ ଟିଣ୍ଡଲ ସିଦ୍ଧାନ୍ତ କୁହାଯାଏ ।

(ii) ଉଦାହରଣ – ଘଞ୍ଚ ଜଙ୍ଗଲର ବିତାନ ମଧ୍ୟ ଦେଇ ସୂର୍ଯ୍ୟର ଆଲୋକର ରଶ୍ମିଗୁଚ୍ଛ ଗତି କରିବା ସମୟରେ ସମୂହ ଟିଣ୍ଡଲ ସିଦ୍ଧାନ୍ତ ଦେଖାଯାଏ । ଏଠାରେ କୁହୁଡ଼ି ମଧ୍ୟରେ ଥିବା କ୍ଷୁଦ୍ର ଜଳବିନ୍ଦୁ ସମୂହ ଆଲୋକକୁ ବିଚ୍ଛୁରଣ କରନ୍ତି ।

6. କାଚ଼ ପ୍ରିଜିମରେ ଧଳା ଆଲୋକର ପ୍ରକୀର୍ଣ୍ଣନ ବେଳେ ବର୍ଣ୍ଣର ଆଲୋକ ପାଇଁ ପ୍ରିଜିମର ପ୍ରତିସରଣାଙ୍କ ସର୍ବାଧିକ ହୁଏ ଓ କାହିଁକି ?

ଉ. (i) କାଚ଼ ପ୍ରିଜିମରେ ଧଳା ଆଲୋକର ପ୍ରକୀର୍ଣ୍ଣନ ବେଳେ ବାଇଗଣୀ ବର୍ଣ୍ଣର ଆଲୋକ ପାଇଁ ପ୍ରତିସରଣାଙ୍କ ସବୁଠାରୁ ଅଧିକ ହୁଏ ।

(ii) ଦୃଶ୍ୟମାନ ଆଲୋକ ରଶ୍ମି ମାନଙ୍କ ମଧ୍ୟରୁ ବାଇଗଣ ବର୍ଣ୍ଣର ତରଙ୍ଗ ଦୈର୍ଘ୍ୟ ସର୍ବନିମ୍ନ ହୋଇଥିବାରୁ ପ୍ରତିସରଣାଙ୍କ ସବୁଠାରୁ ଅଧିକ ହୁଏ କାରଣ

$$\text{ପ୍ରତିସରଣାଙ୍କ} \propto \frac{1}{\text{ତରଙ୍ଗ ଦୈର୍ଘ୍ୟ}}$$

7. ବିକଚ୍ଛ କୋଣ କ'ଣ ?

ଉ:- ପ୍ରିଜିମର ଦୁଇ ପ୍ରତିସରଣକାରୀ ପୃଷ୍ଠ ପରସ୍ପର ସହ କୋଣ କରି ରହିଥିବାରୁ ନିର୍ଗତ ରଶ୍ମି ଆପତନ ରଶ୍ମି ସହ କୋଣ କରି ବଙ୍କାଇ ଥାଏ । ଏହି କୋଣକୁ ବିଚ଼ଳନ କୋଣ କୁହାଯାଏ ।

8. ଆଲୋକର ପ୍ରକୀର୍ଣ୍ଣନ କହିଲେ କ'ଣ ବୁଝ ?

ଉ:- ଏକ ପ୍ରିଜିମରେ ଧଳା ଆଲୋକ ପକାଇଲେ ସେଥିରେ ଥିବା ସାତୋଟି ବର୍ଣ୍ଣର ଆଲୋକରେ ବିଭକ୍ତ ହୋଇ ଏକ ବର୍ଣ୍ଣପଟ୍ଟି ସୃଷ୍ଟି କରନ୍ତି । ଏହାକୁ ବର୍ଣ୍ଣାଳୀ କୁହାଯାଏ । ଏହି ଆଲୋକୀୟ ଘଟଣାକୁ ପ୍ରକୀର୍ଣ୍ଣନ କୁହାଯାଏ ।

9. ଏକ ସୁସ୍ଥ ଚକ୍ଷୁର ସର୍ବାଧିକ ସମାୟୋଜନ କ୍ଷମତା କେତେ ?

ଉ:- (i) ଏକ ସୁସ୍ଥ ଚକ୍ଷୁର ନିକଟବିନ୍ଦୁ 25 ସେ.ମି. $= \frac{25}{100}$ ମି.

(ii) ସମାୟୋଜନ ପାୱାର $= \frac{1}{\frac{25}{100}}$ ମି $= \frac{100}{25}$ D =+4 D

10. ବସ୍ତୁକୁ ଦେଖିବା ପାଇଁ ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହେବା ଆବଶ୍ୟକ କାହିଁକି ?

ଉ:- (i) ମୁକୁରିକାରେ ଅସଖ୍ୟ ଆଲୋକ ସମ୍ବେଦୀ ସେଲ ଥାଆନ୍ତି । ଆଲୋକ ମୁକୁରିକା ଉପରେ ପଡ଼ିଲେ ଆଲୋକ ସମ୍ବେଦୀ ସେଲ ଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଂକେତ ପ୍ରେରଣ କରନ୍ତି ।

(ii) ଏହି ବିଦ୍ୟୁତ ସଂକେତ ନେତ୍ରସ୍ନାୟୁ ମାଧ୍ୟମରେ ମସ୍ତିଷ୍କକୁ ଯାଏ ଓ ମସ୍ତିଷ୍କ ଆମକୁ ବିସ୍ତୁଟିକୁ ଦେଖିବାରେ ସାହାଯ୍ୟ କରେ । ତେଣୁ ବସ୍ତୁକୁ ଦେଖିବା ପାଇଁ ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହେବା ଆବଶ୍ୟକ ।

11. ଜଣେ ଛାତ୍ର ଶ୍ରେଣୀର ପଛ ବେଞ୍ଚରେ ବସି କଳାପଟାରେ ଲେଖାଥିବା ଅକ୍ଷର ପଢ଼ିପାରୁ ନାହିଁ । ତାକୁ କି ପ୍ରକାରର ଦୃଷ୍ଟିଦୋଷ ହୋଇଛି ଓ ଏହାର ନିରାକରଣର ଉପାୟ କ'ଣ ?

ଉ:- (i) ଛାତ୍ରଟିକୁ ଦୂର ବସ୍ତୁ ସ୍ପଷ୍ଟ ଦେଖାଯାଉନାହିଁ, ତେଣୁ ତା'କୁ ସମୀପ ଦୃଷ୍ଟି ହୋଇଛି ।

(ii) ସମୀପ ଦୃଷ୍ଟିରେ ପ୍ରତିକାର ପାଇଁ ଉପଯୁକ୍ତ ପାୱାରର ଅବତଳ ଲେନ୍ସ ପିନ୍ଧିବା ଆବଶ୍ୟକ ।

12. ନିଆଁ ଉପରୁ ଉଠୁଥିବା ଉତ୍ତପ୍ତ ବାୟୁ ମଧ୍ୟରେ କୌଣସି ବସ୍ତୁକୁ ଦେଖିଲେ ବସ୍ତୁଟି ଅଳ୍ପ ମିଞ୍ଜି ମିଞ୍ଜି ହେଲା ପରି ଦେଖାଯାଏ କାହିଁକି ?

ଉ:- (i) ନିଆଁ ଉପରେ ବାୟୁ ସ୍ତର ଉତ୍ତପ୍ତ ଥାଏ । ଏହି ଉତ୍ତପ୍ତ ବାୟୁ ତାହା ଉପରର ଥଣ୍ଡା ବାୟୁଠାରୁ ହାଲୁକା ଓ କମ୍ ସାନ୍ଦ୍ରତା ବିଶିଷ୍ଟ ହୋଇଥାଏ ।

(ii) ବାୟୁର ଭୌତିକ ଅବସ୍ଥାର ପରିବର୍ତ୍ତନ ଓ ବାୟୁମଣ୍ଡଳୀୟ ପ୍ରତିସରଣ ପାଇଁ ବସ୍ତୁର ଅଭାସୀ ଅବସ୍ଥିତି

ପରିବର୍ତ୍ତିତ ହେଉଥାଏ । ତେଣୁ ବସ୍ତୁଟି ଅଳ୍ପ ମିଞ୍ଜି ମିଞ୍ଜି ହେଲାପରି ଦେଖାଯାଏ ।

13. ସମୀପ ଦୃଷ୍ଟି ଥିବା ଜଣେ ବ୍ୟକ୍ତିର ଦୂରବିନ୍ଦୁ x ସେ.ମି. ହେଲେ ସେ କେତେ x ସେ.ମି ଫୋକ୍ସ ଦୂରତାର ଲେନ୍ସ ବ୍ୟବହାର କରିବେ ଓ ପାୱାର କେତେ ହେବ ?

ଉ:- (i) ସମୀପ ଦୃଷ୍ଟିରେ ଅବତଳ ଲେନ୍ସ ବ୍ୟବହାର କରାଯିବ ଓ ଫୋକ୍ସ ଦୂରତା ସେ.ମି. ହେବ ।

(ii) ଏହି ଲେନ୍ସର ପାୱାର $P = \frac{-100}{x}$ D ହେବ ।

# ମାନବ ଚକ୍ଷୁ ଓ ବର୍ଣ୍ଣଜଗତ

## ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

## (୨ ନମ୍ବର)

**1 . ଆଲୋକ ସଂବେଦୀ ସେଲ୍ କ'ଣ ? ଏହାର କାର୍ଯ୍ୟ ଲେଖ ?**

Ans : i. ମୁକୁରିବାରେ ଥିବା ଅସଂଖ୍ୟ ଆଲୋକ ପ୍ରତି ସଂବେଦନଶୀଳ ସେଲ୍ ଗୁଡ଼ିକୁ ଆଲୋକ ସଂବେଦୀ ସେଲ୍ କୁହାଯାଏ ।

ii. ଆଲୋକ ମୁକୁରିକା ଉପରେ ପଡ଼ିଲେ ଆଲୋକ ସଂବେଦୀ ସେଲ୍ ଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଂକେତ ପ୍ରେରଣ କରନ୍ତି ।

**2 . ଚକ୍ଷୁର ସମାୟୋଜନ କ୍ଷମତା କ'ଣ ? ଏହା କିପରି ହୋଇଥାଏ ?**

Ans : i. ଚକ୍ଷୁ ଲେନସ୍ ଫୋକସ୍ ଦୂରତାକୁ ଆବଶ୍ୟକତା ଅନୁଯାୟୀ ବଦଳାଇବା ସାମର୍ଥ୍ୟକୁ ସମାୟୋଦନ କ୍ଷମତା କହନ୍ତି ।

ii. ସିଲିଆରୀ ମାଂସପେଶୀର ସଂକୋଚନ ପ୍ରସାରଣ ଫଳରେ ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ବଦଳେ । ତେଣୁ ବସ୍ତୁର ପ୍ରତିବିମ୍ବ ସର୍ବଦା ମୁକୁରିକାରେ ପଡ଼େ ।

**୩ . ମୋତିଆ ବିନ୍ଦୁ କ'ଣ ? ଏହାର ଚିକିତ୍ସା କିପରି କରାଯାଏ ?**

Ans : i. ବେଳେବେଳେ ବୟସ୍କ ବ୍ୟକ୍ତିଙ୍କ ଚକ୍ଷୁ ଲେନ୍ସ ଧଳା ଓ ଧୂସର ହୋଇଯାଏ । ଏହାଦ୍ୱାରା ବ୍ୟକ୍ତି ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ ଦେଖିପାରନ୍ତି ନାହିଁ । ଚକ୍ଷୁ ଏହିପରି ଅବସ୍ଥାକୁ ମୋତିଆ ବିନ୍ଦୁ କୁହାଯାଏ ।

ii. ଶଲ୍ୟ ଚିକିତ୍ସା ଦ୍ୱାରା ମୋତିଆ ବିନ୍ଦୁର ଚିକିତ୍ସା କରାଯାଏ ।

**4 . ବାଇଫୋକାଲ୍ ଚଷମା କ'ଣ ?**

Ans : i. ସମୟେ ସମୟେ ଜଣେ ବ୍ୟକ୍ତିଙ୍କର ଉଭୟ ସମୀପ ଓ ଦୂରଦୃଷ୍ଟି ରହିଥାଏ ।

ii. ସେମାନଙ୍କ ଚଷମାରେ ଦୁଇ ପ୍ରକାରର ଲେନ୍ସ ଏକାଠି ରଖାଯାଇଥାଏ । ତଳ ଲେନ୍ସରେ ନିକଟ ବସ୍ତୁକୁ ଓ ଉପର ଲେନ୍ସରେ ଦୂରରେ ଥିବା ବସ୍ତୁକୁ ଦେଖନ୍ତି । ଏହି ପ୍ରକାରର ଚଷମାକୁ ବାଇଫୋକାଲ୍ ଚଷମା କୁହାଯାଏ ।

**5 . ସ୍ୱାଭାବିକ ଚକ୍ଷୁର ୨୫ ସେ.ମି.ରୁ କମ୍ ଦୂରତାରେ କୌଣସି ବସ୍ତୁକୁ ରଖିଲେ ଚକ୍ଷୁ ବସ୍ତୁଟିକୁ କାହିଁକି ଦେଖିପାରେ ନାହିଁ ?**

Ans : i. ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା ୨୫ ସେ.ମି. ଅଟେ । ଚକ୍ଷୁ ଠାରୁ ବସ୍ତୁର ଅବସ୍ଥାନ ୨୫ ସେ.ମି.ରୁ କମ୍ ହେଲେ ସିଲିଆରୀ ମାଂସପେଶୀ ଚକ୍ଷୁ ଲେନ୍ସର ବକ୍ର ପୃଷ୍ଠକୁ ଆଉ ଅଧିକ ବକ୍ର କରିପାରେ ନାହିଁ ।

ii. ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ହ୍ରାସ ପାଏ ନାହିଁ ଆର୍ଥାତ୍ ସମାୟୋଜନ କ୍ଷମତା ହରାଏ । ତେଣୁ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ଗଠିତ ହୋଇପାରେ ନାହିଁ । ଫଳରେ ବସ୍ତୁର ପ୍ରତିବିମ୍ବ ଅସ୍ପଷ୍ଟ ଭାବରେ ଦେଖାଯାଏ ।

**6 . ଆଲୋକର ବିଭିନ୍ନ ବର୍ଣ୍ଣ ପାଇଁ କାଚର ପ୍ରତିସରଣାଙ୍କ ଭିନ୍ନ ହୁଏ କାହିଁକି ?**

Ans : i. ବିଭିନ୍ନ ବର୍ଣ୍ଣର ଆଲୋକ କାଚ ମଧ୍ୟରେ ଭିନ୍ନ ଭିନ୍ନ ବେଗରେ ଗତି କରିଥାଏ ।

ii. ତେଣୁ ଧଳା ଆଲୋକର ପ୍ରକୀର୍ଣ୍ଣନରେ ଭିନ୍ନ ଭିନ୍ନ ଆଲୋକର ବିଚ୍ୟୁତି ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ବିଭିନ୍ନ ବର୍ଣ୍ଣ ପାଇଁ କାଚର ପ୍ରତିସରଣାଙ୍କ ଭିନ୍ନ ଭିନ୍ନ ହୋଇଥାଏ ।

**7 . ଲାଲ ବର୍ଣ୍ଣର ଆଲୋକକୁ କାହିଁକି ବିପଦ ସଂକେତ ରୂପେ ନିଆଯାଏ ?**

Ans : i. ଲାଲ୍ ବର୍ଣ୍ଣର ତରଙ୍ଗ ଦୈର୍ଘ୍ୟ ଅଧିକ ହୋଇଥିବାରୁ ତାହା ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ ।

ii. ପୁନଶ୍ଚ ଲାଲ ଆଲୋକ କୁହୁଡ଼ି କିମ୍ବା ଧୂଳିକଣା ଦ୍ୱାରା ଖୁବ୍ କମ୍ ବିଛୁରିତ ହୁଏ । ତେଣୁ ଲାଲ୍ ବର୍ଣ୍ଣର ଆଲୋକକୁ ବିପଦ ସଂକେତ ରୂପେ ନିଆଯାଏ ।

**8 . ମହାକାଶଚାରୀ ମାନଙ୍କୁ ଆକାଶ କାହିଁକି ନୀଳ ପରିବର୍ତ୍ତେ ଅନ୍ଧାରୁଆ ଦେଖାଯାଏ ?**

Ans : i. ସୂର୍ଯ୍ୟୋଲୋକ ବାୟୁମଣ୍ଡଳ ଦେଇ ଗତି କଲାବେଳେ ବାୟୁର ସୂକ୍ଷ୍ମ କଣିକା ଗୁଡ଼ିକ ନୀଳ ଆଲୋକ ବିଛୁରଣ କରିଥାନ୍ତି ।

ii. କିନ୍ତୁ ମହାକାଶରେ ବାୟୁ ମଣ୍ଡଳ ପ୍ରାୟ ନଥାଏ । ତେଣୁ ଟିଣ୍ଡଲ ପଦ୍ଧତି ଜନିତ ଆଲୋକର ବିଛୁରଣ ଘଟେ ନାହିଁ । ତେଣୁ ମହାକାଶ ଅନ୍ଧକାର ଦେଖାଯାଏ ।

**9 . ଚକ୍ଷୁର ଦୂରବିନ୍ଦୁ ଓ ନିକଟ ବିନ୍ଦୁ କାହାକୁ କୁହାଯାଏ ?**

Ans : i. ଯେଉଁ ଦୂରତା ପର୍ଯ୍ୟନ୍ତ ଚକ୍ଷୁ ସ୍ପଷ୍ଟ ଭାବରେ ବସ୍ତୁକୁ ଦେଖି ପାରେ ତାହାକୁ ଦୂରବିନ୍ଦୁ କୁହାଯାଏ ।

ii. ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତାକୁ ଚକ୍ଷୁର ନିକଟ ବିନ୍ଦୁ କୁହାଯାଏ ।

**10 . ବାହାରର ଅଧିକ ଉଜ୍ଜ୍ୱଳ ଆଲୋକରୁ ଘର ଭିତରକୁ ଆସିଲେ କିଛି ସମୟ ପର୍ଯ୍ୟନ୍ତ କୌଣସି ବସ୍ତୁକୁ ଦେଖିପାରୁ ନାହୁଁ କାହିଁକି ?**

Ans : i. କାରଣ କନୀନିକା ପ୍ରସାରିତ ହୋଇ ଅଧିକ ଆଲୋକ ଚକ୍ଷୁ ମଧ୍ୟକୁ ଛାଡ଼ିବାକୁ କିଛି ସମୟ ନେଇ ଥାଏ ।

ii. ସେହିପରି ଯେତେବେଳେ କମ୍ ଉଜ୍ଜ୍ୱଳ ଆଲୋକରୁ ଅଧିକ ଉଜ୍ଜ୍ୱଳ ଆଲୋକକୁ ଯାଇଥାଉ ସେତେବେଳେ କନୀନିକା ନେତ୍ର ପିତୁଳାକୁ ସଂକୁଚିତ କରି କମ୍ ଆଲୋକ ରଶ୍ମି ଚକ୍ଷୁ ମଧ୍ୟକୁ ଛାଡ଼ିବା ପାଇଁ କିଛି ସମୟ ନେଇଥାଏ ।

# ମାନବ ଚକ୍ଷୁ ଓ ବର୍ଣ୍ଣ ଜଗତ

## ୩ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**1 . ଇନ୍ଦ୍ରଧନୁ କିପରି ସୃଷ୍ଟି ହୁଏ ଏକ ସ୍ପଷ୍ଟ ନାମାଙ୍କିତ ଚିତ୍ର ସାହାଯ୍ୟରେ ବୁଝାଅ ।**

Ans : i. ବର୍ଷା ଦିନେ ଆକାଶରେ ସୂର୍ଯ୍ୟ ଯେଉଁ ଦିଗରେ ଥାଏ,

ତାହାର ବିପରୀତ ଦିଗରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ ।




ଚିତ୍ର 7.8
ଇନ୍ଦ୍ରଧନୁର ସୃଷ୍ଟି

ii. ମେଘରେ ଥିବା ଅସଂଖ୍ୟ କ୍ଷୁଦ୍ର ଜଳକଣା ଗୁଡ଼ିକ ଛୋଟ ଛୋଟ ପ୍ରିଜିମ୍ ପରି କାର୍ଯ୍ୟ କରନ୍ତି ।

iii. ଜଳକଣା ଗୁଡ଼ିକରେ ଆପତିତ ସୂର୍ଯ୍ୟଲୋକ ପ୍ରଥମେ

ପ୍ରତିସୃତ ଓ ପ୍ରକୀର୍ଣ୍ଣିତ ହୁଏ ।

iv. ତା'ପରେ ଜଳକଣା ମଧ୍ୟରେ ଏହାର ଆଭ୍ୟନ୍ତରୀଣ ପ୍ରତିଫଳନ ହୁଏ ଓ ଶେଷରେ ଏହା ପ୍ରତିସୃତ ହୋଇ ଜଳକଣାରୁ ବାହାରି ଆସେ ।

v. ଆଲୋକର ପ୍ରକୀର୍ଣ୍ଣନ ଓ ଆଭ୍ୟନ୍ତରୀଣ ପ୍ରତିଫଳନ ଯୋଗୁଁ ଦର୍ଶକର ଚକ୍ଷୁରେ ଇନ୍ଦ୍ରଧନୁ ସୃଷ୍ଟି କରେ ।

**2 . ଟିଣ୍ଡଲ୍ ସିଦ୍ଧାନ୍ତକୁ ଗୋଟିଏ ଉଦାହରଣ ଦେଇ ବୁଝାଅ ।**

Ans : i. ପୃଥିବୀର ବାୟୁମଣ୍ଡଳ କ୍ଷୁଦ୍ର ବିଷମଜାତୀୟ କଣିକା ଗୁଡ଼ିକର ସମାହାର ।

ii. ଏହି କଣିକା ଗୁଡ଼ିକ ହେଲା - ଧୂଆଁ, କ୍ଷୁଦ୍ର ଜଳକଣା ଓ ବାୟୁର ଅଣୁ ସମୂହ ।

iii. କୌଣସି ଆଲୋକଗୁଚ୍ଛ ଏହି ସୂକ୍ଷ୍ମ କଣିକା ଗୁଡ଼ିକ ଉପରେ ପଡ଼ିଲେ ଆଲୋକର ଗତିପଥ ଦୃଶ୍ୟମାନ ହୁଏ ।

iv. ଆଲୋକ ଏହି କ୍ଷୁଦ୍ରକଣିକା ଗୁଡ଼ିକ ଦ୍ୱାରା ବିଭିନ୍ନ ଆଡ଼କୁ ପ୍ରତିଫଳିତ ହୋଇ ଆମ ଚକ୍ଷୁ ନିକଟକୁ ଆସେ ।

v. କଲ୍‌ଏଡ଼ାଲ୍ କଣିକା ଗୁଡ଼ିକ ଦ୍ୱାରା ଆଲୋକର ଏପରି ବିଚ୍ଛୁରଣକୁ ଟିଣ୍ଡଲ୍ ସିଦ୍ଧାନ୍ତ କୁହାଯାଏ ।

**ଉଦାହରଣ :**

ଧୂଆଁପୂର୍ଣ୍ଣ ଏକ କୋଠରି ମଧ୍ୟକୁ ଏକ ସୂର୍ଯ୍ୟ ରନ୍ଧ୍ରବାଟେ ସୂର୍ଯ୍ୟାଲୋକ ପ୍ରବେଶ କରାଇଲେ ଆଲୋକର ଗଡ଼ିପଥ ଦେଖି ହୁଏ । ଆଲୋକର ବିଚ୍ଛୁରଣ ହେତୁ କଣିକା ଗୁଡ଼ିକ ଦେଖାଯାଏ ।

**3 . ତାରାଗୁଡ଼ିକ କାହିଁକି ଦପ୍ ଦପ୍ ହୁଏ ।**

Ans : i. ତାରାମାନଙ୍କ ଠାରୁ ଆସୁଥିବା ଆଲୋକ ବାୟୁମଣ୍ଡଳର ବିଭିନ୍ନ ସ୍ତର ଦେଇ ଗତିକଲା ବେଳେ କ୍ରମାଗତ ଭାବରେ ପ୍ରତିସୃତ ହୋଇ ପୃଥିବୀରେ ପହଂଚେ ।

ii. ପୃଥିବୀ ପୃଷ୍ଠରେ ବାୟୁମଣ୍ଡଳର କ୍ରମ ପରିବର୍ତ୍ତିତ ପ୍ରତିସରଣାଙ୍କ ଯୋଗୁଁ ଆଲୋକ ରଶ୍ମି ଅଭିଲମ୍ବ ଆଡ଼କୁ ଅନବରତ ବଙ୍କେଇ ହେଉଥାଏ ।

iii. ଫଳରେ ତାରାର ଆଭାସୀ ଅବସ୍ଥାନ ତାହାର ପ୍ରକୃତ ଅବସ୍ଥାନ ଅପେକ୍ଷା ଭିନ୍ନ ହୋଇ ସାମାନ୍ୟ ଉପରକୁ ହୁଏ ।

iv. ବାୟୁ ସ୍ତରରେ ଅବସ୍ଥାରେ ପରିବର୍ତ୍ତନ ହେଉଥିବାରୁ ବହୁ ଦୂରରେ ବିନ୍ଦୁ ଉତ୍ସ ପ୍ରାୟ ତାରାର ବିନ୍ଦୁ ପ୍ରାୟ ଆଭାସୀ ଅବସ୍ଥାନ ସାମାନ୍ୟ ଉପରତଳ ହୋଇ ବଦଳି ଥାଏ ।

v. ଫଳରେ ତାରା ଗୁଡ଼ିକର ଉଜ୍ଜ୍ୱଳତା କମ୍ ବେଶୀ ହୋଇ ଦପ୍ ଦପ୍ ହେଲା ପରି ଦିଶେ ।

**4 . ଆକାଶ କାହିଁକି ନୀଳ ଦେଖାଯାଏ ?**

Ans : i. ବାୟୁ ମଣ୍ଡଳରେ ଥିବା ବାୟୁର ଅଣୁ ଗୁଡ଼ିକ ଏବଂ ଅନ୍ୟ ସୂକ୍ଷ୍ମକଣିକା ଗୁଡ଼ିକ ରେ ଥିବା ଦୈର୍ଘ୍ୟ ଦୃଶ୍ୟମାନ ଆଲୋକର ତରଙ୍ଗ ଦୈର୍ଘ୍ୟ ଅପେକ୍ଷା କମ୍ ଅଟେ ।

ii. ସୂର୍ଯ୍ୟାଲୋକ ବାୟୁମଣ୍ଡଳ ଭିତରେ ଗତିକଲା ବେଳେ ଏହି ସୂକ୍ଷ୍ମ କଣିକା ଗୁଡ଼ିକ ଲାଲ୍ ଆଲୋକ ଅପେକ୍ଷା ନୀଳ ଆଲୋକକୁ ଅଧିକ ବିଚ୍ଛୁରଣ କରେ ।

iii. ଏହି ବିଚ୍ଛୁରିତ ନୀଳ ଆଲୋକ ଆମ ଚକ୍ଷୁରେ ପ୍ରବେଶ କରୁଥିବାରୁ ଆକାଶ ନୀଳ ଦେଖାଯାଏ ।

**5 . ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ କାହିଁକି ଗାଢ଼ ଲାଲ୍ ଦେଖାଯାଏ ?**

Ans : i. ସୂର୍ଯ୍ୟୋଦୟ ସମୟରେ ଦିଗ୍‌ବଳୟ ନିକଟରେ ସୂର୍ଯ୍ୟ ଥିବାରୁ ଅଧିକାଂଶ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ଏବଂ ବିଶେଷତଃ ନୀଳ ଆଲୋକର କ୍ଷୁଦ୍ରକଣିକା ଗୁଡ଼ିକ ଦ୍ୱାରା ବିଚ୍ଛୁରିତ ହୁଏ ।

ii. ଆଲୋକ କ୍ଷୁଦ୍ର କଣିକା ଗୁଡ଼ିକ ଦ୍ୱାରା ବିଚ୍ଛୁରିତ ହୋଇ ଯାଇଥିବାରୁ ଆମ ଚକ୍ଷୁ ନିକଟରେ ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲାଲ୍-ଆଲୋକ ପହଞ୍ଚିଥାଏ ।

iii. ଏହି କାରଣରୁ ସୂର୍ଯ୍ୟ ଲାଲ୍ ଦେଖାଯାଏ ।

**6 . ମହାକାଶଚାରୀ ମାନଙ୍କୁ ଆକାଶ କାହିଁକି ନୀଳ ପରିବର୍ତ୍ତେ ଅନ୍ଧାରୁଆ ଜଣାଯାଏ ?**

Ans : i. ସୂର୍ଯ୍ୟାଲୋକ ବାୟୁମଣ୍ଡଳ ମଧ୍ୟରେ ଗତିକଲା ବେଳେ ବାୟୁରେ ଥିବା ସୂର୍ଯ୍ୟ କଣିକା ଗୁଡ଼ିକ ନୀଳ ଆଲୋକକୁ ବିଚ୍ଛୁରଣ କରୁଥିବାରୁ ଆକାଶ ନୀଳ ଦେଖାଯାଏ ।

ii. କିନ୍ତୁ ମହାକାଶରେ ବାୟୁମଣ୍ଡଳ ନ ଥିବାରୁ ସୂର୍ଯ୍ୟାଲୋକର ବିଚ୍ଛୁରଣ ଘଟେ ନାହିଁ ।

iii. ଏହି କାରଣରୁ ମହାକାଶଚାରୀ-ମାନଙ୍କୁ ଆକାଶ ନୀଳ ପରିବର୍ତ୍ତେ ଅନ୍ଧାରୁଆ ଦେଖାଯାଏ ।

## 4 ନମ୍ବର ସମ୍ବଳିତ

## ପ୍ରଶ୍ନୋତ୍ତର

**1 . ଦର୍ଶାଅ ଯେ, ବିଭିନ୍ନ ବର୍ଣ୍ଣର ସମଷ୍ଟିରେ ଧଳାବର୍ଣ୍ଣ ସୃଷ୍ଟି ହୁଏ ।**

Ans : i. ନିଉଟନ୍ ସମାନ ପଦାର୍ଥରେ ନିର୍ମିତ ଓ ସମାନ ପ୍ରତିସରଣ କୋଣ ବିଶିଷ୍ଟ ଦୁଇଟି ପ୍ରିଜିମ୍ $P_1$ ଓ $P_2$ ନେଲେ ।




ଚିତ୍ର 7.6 ଧଳା ଆଲୋକ ବର୍ଣ୍ଣାଳୀର ପୂର୍ଣ୍ଣଗଠନ

ii. ସେ ପ୍ରଥମେ ପ୍ରିଜିମ୍ $P_1$ ରେ ସୂର୍ଯ୍ୟଲୋକର ପ୍ରତିସରଣ କରାଇ ଧଳାପରଦାରେ ଏକ ବର୍ଣ୍ଣାଳୀ ସୃଷ୍ଟି କଲେ ।

iii. ତା'ପରେ ସେ ଧଳା ପରଦା ସ୍ଥାନରେ ପ୍ରିଜମ୍ $P_2$ କୁ ଓଲଟାଇ ରଖିଲେ ।

iv. ସେ ଲକ୍ଷ୍ୟ କଲେ ଯେ ପ୍ରିଜିମ୍ $P_2$ ରୁ ବାହାରୁଥିବା ଆଲୋକ ମୂଳ ଆଲୋକ ପରି ଧଳା ।

v. ଏହି ପରୀକ୍ଷାରୁ ପ୍ରମାଣିତ ହେଲା ଯେ, ସୂର୍ଯ୍ୟଲୋକ ସାତଟି ବର୍ଣ୍ଣର ଆଲୋକର ସମଷ୍ଟି ଏବଂ ପ୍ରିଜିମ୍ କେବଳ ବର୍ଣ୍ଣ ଗୁଡ଼ିକୁ ପୃଥକ୍ କରି ବର୍ଣ୍ଣାଳୀ ସୃଷ୍ଟିରେ ସହାୟକ ହୁଏ ।

# ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନୋତ୍ତର

**(୩ ନମ୍ବର)**

**Q.1 ଦୂରଦୃଷ୍ଟି ଓ ଚାଳିଶା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

| ଉ : **ଦୂରଦୃଷ୍ଟି** | **ଚାଳିଶା** |
|---|---|
| i. ଏଥିରେ ଚକ୍ଷୁ ଗୋଲକର ଆକାର ସଂକୁଚିତ ହୁଏ । | i. ଏଥିରେ ଚକ୍ଷୁ ଗୋଲକର ସଙ୍କୋଚନ ଘଟେ ନାହିଁ । |

ii. ସିଲିଆରୀ ମାଂସପେଶୀର କୌଣସି ପ୍ରଭାବ ନଥାଏ । ii. ସିଲିଆରୀ ମାଂସପେଶୀ କ୍ରମଶଃ ଦୁର୍ବଳ ହେବା ଯୋଗୁଁ ଏହା ହୋଇଥାଏ ।

iii. ଏହା ଯୁବକ ଓ ବୃଦ୍ଧ ବ୍ୟକ୍ତିଙ୍କ ଠାରେ ଦେଖାଯାଇଥାଏ । iii. ଏହା ସାଧାରଣତଃ ବୃଦ୍ଧ ବ୍ୟକ୍ତିଙ୍କ ଠାରେ ଦେଖାଯାଇଥାଏ ।

**Q.2 ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

ଉ :

| ସମୀପ ଦୃଷ୍ଟି | ଦୂରଦୃଷ୍ଟି |
|---|---|
| i. ଏଥିରେ ନିକଟ ବସ୍ତୁ ସ୍ପଷ୍ଟ ଦେଖାଯାଏ । | i. ଏଥିରେ ଦୂର ବସ୍ତୁ ସ୍ପଷ୍ଟ ଦେଖାଯାଏ । |
| ii. ପ୍ରତିବିମ୍ବ ମୁକୁରିକା ଆଗରେ ଗଠିତ ହୁଏ । | ii. ପ୍ରତିବିମ୍ବ ମୁକୁରିକା ପଛରେ ଗଠିତ ହୁଏ । |
| iii. ଚକ୍ଷୁ ଲେନ୍‌ସର ଫୋକସ୍ ଦୂରତା କମିଯାଏ । | iii. ଚକ୍ଷୁ ଲେନ୍‌ସର ଫୋକସ୍ ଦୂରତା ବୃଦ୍ଧିପାଏ । |

**Q.3 ଧଳା ଆଲୋକ ବିଭିନ୍ନ ବର୍ଣ୍ଣର ସମାହାର ବୋଲି ଦର୍ଶାଅ ।**

ଉ : i. ଧଳା ଆଲୋକକୁ ପ୍ରିଜିମ୍‌ର ଗୋଟିଏ ପ୍ରତିସରଣ ପୃଷ୍ଠ ଉପରେ ପକାଇଲେ ପ୍ରିଜମ୍‌ର ଅପର ପ୍ରତିସରଣ ପୃଷ୍ଠ ଦେଇ ଧଳା ଆଲୋକରେ ଥିବା ମୂଳ ମିଶ୍ରବର୍ଣ୍ଣର ଆଲୋକ ଅଂଶ ସବୁ ବିଭିନ୍ନ କୋଣରେ ବାହାରଆସିବେ । ପ୍ରିଜିମ୍ ଠାରୁ ଅଳ୍ପ ଦୂରରେ ଖଣ୍ଡିଏ ଧଳା କାଗଜରେ ବା ଧଳା କାନ୍ଥରେ ଏହି ବର୍ଣ୍ଣାଳୀକୁ ପକାଇ ବର୍ଣ୍ଣ ଗୁଡ଼ିକୁ ଅନୁଧ୍ୟାନ କରାଯାଇପାରେ ।

ii. ପ୍ରିଜିମ୍‌ର ଭୂମି ଆଡୁ ଉପରକୁ ଦେଖିଲେ ଆଲୋକ ଗୁଡ଼ିକର ବର୍ଣ୍ଣ ହେବ ବାଇଗଣି, ଘନନୀଳ, ନୀଳ ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ୍ ।

iii. ଏହି ସପ୍ତବର୍ଣ୍ଣ ଆଲୋକକୁ ଆଉ ଗୋଟିଏ ଏକା ପ୍ରକାର ପ୍ରିଜିମ୍‌କୁ ଓଲଟା ରଖି ତାହା ମଧ୍ୟକୁ ପ୍ରବେଶ କରାଇଲେ ଦେଖାଯିବ ଯେ ଯେଉଁ ଆଲୋକ ଦ୍ୱିତୀୟ ପ୍ରିଜିମ୍‌ରୁ ନିର୍ଗତ ହେବ ତାହା ମୂଳ ଆଲୋକ ଭଳି ଧଳା । ତେଣୁ ଧଳା ଆଲୋକ ଏକ ସପ୍ତବର୍ଣ୍ଣୀ ଆଲୋକ ।

ନିଉଟନ ପ୍ରମାଣ କରିଥିଲେ ଯେ ସୂର୍ଯ୍ୟାଲୋକ ସାତଟି ବର୍ଣ୍ଣର ଆଲୋକର ସମଷ୍ଟି ଏବଂ ପ୍ରିଜିମ୍ କେବଳ ବର୍ଣ୍ଣ ଗୁଡ଼ିକୁ ପୃଥକ୍ କରି ବର୍ଣ୍ଣାଳୀ ସୃଷ୍ଟିରେ ସହାୟକ ହୁଏ ।

**Q.4 ସମୀପ ଦୃଷ୍ଟିଦୋଷ ଥିବା ବ୍ୟକ୍ତିର ଦୂରବିନ୍ଦୁ ହେଉଛି 80 CM । ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଆବଶ୍ୟକ ହେଉଥିବା ଲେନ୍‌ସର ପ୍ରକୃତି ଓ ପାଓ୍ୱାର କ'ଣ ହେବା ଉଚିତ୍ ?**

ଉ : i. ଏହି ଦୃଷ୍ଟିଦୋଷ ଥିବା ବ୍ୟକ୍ତି ଦୂରବସ୍ତୁକୁ ଦେଇବା ପାଇଁ ଉପଯୁକ୍ତ ଫୋକସ୍ ଦୂରତା ବିଶିଷ୍ଟ ଅବତଳ ଲେନ୍‌ସର ଚଷମା ପିନ୍ଧିବା ଆବଶ୍ୟକ ।

ii. ବସ୍ତୁକୁ ଅନନ୍ତ ଦୂରତାରେ ଦେଖିବାକୁ ହେଲେ, ବସ୍ତୁର ଦୂତା, $u = \infty$

ସମୀପ ଦୃଷ୍ଟି ଯୁକ୍ତ ଚକ୍ଷୁର ଦୂରବିନ୍ଦୁ ଠାରେ ସଂଶୋଧିତ ଅବତଳ ଲେନ୍‌ସ ଦୂରବସ୍ତୁର ପ୍ରତିବିମ୍ବ ଗଠନ କରିବା ଆବଶ୍ୟକ ।

ପ୍ରତିବିମ୍ବର ଦୂରତା = $v = -80$ cm $\qquad \frac{1}{v} - \frac{1}{u} = \frac{1}{f} \Rightarrow \frac{1}{-80} - \frac{1}{\infty} = \frac{1}{f}$

$$\Rightarrow \frac{1}{-80} = \frac{1}{f}$$

$\Rightarrow f = -80cm$

ଲେନ୍ସ୍‌ର ପାୱାର $= p = \frac{1}{f(m)} = \frac{1}{-80} X\, 100 = -1.25\ D$

**Q.5 ଟିଣ୍ଡଲ୍ ସିଦ୍ଧାନ୍ତ କ'ଣ ? ଦୈନନ୍ଦିନ ଜୀବନରେ ଟିଣ୍ଡଲ୍ ସିଦ୍ଧାନ୍ତର ଉଦାହରଣ ଦିଅ । କେଉଁ କେଉଁ କାରଣ ଉପରେ ଏହି ସିଦ୍ଧାନ୍ତ ନିର୍ଭର କରେ ?**

ଉ : **ଟିଣ୍ଡଲ୍ ସିଦ୍ଧାନ୍ତ :** କଲଏଡ୍ ଏକ ବିଷମ ଜାତୀୟ କଣିକା ଗୁଡ଼ିକ ନେଇ ଗଠିତ । କଲଏଡାଲ୍ କଣିକା ଗୁଡ଼ିକ କ୍ଷୁଦ୍ର $10^{-9}$ ରୁ $10^{-6}$ ମି.) । ତେଣୁ କଣିକା ଗୁଡ଼ିକ ଆଲୋକ ରଶ୍ମି ବିଚ୍ଛୁରଣ କରନ୍ତି । ଏପରି ଆଲୋକର ବିଚ୍ଛୁରଣକୁ ଟିଣ୍ଡଲ ସିଦ୍ଧାନ୍ତ କୁହାଯାଏ ।

**ଦୈନନ୍ଦିନ ଜୀବନରେ ଟିଣ୍ଡଲ୍ ସିଦ୍ଧାନ୍ତ :**

i. ଧୂଆଁ ପୂର୍ଣ୍ଣ ଏକ କୋଠରୀ ମଧ୍ୟକ ଏକ ସୂକ୍ଷ୍ମ ରନ୍ଧ୍ର ସାହାଯ୍ୟରେ ସୂର୍ଯ୍ୟାଲୋକ ପ୍ରବେଶ କରାଇଲେ ଆଲୋକର ଗତିପଥ ଦେଖି ହୁଏ ।

ii. ଘନ ଜଙ୍ଗଲ ବିତାନ ମଧ୍ୟ ଦେଇ ସୂର୍ଯ୍ୟାଲୋକର ରଶ୍ମି ଗଛ ଗତିକଲା ବେଳେ କୁହୁଡ଼ି ମଧ୍ୟରେ ଥିବା କ୍ଷୁଦ୍ର ଜଳବିନ୍ଦୁ ସମୂହ ଆଲୋକକୁ ବିଚ୍ଛୁରଣ କରନ୍ତି ।

**କାରଣ (ଟିଣ୍ଡଲ୍ ସିଦ୍ଧାନ୍ତ ନିର୍ଭର କରେ)**

i. ଅତ୍ୟଧିକ କ୍ଷୁଦ୍ରକଣିକା ନୀଳ ଆଲୋକ ବିଚ୍ଛୁରଣ କରିଥାଏ ।

ii. କଣିକା ଗୁଡ଼ିକର ଆକାର ବଡ଼ ହେଲେ ଅତ୍ୟଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ବିଚ୍ଛୁରଣ କରିଥାଏ ।

iii. କଣିକା ଗୁଡ଼ିକର ଆକାର ଅତ୍ୟଧିକ ବଡ଼ ଆକାରର ହୋଇ ଥିଲେ ତାହା କେବଳ ଧଳା ଆଲୋକ ବିଚ୍ଛୁରଣ କରିଥାଏ ।

**Q.6 ଦୂରଦୃଷ୍ଟି ଯୁକ୍ତ ଚକ୍ଷୁର ନିକଟ ବିନ୍ଦୁ 1 M ହେଲେ ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଲେନ୍ସର ପାୱାର କେତେ ହେବା ଆବଶ୍ୟକ ?**

ଉ : i. ସ୍ୱାଭାବିକ ଚକ୍ଷୁର ନିକଟ ବିନ୍ଦୁ ହେଉଛି **25 CM** । କିନ୍ତୁ ଦୂରଦୃଷ୍ଟି ଯୁକ୍ତ ଚକ୍ଷୁ **25 CM** ଦୂରତାରେ ଥିବା ବସ୍ତୁକୁ ଦେଖିପାରେ ନାହିଁ । ଏହି ଚକ୍ଷୁ ପାଇଁ ନିକଟବିନ୍ଦୁ **1 M** ହେଉଛି । ଅର୍ଥାତ୍ ଏହି ଦୂରତା ପର୍ଯ୍ୟନ୍ତ ଚକ୍ଷୁ ବସ୍ତୁକୁ ସ୍ପଷ୍ଟ ଦେଖିପାରେ ।

ii. ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଉପଯୁକ୍ତ ଫୋକସ୍ ଦୂରତା ବିଶିଷ୍ଟ ଉତ୍ତଳ ଲେନ୍ସର ଚଷମାଆବଶ୍ୟକ । ଏହା ଚକ୍ଷୁର ନିକଟ ବିନ୍ଦୁ ଠାରେ ଉତ୍ତଳ ଲେନ୍ସ ନିକଟବର୍ତ୍ତୀ ବସ୍ତୁର ଆଭାସୀ ପ୍ରତିବିମ୍ୱ ଗଠନ କରେ ।

ତେଣୁ ପ୍ରତିବିମ୍ୱର ଦୂରତା $= u = v = -1m = -100\ cm$

ବସ୍ତୁର ଦୂରତା $= u = -25\ cm$

$$\frac{1}{v} - \frac{1}{u} = \frac{1}{f} \quad \Rightarrow \frac{1}{-100} - \frac{1}{-(-25)} = \frac{1}{f}$$

$$\Rightarrow \frac{-1}{100} + \frac{1}{25} = \frac{1}{f} \quad \Rightarrow \frac{1}{f} = \frac{-1+4}{100} = \frac{3}{100}$$

$$\Rightarrow f = \frac{100}{3} cm = \frac{1}{3} m$$

$\therefore$ ଲେନ୍ସର ପାୱାର $= p = \frac{1}{f(m)} \quad = 1 \div \frac{1}{3} = +3\ D$

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

(୪ ନମ୍ବର)

Q.1 ଦୃଷ୍ଟି ଦୋଷ କ'ଣ ? ସମୀପ ଦୃଷ୍ଟିଦୋଷର କାରଣ ଓ ପ୍ରତିକାର ଚିତ୍ର ସହ ଦର୍ଶାଅ ।

ଉ : **ଦୃଷ୍ଟି ଦୋଷ :** କୌଣସି କାରଣରୁ ଚକ୍ଷୁ ଯଦି କ୍ରମଶଃ ସମାୟୋଜନ ପାୱାର ହରାଏ ତେବେ ଦୃଷ୍ଟି ଦୋଷ ହୋଇଛି ବୋଲି କୁହାଯାଏ । ଏହା ଫଳରେ ବ୍ୟକ୍ତି ବସ୍ତୁକୁ ସ୍ୱଷ୍ଟ ଭାବରେ ଦେଖିପାରେ ନାହିଁ । ଚକ୍ଷୁ ଲେନ୍ସର ପ୍ରତିସରଣ ତ୍ରୁଟି ଯୋଗୁଁ ବସ୍ତୁ ଝାପ୍ସା ଦେଖାଯାଏ ।

**ସମୀପ ଦୃଷ୍ଟି ଦୋଷ :** i. ସମୀପ ଦୃଷ୍ଟି ଦୋଷ ଥିବା ବ୍ୟକ୍ତି ଦୂର ବସ୍ତୁକୁ ସ୍ୱଷ୍ଟ ଦେଖିପାରେ ନାହିଁ । ମାତ୍ର ନିକଟରେ ଥିବା ବସ୍ତୁକୁ ସ୍ୱଷ୍ଟ ଦେଖିପାରେ ।

ii. ଏହି ଦୋଷ ଥିବା ବ୍ୟକ୍ତିର ଦୂର ବିନ୍ଦୁ ଅନନ୍ତ ଦୂରତା ଠାରୁ କମିଯାଏ, କେବଳ କେତେ ମିଟିର ଦୂରତାରେ ଥିବା ବସ୍ତୁକୁ ସ୍ୱଷ୍ଟ ଭାବରେ ଦେଖି ହୁଏ ।

**କାରଣ :** କୌଣସି କାରଣରୁ ଚକ୍ଷୁ ଲେନ୍ସର ବକ୍ରତା ବଢ଼ିଗଲେ କିମ୍ୱା ଚକ୍ଷୁ ଗୋଲକ ଲମ୍ୱି ଗଲେ ଚକ୍ଷୁ ଲେନ୍ସର ଫୋକସ୍ ଦୂରତା କମିଯାଏ । ଫଳରେ ଚକ୍ଷୁଲେନ୍ସର ପାୱାର ବଢ଼ି ଯାଏ ତେବେ ଦୂରବସ୍ତୁରୁ ଆସୁଥିବା ଆଲୋକ ରଶ୍ମି ଗୁଚ୍ଛ ମୁକୁରିକା ପରିବର୍ତେ ତା ପୂର୍ବରୁ କାଚାଭରସ ଭିତରେ ପ୍ରତିବିମ୍ୱ ସୃଷ୍ଟି କରେ । ତେଣୁ ଦୂରବସ୍ତୁ ସ୍ୱଷ୍ଟ ଦେଖାଯାଏ ନାହିଁ । ଅପେକ୍ଷାକୃତ ନିକଟରେ ଥିବା ବସ୍ତୁ ଦୃଷ୍ଟିର ସଂଶୋଧନ ପ୍ରତିବିମ୍ୱ ମୁକୁରିକାରେ ସୃଷ୍ଟି ହୋଇ ସ୍ୱଷ୍ଟ ଦେଖାଯାଇପାରେ ।




(a) ସମୀପ ଦୃଷ୍ଟିର ଦୂରବିନ୍ଦୁ



(b) ସମୀପ ଦୃଷ୍ଟିଯୁକ୍ତ ଚକ୍ଷୁ



(b) ସମୀପ ଦୃଷ୍ଟିର ସଂଶୋଧନ

**ପ୍ରତିକାର :** ସମୀପ ଦୃଷ୍ଟିର ପ୍ରତିକାର ପାଇଁ ଲେନ୍ସର ଫୋକସ୍ ଦୂରତା ବଢ଼ାଇବା ବା ପାୱାର କମାଇବା ଆବଶ୍ୟକ । ଏଥିପାଇଁ

ଉପଯୁକ୍ତ ଅବତନ ଲେନ୍ସର ଚଷମା ବ୍ୟବହାର କଲେ ଅବତଳ ଲେନ୍ସ ଓ ଚକ୍ଷୁ ଲେନ୍ସର ସମାହାରର ପାୱାର ଚକ୍ଷୁ ଲେନ୍ସର ପାୱାର ଠାରୁ ହେବ ଓ ଫୋକସ୍ ଦୂରତା ବଢ଼ି ଯିବ । ଫଳରେ ଦୂର ବସ୍ତୁର ପ୍ରତିବିମ୍ୱ ମୁକୁରିକାରେ ପଡ଼ିବ ଏବଂ ବସ୍ତୁ ସ୍ୱଷ୍ଟ ଦେଖା ଯିବ ।

**Q.2 ଦୃଷ୍ଟି ଦୋଷ କ'ଣ ? ଦୂର ଦୃଷ୍ଟି ଦୋଷର କାରଣ ଓ ପ୍ରତିକାର ଚିତ୍ର ସହ ଦର୍ଶାଅ ।**

ଉ : **ଦୃଷ୍ଟି ଦୋଷ :** କୌଣସି କାରଣରୁ ଚକ୍ଷୁ ଯଦି କ୍ରମଶଃ ସମାଯୋଜନ ପାୱାର ହରାଏ ତେବେ ଦୃଷ୍ଟି କୋଣ ହୋଇଛି ବୋଲି କୁହାଯାଏ । ଏହା ଫଳରେ ବ୍ୟକ୍ତି ବସ୍ତୁକୁ ସ୍ୱଷ୍ଟ ଭାବରେ ଦେଖି ପାରେ ନାହିଁ । ଚକ୍ଷୁ ଲେନ୍ସର ପ୍ରତିସରଣ ତ୍ରୁଟି ଯୋଗୁଁ ବସ୍ତୁ ଝାପ୍ସା ଦେଖାଯାଏ ।

**ଦୂର ଦୃଷ୍ଟିଦୋଷ :**

ଦୂର ଦୃଷ୍ଟିଦୋଷ ଥିବା ବ୍ୟକ୍ତି ଦୂରବସ୍ତୁକୁ ସ୍ୱଷ୍ଟ ଦେଖିପାରେ କିନ୍ତୁ ନିକଟ ବସ୍ତୁକୁ ସ୍ୱଷ୍ଟ ଭାବରେ ଦେଖିପାରେ ନାହିଁ । ବ୍ୟକ୍ତିର ନିକଟ ବିନ୍ଦୁ ସ୍ୱଷ୍ଟ ଦର୍ଶନର ନିମ୍ନତମ ଦୂରତା ଅର୍ଥାତ୍ 25 ସେ.ମି ଠାରୁ ଅଧିକ ଦୂରରେ ରଖି ପଢ଼ି ପାରନ୍ତି ।




ଚିତ୍ର 7.3 ଦୂର ଦୃଷ୍ଟିଯୁକ୍ତ ଚକ୍ଷୁ

**କାରଣ :**

କୌଣସି କାରଣରୁ ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ବଢ଼ିଗଲେ ଅର୍ଥାତ୍ ଚକ୍ଷୁର ଲେନ୍ସର ପାୱାର କମିଗଲେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକା ପଛପଟେ ଗଠିତ ହୁଏ । ନିକଟ ବସ୍ତୁ ସ୍ୱଷ୍ଟ ଦେଖାଯାଏ ନାହିଁ ।

**ନିରାକରଣ :**

ଚକ୍ଷୁ ପରୀକ୍ଷା କରାଇ ଉପଯୁକ୍ତ ମାପର ଉତ୍ତଳ ଲେନ୍ସର ଚଷମା ପିନ୍ଧିଲେ ଏହି ଉତ୍ତଳ ଲେନ୍ସ ଓ ଚକ୍ଷୁ ଲେନ୍ସର ସମାହାରର ପାୱାର ଅଧିକ ହୁଏ ଏବଂ ଫୋକସ୍ ଦୂରତା କମିଯାଏ । ଫଳରେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ପଡ଼େ ଓ ବସ୍ତୁଟି ସ୍ୱଷ୍ଟ ଦେଖାଯାଏ ।

Q.3 **ମାନବ ଚକ୍ଷୁର ଗଠନ ବର୍ଣ୍ଣନା କର ।**

ଉ : **ମାନବ ଚକ୍ଷୁର ଗଠନ :**

ମାନବ ଚକ୍ଷୁ ଏକ ଅତି ଆଲୋକ ସମ୍ବେଦନଶୀଳ ଇନ୍ଦ୍ରିୟ । ଏହାର ଗଠନ ଓ କାର୍ଯ୍ୟ ପ୍ରଣାଳୀ ଫଟୋ ଉଠା କ୍ୟାମେରାର କାର୍ଯ୍ୟକାରିତା ସହ ସମାନ । ମାନବ ଚକ୍ଷୁ ଗୋଲକ ଆକୃତି ବିଶିଷ୍ଟ । ଏହାର ସମ୍ମୁଖ ଭାଗ ସାମାନ୍ୟ ବାହାରକୁ ବାହାରି ଥାଏ । ଚକ୍ଷୁ ଗୋଲକର ବ୍ୟାସାର୍ଦ୍ଧ 2.3 ସେ.ମି । ଚକ୍ଷୁ ଗୋଲକର କେତେକ ଅଙ୍ଗ ସମ୍ପର୍କରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।




i. **ସ୍ୱଚ୍ଛପଟଳ :**

ଏହା ଚକ୍ଷୁ ଗୋଲକର ସମ୍ମୁଖ ଭାଗରେ ଆଗକୁ ଅଳ୍ପ ବାହାରି ଆସିଥାଏ । ଏହା ଏକ ପତଳା ସ୍ୱଚ୍ଛ ଝିଲ୍ଲୀ ହୋଇଥିବାରୁ ଏହା ମଧ୍ୟ ଦେଇ ଆଲୋକ ଚକ୍ଷୁ ମଧ୍ୟକୁ ପ୍ରବେଶ କରେ । ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଅଧିକାଂଶ ରଶ୍ମି ସ୍ୱଚ୍ଛପଟଳର ବାହ୍ୟ ପୃଷ୍ଠରେ ପ୍ରତିସୃତ ହୁଏ ।

ii. **କନୀନିକା ଓ ନେତ୍ରପିତୁଳା :**

ସ୍ୱଚ୍ଛପଟଳ ପଛ ପଟେ ଥିବା ଅସ୍ୱଚ୍ଛ କଳା ମାଂସଳ ବସ୍ତୁକୁ କନୀନିକା କୁହାଯାଏ । ଏହାର କେନ୍ଦ୍ରରେ ଥିବା କ୍ଷୁଦ୍ର ରନ୍ଧ୍ରକୁ ନେତ୍ର ପିତୁଳା କୁହାଯାଏ । କନୀନିକା ନେତ୍ର ପିତୁଳାର ଆକାରକୁ ନିୟନ୍ତ୍ରଣ କରି ଚକ୍ଷୁ ମଧ୍ୟକୁ ଆବଶ୍ୟକ ପରିମାଣର ଆଲୋକ ପଠାଇଥାଏ ।

ଅଳ୍ପ ଆଲୋକର କନୀନିକା ନେତ୍ର ପିତୁଳାକୁ ପ୍ରସାରିତ କରି ଚକ୍ଷୁ ମଧ୍ୟକୁ ଅଧିକ ଆଲୋକ ପ୍ରବେଶ କରାଏ । ସେହିପରି ଉଜ୍ଜ୍ୱଳ ଆଲୋକରେ କନୀନିକା ନେତ୍ରପିତୁଳାକୁ ସଙ୍କୁଚିତ କରି ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଆଲୋକର ପରିମାଣକୁ ହ୍ରାସ କରାଏ ।

iii. **ଚକ୍ଷୁ ଲେନ୍ସ :**

ଏହା ଏକ ଦ୍ୱିଉତ୍ତଳ ଲେନ୍ସ ଏବଂ ଏହା ଠିକ୍ କନୀନିକା ପଛକୁ ଥାଏ । ସିଲିଆରୀ ମାଂସପେଶୀ ଦ୍ୱାରା ଚକ୍ଷୁ ଲେନ୍ସର ବକ୍ରତା ବଦଳି ଫୋକସ୍ ଦୂରତାର ହ୍ରାସ ବୃଦ୍ଧି ଘଟିଥାଏ ।

iv. **ମୁକୁରିକା :**

ସ୍ୱଚ୍ଛପଟଳ ଓ ଚକ୍ଷୁ ଲେନ୍ସ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ସ୍ୱଚ୍ଛ ଜଳାଭରସ ଭରି ରହିଥାଏ । ଚକ୍ଷୁ ଲେନ୍ସ ଓ ମୁକୁରିକା ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ଭରି ରହିଥିବା ଜେଲି ଭଳି ତରଳ ପଦାର୍ଥକୁ କାଚ-ଭରସ କୁହାଯାଏ ।

v. **ମୁକୁରିକା :**

ଏହା ଚକ୍ଷୁ ଗୋଲକର ଅଭ୍ୟନ୍ତରର ଶେଷଭାଗରେ ଥିବା ଏକ ସୂକ୍ଷ୍ମ ଆବରଣ । ଏଥିରେ ଅସଂଖ୍ୟ ଆଲୋକ ସମ୍ବେଦୀ କୋଷ ରହିଥାଏ ।

vi. ଆଲୋକ ମୁକୁରିକା ଉପରେ ପଡ଼ିଲେ ଆଲୋକ ସମ୍ବେଦୀ ସେଲ୍ ଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଙ୍କେତ ପ୍ରେରଣ କରନ୍ତି । ଏହି ବିଦ୍ୟୁତ୍ ସଙ୍କେତ ନେତ୍ରସ୍ନାୟୁ ମାଧ୍ୟମରେ ମସ୍ତିଷ୍କକୁ ଯାଏ । ମସ୍ତିଷ୍କ ସୃଷ୍ଟି ହୋଇଥିବା ଓଲଟା ପ୍ରତିବିମ୍ବକୁ ସଳଖ କରି ବସ୍ତୁ ଯେପରି ଅଛି, ସେହିପରି ଧାରଣା ଦେବାରେ ସହାୟକ ହୁଏ ।

# ବିଦ୍ୟୁତ୍

**Poimts to Remember**

1.ବିଦ୍ୟୁତ୍ ହେଉଛି ଶକ୍ତିର ଏକ ରୂପ । ଏକ ପରିବାହୀରେ ନିର୍ଦ୍ଦିଷ୍ଟ ଦିଗରେ ଇଲେକ୍ଟ୍ରନର ପ୍ରବାହକୁ ବିଦ୍ୟୁତ୍ ସ୍ରୋତ କୁହାଯାଏ ।

2.ଏକ ଅବିଚ୍ଛିନ୍ନ ଓ ମୁଦିତ ବିଦ୍ୟୁତ୍ ସ୍ରୋତର ପ୍ରବାହ ପଥକୁ ବିଦ୍ୟୁତ୍ ପରିପଥ କହନ୍ତି ।

3.ବିଦ୍ୟୁତ୍ ସ୍ରୋତ ହେଉଛି ବିଦ୍ୟୁତ୍ ଚାର୍ଜର ପ୍ରବାହର ହାର ।

4.ଚାର୍ଜର S.I ଏକକ କୁଲମ (C) । 6.25 x $10^{18}$ଟି ଇଲେକ୍ଟ୍ରିନର ସମୁଦାୟ ଚାର୍ଜର lC ପରିମାଣ ।

5.ଯଦି f ସମୟ ମଧ୍ୟରେ Q ପରିମାଣ ଚାର୍ଜ ଗୋଟିଏ ପରିବାହୀର ପ୍ରସ୍ଥଛେଦ ନେଇ ପ୍ରବାହିତ ହୁଏ ।

ତେବେ ବିଦ୍ୟୁତ ସ୍ରୋତ୍ $I = \frac{Q}{f}$

$=> Q = IF$

ଯଦି 1 ସେକେଣ୍ଡରେ ପରିବାହୀରେ 1 କୁଲମ୍ ଚାର୍ଜ ପ୍ରବାହିତ ହୁଏ, ବିଦ୍ୟୁ୍ ସ୍ରୋତ ପରିମାଣ 1A ହେବ ।

$$1A = \frac{I\ C}{I\ SeC}$$

ବିଦ୍ୟୁ୍ ସ୍ରୋତର 1ଏକକ ଏମ୍ପିଅର ।

୬.ବିଦ୍ୟୁତ୍ ସ୍ରୋତ ମାପିବା ପାଇଁ ଏମିଟର ବ୍ୟବହାର କରାଯାଏ । ଏହାକୁ ପରିପଥରେ ପଙ୍କ୍ତିରେ ସଂଯୁକ୍ତ କରାଯାଏ ।

୭. ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ୍ ଚାପର ପାର୍ଥକ୍ୟକୁ ବିଦ୍ୟୁତ୍ ବିଭବର ପାର୍ଥକ୍ୟ ବା ବିଭବାନ୍ତର କୁହାଯାଏ ।

୮. ବିଦ୍ୟୁତ୍ ପ୍ରବାହ ଥିବା ପରିପଥରେ ଦୁଇ ବିନ୍ଦ ମଧ୍ୟରେ ବିଭବାନ୍ତର ସେହି ଦୁଇ ବିନ୍ଦୁ ମଧ୍ୟରେ ଏକକ ପରିମାଣ ଚାର୍ଜ ସ୍ଥାନାନ୍ତର ପାଇଁ ହେଉଥିବା କାର୍ଯ୍ୟର ପରିମାଣ ସହ ସମାନ ।

୯. ଯଦି ବିଭବାନ୍ତର V, W= କାର୍ଯ୍ୟ, ଚାର୍ଜ 2 ହେଲେ,

$$V = \frac{W}{Q}$$

$$W = VQ$$

ଏହାର S I ଏକକ ଭୋଲଟ (V)

୧୦. ବିଭବାନ୍ତର ମାପିବା ପାଇଁ ଭୋଲଟମିଟର ଉପକରଣ ବ୍ୟବହାର କରାଯାଏ । ଏହାକୁ ପରିପଥରେ ସମାନ୍ତର ଭାବେ ସଂଯୁକ୍ତ କରାଯାଏ ।

୧୧. ଓମ୍‌ଙ୍କ ନିୟମ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ପରିବାହୀରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ (I) ତା'ର ଦୁଇପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ୍ ବିଭବାନ୍ତର (V) ସହ ସମାନୁପାତୀ ।

$V \propto I$

$\Rightarrow V = R\ I$

Q କୁ ପ୍ରତିରୋଧ ବା ରେଜିଷ୍ଟାନ୍ସ କୁହାଯାଏ ।

୧୨. ଏହା ପରିବାହୀର ଦୈର୍ଘ୍ୟ, ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ, ତାପମାତ୍ରା ଓ ପରିବାହୀ ନିର୍ମିତ ପଦାର୍ଥର ପ୍ରକୃତି ଉପରେ ନିର୍ଭର କରେ ।

ପ୍ରତିରୋଧର S.I ଏକକ ohm (Ω)

$$1\,\Omega = \frac{1\,V}{1\,A}$$

୧୩. ବିଦ୍ୟୁତ୍ ପ୍ରବାହକୁ କମ୍ ବେଶୀ କରିବା ପାଇଁ ରିଓଷ୍ଟାଟ୍ ନାମକ ଉପକରଣ ବ୍ୟବହାର କରାଯାଏ ।

୧୪. ପ୍ରତିରୋଧକୁ ପରିପଥରେ ଦୁଇ ପ୍ରକାରର ସଂଯୋଗ କରାଯାଏ ।

(a) ପଙ୍‌କ୍ତି ସଂଯୋଗ
(b) ସମାନ୍ତରାଳ ସଂଯୋଗ

୧୫. ପଙ୍‌କ୍ତି ସଂଯୋଗରେ $R = R_1 + R_2 + R_3 + \ldots$

ସମାନ୍ତରାଳ ସଂଯୋଗରେ $\frac{1}{R} = \frac{1}{R1} + \frac{1}{R2} + \frac{1}{R3} + \cdots$

୧୬. 1m ଦୈର୍ଘ୍ୟ ଓ $1m^2$ ପ୍ରସ୍ଥଚ୍ଛେଦ କ୍ଷେତ୍ରଫଳ ବିଶିଷ୍ଟ ପରିବାହୀ ପଦାର୍ଥର ପ୍ରତିରୋଧକୁ ପ୍ରତିରୋଧିତା କୁହାଯାଏ । ଏହା ପଦାର୍ଥର ପକୃତି ଉପରେ ନିର୍ଭର କରେ ।

୧୭. ଯଦି ଏକ ପରିପଥରେ ବ୍ୟାଟେରୀ ସହ କେବଳ ପ୍ରତିରୋଧ ରହିଥାଏ । ବ୍ୟାଟେରୀର ଶକ୍ତି ତାପଶକ୍ତିକୁ ରୂପାନ୍ତରିତ ହୋଇ ପ୍ରତିରୋଧକୁ ଉତ୍ତପ୍ତ କରାଏ । ଏହାକୁ ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତା କହନ୍ତି ।

୧୮. ଜୁଲଙ୍କ ତାପନ ନିୟମ ଅନୁସାରେ

$$H = I^2 Rt$$

୧୯. ବୈଦ୍ୟୁତିକ କାର୍ଯ୍ୟ କରିବାର ହାରକୁ ବିଦ୍ୟୁତ୍ ପାୱାର କୁହାଯାଏ ।

$$P = VI = I\,R \times I = I^2R$$

$$P = (\frac{V2}{R})\,R = (\frac{V2}{R2} \times R = (\frac{V2}{R})$$

ଏହାର ଏକକ ୱାଟ୍ ।

୨୦. ପ୍ରତିରୋଧରେ ବ୍ୟୟିତ ଶକ୍ତି ପାୱାର ଓ ସମୟର ଗୁଣଫଳ ।
ଏହାର ଏକକ କିଲୋୱାଟ ଘଣ୍ଟା ।

$$1\text{ Kwh} = 3.6 \times 10^6\text{ J}$$

1 କିଲୋୱାଟ ଘଣ୍ଟା ବିଦ୍ୟୁତ୍ ଶକ୍ତିକୁ 1 ୟୁନିଟ ବିଦ୍ୟୁତ୍ ଶକ୍ତି କୁହାଯାଏ ।

# MCQ-SET-1

1) ଗୋଟିଏ ପରିପଥରେ ସଂଯୁକ୍ତ ଏକ ପ୍ରତିରୋଧକୁ ସମାନ ଦୁଇଖଣ୍ଡ କରି ସେହି ସ୍ଥାନରେ ସମାନ୍ତର ସଂଯୋଗ କଲେ ବିଦ୍ୟୁତ୍ ପ୍ରବାହ କେତେ ହେବ ?

(a) ଅଧା ହେବ
(b) ଦୁଇଗୁଣ ହେବ
(c) ଅପରିବର୍ତ୍ତିତ ହେବ
(d) ତିନିଗୁଣ ହେବ

2) ବିଦ୍ୟୁତ୍ ପ୍ରତିରୋଧ ଓ ପ୍ରତିରୋଧିତା ଉଭୟ କେଉଁ କାରକ ଉପରେ ନିର୍ଭର କରନ୍ତି ?

(a) ପଦାର୍ଥର ପ୍ରକୃତି ଓ ତାପମାତ୍ରା
(b) ପ୍ରସ୍ଥଚ୍ଛେଦ ଓ ଦୈର୍ଘ
(c) ଦୈର୍ଘ୍ୟ ଓ ତାପମାତ୍ରା
(d) ପ୍ରସ୍ଥଚ୍ଛେଦ ଓ ତାପମାତ୍ରା

3) $\frac{1}{5}$ Ωର 5ଟି ପ୍ରତିରୋଧର ସଂଯୋଗର ସର୍ବନିମ୍ନ ସମତୁଲ୍ୟ ପ୍ରତିରୋଧ କେତେ ହେବ ?

(a) 1 Ω
(b) $\frac{1}{5}$ Ω
(c) 25 Ω
(d) $\frac{1}{25}$ Ω

4) ଦତ୍ତ ପରିପଥର ସମତୁଲ୍ୟ ପ୍ରତିରୋଧ କେତେ ?




(a) 3 Ω
(b) 2 Ω
(c) 1 Ω
(d) 1.5 Ω

5) ଗୋଟିଏ ପରିବାହୀରେ $10^{-10}$ S ରେ $1.6 \times 10^{-9}$ C ଚାର୍ଜ ପ୍ରବାହିତ ହେଲେ ବିଦ୍ୟୁତ୍ ସ୍ରୋତର ପରିମାଣ କେତେ ?

(a) $1.6 \times 10^{-9}$ A
(b) $1.6 \times 10^{-8}$ A
(c) $1.6 \times 10^{-7}$ A
(d) $1.6 \times 10^{-6}$ A

6) $R_1$, $R_2$, $R_3$, ପ୍ରତିରୋଧ ବିଶିଷ୍ଟ ତିନୋଟି ତମ୍ବା ତାରରେ ବିଦ୍ୟୁଥ୍ ପ୍ରାବହ କରି V-I ଗ୍ରାଫ ଅଙ୍କନ କରାଯାଇଛି । ଏଠାରେ $R_1$, $R_2$, ଓ $R_3$ ମଧ୍ୟରେ କେଉଠି ସଠିକ୍ ସମ୍ପର୍କ ?




(a) $R_1 > R_2 > R_3$
(b) $R_3 > R_2 > R_1$
(c) $R_1 > R_3 > R_2$
(d) $R_2 > R_3 > R_1$

7) ପାଣି ଗରମ କରିବା ପାଇଁ 500w ର ଏକ ହିଟର ଦୈନିକ 2 ଘଣ୍ଟା ଧରି ବ୍ୟବହୃତ ହେଲେ 10 ଦିନରେ କେତେ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହେବ ?

(a) 6
(b) 8
(c) 10
(d) 12

8) ବଲ୍‌ବ ସୂତ୍ରଟିର ଗଳନାଙ୍କ କେତେ ?

(a) $3330^0$C
(b) $3380^0$C
(c) $3830^0$C
(d) $3388^0$C

9) X ଓମ୍ ପ୍ରତିରୋଧ 4ଟି ତାରକୁ ସଂଯୋଗ କଲେ ଏହାର ସର୍ବାଧିକ ଓ ସର୍ବନିମ୍ନ ପ୍ରତିରୋଧର ଅନୁପାତ କେତେ ?

(a) 1:16
(b) 16 : 1
(c) 1:1
(d) 1: 2

10) ମ୍ୟାଙ୍ଗାନିଜ୍ କାହାର ମିଶ୍ରଧାତୁ ?

(a) Cu + Mn + Nb
(b) Cu + Mn + Ni
(c) Cu + Mg + Nu
(d) Cu + Mn + Fe

11) ନିମ୍ନୋକ୍ତ ମଧ୍ୟରୁ କେଉଁ ଗ୍ୟାସକୁ ବ୍ୟବହାର କଲେ ବଲବ ମଧ୍ୟସ୍ଥ ସୂତ୍ରର ଆୟୁଷ ବଢ଼େ ?

(a) କ୍ଲୋରିନ୍ ଗ୍ୟାସ
(b) ହାଇଡ୍ରୋଜେନ ଗ୍ୟାସ
(c) ଆରଗନ୍ ଗ୍ୟାସ
(d) ଅକ୍ସିଜେନ ଗ୍ୟାସ

12) 40w ର କେତୋଟି ବଲବ 5 ଘଣ୍ଟା ଜଳିଲେ 2unit ବିଦ୍ୟୁତ୍ ଶକ୍ତି ବ୍ୟୟ କରିବ ?

(a) 5ଟି

(b) 40ଟି

(c) 2ଟି

(d) 10ଟି

13) ଗୋଟିଏ ପରିବାହୀରେ 60 ସେକେଣ୍ଡ ପାଇଁ କେତେ କୁଲମ୍ ଚାର୍ଜ ପ୍ରବାହିତ ହେଲେ, ବିଦ୍ୟୁତ୍ ସ୍ରୋତ 2 ଏମ୍ପିଅର ହେବ ?

(a) 30

(b) 60

(c) 120

(d) 240

14) 220 V ଓ 100 W ଲେଖାଥିବା ବଲବକୁ 110 V ଲାଇନରେ ଲଗାଇଲେ ଏହାର ପାୱାର କେତେ ହେବ ?

(a) 100 W

(b) 75 W

(c) 50 W

(d) 25 W

15) ଗୋଟିଏ ପରିପଥରେ ବିଦ୍ୟୁତ୍ ସ୍ରୋତର ପରିମାଣ ବଢ଼ିଲେ ଏହାର ପ୍ରତିରୋଧର କେଉଁ ପରିବର୍ତ୍ତନ ହେବ ?

(a) ବୃଦ୍ଧି ପାଇବ

(b) ହ୍ରାସ ପାଇବ

(c) ସମାନ ରହିବ

(d) ବଢ଼ି କରି କମିବ

16) କୌଣସି ପରିପଥରେ ଏକା ପ୍ରକାରର ତାରର ଦୈର୍ଘ୍ୟ ଦୁଇଗୁଣ କରିଦେଲେ ବିଦ୍ୟୁତ୍ ସ୍ରୋତର ପରିମାଣ କେତେ ହେବ ?

(a) ସମାନ ରହିବ

(b) ଦୁଇଗୁଣ ହେବ

(c) ଅଧା ହେବ

(d) ଚାରିଗୁଣ ହେବ

17) 220 V ଲାଇନରେ 5A ବିଦ୍ୟୁତ୍ ସ୍ରୋତ ପରିବହନ ପାଇଁ ସମାନ୍ତର ଭାବେ କେତୋଟି 176 Ω ପ୍ରତିରୋଧୀ ଆବଶ୍ୟକ ?

(a) 1

(b) 2

(c) 3

(d) 4

18) ବିଦ୍ୟୁତ୍ ବତୀରେ ଟଙ୍ଗଷ୍ଟନ୍ ଧାତୁ ବ୍ୟବହୃତ ହୁଏ । କାରଣ-

(i) ଏହାର ଗଳନାଙ୍କ ଅତି ଉଚ୍ଚ

(ii) ଅତି ଉଚ୍ଚ ତାପାମାତ୍ରାରେ ଏହା ଜାରିତ ହୁଏ

(iii) ଉପରୋକ୍ତ ଉତ୍ତର ଦ୍ୱୟ ମଧ୍ୟରୁ କେଉଁଟି ଠିକ୍ ?

(iv) ଅତି ତାପମାତ୍ରାରେ ଏହା ଜାରିତ ହୁଏ

(a) (i)

(b) (ii)

(c) (iii)

(d) ସବୁ ଠିକ୍

19) ନିମ୍ନୋକ୍ତ ମଧ୍ୟରୁ କେଉଁଟି 10 ୟୁନିଟ୍ ବିଦ୍ୟତ୍ ଶକ୍ତିକୁ ବୁଝାଏ ?

(a) $36 \times 10^6$ J

(b) $36 \times 10^7$ J

(c) $3.6 \times 10^6$ J

(d) $3.6 \times 10^5$ J

20) ଏହି ଚିତ୍ରଟି କେଉଁଥିପାଇଁ ବ୍ୟବହୃତ ହୁଏ ?

(a) ସଂଯୁକ୍ତତାର

(b) ଅସଂଯୁକ୍ତ ତାର

(c) ମୁକ୍ତତାର

(d) ତାର

21) ଗୋଟିଏ ପରିବାହୀର ପ୍ରତିରୋଧକୁ 100% ବୃଦ୍ଧି କଲେ ତାହାର କାର୍ଯ୍ୟ କରିବାର ହାର (ପାୱାର) ରେ କେତେ ଶତକଡ଼ା ବୃଦ୍ଧି ଘଟିବ ?

(a) 100

(b) 200

(c) 300

(d) 400

22) ଦତ୍ତ ପରିପଥର ପ୍ରତିରୋଧ କେତେ ?




(a) 1 ohm

(b) 2 ohm

(c) 3 ohm

(d) 4 ohm

(23) ନିମ୍ନଲିଖିତ ମଧ୍ୟରୁ କେଉଁଟିର ପ୍ରତିରୋଧିତା ଅଧିକ ?

(a) କ୍ରୋମିୟମ୍

(b) ମାଙ୍ଗାନିଜ୍

(c) ଟଙ୍ଗଷ୍ଟନ

(d) ନିକ୍ରୋମ

24) $R_1$ = 2 Ω ଓ $R_4$= 2 Ω ବିଭାନ୍ତର = 6V, ଯଦି ପରିପଥରେ ପଙ୍କ୍ତି ସଂଯୋଗ ହୋଇଥାଏ, ବିଦ୍ୟୁତ୍ ସ୍ରୋତର ପରିମାଣ କେତେ ? ଅଣୁର ଗଠନ ଇଂରାଜୀ କେଉଁ ଅକ୍ଷର ଭଳି ଦେଖାଯାଏ ?

(a) 6A
(b) 1A
(c) -1A
(d) 0.6A

25) ପ୍ରତିରୋଧର ଏକକ କ'ଣ ?

(a) $\frac{\text{ଭୋଲଟ}}{\text{ଏମ୍ପିଅର}}$
(b) $\frac{(\text{ଭୋଲଟ})^2}{\text{ଏମ୍ପିଅର}}$
(c) $\frac{\text{ଭୋଲଟ}}{(\text{ଏମ୍ପିଅର})^2}$
(d) ଭୋଲଟ

**ANSWER**

| | | | | | |
|---|---|---|---|---|---|
| (1) C | (2) A | (3) D | (4) C | (5) A | (6) D |
| (7) C | (8) B | (9) B | (10) B | (11) C | (12 ) D |
| (13) C | (14) D | (15) B | (16) C | (17) D | (18) A |
| (19) A | (20) B | (21) C | (22) A | (23) D | (24) B |
| (25) A | | | | | |

# ବିଦ୍ୟୁତ୍

## MCQ-SET-2

**୧. ବିଦ୍ୟୁତ୍ କାହାର ଏକ ରୂପାନ୍ତର ?**

a. କାର୍ଯ୍ୟ  b. ଶକ୍ତି  c. ପାୱାର  d. ପ୍ରତିରୋଧ

**୨. ବିଦ୍ୟୁତ୍ ସ୍ରୋତକୁ କାହା ଦ୍ୱାରା ଅଳ୍ପ ବହୁତ କରି ହୁଏ ?**

a. ଏମିଟର  b. ଭୋଲ୍ଟମିଟର  c. ରିଓଷ୍ଟାଟ୍  d. ଭୋଲ୍ଟାମିଟର

**୩. ପରିବାହୀରେ ବିଦ୍ୟୁତ୍ ଋର୍ଜ ପ୍ରବାହିତ ହେଲେ ତାକୁ କ'ଣ କୁହାଯାଏ ?**

a. ବିଦ୍ୟୁତ୍ ସ୍ରୋତ  b. ବିଦ୍ୟୁତ୍ ବିଭବ ପାର୍ଥକ୍ୟ  c. ବିଦ୍ୟୁତ୍ ପ୍ରତିରୋଧିତା  d. ପ୍ରତିରୋଧ

**୪. ଟର୍ଚ୍ଚରେ ବ୍ୟାଟେରୀକୁ ନିର୍ଦ୍ଦିଷ୍ଟ କ୍ରମରେ ରଖି ବଲ୍ବ ଜଳାଇଲେ ବ୍ୟାଟେରୀ ଓ ବଲ୍ବ ମଧ୍ୟରେ କିଏ ସଂଯୋଜକ ଭାବେ କାର୍ଯ୍ୟ କରେ ?**

a. ବ୍ୟାଟେରୀ  b. ବଲ୍ବ  c. ସ୍ୱିଚ୍  d. କହିହେବ ନାହିଁ

**୫. ଏକକ ନିର୍ଦ୍ଦିଷ୍ଟ କ୍ଷେତ୍ର ଫଳ ମଧ୍ୟରେ ଏକକ ସମୟରେ ପ୍ରବାହିତ ହେଉଥିବା ବିଦ୍ୟୁତ୍ ଋର୍ଜର ପରିମାଣରକୁ କ'ଣ କୁହାଯାଏ ?**

a. ବିଦ୍ୟୁତ୍ ବିଭବ ପାର୍ଥକ୍ୟ  b. ବିଦ୍ୟୁତ୍ ସ୍ରୋତ  c. ବିଦ୍ୟୁତ୍ ପ୍ରତିରୋଧ  d. ବିଦ୍ୟୁତ୍ ପାୱାର

**୬. ଧାତବ ତାର ବିଶିଷ୍ଟ ପିରପଥରେ କିଏ ଋର୍ଜ ରୂପେ ପ୍ରବାହିତ ହୁଏ ?**

a. ଇଲେକ୍ଟ୍ରନ୍ b. ପ୍ରୋଟନ୍ c. ନ୍ୟୁଟ୍ରନ୍ d. ନ୍ୟୁକ୍ଲିୟସ୍

**୭. ଏକ ଇଲେକ୍ଟ୍ରନ୍‌ର ଋର୍ଜର ପରିମାଣ କେତେ ?**

a. $6.023X10^{23}C$ b. $6.02X10^{-19}C$ c. $1.6X10^{-19}C$ d. $1.6X10^{23}C$

**୮. ଋର୍ଜର ଆନ୍ତର୍ଜାତୀୟ ମାନକ (SI) ଏକକ କ'ଣ ?**

a. ଏମ୍ପିୟର b. କୁଲମ୍ c. ଓମ୍ d. ଜୁଲ୍

**୯. ବିଦ୍ୟୁତ୍ ସ୍ରୋତର ଆନ୍ତର୍ଜାତୀୟ ମାନକ (SI) ଏକକ କ'ଣ ?**

a. ଭୋଲ୍ଟ b. କୁଲମ୍ c. ଜୁଲ୍ d. ଏମ୍ପିୟର

**୧୦. ଇଲେକ୍ଟ୍ରନ୍ ପ୍ରବାହର ଦିଗ ସହ ବିଦ୍ୟୁତ୍ ସ୍ରୋତର ଦିଗର କ'ଣ ସମ୍ପର୍କ ଅଛି ?**

a. ସମାନ b. ବିପରୀତ c. ଉର୍ଦ୍ଧ୍ୱକୁ d. ତଳକୁ

**୧୧. ବିଦ୍ୟୁତ୍ ସ୍ରୋତ ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?**

a. ରିଓଷ୍ଟାଟ୍ b. ଭୋଲ୍ଟମିଟର c. ଗାଲଭାନୋମିଟର d. ଏମିଟର

**୧୨. ଏମିଟିରକୁ ପରିପଥରେ କିପରି ସଂଯୋଗ କରାଯାଏ ?**

a. ପଙ୍‌କ୍ତି b. ସମାନ୍ତର c. ଉଭୟ a ଓ b d. କହିହେବ ନାହିଁ

**୧୩. କେତୋଟି ଇଲେକ୍ଟ୍ରନ୍‌ର ସମୁଦାୟ ଋର୍ଜର ପରିମାଣ ସହ ସମାନ ?**

a. $6.023X10^{23}$ b. $6.25X10^{18}$ c. $1.6X10^{19}$ d. $9.8X10^{23}$

**୧୪. I mA କେତେ ଏମ୍ପିୟର ସହ ସମାନ ?**

a. $10^{-3}$ b. $10^{3}$

c. $10^{-6}$ d. $10^{6}$**୧୫. I mA = କେତେ ଏମ୍ପିୟର ?**

a. $10^{-3}$ b. $10^{3}$

c. $10^{-6}$ d. $10^{6}$

**୧୬. ପରିବାହୀରେ ବିଦ୍ୟୁତ୍ ଋପର ପାର୍ଥକ୍ୟ ରହିଲେ କାହାର ପ୍ରବାହ ଘଟେ ?**

a. ଇଲେକ୍ଟ୍ରନ୍ b. ପ୍ରୋଟନ୍ c. ନ୍ୟୁଟ୍ରନ୍ d. ନ୍ୟୁକ୍ଲିୟସ୍

**୧୭. ବିଦ୍ୟୁତ୍ ଋପର ପାର୍ଥକ୍ୟକୁ କ'ଣ କୁହାଯାଏ ?**

a. ବିଦ୍ୟୁତ୍ ସ୍ରୋତ b. ବିଦ୍ୟୁତ୍ ପ୍ରତିରୋଧ c. ବିଶିଷ୍ଟ ପ୍ରତିରୋଧିତା d. ବିଭବାନ୍ତର

**୧୮. ସେଲ୍ ମଧ୍ୟରେ ହେଉଥିବା ରାସାୟନିକ ପ୍ରକ୍ରିୟା ସେଲ୍‌ର ଦୁଇ ଅଗ୍ର ମଧ୍ୟରେ କ'ଣ ସୃଷ୍ଟି କରେ ?**

a. ବିଭବାନ୍ତର b. ପ୍ରତିରୋଧ c. ପ୍ରତିରୋଧିତା d. ଋର୍ଜ

**୧୯. ବିଭବାନ୍ତରର SI ଏକକ କ'ଣ ?**

a. ଭୋଲ୍ଟ b. ଏମ୍ପିୟର c. ଓମ୍ d. କୁଲମ୍

**୨୦. ବିଭବାନ୍ତର ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?**

a. ଏମିଟର b. ରିଓଷ୍ଟାଟ୍ c. ବିଦ୍ୟୁତ୍ ବଲ୍‌ବ d. ଭୋଲଟ ମିଟର

**୨୧. ପରିପଥର ଯେଉଁ ଦୁଇଟି ବିନ୍ଦୁର ବିଭବାନ୍ତର ମପାଯାଏ, ସେଠାରେ ଭୋଲ୍ଟମିଟରର କିପରି ସଂଯୋଗ ହୋଇଥାଏ ?**

a. ସମାନ୍ତର b. ପଙ୍‌କ୍ତି c. ଉଭୟର a ଓ b d. କେଉଁଟି ନୁହେଁ

**୨୨. ନିମ୍ନସ୍ଥ ମଧ୍ୟରୁ କେଉଁଟି ବ୍ୟାଟେରୀର ସଙ୍କେତ ?**

a. –(  )– b. –( . )– c. – – d. –

**୨୩. ଗୋଟିଏ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ଦ୍ଧାରିତ ଚିତ୍ରଟିଏ ଆଙ୍କି ସେଥିରେ ବିଭିନ୍ନ ଉପକରଣକୁ ସଙ୍କେତ ଦ୍ୱାରା ଚିହ୍ନିତ ଚିତ୍ରକୁ କ'ଣ କୁହାଯାଏ ?**

a. ରଶ୍ମି ଚିତ୍ର b. ପରିପଥ ଚିତ୍ର c. ସୂଚନା ଚିତ୍ର d. ସିଦ୍ଧାନ୍ତ ଚିତ୍ର

**୨୪. ନିକ୍ରୋମ୍ କାହାର ଏଲୟ ବା ମିଶ୍ରଧାତୁ ?**

a. Ni ଓ Ca b. Ni, Cr ଓ Mn c. Ni, Cr, Mn ଓ Fe d. Mi ଓ Fe

**୨୫. ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଥିବା କୌଣସି ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ବିଭବାନ୍ତର ପରିବାହୀରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ସହ ସମାନୁପାତୀ, ଏହା କେଉଁ ନିୟମ ?**

a. ମହାକର୍ଷଣ b. ବଳ c. ଗତି d. ଓମ୍

**୨୬. କୌଣସି ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତ IV ଓ ସେଥିରେ IA ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଲେ, ପରିବାହୀର ପ୍ରତିରୋଧ କେତେ ହେବ ?**

a. 1 Ω b. 2 Ω c. 3Ω d. 4Ω

**୨୭. ବିଭବାନ୍ତର କୁ ସ୍ଥିର ରଖି ପ୍ରତିରୋଧକୁ ଦୁଇଗୁଣ କଲେ ବିଦ୍ୟୁତ୍ ପ୍ରବାହ କ'ଣ ହେବ ?**

a. 2 ଗୁଣ b. ଅଧା c. ଶୂନ d. ଅପିବର୍ତ୍ତିତ

**୨୮. ମିଶ୍ରଧାତୁ ଗୁଡ଼ିକ ଉଚ୍ଚତାପମାତ୍ରାରେ ସହଜରେ ହୁଅନ୍ତି ନାହିଁ ବୋଲି ସେମାନଙ୍କୁ ବିଦ୍ୟୁତ୍ ତାପନ ସାମଗ୍ରୀରେ ବ୍ୟବହାର କରାଯାଏ ।**

a. ବିଜାରିତ b. ଜାରିତ c. ମିଶ୍ରିତ d. କହିହେବ ନାହିଁ

**୨୯. ଯେଉଁ ପଦାର୍ଥ ଖୁବ୍ କମ୍ ପରିମାଣର ପ୍ରତିରୋଧ ଦିଏ, ତାକୁ କ'ଣ କୁହାଯାଏ ?**

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

**୩୦. ଯେଉଁ ପଦାର୍ଥ ଅଳ୍ପ କିଛି ପରିମାଣର ପ୍ରତିରୋଧ ଦିଏ, ତାକୁ କ'ଣ କୁହାଯାଏ ?**

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

**୩୧. ଅଧିକ ପରିମାଣର ପ୍ରତିରୋଧ ଦେଖାଉଥିବା ପଦାର୍ଥକୁ କ'ଣ କୁହାଯାଏ ?** a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

**୩୨. ପ୍ରତିରୋଧ ବହୁତ ବେଶୀ ହେଲେ ପଦାର୍ଥଟି କ'ଣ ବୋଲି କୁହାଯାଏ ?**

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

**୩୩. ଗୋଟିଏ ପରିବାହୀର ମୋଟେଇ ପୂର୍ବ ପରିବାହୀର ମୋଟେଇ ସହ ସମାନ ଓ ଦୈର୍ଘ୍ୟ ପୂର୍ବ ପରିବାହୀ ତୁଳନାରେ ୨ ଗୁଣ ହେଲେ ଏମିଟର ପାଠ୍ୟାଙ୍କ କ'ଣ ହେବ ?**

a. ଅଧିକ b. କମ୍ c. ସମାନ d. କହିହେବ ନାହିଁ

**୩୪. ପରିପଥରେ ସମାନ ଦୈର୍ଘ୍ୟ ଓ ସମାନ ମୋଟେଇର ନିକ୍ରୋମ୍ ପରିବାହୀ ବଦଳରେ ତମ୍ବା ପରିବାହୀର ପ୍ରତିରୋଧ କ'ଣ ହେବ ?**

a. କମ୍ b. ଅଧିକ c. ସମାନ d. କହିହେବ ନାହିଁ

**୩୫. ମିଶ୍ର ଧାତୁର ପ୍ରତିରୋଧିତା, ମୂଳ ଧାତୁ ଗୁଡ଼ିକର ପ୍ରତିରୋଧିତା ଠାରୁ**

a. କମ୍ b. ଅଧିକ c. ସମାନ d. କହିହେବ ନାହିଁ

**୩୬. ବିଦ୍ୟୁତ୍ ବଲ୍‌ବରେ ସୂତ୍ର ରୂପେ ସାଧାରଣତଃ କେଉଁ ଧାତୁ ବ୍ୟବହାର କରାଯାଏ ?**

a. ରୂପା b. ତମ୍ବା c. ଟଙ୍ଗଷ୍ଟନ୍ d. ଏଲୁମିନିୟମ୍

**୩୭. ପ୍ରତିରୋଧ କେଉଁ କାରକ ଉପରେ ନିର୍ଭରଶୀଳ ?**

a. ପରିବାହୀର ଦୈର୍ଘ୍ୟ b. ପରିବାହୀର ପ୍ରସ୍ଥଚ୍ଛେଦ c. ପରିବାହୀ ପ୍ରସ୍ତୁତ ପଦାର୍ଥର ପ୍ରକୃତି d. ସମସ୍ତ

**୩୮. ପ୍ରତିରୋଧତା ବା ବିଶିଷ୍ଟ ପ୍ରତିରୋଧର ଏକକ କ'ଣ ?**

a. $\Omega$ b. $\Omega$ ବ.ମି. c. $\Omega$ ସେ.ମି. d. $\Omega$ ମି.

**୩୯. ବିଦ୍ୟୁତ୍ ଟୋଷ୍ଟର ଓ ବିଦ୍ୟୁତ୍ ଇସ୍ତ୍ରୀର କୁଣ୍ଡଳୀ ଗୁଡ଼ିକ କେଉଁଥିରୁ ତିଆରି ?**

a. ଧାତୁ b. ଉପଧାତୁ c. ଅଧାତୁ d. ମିଶ୍ରଧାତୁ

**୪୦. ଗୋଟିଏ ବସ୍ତୁରୁ ତିଆରି ଖଣ୍ଡିଏ ମୋଟା ତାର ଓ ଖଣ୍ଡିଏ ସରୁ ତାର ଅଲଗା ଅଲଗା ଭାବେ ବିଦ୍ୟୁତ୍ ସଂଯୋଗ କଲେ କେଉଁ ତାର ରେ ବିଦ୍ୟୁତ୍ ପ୍ରବାହ ବେଶୀ ହେବ ?**

a. ମୋଟା b. ସରୁ c. ଉଭୟ d. କହିହେବ ନାହିଁ

**୪୧. ଗୋଟିଏ ପ୍ରତିରୋଧର ଏକ ପ୍ରାନ୍ତ ଓ ତାର ପାଖ ପ୍ରତିରୋଧର ଏକ ପ୍ରାନ୍ତ ସହ ସଂଯୋଗକୁ କେଉଁ ସଂଯୋଗ କୁହାଯାଏ ?**

a. ପଙ୍‌କ୍ତି b. ସମାନ୍ତର c. ମିଶ୍ରିତ d. କହିହେବ ନାହିଁ

**୪୨. ସବୁ ପ୍ରତିରୋଧର ଗୋଟିଏ ପ୍ରାନ୍ତକୁ ଏକାଠି ଓ ଅନ୍ୟ ପ୍ରାନ୍ତକୁ ଏକାଠି କରି ଦୁଇ ବିଦ୍ୟୁତ୍ ଅଗ୍ରରେ ସଂଯୋଗ କରାଗଲେ ତାହାକୁ କ'ଣ କୁହାଯାଏ ?**

a. ପଙ୍‌କ୍ତି b. ସମାନ୍ତର c. ମିଶ୍ରିତ d. କହିହେବ ନାହିଁ

**୪୩. ଉତ୍ସବ ପାଳନ ବେଳେ ରଙ୍ଗୀନ୍ ବଲ୍‌ବ ଗୁଡ଼ିକୁ କେଉଁ ସଂଯୋଗରେ ସଂଯୁକ୍ତ କରାଯାଏ ?**

a. ସମାନ୍ତର b. ପଙ୍‌କ୍ତି c. ମିଶ୍ରିତ d. କହିହେବ ନାହିଁ

**୪୪. ଘରେ ବ୍ୟବହୃତ ବୈଦ୍ୟୁତିକ ସାମଗ୍ରୀକୁ ବିଦ୍ୟୁତ୍ ଲାଇନ୍ ସହ କେଉଁ ସଂଯୋଗ କରାଯାଏ ?**

a. ସମାନ୍ତର b. ପଙ୍‌କ୍ତି c. ମିଶ୍ରିତ d. କହିହେବ ନାହିଁ

**୪୫. ତିନୋଟି ପରିବାହୀ $1\Omega$, $2\Omega$, $3\Omega$ ଓ $5\Omega$ କୁ ପଙ୍‌କ୍ତି ସଂଯୋଗ କରାଗଲେ ପ୍ରତିରୋଧ କେତେ ହେବ ?**

a. $6\Omega$ b. $1\Omega$

c. $0\Omega$ d.

**୪୬. ନିମ୍ନୋକ୍ତ କେଉଁ ସମୀକରଣଟିକୁ ଜୁଲ୍‌ଙ୍କ ତାପନ ନିୟମ କୁହାଯାଏ ?**

a. $\frac{9}{15}\,\Omega$ b. $\frac{15}{9}\,\Omega$ c. $9\Omega$ d. $15\Omega$

**୪୭. ନିମ୍ନୋକ୍ତ କେଉଁ ସମୀକରଣଟିକୁ ଜୁଲ୍‌ଙ୍କ ତାପନ ନିୟମ କୁହାଯାଏ ?**

a. $H = VIt$ b. $H = Pt$ c. $H = VQ$ d. $H = 1^2 RT$

**୪୮. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିଦ୍ୟୁତ୍ ପାୱାର ସୂଚାଏ ନାହିଁ ?**

a. $1^2 R$ b. $VI$

c. $\frac{V^2}{R}$ d. $V^2R$

୪୯. 1 Kwh = ..................J

a. $3.6X10^6$ b. $36.6X10^6$ c. $36X10^6$ d. $0.36X10^6$

୫୦. ପ୍ରତିରୋଧ **R** = _____ x $\frac{l}{A}$

a. Ω  b. γ  c. α  d. ρ

# ANSWER

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1.b | 2.c | 3.a | 4.c | 5.b | 6.a | 7.c | 8.b | 9.d | 10.b | 11.d | 12.a |
| 13.b | 14.a | 15.c | 16.a | 17.d | 18.a | 19.a | 20.d | 21.a | 22.d | 23.b | 24.c |
| 25.d | 26.a | 27.b | 28.b | 29.d | 30.c | 31.a | 32.b | 33.b | 34.a | 35.b | 36.c |
| 37.d | 38.d | 39.d | 40.a | 41.a | 42.b | | | | | | |
| 43.b | 44.a | 45.d | 46.c | 47.d | 48.d | 49.a | 50.d | | | | |

# ବିଦ୍ୟୁତ୍

## ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନୋତ୍ତର

**୧-ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତା ବିଦ୍ୟୁତ୍ ବଲବରେ କିପରି ଉପଯୋଗ ହୋଇଥାଏ ?**

ଉ. (i) ବିଦ୍ୟୁତ୍ ବଲବର ସୂତ୍ରଟିରେ ବିଦ୍ୟୁତ୍ ପ୍ରତିରୋଧ ବୃଦ୍ଧି କରିବା ପାଇଁ ତାହାକୁ ସ୍ପ୍ରିଙ୍ଗ ଭଳି ଆକୃତି ଦିଆଯାଇଥାଏ ।

(ii) ବାସ୍ତବରେ ବିଦ୍ୟୁତ୍ ବଲବରେ ବିଦ୍ୟୁତ୍ ଶକ୍ତିର ଅଧିକାଂଶ ଭାଗ ତାପ ଶକ୍ତିରେ ପରିଣତ ହୋଇଥାଏ ଓ ଅଳ୍ପ ଭାଗ ଆଲୋକ ଶକ୍ତିକୁ ରୂପାନ୍ତରିତ ହୁଏ ।

**୨-ଫ୍ୟୁଜ କ'ଣ ? ଏହା କାହିଁକି ବ୍ୟବହାର କରାଯାଏ ?**

ଉ. (i) ଏହା ଏକ ମିଶ୍ରଧାତୁ ତାର । ଏହାକୁ ପଙ୍କ୍ତି ସଂଯୋଗରେ ପରିପଥରେ ତାର ରୂପେ ଲଗାଯାଏ ।

(ii) ଏହାର ଗଳନାଙ୍କ କମ୍ ହୋଇଥିବାରୁ ଏକ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ବିଦ୍ୟୁତ୍ ସ୍ରୋତ ଫ୍ୟୁଜ ତାର ମଧ୍ୟ ଦେଇ ପ୍ରବାହିତ ହେଲେ, ଫ୍ୟୁଜଟି ଉତ୍ତପ୍ତ ହୋଇ ଜଳିଯାଏ । ଫଳରେ ପରିପଥଟି ବିଚ୍ଛିନ୍ନ ହୋଇ ଉପକରଣଗୁଡ଼ିକୁ ରକ୍ଷା କରାଯାଏ ।

**୩- ବିଦ୍ୟୁତ୍ ବଲବର ସୂତ୍ରଟି ଟଙ୍ଗଷ୍ଟନ ଧାତୁରେ ନିର୍ମିତ ହୋଇଥାଏ । ମାତ୍ର ବଲବ ଭିରେ N ଓ Ar ଗ୍ୟାସ କାହିଁକି ଭର୍ତ୍ତି କରାଯାଏ ?**

ଉ. (i) ଟଙ୍ଗଷ୍ଟନ ଧାତୁର ଗଳନାଙ୍କ $3380^0C$ । ଏହା ଉଚ୍ଚ ଗଳନାଙ୍କ ବିଶିଷ୍ଟ ହୋଇଥିବାରୁ ଏହାକୁ ବିଦ୍ୟୁତ୍ ବଲବରେ ଭର୍ତ୍ତି କରାଯାଏ । ।

(ii) ନାଇଟ୍ରୋଜେନ ଓ ଆର୍ଗନ୍ ଗ୍ୟାସ ନିଷ୍କ୍ରିୟ ଗ୍ୟାସ ହୋଇଥିବାରୁ ବଲବ ମଧ୍ୟରେ ବ୍ୟବହୃତ ସୂତ୍ରଟିର ଆୟୂଷ ବୃଦ୍ଧି ହୋଇଥାଏ । ତେଣୁ ଏହାକୁ ବଲବ ଭିତରେ ଭର୍ତ୍ତି କରାଯାଏ ।

**୪- ଭୋଲଟ ମିଟରକୁ ପଙ୍କ୍ତିରେ ସଂଯୋଗ କରାଯାଏ ନାହିଁ କାହିଁକି ?**

ଉ. (i) ଭୋଲଟ ମିଟରର ବିଦ୍ୟୁତ୍ ପ୍ରତିରୋଧ ବହୁତ ଅଧିକ । ଏହାକୁ ପଙ୍କ୍ତିରେ ସଂଯୋଗ କଲେ ପରିପଥର ପ୍ରତିରୋଧ ସହ ଏହାର ପ୍ରତିରୋଧ ମିଶିଯିବ ।

(ii) ଏହା ଯୋଗୁଁ ମୋଟ୍ ପ୍ରତିରୋଧ ବୃଦ୍ଧି ପାଇବ ଏବଂ ପରିପଥରେ ଓ ଭୋଲଟ ମିଟରରେ ବିଦ୍ୟୁତ୍ ସ୍ରୋତର ପରିମାଣ କମିଯିବ । ଏହି କାରଣରୁ ଭୋଲଟ ମିଟର ସଠିକ୍ ଭାବେ ବିଦ୍ୟୁତ୍ ବିଭବାନ୍ତର ମାପି ପାରିବ ନାହିଁ ।

**୫-ଏକ ପରିବାହୀରେ ପ୍ରତିରୋଧ କାହାକୁ କହନ୍ତି ? ଏହା କେଉଁ ସବୁ କାରକ ଉପରେ ନିର୍ଭର କରେ ?**

ଉ.  ପରିବାହୀର ଯେଉଁ ଗୁଣ ଯୋଗୁଁ ପରିବାହୀରେ ଋର୍ଜ ପ୍ରବାହ ଧିମେଇ ଯାଏ । ତାହାକୁ ପରିବାହୀର ପ୍ରତିରୋଧ କୁହାଯାଏ ।

ଏହା ନିମ୍ନ କାରକ ଉପରେ ନିର୍ଭର କରେ

- ପରିବାହୀର ଦୈର୍ଘ୍ୟ
- ପରିବାହୀର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ
- ପରିବାହୀ ତିଆରି ହୋଇଥିବା ଧାତୁର ପ୍ରକୃତି

**୬- ବିଦ୍ୟୁତ୍ ଟୋଷ୍ଟର, ଇସ୍ତ୍ରୀ ଆଦି ଉପକରଣରେ ଶୁଦ୍ଧ ଧାତୁ ବଦଳରେ ମିଶ୍ରଧାତୁ ବ୍ୟବହାର କରାଯାଏ କାହିଁକି ?**

ଉ. (i) ପାଉଁରୁଟି ଟୋଷ୍ଟର ଓ ଇସ୍ତ୍ରୀରେ ତାପ ଉତ୍ପନ୍ନ କରିବା ପାଇଁ ସେଥିରେ ବ୍ୟବହୃତ ତାର କୁଣ୍ଡଳୀର ପ୍ରତିରୋଧିତା ବୃଦ୍ଧି କରିବା ଆବଶ୍ୟ ।

(ii) ଶୁଦ୍ଧ ଧାତୁ ଅପେକ୍ଷା ମିଶ୍ରଧାତୁ ଗୁଡ଼ିକର ପ୍ରତିରୋଧିତା ଅଧିକ ହେତୁ ସେଗୁଡ଼ିକୁ ପାଉଁରୁଟି ଟୋଷ୍ଟର ଓ ଇସ୍ତ୍ରୀ ଭଳି ବିଦ୍ୟୁତ୍ ତାପନ ସାମଗ୍ରୀରେ ବ୍ୟବହୃତ କରାଯାଏ ।

**୭- ଭୋଲଟ ମିଟର ଓ ଏମିଟର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?**

ଉ.

**ଭୋଲମିଟର**

(i) ଏଥିରେ ବିଦ୍ୟୁତ୍ ବିଭବ ଭାର୍ଥକ୍ୟ ମପାଯାଏ ।

(ii) ଏହାକୁ ପରିପଥରେ ସମାନ୍ତର ଭାବେ ସଂଯୁକ୍ତ କରାଯାଏ

(iii) ଏହାର ବିଦ୍ୟୁତ୍ ପ୍ରତିରୋଧ ବେଶି ।

(iv) ଏହାର ସଂକେତ




**ଏମିଟର**

(i) ଏଥିରେ ବିଦ୍ୟୁତ୍ ସ୍ରୋତ ମପାଯାଏ ।

(ii) ଏହାକୁ ପରିପଥରେ ପଙ୍କ୍ତିରେ ସଂଯୋଗ କରାଯାଏ ।

(iii) ଏହାର ବିଦ୍ୟୁତ୍ ପ୍ରତିରୋଧ କମ୍

(iv) ଏହାର ସଂକେତ



**୮-କେତୋଟି 176 Ω ପ୍ରତିରୋଧର ସମାନ୍ତରାଳ ସଂଯୋଗ 220V ଲାଇନରୁ 5A ବିଦ୍ୟୁତ୍ ପ୍ରବାହ ନେବ ?**

ଉ. I = 5A, V= 220V, R=176 Ω ମନେକର x ଟି 176 Ω ପ୍ରତିରୋଧ ସମାନ୍ତରାଳ ସଂଯୋଗରେ 220V ଲାଇନରୁ 5A ବିଦ୍ୟୁତ୍ ପ୍ରବାହ ହେବ ।

$\frac{1}{R} = \frac{1}{176} + \frac{1}{176} + \ldots\ldots$ x ଟି

$\frac{1}{R} = \frac{x}{176}\,\Omega$

$I = \frac{V}{R} > 5 = \frac{220}{176}$

$=> \frac{176}{X} = \frac{220}{5}$

$=> x = \frac{176\,X5}{220} = 4$

∴ 4 ଟି 176 Ω ପ୍ରତିରୋଧ ଆବଶ୍ୟକ ।

**୯- ପ୍ରତିରୋଧିତା କାହାକୁ କହନ୍ତି ? ଏହାର ଏକକ ଲେଖ ଏବଂ ଏହା କାହା ଉପରେ ନିର୍ଭର କରେ ?**

ଉ. (i) 1 ମିଟର ଦୈର୍ଘ୍ୟ ଓ 1 ବର୍ଗ ସେ.ମି ପ୍ରସ୍ଥଚ୍ଛେଦ କ୍ଷେତ୍ରଫଳ ବିଶିଷ୍ଟ ପରିବାହୀ ପଦାର୍ଥର ପ୍ରତିରୋଧକୁ ପ୍ରତିରୋଧିତା କହନ୍ତି ।

(ii) ପ୍ରତିରୋଧିତାର ଏକକ ହେଉଛି ଓସ.ମି. ।

(iii) ଏହା ପଦାର୍ଥର ପ୍ରକୃତି ଓ ତାପମାତ୍ରା ଉପରେ ନିର୍ଭର କରେ ।

୧୦- 1 ୟୁନିଟ୍ ବିଦ୍ୟୁତ୍ ଶକ୍ତି କଣ ? ଏହାକୁ ଜୁଲରେ ପ୍ରକାଶ କର ?

ଉ. (i) 1 ୱାଟ ପାୱାର ଏକ ଘଣ୍ଟା ବ୍ୟବହାର ହେଲେ । ୱାଟ ଘଣ୍ଟା ଶକ୍ତି ଖର୍ଚ୍ଚ ହୁଏ । ଆମେ ଘରେ ବ୍ୟବହାର କରୁଥିବା ବିଦ୍ୟୁତ୍ ଶକ୍ତି କିଲୋୱାଟ ଘଣ୍ଟାଏକକରେ ମପାଯାଏ ।

(ii) 1 କିଲୋୱାଟ ଘଣ୍ଟା ବିଦ୍ୟୁତ୍ ଶକ୍ତିକୁ ୧ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବୋଲି କୁହାଯାଏ ।

Kwh = 100 x 3600Ws =
$3.6 \times 10^6$ Ws = $3.6 \times 10^6$ Joule

# ବିଦ୍ୟୁତ୍

## ୨ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. 'R' ପ୍ରତିରୋଧ ବିଶିଷ୍ଟ ଗୋଟିଏ ଧାତବ ପରିବାହୀର ଦୈର୍ଘ୍ୟ ଓ ପ୍ରସ୍ଥ ଛେଦର କ୍ଷେତ୍ରଫଳ ଉଭୟଙ୍କୁ ଦୁଇଗୁଣ କଲେ ପ୍ରତିରୋଧ କେତେ ହେବ କଳନା କର ।**

ଉ : ତାରର ଦୈର୍ଘ୍ୟ L ଓ ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ A ହେଲେ । $R = \rho = \frac{l}{A}$ ଯଦି $l$ ଦୁଇଗୁଣ ହୁଏ, ଓ A ମଧ୍ୟ 2 ଗୁଣ ହୁଏ । ତେଣୁ $R^1 = \rho = \frac{2l}{2A} = \rho = \frac{l}{A} = R$

**୨. ଭୋଲଟମିଟରକୁ ଫଙ୍କ୍ତି ସଂଯୋଗ କରାଯାଏ ନାହିଁ କାହିଁକି ?**

i. ଭୋଲଟ ମିଟରର ବିଦ୍ୟୁତ୍ ପ୍ରତିରୋଧ ବହୁତ ଅଧିକ । ଏହାକୁ ପଙ୍କ୍ତିରେ ସଂଯୋଗ କଲେ ପରିପଥର ପ୍ରତିରୋଧ ସହ ଏହାର ପ୍ରତିରୋଧ ମିଶିଯିବ ।

ii. ଏହା ଯୋଗୁଁ ମୋଟ ପ୍ରତିରୋଧ ବୃଦ୍ଧି ପାଇବ ଏବଂ ପରିପଥରେ ଏବଂ ଭୋଲଟମିଟର ବିଦ୍ୟୁତ୍ ସ୍ରୋତର ପରିମାଣ କମିଯିବା ଏହି କରଣରୁ ଭୋଲଟମିଟର ସଠିକ୍ ଭାବେ ବିଦ୍ୟୁତ୍ ବିଭବାନ୍ତର ମାପି ପାରିବ ନାହିଁ ।

**୩. ଏମିଟରକୁ ପରିପଥରେ ସମାନ୍ତରାଳ ସଂଯୋଗ କରାଯାଏ ନାହିଁ କାହିଁକି ?**

i. ଏମିଟରର ବିଦ୍ୟୁତ୍ ପ୍ରତିରୋଧ ବହୁତ କମ୍ । ଏହାକୁ ସମାନ୍ତର ସଂଯୋଗ କଲେ ଏମିଟରରେ ଅଧିକ ବିଦ୍ୟୁତ୍ ପ୍ରବାହ ହେବ ଓ ଏମିଟରଟି ପୋଡ଼ି ଯିବାର ସମ୍ଭାବନା ଥାଏ ।

ii. ଏହା ବ୍ୟତୀତ ସମାନ୍ତର ସଂଯୋଗରେ ଥିବା ଉପକରଣ ଗୁଡ଼ିକରେ ଭିନ୍ନ ଭିନ୍ନ ବିଦ୍ୟୁତ୍ ପ୍ରବାହ ହେଉଥିବାରୁ ସମ୍ପୂର୍ଣ୍ଣ ପରିପଥରେ ପ୍ରବାହିତ ବିଦ୍ୟୁତ୍ - ସ୍ରୋତର ପରିମାଣକୁ ଏମିଟର ମାପି ପାରିବ ନାହିଁ ।

**୪. ବିଦ୍ୟୁତ୍ ପରିପଥ କାହାକୁ କୁହନ୍ତି ? ପରିପଥରେ ସ୍ୱିଚ୍ର କାମ କ'ଣ ?**

i. ଏକ ମୁଦିତ ଅବିଚ୍ଛିନ୍ନ ବିଦ୍ୟୁତ୍ ପ୍ରବାହ ପଥକୁ ବିଦ୍ୟୁତ୍ ପରିପଥ କୁହାଯାଏ ।

ii. ଏକ ପରିପଥରେ ବ୍ୟାଟେରୀ ଏବଂ ବିଭିନ୍ନ ବୈଦ୍ୟୁତିକ ଉପକରଣ ଗୁଡ଼ିକ ମଧ୍ୟରେ ପରିବାହୀ ସଂଯୋଜକ ରୂପେ କାର୍ଯ୍ୟ କରେ ।



**୫. ଦତ୍ତ ପରିପଥରେ ମଧ୍ୟରେ ସମତୁଲ୍ୟ ପ୍ରତିରୋଧ ନିର୍ଣ୍ଣୟ କର ।**

ଉ : i. ଏଠାରେ ଓ ପ୍ରତିରୋଧ ଗୁଡ଼ିକର ପଙ୍କ୍ତି ସଂଯୋଗ ହୋଇଛି । ଏମାନଙ୍କର ସମତୁଲ ପ୍ରତିରୋଧ $R_1 = 9\Omega + 7\Omega + 8\Omega = 24\Omega$

ii. ପୁନଶ୍ଚ $R_1$ ସହ 6Ω ର ପ୍ରତିରୋଧ ସମାନ୍ତର ସଂଯୁକ୍ତ ହୋଇଛି, ତେଣୁ ସମତୁଲ୍ୟ ପ୍ରତିଯୋଧ R ହେଲେ ।

$$\frac{1}{R} = \frac{1}{24} + \frac{1}{6} = \frac{1+4}{24} = \frac{5}{24}$$

$\Rightarrow R =$

$$\Rightarrow R = \frac{24}{5} = 4.8\Omega$$

**୬. ବିଦ୍ୟୁତ୍ ସ୍ରୋତ କ'ଣ ? ଏହାର ଏକକ ଗୁଡ଼ିକ ଲେଖ ।**

i. ଏକ ପରିପଥରେ ଏକକ ସମୟରେ ପ୍ରବାହିତ ଚାର୍ଜର ପରିମାଣକୁ ବିଦ୍ୟୁତ୍ ସ୍ରୋତ କୁହାଯାଏ ।

ସମୟରେ ଏକ ପରିପଥରେ କୁଲମ୍ ଚାର୍ଜ ପ୍ରବାହିତ ହେଲେ ବିଦ୍ୟୁତ୍ ସ୍ରୋତ $I = \frac{Q}{t}$

ii. ଏହାର S.I ଏକକ କୁଲମ୍ / ସେକେଣ୍ଡ ବା ଏମ୍ପିୟର, ଏହା ଛଡ଼ା ବିଦ୍ୟୁତ ସ୍ରୋତକୁ ମଧ୍ୟ ମିଲିଏମ୍ପିୟର (mA) କିମ୍ବା ମାଇକ୍ରୋଏମ୍ପିୟର ରେ ମପାଯାଏ ।

**୭. ବିଦ୍ୟୁତ୍ ପାୱାର କ'ଣ ? ବିଦ୍ୟୁତ୍ ପାୱାର ନିର୍ଣ୍ଣୟ ପାଇଁ ବ୍ୟବହୃତ ବ୍ୟଞ୍ଜକ ଗୁଡ଼ିକ ଲେଖ ।**

i. ବିଦ୍ୟୁତ୍ ଶକ୍ତି ଯେଉଁ ହାରରେ ପରିପଥରେ ଖର୍ଚ୍ଚ ହୁଏ ତାହାକୁ ପାୱାର 'P' କୁହାଯାଏ ।

ii. ଏଥିପାଇଁ ଉଦ୍ଦିଷ୍ଟ ସୂତ୍ର ଗୁଡ଼ିକ ହେଲା –

$$P = VI = I^2R = \frac{V2}{R}$$

**୮. ବିଦ୍ୟୁତ ଟୋଷ୍ଟର, ଇସ୍ତ୍ରି ଆଦି ଉପକରଣରେ ଶୁଦ୍ଧ ଧାତୁ ବଦଳରେ ମିଶ୍ର ଧାତୁ ବ୍ୟବହାର କରାଯାଏ କାହିଁକି ?**

i. ପାଉଁରୁଟି ଟୋଷ୍ଟର ଓ ଇସ୍ତ୍ରିରେ ତାପ ଉତ୍ପନ୍ନ କରିବା ପାଇଁ ସେଥିରେ ବ୍ୟବହୃତ ତାର କୁଣ୍ଡଳୀର ପ୍ରତିରୋଧିତା ବୃଦ୍ଧି କରିବା ଆବଶ୍ୟକ ।

ii. ଶୁଦ୍ଧ ଧାତୁ ଅପେକ୍ଷା ମିଶ୍ରଧାତୁ ଗୁଡ଼ିକର ପ୍ରତିରୋଧିତା ଅଧିକ ହେତୁ ସେଗୁଡ଼ିକୁ ପାଉଁରୁଟି ଟୋଷ୍ଟର ଓ ଇସ୍ତ୍ରି ଭଳି ବିଦ୍ୟୁତ୍ ତାପନ ସାମଗ୍ରୀରେ ବ୍ୟବହାର କରାଯାଏ ।

**୯. କେତୋଟି ଇଲେକ୍ଟ୍ରନର ଚାର୍ଜ କୁଲମ୍ ହେବ ନିର୍ଣ୍ଣୟ କର ।**

$1.6 \times 10^{-9}$ C = ଗୋଟିଏ ଇଲେକ୍ଟ୍ରନର ଚାର୍ଜ

1C $= \frac{1}{1.6 \times 10^{-19}}$ ଟି ଇଲେକଟ୍ରନର ଚାର୍ଜ

$= 6.25 \times 10^{18}$ ଟି ଇଲେକ୍ଟ୍ରନର ଚାର୍ଜ

**୧୦. ବୈଦ୍ୟୁତିକ ତାପନର ବ୍ୟଞ୍ଜକଟି ଲେଖ । ଏହା କେଉଁ ସବୁ କାରକ ଉପରେ ନିର୍ଭର କରେ ।**

i. ବୈଦ୍ୟୁତିକ ତାପନ ପାଇଁ ବ୍ୟଞ୍ଜକଟି ହେଲା $= I^2Rt$

ii. ବୈଦ୍ୟୁତିକ ତାପନ ନିମ୍ନକାରକ ଗୁଡ଼ିକ ଉପରେ ନିର୍ଭର କରେ

a. ବିଦ୍ୟୁତ୍ ସ୍ରୋତର ବର୍ଗ

b. ବିଦ୍ୟୁତ୍ ପ୍ରତିରୋଧ

c. ବିଦ୍ୟୁତ୍ ପ୍ରବାହର ସମୟ

**୧୧. ବୈଦ୍ୟୁତିକ ପାୱାର କହିଲେ କ'ଣ ବୁଝ ? ଏହାର SI ଏକକ କ'ଣ ?**

ଉ : ବିଦ୍ୟୁତ୍ ଶକ୍ତି ଯେଉଁ ହାରରେ ବ୍ୟୟ କରାଯାଏ ତାହାକୁ ପାୱାର କୁହାଯାଏ । ଏହାର SI ଏକକ ୱାଟ (W) ।

**୧୨. ଏକ ପରିପଥରେ 8 ସେକେଣ୍ଡ ରେ 20 କୁଲମ୍ ଚାର୍ଜ ପ୍ରାବହିତ ହେଲେ ବିଦ୍ୟୁତ୍ ସ୍ରୋତର ପରିମାଣ କେତେ ?**

ଉ : ଏଠାରେ ଚାର୍ଜ Q = 20C, ସମୟ t = 8 ସେକେଣ୍ଡ

ବିଦ୍ୟୁତ୍ ସ୍ରୋତର ପରିମାଣ = $I = \frac{Q}{t} = \frac{20}{8} = 2.5\ A$

**୧୩. r ପ୍ରତିରୋଧ ବିଶିଷ୍ଟ n ଖଣ୍ଡ ପ୍ରତିରୋଧଙ୍କୁ ପ୍ରଥମେ ସମାନ୍ତର ଓ ପରେ ପଙ୍କ୍ତି ସଂଯୋଗ କଲେ ସମତୁଲ୍ୟ ପ୍ରତିରୋଧର ଅନୁପାତ କେତେ ହେବ ।**

ଉ : n ଟି ପ୍ରତିରୋଧ କୁ ସମାନ୍ତର ସଂଯୋଗ କଲେ ସମତୁଲ୍ୟ ପ୍ରତି ରୋଧ $R_p$ ହେଲେ, $\frac{1}{R_p} = \frac{n}{r} = R_p = \frac{r}{n}$

n ଟି ପ୍ରତିରୋଧକୁ ପଙ୍କ୍ତି ସଂଯୋଗ କଲେ ସମତୁଲ୍ୟ ପ୍ରତିଯୋଧ $R_S$ ପାଇଁ Rs = nr

ଅନୁପାତ = $= \frac{R_P}{R_S} = \frac{\frac{r}{n}}{nr} = \frac{r}{n} \times \frac{1}{nr} = \frac{1}{n^2}$

**୧୪. 90Ω ଏକ ପ୍ରତିରୋଧକୁ ତିନି ସମାନ ଭାଗ କରି ସମସ୍ତଙ୍କୁ ସମାନ୍ତରାଳ ସଂଯୋଗ କଲେ ସମୂହ ପ୍ରତିରୋଧ କେତେ ହେବ ?**

ଉ : 30Ωର ଏକ ପ୍ରତିରୋଧକୁ ତିନି ସମାନ ଭାଗ କଲେ ପ୍ରତ୍ୟେକର ପ୍ରତିରୋଧ

∴ ସମତୁଲ୍ୟ ପ୍ରତିରୋଧ 'R' ହେଲେ, $\frac{1}{R} = \frac{1}{30} + \frac{1}{30} + \frac{1}{30}$

ତିନୋଟି ପ୍ରତିରୋଧକୁ ସମାନ୍ତରାଳ ସଂଯୋଗର ସମୂହ ପ୍ରତିରୋଧ ।

$$= \frac{1+1+1}{30} = \frac{3}{30} = \frac{1}{10}$$

$$\frac{1}{R} = \frac{1}{10} \Rightarrow \frac{3}{30} = \frac{1}{10}$$

$$\frac{1}{R} = \frac{1}{10} \Rightarrow R = 10\Omega$$

**୧୫. ବିଶିଷ୍ଟ 4ଟି ପ୍ରତିରୋଧକୁ ସମାନ୍ତର ସଂଯୋଗ କଲେ ସମତୁଲ୍ୟ ପ୍ରତିରୋଧ କେତେ ହେବ ନିର୍ଣ୍ଣୟ କର ।**

ଏଠାରେ $R_1 = R_2 = R_3 = R_4 = ¼$

$$\frac{1}{R} = \frac{1}{R_1} + \frac{1}{R_2} + \frac{1}{R_3} + \frac{1}{R_4}$$

**୧୬. 200V ଲାଇନ୍‌ରେ ର କେତୋଟି ପ୍ରତିରୋଧକୁ ସମାନ୍ତର ସଂଯୋଗ କଲେ ତାହା ଲାଇନ୍‌କୁ 5A ବିଦ୍ୟୁତ୍ ପ୍ରବାହ ହେବ ?**

ଉ : ଏଠାରେ V = 200V

I = 5A

ସମୂହ ବିଦ୍ୟୁତ୍ ପ୍ରତିରୋଧ $R = \frac{V}{I} = \frac{220}{5} = 44\Omega$

ମନେ କରାଯାଉ n ଟି ପ୍ରତିରୋଧ ବ୍ୟବହାର କରାଯିବ

ଏଠାରେ $\frac{n}{88} = \frac{1}{44} \Rightarrow n = \frac{88}{44} = 2$ ଟି ।

**୧୭. ଏକ ପରିପଥରେ ସ୍ୱିଚ୍ କି କାର୍ଯ୍ୟ କରେ ?**

ଉ : ଏକ ପରିପଥରେ ସ୍ୱିଚ୍ ବ୍ୟାଟେରୀ । ବିଦ୍ୟୁତ୍ ଉତ୍ସ ଓ ବିଭିନ୍ନ ବିଦ୍ୟୁତ୍ ଉପକରଣ ମଧ୍ୟରେ ସଂଯୋଜନ ଭଳି କାର୍ଯ୍ୟ କରେ ।

**୧୮. ବିଦ୍ୟୁତ୍ ପ୍ରବାହର ଦିଗ କିପରି ନିର୍ଣ୍ଣୟ କରାଯାଏ ?**

ଉ : ଯୁକ୍ତ ଚାର୍ଜର ପ୍ରବାହର ଦିଗକୁ ଇଲେକ୍ଟ୍ରନ ପ୍ରବାହର ବିପରୀତ ବିଦ୍ୟୁତ୍ ପ୍ରବାହର ଦିଗ ବୋଲି ଗ୍ରହଣ କରାଯାଏ ।

**୧୯. ବିଦ୍ୟୁତ୍ ପ୍ରବାହ ଦ୍ୱାରା ପ୍ରଦତ୍ତ ଶକ୍ତିର ହାର କେଉଁ କାରକ ଉପରେ ନିର୍ଭର କରେ ।**

ଉ : ବିଦ୍ୟୁତ୍ ପ୍ରବାହ ଦ୍ୱାରା ପ୍ରଦତ୍ତ ଶକ୍ତିର ହାର ବିଦ୍ୟୁତ୍ ବିଭବାନ୍ତର (V), ବିଦ୍ୟୁତ୍ ସ୍ରୋତ (I), ଏବଂ ବିଦ୍ୟୁତ ପ୍ରତିରୋଧ R ଉପରେ ନିର୍ଭର କରେ ।

## 3 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**3 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର**




**୧. ଦତ୍ତ ବୁଦ୍ୟୁତ୍ ପରିପଥରେ ବିଦ୍ୟୁତ୍ ସ୍ରୋତ କଳନା କର ।**

ଉ : ସମାନ୍ତର ଭାବେ ସଂଯୋଗ ହୋଇଥିବା 6Ω ଓ 3Ω ପ୍ରତିରୋଧ

$$\frac{1}{R_1}=\frac{1}{3}+\frac{1}{6}=\frac{2+1}{6}=\frac{3}{6}=\frac{1}{2}$$

ଦ୍ୱୟର ସମୂହ ପ୍ରତିରୋଧ,

$\therefore R_1 = 2\Omega$

ପରିପଥର ସମୂହ ପ୍ରତିରୋଧ $R = 2\Omega + 2\Omega = 4\Omega$

ଦତ୍ତ ଅଛି $V = 12V, I = \frac{V}{R} = \frac{12}{4} = 3A$

**୨. ପ୍ରତିରୋଧ କହିଲେ କ'ଣ ବୁଝ ? ଏହାର S.I ଏକକଟି ଲେଖି ଏହାର ସଂଜ୍ଞା ଦିଅ । ବିଦ୍ୟୁତ୍ ପ୍ରତିରୋଧ ଓ ବିଦ୍ୟୁତ୍ ସ୍ରୋତ ମଧ୍ୟରେ କି ପ୍ରକାର ସମ୍ପର୍କ ଅଛି ?**

i. ପ୍ରତିରୋଧ ହେଉଛି ପରିବାହୀର ଏକ ଗୁଣ ଯାହା ଯୋଗୁଁ ପରିବାହୀରେ ଚାର୍ଜର ପ୍ରବାହ ଧିମା ହୋଇଯାଏ ।

ii. ବିଦ୍ୟୁତ୍ ପ୍ରତିରୋଧର SI ଏକକ ହୋଉଛି ଓମ୍ (Ω) ଯେଉଁ ପ୍ରତିରୋଧ ହେତୁ ଭୋଲଟ ବିଭବାନ୍ତରରେ ସଂଯୁକ୍ତ ଏକ ପରିବାହୀରେ 1 ଏମ୍ପିୟର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ ତାହାକୁ ଏକ ଓମ୍ (Ω) କୁହାଯାଏ ।

$$1\Omega=\frac{1V}{1A}$$

iii. ବିଦ୍ୟୁତ୍ ବିଭବାନ୍ତର ସ୍ଥିର ଥିଲେ ବିଦ୍ୟୁତ୍ ପ୍ରତିରୋଧ ଓ ବିଦ୍ୟୁତ୍ ସ୍ରୋତ ପରସ୍ପର ପ୍ରତିଲୋମାନୁପାତୀ ।

$$R=\frac{V}{I}$$

**୩. ଏକ ବିଦ୍ୟୁତ୍ ହିଟରର କଏଲଟି ତାତୁଥିବା ବେଳେ ହିଟର ସଂଯୁକ୍ତ ହୋଇଥିବା କର୍ଡ଼ ଟି ତାତି ନଥାଏ । ଏହାର କାରଣ କ'ଣ ?**

i. ବିଦ୍ୟୁତ୍ ପ୍ରବାହ ହେତୁ ଉତ୍ପନ୍ନ ତାପ ପରିବାହୀର ପ୍ରତିରୋଧ ଉପରେ ନିର୍ଭରଶୀଳ । ପ୍ରତିରୋଧ ଅଧିକ ହେଲେ ସମାନ ବିଦ୍ୟୁତ୍ ପ୍ରବାହ ଓ ସମୟ ପାଇଁ ଉତ୍ପନ୍ନ ତାପ ଅଧିକ ହୋଇଥାଏ ।

ii. ବିଦ୍ୟୁତ୍ ହିଟରର କଏଲର ବିନ୍ୟାସ ଏପରି କରାଯାଇଥାଏ ଯେପରିକି ତାହାର ପ୍ରତିରୋଧ ଅଧିକ ହେବ । ତେଣୁ ହିଟର କଏଲ ଅଧିକ ଉତ୍ତପ୍ତ ହୋଇ ଲାଲ୍ ପଡ଼ିଯାଏ ।

**୪. ଦତ୍ତ ପରିପଥରେ ପ୍ରତିରୋଧ ଗୁଡ଼ିକର ସଂଯୋଗ ଗୁଡ଼ିକୁ ଚିହ୍ନାଅ ଓ C ଓ D ମଧ୍ୟରେ ସମତୁଲ୍ୟ ପ୍ରତିରୋଧ ନିର୍ଣ୍ଣୟ କର ।**



ଉ : ଚିତ୍ରଟିକୁ ସଜାଡ଼ି ଅଙ୍କନ କଲେ ହେବ –

B - A - P ର ସମତୁଲ ପ୍ରତିରୋଧ (ପଙ୍କ୍ତି ସଂଯୋଗ)

$= R_1 = 2\Omega + 4\Omega = 6\Omega$

BD ର ସମତୁଲ ପ୍ରତିରୋଧ =

$$\frac{1}{R^2} = \frac{1}{6} + \frac{1}{3} = \frac{3}{6}$$

$\therefore R_2 = 2\Omega$

ବର୍ତ୍ତମାନ CD ର ସମୁତୁଲ ପ୍ରତିରୋଧ (ପଙ୍କ୍ତି ସଂଯୋଗ)

$R = 4\Omega + R_2 + 2\Omega$

$= 4\Omega + 2\Omega + 2\Omega = 8\Omega$

**୫. ବିଦ୍ୟୁତ୍ ପ୍ରତିରୋଧ କେଉଁ ସବୁ କାରକ ଉପରେ କିପରି ନିର୍ଭର କରେ ଲେଖ। R = ସୂତ୍ରଟିକୁ ବ୍ୟୁତ୍ପନ୍ନ କର ।**

**ପ୍ରତିରୋଧର ନିୟମ :** ଏକ ପରିବାହୀର ପ୍ରତିରୋଧ ଏହାର ଦୈର୍ଘ୍ୟ ସହ ସମାନୁପାତୀ ଓ ପରିବାହୀର ପ୍ରସ୍ଥ ଛେଦର କ୍ଷେତ୍ରଫଳ ସହ ପ୍ରତି ଲୋମାନୁପାତୀ ।

**ଗାଣିତିକ ବାଖ୍ୟା :** ଯଦି ପରିବାହୀର ପ୍ରତିରୋଧ 'R' ଦୈର୍ଘ୍ୟ ଓ ପ୍ରସ୍ଥ ଛେଦର କ୍ଷେତ୍ର ଫଳ A ହୁଏ ତେବେ ।

$$R \alpha \ell$$

$$R \alpha \frac{\ell}{A}$$

$$\therefore R \alpha \frac{\ell}{A} \text{ ବା } R = \rho \frac{l}{A}$$

ଏଠାରେ ρ ଏକ ସ୍ଥିରାଙ୍କ । ଏହାକୁ ପରିବାହୀ ବିଶିଷ୍ଟ ପ୍ରତିରୋଧ ବା ପ୍ରତିରୋଧିତା କୁହାଯାଏ ।

ρ : ଏକକର ପ୍ରତିରୋଧିତା

ρ ର SI ଏକକ ଓମ୍ × ମି. ବା Ωm

**୬. ଦୁଇଟି ବଲବ 40W - 200V ଓ 60 W କୁ ପଙ୍କ୍ତି ସଂଯୋଗ କରାଯାଇଛି । ଯଦି ପରିପଥର ଦୁଇପ୍ରାନ୍ତ ମଧ୍ୟରେ ବିଦ୍ୟୁତ୍ ବିଭବାନ୍ତର 200 V ହୁଏ, ତେବେଏହାକୁ ଏକ ଚିତ୍ର ଦ୍ୱାରା ଦର୍ଶାଅ ଓ କେଉଁ ବଲବଟି ଅଧିକ ଜଳିବ ଓ କାହିଁକି ?**

ଉ: ଦୁଇଟି ବଲ୍‌ବର ରେଟିଂ ଯଥା କ୍ରମେ

40 W - 200 V ଓ 60 W - 200 V




ପ୍ରଥମ ବଲ୍‌ବର ପ୍ରତିରୋଧ $R = \frac{V^2}{P}$

$$= \frac{200 \times 200}{40} = 1000\Omega$$

ଦ୍ୱିତୀୟ ବଲ୍‌ବର ପ୍ରତିରୋଧ R = $\frac{V^2}{P} = \frac{200 \times 200}{60} = 666.67\Omega$

ପରିପଥରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ $I = \frac{V}{R}$

ଯେହେତୁ ବଲ୍‌ବ ଦୁଇଟି ପଙ୍‌କ୍ତିରେ ସଂଯୋଗ କରାଯାଇଛି, ତେଣୁ ସେଥିରେ ସମାନ ପରିମାଣର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ ।

40W ର ବଲ୍‌ବର ପ୍ରତିରୋଧ ଅଧିକ ହେତୁ 60W ବଲ୍‌ବ୍‌ଠୁ ଅଧିକ ଜଳିବ ।

**୭. ଗୃହ ବିଦ୍ୟୁତ୍ ପରିପଥରେ ସମାନ୍ତର ସଂଯୋଗ ବ୍ୟବହାର କରାଯାଏ କାହିଁକି ?**

ଉ : ସମାନ୍ତର ସଂଯୋଗରେ ନିମ୍ନ ସୁବିଧା ଗୁଡ଼ିକୁ ମିଳୁଥିବାରୁ ଗୃହ ବିଦ୍ୟୁତ୍ ପରିପଥରେ ସମାନ୍ତର ସଂଯୋଗ କରାଯାଏ ।

i. ଏ ପ୍ରକାର ସଂଯୋଗରେ ପ୍ରତ୍ୟେକ ଉପକରଣ ସମାନ ଭୋଲଟେଜ୍ ପାଇଁ ପୂର୍ଣ୍ଣ ଦକ୍ଷତାରେ କାର୍ଯ୍ୟ କରନ୍ତି ।

ii. ପରିପଥରେ ବ୍ୟବହୃତ ପ୍ରତ୍ୟେକ ଉପକରଣ ସ୍ୱତନ୍ତ୍ର ଭାବେ ବ୍ୟବହାର କରାଯାଇ ପରେ ।

iii. ବିଭିନ୍ନ ବୈଦ୍ୟୁତିକ ଉପକରଣ ଭିନ୍ନ ଭିନ୍ନ ବିଦ୍ୟୁତ୍ ସ୍ରୋତ ଆବଶ୍ୟକ କରନ୍ତି ଓ ପରିପଥରେ ସଂଯୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଏକକାଳୀନ ବ୍ୟବହାର କଲେ ସମତୁଲ୍ୟ ପ୍ରତିରୋଧ ଯେ କୌଣସି ଗୋଟିଏ ଉପକରଣ ପ୍ରତିରୋଧ ଠାରୁ କମ୍ ହେବ ।

**୮. ଦୁଇଟି ପ୍ରତିରୋଧ** $R_1$ **ଓ** $R_2$ **କୁ ସମାନ୍ତର ସଂଯୋଗ କଲେ, ସେମାନଙ୍କର ସମୂହ ପ୍ରତିରୋଧ । କିନ୍ତୁ** $R_1$ **ଓ** $R_2$ **କୁ ପଙ୍‌କ୍ତିରେ ସଂଯୋଗ କଲେ ସମୂହ ପ୍ରତିରୋଧ । ତେବେ** $R_1$ **ଓ** $R_2$ **ନିର୍ଣ୍ଣନକର ପ୍ରଶ୍ନାନୁସାରେ** $R_1$ **ଓ** $R_2$ **ସମାନ୍ତର ସଂଯୋଗ ହେଲେ ।**

$$\frac{1}{R}=\frac{1}{R_1}+\frac{1}{R_2} \quad \Rightarrow \frac{1}{3}=\frac{1}{R_1}+\frac{1}{R_2}$$

$$\frac{1}{3}=\frac{R_2+R_1}{R_1R_2} \quad ........ (i)$$

ପଙ୍‌କ୍ତି ସଂଯୋଗ କଲେ $R = R_1 + R_2 = 16\Omega$ .....(ii)

ସମୀକରଣ (ii) ରୁ $R_1 + R_2 = 16$ କୁ ନେଇ ସମୀକରଣରେ ବସାଇଲେ, $\Rightarrow \frac{1}{3}=\frac{16}{R_1R_n}$ $R_1R_2 = 48\Omega$

$R_1 (16 – R_1) = 48 \quad (\therefore R_1 + R_2 = 16 \Rightarrow R_2 = 16 – R)$

$\Rightarrow \quad 16R_1 – R_1^2 = 48$

$\Rightarrow \quad R_1^2 – 16R_1 + 48 = 0$

$\Rightarrow \quad R_1^2 – 12R_1 – 4R_1 + 48 = 0$

$\Rightarrow R_1(R_1 – 1) – 4 (R_1 – 12) = 0$

$\Rightarrow (R – 12) (R – 4) = 0$

$\Rightarrow \; R_1 = 12$ ବା $R_1 = 4$

$\therefore$ ଦୁଇଟି ପରିବାହୀର ପ୍ରତିରୋଧ 12Ω, 4Ω

**୯. ଏକ ଟର୍ଚ୍ଚ ବଲ୍‌ବ** 2.5 V ଓ 750 A, ତେବେ

i. ବଲବ ପାୱାର କେତେ ?

ii. ଏହାର ପ୍ରତିରୋଧ କେତେ ?

iii. ବଲ୍‌ବଟି 4 ଘ[। ଜଳିଲେ କେତେ ଶକ୍ତି ଖର୍ଚ୍ଚ ହେବ ?

ଉ : ଏଠାରେ V = 2.5 volt, I = 750 mA = $750 \times 10^{-3} = 0.75$A

ବଲବ ଜଳିଥିବା ସମୟ = t = 4hi. ବଲବର ପାୱାର $P = VI = 2.5 \times 0.75 = 1.875W$

ii. ବଲବର ପ୍ରତିରୋଧ = $R = \frac{V}{I}=\frac{2.5}{0.75}=3.33\Omega$

iii. ବଲବ ଜଳିବା ଦ୍ୱାରା ହେଉଥିବା ଶକ୍ତିର ଖର୍ଚ୍ଚ $= W = Pt = 1.875 \times 4 = 7.5wh$

$= 7.5 W \times 3000 t = 27000J$

**୧୦. ଯଦି 200V ଲାଇନରେ ସର୍ବାଧିକ 5 A ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ, ତେବେ ସେହି ପରିପଥରେ ସମାନ୍ତରାଳ କରି ର ସର୍ବାଧିକ କେତେଟି ବଲ୍‌ବ ବ୍ୟବହାର କରାଯାଇ ପାରିବ ?**

ଉ : ଏଠାରେ $V = 200$

$P = 40$

ପରିପଥର ବିଦ୍ୟୁତ୍ ସ୍ରୋତ $I = 5A$

ବଲବ ମଧ୍ୟରେ ବିଦ୍ୟୁତ୍ ସ୍ରୋତ $I = \frac{P}{V} = \frac{40}{200} = \frac{1}{5}A$

ମନେ କରାଯାଉ ଏହିପରି ବଲବ ବ୍ୟବହାର କରାଯାଇପାରିବ ସମାନ୍ତରାଳ ସଂଯୋଗରେ ମୋଟ୍ ବିଦ୍ୟୁତ ସ୍ରୋତ

$\therefore n \times I = 5A$

$\Rightarrow n \times \frac{1}{5}A = 5A$

$\Rightarrow n = 5 \times 5 = 25$ଟି

$\therefore$ ପରିପଥରେ ସର୍ବାଧିକ 25ଟି ବଲବ ବ୍ୟବହାର କରାଯାଇ ପାରିବ ।

**୧୧. ତିନୋଟି ପ୍ରତିରୋଧ କୁ 20V ବ୍ୟାଟେରୀ ସହ ସମାନ୍ତର ସଂଯୋଗ କରାଗଲେ ପ୍ରତ୍ୟେକ ପ୍ରତିରୋଧର ଓ ପରିପଥର ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ ନିର୍ଣ୍ଣୟକର ଏବଂ ପରିପଥର ସମତୁଲ୍ୟ ପ୍ରତିରୋଧ କେତେ ହେବ ଏଠାରେ**

ସମୂହ ପ୍ରତିରୋଧ

ସମୂହ ପ୍ରତିରୋଧ $\frac{1}{R} = \frac{1}{R_1} + \frac{1}{R_2} = \frac{1}{12} + \frac{1}{6} + \frac{1}{4}$

$\frac{1}{R} = \frac{1+2+3}{12} = \frac{6}{12} = \frac{1}{2}$

$R = 2\Omega$

ପରିପଥ ସମତୁଲ୍ୟ ପ୍ରତିରୋଧ $2\Omega$ ହେବ ।

$12\Omega$ ତାରରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ

$I_1 = \frac{20}{12} = \frac{5}{3}A$

$6\Omega$ ତାରରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ

$I_2 = \frac{20}{6} = \frac{10}{3}A$

$4\Omega$ ତାରରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ

$I_3 = \frac{20}{4} = 5A$

ପରିପଥରେ ପ୍ରବାହିତ ମୋଟ୍ ବିଦ୍ୟୁତ୍ ସ୍ରୋତ $I = I_1 + I_2 + I_3 = \frac{5}{3} + \frac{10}{3} + 5 = \frac{5+10+15}{3} = \frac{30}{3} = 10$ AMP.

## 4 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. ବିଦ୍ୟୁତ୍ ସ୍ରୋତ ସମ୍ପର୍କିତ 'ଜୁଲ ତାପନ ନିୟମ' ନିଗମନ କର ଗୃହ ବିଦ୍ୟୁତ୍ ପରିପରେ ଫ୍ୟୁଜ୍‌ର କାର୍ଯ୍ୟକାରିତା ବୁଝାଅ ।**

ଉ : ଗୋଟିଏ ପରିପଥରେ ବ୍ୟାଟେରୀ ଓ ପ୍ରତିରୋଧ ସଂଯୁକ୍ତ ହୋଇଥିଲେ ବ୍ୟାଟେରୀର ଶକ୍ତି ତାପଶକ୍ତିକୁ ରୂପାନ୍ତରିତ ହୋଇ ପ୍ରତିରୋଧକୁ ଉତପ୍ତ କରେ । ଏହାକୁ ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତା କୁହାଯାଏ ।

**ଗାଣିତିକ ପ୍ରମାଣ :** ଏକ R ପ୍ରତିରୋଧର ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ବିଭବାନ୍ତର V ଓ ପ୍ରବାହିତ ବିଦ୍ୟୁତ୍ ସ୍ରୋତ I ।

ଏହି ପ୍ରତିରୋଧରେ t ସମୟ ମଧ୍ୟରେ Q ପରିମାଣ ର ଚାର୍ଜ ପ୍ରବାହିତ ହେଲେ $I = \frac{Q}{t}$

ଯଦି t ସମୟ ମଧ୍ୟରେ Q ଚାର୍ଜ ପ୍ରବାହିତ କରିବା ପାଇଁ ବ୍ୟାଟେରୀ ଦ୍ୱାରା W ପରିମାଣର କାର୍ଯ୍ୟ ସମ୍ପାଦିତ ହୁଏ ତେବେ,

$W = VQ$

ବିଦ୍ୟୁତ୍ ପାୱାର $P = \frac{W}{t} = \frac{VQ}{t} = VI\left(\because I = \frac{Q}{t}\right)$ t ସମୟରେ ପରିପଥରେ ପ୍ରବାହିତ ବିଦ୍ୟୁତ୍ ଶକ୍ତି $Pt = VIt$ ପ୍ରତି ରୋଧରେ ଏହି ଶକ୍ତି ତାପ ଶକ୍ତିକୁ ରୂପାନ୍ତରିତ ହୁଏ

$\therefore$ ତାପ $H = VIT$

$= RI \cdot IT\ (V = RI)$
$= I^2RT \quad \therefore H = I^2 Rt$

**୨. ଓମ୍ ଙ୍କ ନିୟମଟି ଲେଖି ତାହାର ଗାଣିତିକ ବାଖ୍ୟା କର, ସେଥିରୁ ବିଦ୍ୟୁତ୍ ପ୍ରତିରୋଧର ସଂଜ୍ଞା ଓ ଏକକ ଲେଖ ।**

ଓମ୍‌ଙ୍କ ନିୟମ, ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଥିବା ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତର ପରିବାହୀରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ସମାନୁପାତୀ ଗାଣିତିକ ବାଖ୍ୟା - ଯଦି ଏକ ପରିପଥରେ ପ୍ରବାହିତ ବିଦ୍ୟୁତ ସ୍ରେତ 'i' ଏହାର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ, ବିଭବ ପାର୍ଥକ୍ୟ V ହୁଏ, ତେବେ

$V \alpha I$

ବା $\frac{V}{I} =$ ଏକ ସ୍ଥିରାଙ୍କ

$\therefore \frac{V}{I} = R$ ତେଣୁ $V = IR$

ଏକ ନିର୍ଦ୍ଦିଷ୍ଟ ଧାତବ ତାର ଓ ନିର୍ଦ୍ଦିଷ୍ଟ ତାପମାତ୍ରା ପାଇଁ 'R' ଏକ ସ୍ଥିରାଙ୍କ, ଏହାକୁ ପରିବାହୀର ବିଦ୍ୟୁତ୍ ପ୍ରତିରୋଧ କୁହାଯାଏ ।

**ପ୍ରତିରୋଧ ବା ରେଜିଷ୍ଟାନ୍ସ ସଂଜ୍ଞା :**

ପରିବାହୀର ଯେଉଁ ଗୁଣ ଯୋଗୁଁ ପରିବାହୀରେ ଋର୍ଜ ପ୍ରବାହର ବେଗ କମିଯାଏ ତାହାକୁ ପରିବାହୀର ବିଦ୍ୟୁତ୍ ପ୍ରତିରୋଧ 'R' କୁହାଯାଏ । ଓମ୍‌ଙ୍କ ନିମୟରୁ $R = \frac{V}{I}$

R ର ଏକକ

ଅର୍ଥାତ୍ R ର ଏକକ ଏହାକୁ ଓମ୍ କୁହାଯାଏ ଓ ସଂକ୍ଷେପରେ $\Omega$ ଲେଖାଯାଏ ।

**୩. ପ୍ରତିରୋଧର ପଙ୍‌କ୍ତି ସଂଯୋଗ କ'ଣ ? ଏହାର ବିଶେଷତ୍ୱ ଗୁଡ଼ିକ ଲେଖ । ପ୍ରତିରୋଧର ପଙ୍କ୍ତି ସଂଯୋଗର ବ୍ୟଞ୍ଜନ ବ୍ୟୁପତ୍ତି କର । ଏହାର ଗୋଟିଏ ଉପଯୋଗୀତା ଲେଖ ।**

**୩ଟି ପ୍ରତିରୋଧ ଯଥାକ୍ରମେ 4Ω, 5Ω, 6Ωକୁ ପଙ୍‌କ୍ତି ସଂଯୋଗ କଲେ, ସମୂହ ପ୍ରତିରୋଧ କେତେ ହେବ ?**

i. ପ୍ରତିଯୋଧ ଗୁଡ଼ିକୁ ପ୍ରାନ୍ତକୁ ପ୍ରାନ୍ତ ଧାଡ଼ିରେ ସଂଯୋଗ କଲେ ତାହାକୁ ପଙ୍‌କ୍ତି ସଂଯୋଗ କୁହାଯାଏ ।

ii. ବିଶେଷତ୍ୱ : ପ୍ରତିରୋଧର ପଙ୍‌କ୍ତି ସଂଯୋଗର ପ୍ରତ୍ୟେକ ପ୍ରତିରୋଧରେ ସମାନ ପରିମାଣର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ । ମୋଟ ବିଦ୍ୟୁତ୍ ବିଭବାନ୍ତର ପ୍ରତ୍ୟେକ ପ୍ରତିରୋଧର ସମଷ୍ଟି ସହ ସମାନ ହୁଏ ।

iii. ଗାଣିତିକ ପ୍ରମାଣ



ଯଦି $R_1$, $R_2$ ଓ $R_3$ ପ୍ରତିରୋଧ ବିଶିଷ୍ଟ ତିନୋଟି ପ୍ରତିରୋଧକୁ ପଙ୍‌କ୍ତିରେ ସଂଯୋଗ କଲେ, ପ୍ରତ୍ୟେକ ପ୍ରତିରୋଧ ମଧ୍ୟରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ । ହୁଏ ଏବଂ ସେମାନଙ୍କର ବିଚ୍ୟୁତ ସମାନ ହୁଏ, ବିଦ୍ୟୁତ୍ ବିଭମନ୍ତର ଯଥା କ୍ରମେ $V_1$ $V_2$ ଓ $V_3$ ହେଲେ $V = V_1 + V_2 + V_3$

୪. କିନ୍ତୁ ଓମ୍‌ଙ୍କ ନିୟମରୁ $V = IR$

$V_1 = IR_1, V_2 = IR_2, V = IR_3$

$RI = IR_1 + IR_2 + 1R_3$

$R = R_1 + R_2 + R_3$

ପଙ୍‌କ୍ତି ସଂଯୋଗର ବ୍ୟବହାର :

ଉତ୍ସବ ପାଳନ ବେଳେ ବ୍ୟବହୃତ ବଲ୍‌ବ ଗୁଡ଼ିକୁ ସଜାଇବା ପାଇଁ ପଙ୍‌କ୍ତି ସଂଯୋଗ କରାଯାଏ ।

(v) 4Ω, 5Ω ଓ 6Ω ପ୍ରତିରୋଧ ତିନୋଟିକୁ ପଙ୍‌କ୍ତିରେ ସଂଯୋଗ କଲେ, ସମୂହ ପ୍ରତିରୋଧ

$R = R1 + R2 + R3$

$= 4\Omega + 5\Omega + 6\Omega = 15\Omega$

**୪. ପଙ୍‌କ୍ତି ସଂଯୋଗ ଓ ସମାନ୍ତର ସଂଯୋଗ ମଧ୍ୟରେ ଥିବା ପାର୍ଥକ୍ୟ ଗୁଡ଼ିକୁ ଲେଖ ।**

| ପଙ୍‌କ୍ତି ସଂଯୋଗ | ସମାନ୍ତର ସଂଯୋଗ |
|---|---|
| i. ପ୍ରତିରୋଧକ ଗୁଡ଼ିକୁ ଧାଡ଼ିରେ ପ୍ରାନ୍ତକୁ ପ୍ରାନ୍ତ ସଂଯୋଗ କରାଯାଏ । | i. ପ୍ରତିରୋଧ ଗୁଡ଼ିକୁ ସମାନ୍ତର ଭାବେ ସଂଯୋଗ କରାଯାଏ । |
| ii. ଏ ପ୍ରକାର ସଂଯୋଗରେ ବିଭବାନ୍ତର ବିଭବାନ୍ତର ସଂଯୋଗରେ ବିଭାଜିତ ହୁଏ । | ii. ଏ ପ୍ରକାର ସଂଯୋଗରେ ବିଦ୍ୟୁତ୍ ସ୍ରୋତ ବିଭାଜିତ ହୁଏ । |
| iii. ଏ ପ୍ରକାର ସଂଯୋଗରେ ପରିପଥର ମୋଟ ପ୍ରତିରୋଧ ଯେ କୌଣସି ଗୋଟିକର ପ୍ରତିରୋଧ ଠାରୁ ଅଧିକ ହେବ । | iii. ଏ ପ୍ରକାର ସଂଯୋଗରେ ମୋଟ ପ୍ରତିରୋଧ ପରିପଥରେ ସଂଯୁକ୍ତ ସବୁଠାରୁ କ୍ଷୁଦ୍ରତମ ପ୍ରତିରୋଧ ଠାରୁ କମ୍ ହେବ । |
| iv. ଏ ପ୍ରକାର ସଂଯୋଗରେ ପ୍ରତ୍ୟେକ ଉପକରଣକୁ ଏକାଠି ବ୍ୟବହାର କରାଯାଏ । | iv. ଏ ପ୍ରକାର ସଂଯୋଗରେ ପ୍ରତ୍ୟେକ ଉପକରଣକୁ ପୃଥକ ଭାବେ ବ୍ୟବହାର କରାଯାଏ । |
| v. ଦୁଇ ବା ତତୋଧିକ ପ୍ରତିରୋଧକୁ ପଙ୍‌କ୍ତି ସଂଯୋଗ କଲେ ପରିପଥରେ ସର୍ବନିମ୍ନ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ । | v. ଦୁଇବା ତତୋଧିକ ପ୍ରତିରୋଧକୁ ସମାନ୍ତର ସଂଯୋଗ କଲେ ପରିପଥରେ ସର୍ବାଧିକ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ । |
| vi. କୌଣସି ଉପକରଣ ଖରାପ ହୋଇଗଲେ ଗତି ପଥରେ ଅନ୍ୟ ଉପକରଣ ଗୁଡ଼ିକ ବନ୍ଦ ହୋଇଯିବ । | vi. କୌଣସି ଉପକରଣ ଖରାପ ହୋଇଗଲେ ପରିପଥରେ ଅନ୍ୟ ଉପକରଣ ପୂର୍ବଭଳି ଚାଲୁ ରହିବ । |

**୫. ପ୍ରତିରୋଧର ସମାନ୍ତର ସଂଯୋଗ କହିଲେ କ'ଣ ବୁଝ ? ଏହାର ବିଶେଷତ୍ୱ ଲେଖ । ଚିତ୍ର ସମୂହ ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସୂତ୍ରଟିକୁ ପ୍ରମାଣ କର** 6Ω, 3Ω, 2Ω **ତିନୋଟି ପ୍ରତିରୋଧକୁ ସମାନ୍ତରଳ ସଂଯୋଗ କଲେ**

**ସମୂହ ପ୍ରତିରୋଧ କେତେ ହେବ ?**

ଯଦି ପ୍ରତିରୋଧଗୁଡ଼ିକର ଗୋଟିଏ ପ୍ରାନ୍ତକୁ ଏକାଠି ଓ ଅନ୍ୟ ପ୍ରାନ୍ତକୁ ଏକାଠି ଅଲଗା ଯୋଡ଼ାଯାଏ, ତାହାକୁ ସମାନ୍ତର ସଂଯୋଗ କୁହାଯାଏ ।



**ବିଶେଷତ୍ୱ :** ସମାନ୍ତର ସଂଯୋଗରେ

i. ପ୍ରତ୍ୟେକ ପ୍ରତିରୋଧ ସମାନ ଭୋଲଟେଜ ପାଇଥା'ନ୍ତି ।

ii. ପରିପଥରେ ପ୍ରବାହିତ ମୋଟ ବିଦ୍ୟୁତ୍ ସ୍ରୋତ ପ୍ରତି ପ୍ରତିରେଧାକରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ସମଷ୍ଟି ସହ ସମାନ ।

iii. ପରିପଥର ମୋଟ ପ୍ରତିରୋଧ ଯେ କୌଣସି ଗୋଟିଏ ପ୍ରତିରୋଧ ଠାରୁ କମ୍ ହୋଇଥାଏ ।

ଗାଣିତିକ ବାଖ୍ୟା : ଯଦି $R_1$, $R_2$, $R_3$ ପ୍ରତିରୋଧ ବିଶିଷ୍ଟ ତିନୋଟି ପ୍ରତିରୋଧ କୁ ସମାନ୍ତର ସଂଯୋଗ କରାଯାଏ ଏବଂ ସେମାନଙ୍କ ମଧ୍ୟରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ଯଥା କ୍ରମେ $I_1$, $I_2$, $I_3$ ହୁଏ, ତେବେ ଓମ୍ ଙ୍କ ନିୟମ ଅନୁସାରେ ବିଦ୍ୟୁତ୍ ବିଭବାନ୍ତର ।

$V = IR,\ V_1 = I_1R_1,\ V_2 = I_2R_2,\ V_3 = I_3R_3$

ଅର୍ଥାତ୍ $I_1 = \frac{V}{R_1},\ I_2 = \frac{V}{R_2},\ I_3 = \frac{V}{R_3}$

କିନ୍ତୁ $I = I_1 + I_2 + I_3$

ବା $\frac{V}{R} = \frac{V}{R_1} + \frac{V}{R_2} + \frac{V}{R_3}$ ବା

$$\frac{V}{R} = V\left(\frac{1}{R_1} + \frac{1}{R_2} + \frac{1}{R_3}\right) \Rightarrow \frac{1}{R} = \frac{1}{R_1} + \frac{1}{R_2} + \frac{1}{R_3}$$

$6\Omega$, $3\Omega$, $2\Omega$ ସମାନ୍ତର ସଂଯୋଗ କଲେ ସମୂହ ପ୍ରତିରୋଧ

$$\frac{1}{R} = \frac{1}{6} + \frac{1}{3} + \frac{1}{2}$$

$$= \frac{1+2+3}{6} = \frac{6}{6} = 1 \Rightarrow R = 1\Omega$$

୬. ଓମ୍‌ଙ୍କ ନିୟମର ସତ୍ୟତା ପ୍ରମାଣିତ କରିବା ପାଇଁ ଏକ ସରଳ ପରୀକ୍ଷା ବର୍ଣ୍ଣନା କର ।

**ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ :**




i. ଉପରୋକ୍ତ ଚିତ୍ରରେ ଦର୍ଶାଯାଇଥିବା ଭଳି ଗୋଟିଏ 0.5m. ଲମ୍ବର ନିକ୍ରୋମ ତାର (xy), ଗୋଟିଏ ଏକ ମିଟର (A), ଗୋଟିଏ ଭୋଲଟମିଟର (v), 1.5 ର ଗୋଟିଏ ବିଦ୍ୟୁତ୍ ସେଲ୍ ଏବଂ ଗୋଟିଏ ପ୍ଲଗ୍ କିନ୍ତୁ ନେଇ ଏକ ପରିପଥ ପ୍ରସ୍ତୁତ କରାଯାଉ ।

ii. ପ୍ଲଗ୍‌କୁ ବନ୍ଦ କରି ପରିପଥଟିକୁ ମୁଦିତ କରାଯାଉ ଓ ଏମିଟରକୁ ମୁଲ୍ୟାଙ୍କ $I_1$, ଓ ଭୋଲଟ ମିଟରକୁ ମୂଲ୍ୟାଙ୍କ $V_1$ କୁ ଏକ ସାରଣୀ ଲେଖାଯାଏ ।

iii. ଏହା ପରେ ପରିପଥରେ ଦୁଇଟି ସେଲ ସଂଯୁକ୍ତ କରି ଏମିଟର ଓ ଭୋଲ୍‌ଟ ମିଟରରୁ ପାଠ୍ୟାଙ୍କ ଯଥା କ୍ରମେ $I_2$ ଓ $V_2$ କୁ ସାରଣୀ ରେ ଲେଖାଯାଉ ।

iv. ସେହିପରି 3 ଟି ଓ 4 ଟି ସେଲ୍ ବ୍ୟବହାର କରି $I_3$, $V_3$ ଓ $I_4$, $V_4$ ରେ ଲେଖାଯାଉ ।

v. ବର୍ତ୍ତମାନ ପ୍ରତ୍ୟେକ I ଓ V ଯୋଡ଼ି ପାଇଁ V/I ନିର୍ଣ୍ଣୟ କଲେ, ପ୍ରତ୍ୟେକ ଯୋଡ଼ି ପାଇଁ V/I ର ମୂଲ୍ୟ ସମାନ ରହିବ ।

vi. ଏହା ବ୍ୟତିତ X - ଅକ୍ଷରେ I ଓ Y ଅକ୍ଷରେ V କୁ ନେଇ ଯଦି ଏକ ଗ୍ରାଫ ଅଙ୍କନ କରାଯିବ ତେବେ ତାହା ଏକ ତୀର୍ଯ୍ୟକ ରେଖା ହେବ ଏବଂ ଏହା ମୂଳ ବିନ୍ଦୁ 'O' କୁ ଭେଦ କରିବ ।

ଏଥିରୁ ଏହା ପ୍ରମାଣିତ ହୁଏ ଯେ V ଓ I ପରସ୍ପର ସମାନୁପାତୀ ଅର୍ଥାତ୍ $V \alpha I$

୬.ପରିବାହୀରେ ପ୍ରତିରୋଧ କେଉଁ କାରକ ଉପରେ ନିର୍ଭର କରେ ଲେଖି ବିଶିଷ୍ଟ ପ୍ରତିରୋଧ ନିର୍ଣ୍ଣୟ ପାଇଁ ଏକ ସୂତ୍ର ନିଗମନ କର ଓ ବିଶିଷ୍ଟ ପ୍ରତିରୋଧର ଏକକ ଲେଖ ?

ଉ. (i) ଗୋଟିଏ ପରିବାହୀର ପ୍ରତିରୋଧ

(a) ପରିବାହୀର ଦୈର୍ଘ୍ୟ (L)

(b) ପରିବାହୀର ପ୍ରସ୍ଥଚ୍ଛେଦ (A)

(c) ପରିବାହୀର ଯେଉଁ ପଦାର୍ଥରୁ ତିଆରି ତାହାର ପ୍ରକୃତି ଉପରେ ନିର୍ଭର କରେ ।

(ii) ଅଧିକ ଉନ୍ନତ ପରୀକ୍ଷା ଓ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ପରିବାହୀ ତାରର ପ୍ରତିରୋଧ ତାରର ଦୈର୍ଘ୍ୟ ସହ ସମାନୁପାତି ଓ ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ସହ ପ୍ରତିଲୋମାନୁପାତୀ ।

(iii) ଯଦି ପ୍ରତିରୋଧର ସଂକେତ (R), ପରବିାହୀ ତାରର ଦୈର୍ଘ୍ୟ (L) ଓ ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ (A) ହୁଏ, ତେବେ

(iii) ଯଦି ପ୍ରତିରୋଧର ସଂକେତ (R), ପରବିାହୀ ତାରର ଦୈର୍ଘ୍ୟ (L) ଓ ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ (A) ହୁଏ, ତେବେ

$R \propto L$ ________(l)

$R \propto \frac{1}{A}$ ________(ll)

eq (1) ଓ (2) ରୁ

$R \propto \frac{L}{A} = \quad R = \rho\frac{\ell}{A}$ -

ଏଠାରେ $\rho$ (rho) ଏକ ସମାନୁପାତୀ ସ୍ଥିରାଙ୍କ । ଏହାକୁ ପରିବାହୀର ବିଶିଷ୍ଟ ପ୍ରତିରୋଧ ବା ପ୍ରତିରୋଧିତା କୁହାଯାଏ ।

(iv) ପରିବାହୀର ପ୍ରତିରୋଧିତା ବସ୍ତୁର ଗୁଣ ଉପରେ ନିର୍ଭର କରେ । Sl ପଦ୍ଧତିରେ ଏହାର ଏକକ ହେଉଛି Ω 3 ।

(v) ଧାତୁ ଓ ମିଶ୍ରଧାତୁ ମାନଙ୍କର ପ୍ରତିରୋଧିତା ଅପେକ୍ଷାକୃତ କମ୍ ($10^{8}\Omega$ ରୁ$10^{-6}$) ହୋଉଥିବାରୁ ସେମାନେ ବିଦ୍ୟୁତ୍ ସୁପରିବାହୀ ରବର ଓ କାଚ଼ ଭଳି ପଦାର୍ଥର ପ୍ରତିରୋଧିତା ।

ଅଧିକ ($10^{12}\,\Omega m$ ରୁ$10^{1}\,\Omega m$) । ବସ୍ତୁର ପ୍ରତିରୋଧ ଓ ପ୍ରତିରୋଧିତା ଉଭୟ ତାପମାତ୍ରା ଉପରେ ନିର୍ଭର କରେ ।

**--XXX--**

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. ବିଦ୍ୟୁତ୍ ସ୍ରୋତର ପ୍ରଥମ ମନୁଷ୍ୟକୃତ ଉତ୍ସ କ'ଣ ?**

a. ଡାଇନାମୋ b. ସଂଗ୍ରାୟକ ସେଲ୍ c. ଭୋଲ୍‌ଟୀୟ ସେଲ୍ d. ଶୁଷ୍କ ସେଲ୍

**୨. ଛୋଟ ଦଣ୍ଡ ଚୁମ୍ବକ ମୁକ୍ତ ଅବସ୍ଥାରେ କେଉଁ ଦିଗ ନିର୍ଦ୍ଦେଶ କରେ ?**

a. ପୂର୍ବ - ପଶ୍ଚିମ b. ଉତ୍ତର - ଦକ୍ଷିଣ c. ଉତ୍ତର - ପୂର୍ବ d. ଦକ୍ଷିଣ - ପଶ୍ଚିମ

**୩. ସମମେରୁ ପରସ୍ପରକୁ କ'ଣ କରନ୍ତି ?**

a. ଆକର୍ଷଣ b. ବିକର୍ଷଣ c. ପ୍ରଥମେ ଆକର୍ଷଣ ଓ ପରେ ବିକର୍ଷଣ

d. କୌଣସି ପ୍ରତିକ୍ରିୟା କରନ୍ତି ନାହିଁ

**୪. ବିଷମ ମେରୁ ପରସ୍ପରକୁ କ'ଣ କରନ୍ତି ?**

a. ଆକର୍ଷଣ b. ବିକର୍ଷଣ

c. ପ୍ରଥମେ ଆକର୍ଷଣ ଓ ପରେ ବିକର୍ଷଣ d. କୌଣସି ପ୍ରତିକ୍ରିୟା ହୁଏ ନାହିଁ

**୫. ଦଣ୍ଡ ଚୁମ୍ବକର ଚାରିପାଖରେ ଲୁହା ଗୁଣ୍ଡ ଯେଉଁ କାଳ୍ପନିକ ରେଖାରେ ସଜାଇ ହେଲା ପରି ଦିଶେ, ତାହାକୁ କ'ଣ କୁହନ୍ତି ?**

a. ଚୁମ୍ବକୀୟ କ୍ଷେତ୍ର ରେଖା b. ବିଷୁବ ରେଖା c. ସୀମା ରେଖା d. ପରିପଥ

**୬. ଗୋଟିଏ ଚୁମ୍ବକୀୟ କ୍ଷେତ୍ର ରେଖା ଉପରେ କମ୍ପାସ ପୂରାଇବା ବେଳେ ସୂଚୀର ବିକ୍ଷେପଣ ମେରୁ ଆଡ଼କୁ କ'ଣ ହୁଏ ?**

a. ବଢ଼େ b. କମେ c. ପ୍ରଥମେ ବଢ଼େ ଓ ପରେ କମେ

d. ସ୍ଥିର ଥାଏ

**୭. ଚୁମ୍ବକୀୟ କ୍ଷେତ୍ର ରେଖା ପ୍ରକୃତି କ'ଣ ?**

a. ଏକ ଅବିଚ୍ଛିନ୍ନ ରେଖା b. ମୁଦିତ ରେଖା c. ଅବିଚ୍ଛିନ୍ନ ଓ ମୁଦିତ ରେଖା

d. ମୁକ୍ତ ରେଖାମାନ

**୮. ଯଦି ଦୁଇଟି ଚୁମ୍ବକୀୟ କ୍ଷେତ୍ର ରେଖା ପରସ୍ପରକୁ ଛେଦ କରନ୍ତା, ତେବେ ସେହି ବିନ୍ଦୁର କେତୋଟି ମେରୁ ଦର୍ଶାନ୍ତା ?**

a. 1 ଟି b. 2 ଟି

c. 3 ଟି d. କହିହେବ ନାହିଁ

**୯. ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମକୁ କେଉଁ ନିୟମ କୁହାଯାଏ ?**

a. ଓମ୍ b. ଫ୍ଲେମିଂ

c. କର୍କସ୍ଫ d. ଓରଷ୍ଟେଡ୍

**୧୦. ଗୋଟିଏ କୁଣ୍ଡଳୀରେ ଯଦି ସଂଖ୍ୟକ ଘେରେ ରହେ ତେବେ ଗୋଟିଏ ନିର୍ଦ୍ଦିଷ୍ଟ ବିଦ୍ୟୁତ୍ ସ୍ରୋତ ପାଇଁ ଚୁମ୍ବକୀୟ ପରିମାଣ ଗୋଟିଏ ଘେର ତୁଳନାରେ କେତେ ହେବ ?**

a. ଗୁଣ b. n ଗୁଣ

c. 2n ଗୁଣ d. $n^2$ ଗୁଣ

**୧୧. ସଲେନଏଡ୍‌ର ଭିତର ପଟରେ କ୍ଷେତ୍ର ରେଖା ଗୁଡ଼ିକ କିପରି ?**

a. ବକ୍ରରେଖୀୟ b. ଅସମାନ୍ତର

c. ସରଳ ରୈଖିୟ ପରସ୍ପର ସମାନ୍ତର

d. ସରଳରେଖିୟ ଓ ପରସ୍ପର ଲମ୍ବ

**୧୨. ନରମ ଲୁହା ଭଳି ଚୁମ୍ବକୀୟ ବସ୍ତୁଟିର ସଲେନଏଡ୍ ଭିତରେ ରଖିଲେ ସଲେନଏଡ୍‌ର ଚୁମ୍ବକୀୟ କ୍ଷେତ୍ରର ପ୍ରଭାବରେ ଯେଉଁ ଚୁମ୍ବକ ପରିଣତ ହୁଏ, ତାକୁ କ'ଣ କୁହାଯାଏ ?**

a. ସ୍ଥାୟୀ ଚୁମ୍ବକ b. ବିଦ୍ୟୁତ୍ ଚୁମ୍ବକ

c. ଉଭୟ a ଓ b d. କୌଣସିଟି ନୁହେଁ

**୧୩. ଏକ ବିଦ୍ୟୁତ୍ ସ୍ରୋତଧାରୀ ଦୀର୍ଘ ଓ ସରଳ ସଲେନଏଡ୍‌ର ଭିତର ଅଂଶରେ ଚୁମ୍ବକୀୟ କ୍ଷେତ୍ର କିପରି ?**

a. ଶୂନ b. ପ୍ରାନ୍ତ ଆଡ଼କୁ କମେ c. ପ୍ରାନ୍ତ ଆଡ଼କୁ ବଢ଼େ d. ସବୁଠାରେ ସମାନ

**୧୪. ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେଲେ ଯେଉଁ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ, ତା ମଧ୍ୟରେ ଚୁମ୍ବକଟିଏ ରହିଲେ ତା' ଉପରେ ଏକ ବଳ କାର୍ଯ୍ୟକାରୀ ହୁଏ । ଏହା କିଏ ଦର୍ଶାଇଥିଲେ ।**

a. ଜର୍ଜ ସାଇମନ୍ ଓମ୍ b. ଆଲସାଣ୍ଡ୍ରୋ ଭୋଲ୍ଟା c. ମାଇକେଲ ଫାରାଡ଼େ d. ଆନ୍ଦ୍ରେ ମାରୀ ଏମ୍ପିୟର୍

**୧୫. ଫ୍ଲେମିଙ୍ଗ ବାମ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି କ'ଣ ଦର୍ଶାଏ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. କେଉଁଟି ନୁହେଁ

**୧୬. ଫ୍ଲେମିଙ୍ଗ ବାମ ହସ୍ତ ନିୟମରେ ତର୍ଜନୀ କ'ଣ ଦର୍ଶାଏ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. କେଉଁଟି ନୁହେଁ

**୧୭. ଫ୍ଲେମିଙ୍ଗଙ୍କ ବାମହସ୍ତ ନିୟମରେ ମଧ୍ୟମା କ'ଣ ଦର୍ଶାଏ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. କେଉଁଟି ନୁହେଁ

**୧୮. କେଉଁ କ୍ଷେତ୍ରରେ ବିଦ୍ୟୁତ୍ ପରିବହନକାରୀ ପରିବାହୀ ଓ ଚୁମ୍ବକୀୟ କ୍ଷେତ୍ର ବ୍ୟବହାର କରାଯାଏ ନାହିଁ ?**

a. ବୈଦ୍ୟୁତିକ ମୋଟର b. ବିଦ୍ୟୁତ୍ ବଲ୍‌ବ c. ଜେନେରେଟର d. ମାଇକ୍ରୋଫୋନ୍

**୧୯. ଗୋଟିଏ ଯୁକ୍ତ ଋର୍ଜ ବିଶିଷ୍ଟ କଣିକା ପଶ୍ଚିମକୁ ଗତି କରୁଥିବା ବେଳେ ଏକ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଉତ୍ତରକୁ ବିକ୍ଷେପିତ ହୁଏ । ଏଠାରେ ଚୁମ୍ବକୀୟ କ୍ଷେତ୍ରର ଦିଗ କ'ଣ ହେବ ?**

a. ଦକ୍ଷିଣକୁ b. ପୂର୍ବକୁ c. ତଳକୁ d. ଉପରକୁ

**୨୦. ବୈଦ୍ୟୁତିକ ମୋଟର କେଉଁ ଶକ୍ତିକୁ କେଉଁ ଶକ୍ତିରେ ପରିଣତ କରେ ?**

a. ବିଦ୍ୟୁତ୍ ଶକ୍ତିକୁ ଯାନ୍ତ୍ରିକ ଶକ୍ତିରେ
b. ଯାନ୍ତ୍ରିକ ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ
c. ରାସାୟନିକ ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ
d. ସୌର ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ

**୨୧. କେଉଁ ଉପକରଣରେ ବିଦ୍ୟୁତ୍ ମୋଟର ବ୍ୟବହାର କରାଯାଏ ନାହିଁ ?**

a. ବିଦ୍ୟୁତ୍ ଋଳିତ ପଙ୍ଖା b. ରେଫ୍ରିଜେରେଟର c. କମ୍ପ୍ୟୁଟେଟର d. ଇସ୍ତ୍ରୀ

**୨୨. ପରିପଥରେ ବିଦ୍ୟୁତ୍ ସ୍ରୋତର ଦିଗ ପରିବର୍ତ୍ତନ କରୁଥିବା ଉପକରଣକୁ କ'ଣ କୁହାଯାଏ ?**

a. ଆର୍ମେଚର b. କ୍ଷେତ୍ର ଚୁମ୍ବକ c. କମ୍ୟୁଟେଟର d. ପ୍ଲଗ୍ କି

**୨୩. ବ୍ୟାବସାୟିକ ଉଦ୍ଦେଶ୍ୟରେ ମୋଟରକୁ ଶକ୍ତିଶାଳୀ କରିବା ପାଇଁ କ'ଣ କରାଯାଏ ?**

a. ସ୍ଥାୟୀ ଚୁମ୍ବକ ବଦଳରେ ବିଦ୍ୟୁତ୍ ଚୁମ୍ବକ ନିଆଯାଏ

b. କୁଣ୍ଡଳୀର ଘେର ସଂଖ୍ୟା ବଢ଼ାଯାଏ

c. ନରମ ଲୌହ ଖଣ୍ଡ ଚରିପଟେ ତାରକୁ ଗୁଡ଼ାଇ କୁଣ୍ଡଳୀ ପ୍ରସ୍ତୁତ କରଯାଏ

d. ଏ ସମସ୍ତ ପ୍ରକ୍ରିୟା

**୨୪. ଗୋଟିଏ ପରିବାହୀ ଚୁମ୍ବକୀୟ କ୍ଷେତ୍ରରେ ଗତି କରେ ବା ପରିବାହୀଟି ସ୍ଥିର ଥାଇ ସଂଲଗ୍ନ ଚୁମ୍ବକୀୟ କ୍ଷେତ୍ରର ପରିବର୍ତ୍ତନ ହୁଏ । ଏହା କିଏ ଦର୍ଶାଇଥିଲେ ?**

a. ମାଇକେଲ ଫାରାଡ଼େ b. ଜର୍ଜ ସାଇମନ୍ ଓମ୍ c. ଆନ୍ଦ୍ରେ ମ୍ୟାରୀ ଏମ୍ପିୟର d. ଓରଷ୍ଟେଡ୍

**୨୫. ଗତିଶୀଳ ଚୁମ୍ବକ ଦ୍ୱାରା ବିଦ୍ୟୁତ୍ ସ୍ରୋତ ସୃଷ୍ଟି ହୁଏ ବୋଲି କିଏ ଆବିଷ୍କାର କରିଥିଲେ ?**

a. ଜର୍ଜ ସାଇମନ୍ ଓମ୍ b. ଓରଷ୍ଟେଡ୍ c. ଫ୍ଲେମି d. ମାଇକେଲ ଫାରାଡ଼େ

**୨୬. କ୍ଷୀଣ ବିଦ୍ୟୁତ୍ ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?**

a. ଭୋଲ୍ଟମିଟର b. ଭୋଲ୍ଟାମିଟର c. ଗାଲଭାନୋମିଟର d. ରିଓଷ୍ଟାଟ

**୨୭. କୁଣ୍ଡଳୀ ଓ ଚୁମ୍ବକ ଉଭୟ ସ୍ଥିର ରହିଲେ ଗାଲଭାନୋମିଟର ର ବିକ୍ଷେପଣ କିପରି ହୁଏ ?**

a. ବାମକୁ ହୁଏ b. ଦକ୍ଷିଣକୁ ହୁଏ c. ଶୂନ ହୁଏ d. ଏ ସମସ୍ତ

**୨୮. ତାର କୁଣ୍ଡଳୀ ଓ ଚୁମ୍ବକ ମଧ୍ୟରେ ଆପେକ୍ଷିତ ଗତି ପାଇଁ କୁଣ୍ଡଳୀରେ କ'ଣ ସୃଷ୍ଟି ହୁଏ ?**

a. ସ୍ଥିର ବିଦ୍ୟୁତ୍ b. ପ୍ରେରିତ ବିଭବାନ୍ତର c. ପ୍ରେରିତ ବିଦ୍ୟୁତ୍ ସ୍ରୋତ d. ଚଳ ବିଦ୍ୟୁତ

**୨୯. ଗୋଟିଏ ପରିବାହୀ ସହ ସମ୍ପୃକ୍ତ ଚୁମ୍ବକୀୟ କ୍ଷେତ୍ରରେ ପରିବର୍ତ୍ତନ ହେଲେ ଅନ୍ୟ ଏକ ପରିବାହୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହୁଏ । ଏହାକୁ କ'ଣ କୁହାଯାଏ ?**

a. ପ୍ରେରିତ ବିଭବାନ୍ତର b. ପ୍ରେରିତ ବିଦ୍ୟୁତ୍ ସ୍ରୋତ c. ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ d. ସ୍ଥିର ବିଦ୍ୟୁତ୍

**୩୦. କୁଣ୍ଡଳୀର ଗତିର ଦିଗ, ଚୁମ୍ବକୀୟ କ୍ଷେତ୍ରର ଦିଗ ପ୍ରତି କ'ଣ ହେଲେ ପ୍ରେରିତ ବିଦ୍ୟୁତ୍ ସ୍ରୋତର ପରିମାଣ ସବୁଠାରୁ ଅଧିକ ହୁଏ ?**

a. ସମାନ୍ତର b. $60^0$ c. ଲମ୍ବ d. $45^0$

**୩୧. ନରମ ଲୌହଖଣ୍ଡ ସହ କୁଣ୍ଡଳୀକୁ କ'ଣ କୁହାଯାଏ ?**

a. ବ୍ରଶ୍ b. କମ୍ପ୍ୟୁଟର c. କମ୍ପ୍ୟୁଟେଟର d. ଆର୍ମେଚର

**୩୨. ଲାଇଭ୍ ତାର ନିଉଟ୍ରାଲ ତାର ସଂସ୍ପର୍ଶରେ ଆସିଲେ କ'ଣ ହୁଏ ?**

a. ଡାଉନ ଲୋଡ଼ିଂ b. ଓଭର ଲୋଡ଼ିଂ c. ସର୍ଟସର୍କିଟ d. କେଉଁଟି ନୁହେଁ

**୩୩. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି, ତର୍ଜନୀ ଓ ମଧ୍ୟମା ମଧ୍ୟରେ କେଉଁ କୋଣ ଉତ୍ପନ୍ନ ହୁଏ ?**

a. ସୂକ୍ଷ୍ମକୋଣ b. ସ୍ଥୁଳକୋଣ c. ସମ କୋଣ d. ସରଳ କୋଣ

**୩୪. ଯୋଗାଣ ତାରରେ ବିଭବାନ୍ତର ବୃଦ୍ଧିକୁ କ'ଣ କୁହାଯାଏ ?**

a. ଡାଉନ ଲୋଡିଂ b. ଓଭର ଲୋଡ଼ିଂ c. କ୍ରସ୍ ଲୋଡ଼ିଂ d. କେଉଁଟି ନୁହେଁ

**୩୫. ଗିଜର୍‌ରେ କେତେ ରେଟିଂର ପରିପଥ ବ୍ୟବହାର କରାଯାଏ ?**

a. 5A b. 10A c. 15A d. 20A

**୩୬. ପଙ୍ଖାରେ କେତେ ରେଟିଂର ପରିପଥ ବ୍ୟବହାର କରାଯାଏ ?** a. 5A b. 10A c. 15A d. 20A

**୩୭. ବୈଦ୍ୟୁତିକ ଉପକରଣରୁ ବିଦ୍ୟୁତ୍ ଆଘାତ ନ ଲାଗିବା ପାଇଁ କ'ଣ ବ୍ୟବହାର କରାଯାଏ ?**

a. ଫ୍ୟୁଜ୍ b. ଭୂ ତାର c. ନିଉଟ୍ରାଲ ତାର d. ଲାଇଭ୍ ତାର

**୩୮. ଗୃହରେ ଉପକରଣ ଗୁଡ଼ିକୁ ମେନ୍‌ସୁଇଜ୍ ସହ କିପରି ସଂଯୋଗ କରାଯାଏ ?**

a. ସମାନ୍ତରାଳ ଓ ପଙ୍କ୍ତି b. ପଙ୍କ୍ତି c. ସମାନ୍ତରାଳ d. କେଉଁଟି ନୁହେଁ

**୩୯. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମରେ ତର୍ଜନୀ କ'ଣ ସୂଚାଏ ?**

a. ପରିବାହୀର ଗତିର ଦିଗ

b. ପ୍ରେରିତ ବିଦ୍ୟୁତ୍ ପ୍ରବାହର ଦିଗ

c. ଚୁମ୍ବକୀୟ କ୍ଷେତ୍ରର ଦିଗ

d. ବିଦ୍ୟୁତ୍ ସ୍ରୋତର ବିପରୀତ ଦିଗ

**୪୦. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମାନୁଯାୟୀ କ'ଣ କାର୍ଯ୍ୟ କରେ ?**

a. ମୋଟର b. ଜେନେରେଟର

c. ଡାଇନାମୋ d. କେଉଁଟି ନୁହେଁ

## ANSWER

| | | | | | |
|---|---|---|---|---|---|
| 1.c | 2.b | 3.b | 4.a | 5.a | 6.a |
| 7.c | 8.b | 9.c | 10.b | 11.c. | 12.b |
| 13.d | 14.d | 15.c | 16.b | 17.a | 18.b |
| 19.b | 20.a | 21.d | 22.c | 23.d | 24.a |
| 25.d | 26.c | 27.c | 28.b | 29.b | 30.c |
| 31.d | 32.c | 33.c | 34.b | 35.c | 36.a |
| 37.b | 38.c | 39.c | 40.b | | |

# 4 ନମ୍ବର ସମ୍ବୋଧିତ ପ୍ରଶ୍ନୋତ୍ତର

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. A.C ଓ D.C କହିଲେ କ'ଣ ବୁଝ ? D.C ଅପେକ୍ଷା A.C କାହିଁକି ଅଧିକ ଉପଯୋଗୀ ? A.C ଜେନେରେଟର ଓ D.C ଜେନେଟେରେଟ ମଧ୍ୟରେ ପାର୍ଥକ୍ୟ 12VW ର ଏକ ହିଟର ପାଇଁ 10A ଫ୍ୟୁଜ୍ ବ୍ୟବହୃତ ହୁଏ ଏବଂ 200V ବିଦ୍ୟୁତ୍ ବିଭାବାନ୍ତର ପରିପଥ ସହ ସଂଯୁକ୍ତ ହେଲେ ଫ୍ୟୁଜ୍ ତରଳିବ କି ନାହିଁ ବୁଝାଅ ।**

ଉ : i. A.C – ଯେଉଁ ବିଦ୍ୟୁତ୍ ଏକ ନିର୍ଦ୍ଦିଷ୍ଟ ଅନ୍ତରରେ ଦିଗ ବଦଳାଏ ତାହାକୁ ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ବା A.C କହନ୍ତି ।

ii. ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ବା A.C ଘରୋଇ ବ୍ୟବହାର ପାଇଁ ଅଧିକ ଉପଯୋଗୀ ଦୂର ସ୍ଥାନକୁ ଏ.ସି ପରିବହନରେ ଡି.ସି. ପରିବହନ ତୁଳନାରେ କମ୍ ଶକ୍ତି ନଷ୍ଟ ହୁଏ ।

**A.C ଜେନେରେଟର ଓ D.C ଜେନେରେଟର ମଧ୍ୟରେ ପାର୍ଥକ୍ୟ :**

i. A.C ଜେନେରେଟରରେ ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ଉତ୍ପନ୍ନ ହେଉଥିବା D.C ବେଳେ ଜେନେରେଟରରେ ସଳଖ ବିଦ୍ୟୁତ୍ ଉତ୍ପନ୍ନ ହୁଏ ।

ii. A.C ଜେନେରେଟରରେ ରିଙ୍ଗ ବଳୟ ବ୍ୟବହୃତ ହେଲା ବେଳେ, D.C ଜେନେରେଟରରେ ବିଖଣ୍ଡିତ ବଳୟ ବା କମ୍ୟୁଟେଟରରେ ବ୍ୟବହୃତ ହୁଏ ।

iii. A.C ଜେନେରେଟରରୁ ଉତ୍ପନ୍ନ ବିଦ୍ୟୁତ୍ ସ୍ରୋତ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦିଗ ପରିବର୍ତ୍ତନ କରୁଥିବା ବେଳେ D.C ଜେନେରେଟରରୁ ଉତ୍ପନ୍ନ ବିଦ୍ୟୁତ୍ ସ୍ରୋତରେ ଦିଗ ନିର୍ଦ୍ଦିଷ୍ଟ ଥାଏ ।

iv. ଦୂରସ୍ଥାନକୁ A.C ପରିବହନରେ D.C ଅପେକ୍ଷା କମ୍ ଶକ୍ତି ନଷ୍ଟ ହୁଏ ।

$P = 2KW = 200W_1$, $V=220V$

$P = VI$, $I = \frac{P}{V} = \frac{2000}{220} = 9.09\,A$

∴ ଫ୍ୟୁଜ୍‌ଟି ତରଳିବ ନାହିଁ ।

**୨. ଏକ ପରୀକ୍ଷା ମାଧ୍ୟମରେ ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ ସଂକ୍ଷେପରେ ବୁଝାଅ ।**



ଚିତ୍ର 9.1 ପରିବାହୀରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ କମ୍ପାସ୍ ସୂଚୀର ବିକ୍ଷେପ

(ପରିବାହୀରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ କମ୍ପାସ ସୂଚୀର ବିକ୍ଷେପ)

i. ଖଣ୍ଡିଏ ସଳଖ ମୋଟା ତମ୍ବାତାର ନେଇ ଗୋଟିଏ ବିଦ୍ୟୁତ୍ ପରିପଥର ଦୁଇ ବିନ୍ଦୁ x ଓ y ମଧ୍ୟରେ ରଖ । ଏହା କାଗଜର ପୃଷ୍ଠାତଳ ସହ ଲମ୍ବ ଭାବରେ ରହୁ ।

ii. କାଗଜ ଉପରେ ଗୋଟିଏ ଛୋଟ କମ୍ପାସ ତାର ପାଖାପାଖି ରଖି କମ୍ପାସ ସୂଚୀର ଅବସ୍ଥିତ ଲକ୍ଷ୍ୟ କରାଯାଉ ।

iii. ପରିପଥ ମୁଦିତ କରି ସେଥିରେ ବିଦ୍ୟୁତ୍ ପ୍ରବାହ କରାଯାଉ ।

**ପର୍ଯ୍ୟବେକ୍ଷଣ :** ପରିପଥରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ, କମ୍ପାସ ସୂଚୀ ବିକ୍ଷେପ ହେବ ।

**ସିଦ୍ଧାନ୍ତ :** ପରିପଥରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ସୂଚୀ ବିକ୍ଷେପିତ ହେଉଛି । ତମ୍ବା ତାରରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ତାହା ଚୁମ୍ବକ ଭଳି କାର୍ଯ୍ୟ କରୁଛି ।

# 4 ନମ୍ବର ସମ୍ଭୋଳିତ ପ୍ରଶ୍ନୋତ୍ତର

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

୧. **ଭୂ-ତାର କଣ ? ପରିପଥ ସଂଯୋଗ ପ୍ରଣାଳୀ କଣ ଲେଖ । ଫ୍ୟୁଜ୍ ଲଘୁପଥକ ଭେର ଲୋଡ କ'ଣ ବୁଝାଅ । ଏହା ଗୃହ ବିଦ୍ୟୁତ୍ ପରିପଥର ଚିତ୍ର ଅଙ୍କନ କର ।**

ଉ : **ଭୂ-ତାର :**

i. ଏହା ସବୁଜ ବର୍ଣ୍ଣର ବିଦ୍ୟୁତ୍ ରୋଧୀ ଦ୍ୱାରା ଆଚ୍ଛାଦିତ ।

ii. ଏହାର ଗୋଟିଏ ପ୍ରାନ୍ତ ଏକ ଧାତବ ଫଳକ ସହ ସଂଯୁକ୍ତ ହୋଇଥାଏ ଯାହା ଘର ବାହାରେ ମାଟିରେ ଗଭୀରରେ ପୋତି ଦିଆଯାଏ । ଅନ୍ୟ ପ୍ରାନ୍ତଟି ବିଦ୍ୟୁତ୍ ଉପକରଣ ଧାତବ ଖୋଳ ସହ ଯୋଡ଼ି ଦିଆଯାଏ ।

iii. ଯଦି କେତେବେଳେ ବିଦ୍ୟୁତ୍ ସ୍ରୋତ ଲିକ୍ କରି ଧାତବ ଗୋଟିକୁ ଚାଲି ଆସେ ତାହା ଭୂ-ତାର ଯୋଗେ ମାଟିକୁ ଚାଲିଯାଏ ଏବଂ ଧାତବ ଉପକରଣକୁ ଛୁଇଁଲେ ବିଦ୍ୟୁତ୍ ଆଘାତ ଲାଗେ ନାହିଁ । ଏହି କାରଣରୁ ବୈଦ୍ୟୁତିକ ଟୋଷ୍ଟର, ରେଫ୍ରିଜେରେଟର ଆଦି ଉପକରଣ ଧାତବ ଖୋଳକୁ ଭୂ-ତାର ସଂଲଗ୍ନ କରାଯାଇଥାଏ ।




**ପରିପଥ ସଂଯୋଗ ପ୍ରମାଣ :**

i. ପ୍ରତି ପରିପଥରେ ପୃଥକ୍ ଭାବେ ବିଭିନ୍ନ ବିଦ୍ୟୁତ୍ ଉପକରଣ ଲାଇଭ ଓ ନିଉଟ୍ରାଲ ତାର ମଧ୍ୟରେ ସଂଯୋଗ କରାଯାଏ ।

ii. ପ୍ରତି ଉପକରଣ ପାଇଁ ଏକ ସ୍ୱତନ୍ତ୍ର (ON/Off) ସୁଇଚ୍ ରହିଥାଏ । ଏହା ସାହାଯ୍ୟରେ ଉପକରଣକୁ ବିଦ୍ୟୁତ୍ ଯୋଗାଣ କରାଯାଏ ବା ବନ୍ଦ କରାଯାଏ ।

iii. ସବୁ ଉପକରଣ ପାଇଁ ସମାନ ବିଦ୍ୟୁତ୍ ବିଭବାନ୍ତର ରଖିବା ସକାଶେ ସେଗୁଡ଼ିକର ସମାନ୍ତରାଳ ସଂଯୋଗ କରାଯାଏ ।

୨. **ବୃତ୍ତକାର ପରିବାହୀରେ ବିଦ୍ୟୁତ୍ ସ୍ରୋତ ଜନିତ ଚୁମ୍ବକୀୟ କ୍ଷେତ୍ର କିପରି ସୃଷ୍ଟି ହୁଏ ବୁଝାଅ ।**

ଉ : i. ବୃତ୍ତାକାର ପରିବାହୀରେ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଲେ ଚୁମ୍ବକୀୟ କ୍ଷେତ୍ର ରେଖା ଗୁଡ଼ିକ ସମ କେନ୍ଦ୍ରିକ ବୃତ୍ତ ଆକାରର ହେବ ।

ii. ବଳ ରେଖା ଗୁଡ଼ିକ ଏକା ଦିଗରେ ବୃତ୍ତ ଆକାରରେ ଉର୍ଦ୍ଧ୍ୱମୁଖୀ ଅଟନ୍ତି ।




iii. ବୃତ୍ତାକାର ପରିବାହୀର କେନ୍ଦ୍ର ନିକଟରେ ଚୁମ୍ବକୀୟକ୍ଷେତ୍ରରେଖା ଗୁଡ଼ିକ ପ୍ରାୟ ସମାନ୍ତର ଓ ସଳଖ ।

iv. କୁଣ୍ଡଳୀ କେନ୍ଦ୍ରରେ ଚୁମ୍ବକୀୟ କ୍ଷେତ୍ର ରେଖା ଗୁଡ଼ିକ ସମତଳ କୁଣ୍ଡଳୀର ସମତଳ ପ୍ରତି ଲମ୍ବ ।

v. କୁଣ୍ଡଳୀରେ ବିଦ୍ୟୁତ୍ ସ୍ରୋତର ପରିମାଣ ବୃଦ୍ଧି ହେଲେ କିମ୍ବା

ଘେର ସଂଖ୍ୟା ବୃଦ୍ଧି ହେଲେ କୁଣ୍ଡଳୀରୁ ଚୁମ୍ବକୀୟ  କ୍ଷେତ୍ରର ସାମର୍ଥ୍ୟ ବଢ଼ିବ ।

vi. କୁଣ୍ଡଳୀର ବ୍ୟାସାର୍ଦ୍ଧ ବୃଦ୍ଧି ହେଲେ ଚୁମ୍ବକୀୟ କ୍ଷେତ୍ର ହ୍ରାସ ପାଏ ।

**୩. ଏକ ସରଳ ବୈଦ୍ୟୁତିକ ମୋଟରର ନାମାଙ୍କିତ ଚିତ୍ରକର ଓ ଏହାର କାର୍ଯ୍ୟ ପ୍ରଣାଳୀ ବୁଝାଅ ।**

**ଉ :** i. ବ୍ୟାଟେରୀରୁ ବିଦ୍ୟୁତ୍ ସ୍ରୋତ୍ ବ୍ରଶ X ମାଧ୍ୟମରେ କୁଣ୍ଡଳୀ ABCD ମଧ୍ୟରେ ପ୍ରବେଶ କରେ ଓ y ମାଧ୍ୟମରେ କୁଣ୍ଡଳୀ ମଧ୍ୟରୁ ପ୍ରସ୍ଥାନ କରିଥାଏ ।

ii. ବିଦ୍ୟୁତ୍ ସ୍ରୋତ ବାହୁ AB ରେ A ଓ B ଆଡ଼କୁ ଓ ବାହୁ CD ରେ C ଓ D ଆଡ଼କୁ ପ୍ରବାହିତ ହୋଇଥାଏ ।

iii. ଫ୍ଲେମିଂଙ୍କ ବାମ ହସ୍ତ ନିୟମ ଅନୁସାରେ AB ଉପରେ କାର୍ଯ୍ୟକାରୀ ହେଉଥିବା ବଳ ଏହାକୁ ତଳ ଆଡ଼କୁ ଠେଲୁଥିବା ବେଳେ CD ଉପରେ କାର୍ଯ୍ୟକାରୀ ହେଉଥିବା ବଳ ଏହାକୁ ଉପରକୁ ଠେଲିଥାଏ ।

iv. କୁଣ୍ଡଳୀ ଓ ଅଖ ଗୋଟିଏ ଅର୍ଦ୍ଧ ଘରିପଟେ ଘ[] କ[]ର ବିପରୀତ ଦିଗରେ ଘୂରି ଥାଏ ।

v. ଅର୍ଦ୍ଧଘୂର୍ଣ୍ଣନ ହେବା ପରେ Q ବ୍ରଶ x ସହ ଓ p ବ୍ରଶ y ସହ ଲାଗିବ ।




ଚିତ୍ର 9.15 ଏକ ସରଳ ବୈଦ୍ୟୁତିକ ମୋଟର

vi. ପ୍ରତି ଅର୍ଦ୍ଧ ଘୂର୍ଣ୍ଣନ ପରେ ବିଦ୍ୟୁତ୍ ସ୍ରୋତ ଦିଗ ବଦଳି ଚାଲିବ ଏବଂ କୁଣ୍ଡଳୀ ଓ ଅଖ ଘ[] କ[]ର ବିପରୀତ ଦିଗରେ ଅନବରତ ଘୂରି ଚାଲିବ ।

## 2 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

## ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. ଗୋଟିଏ ତାର କୁଣ୍ଡଳୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ କେଉଁ କେଉଁ ଉପାୟରେ ସୃଷ୍ଟି କରାଯାଇପାରିବ ବର୍ଣ୍ଣନା କର ।**

ଉ. i. ପରିବାହୀ ନିକଟରେ ଚୁମ୍ବକର ଗତି ଯୋଗୁଁ କିମ୍ବା ଚୁମ୍ବକ ନିକଟରେ ପରିବାହୀରୁ ଗତି ଯୋଗୁଁ ତାର କୁଣ୍ଡଳୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହୁଏ ।

ii. ପାଖାପାଖି ବିଦ୍ୟୁତ୍ ପ୍ରବାହିତ ହେଉଥିବା କୁଣ୍ଡଳୀ ଓ ବିଦ୍ୟୁତ୍ ପ୍ରବାହିତ ହେଉ ନ ଥିବା ତାର କୁଣ୍ଡଳୀ ଦ୍ୱୟ ମଧ୍ୟରୁ ଯେ କୌଣସି ଗୋଟିକରେ ଗତି କିମ୍ବା ନିକଟରେ ଥିବା ତାର କୁଣ୍ଡଳୀରେ ବିଦ୍ୟୁତ୍ ପ୍ରବାହିତ ପରିମାଣରେ ପରିବର୍ତ୍ତନ ହେଲେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହେବ ।

**୨. 200V ଓ 5A ରେଟିଂ ବିଶିଷ୍ଟ ଗୋଟିଏ ଗୃହ ପରିପଥରେ ଗୋଟିଏ 2KW ପାୱାର ରେଟିଂର ବିଦ୍ୟୁତ ଚୁଲ୍ଲୀ ଲଗାଯାଇଛି ଚୁଲ୍ଲୀକୁ ଚାଲୁ କଲେ କଣ ଘଟିପାରେ ବୋଲି ଭାବୁଛ ବୁଝାଅ ?**

ଉ. i. $I = \frac{P}{V} = \frac{2kw}{220v} = \frac{2000W}{220V} = 9.09\ A$

ii. ବିଦ୍ୟୁତ୍ ସ୍ରୋତ୍ କିନ୍ତୁ ବିଦ୍ୟୁତ୍ ଚୁଲା ତା ଠାରୁ (9. 09 A) ଯଥେଷ୍ଟ

ଅଧିକ ବିଦ୍ୟୁତ୍ ସ୍ରୋତ ବ୍ୟବହାର କରୁଛି । ତେଣୁ ଫ୍ୟୁଜ୍ ତରଳି ଯିବ ଓ ପରିପଥ ବିଚ୍ଛିନ୍ନ ହେବ ଏବଂ ବିଦ୍ୟୁତ୍ ଚୁଲ୍ଲୀ ସୁରକ୍ଷିତ ହେବ ।

**୩. ବୈଦ୍ୟୁତିକ ମୋଟର୍ ବ୍ୟବହାର କରୁଥିବା କିଛି ସାଧନର ନାମ ଲେଖ ।**

ଉ. ବିଦ୍ୟୁତ୍ ଚଳିତ ପଙ୍ଖା, ରେଫ୍ରିଜରେଟର୍, ମିକ୍ସର, ଲୁଗାଧୁଆ ଯନ୍ତ୍ର, କମ୍ପୁଟର, MP - 3 ପ୍ଲେୟାର, ପାଣି ପମ୍ପ, କୁଲର୍, ଶୀତତାପ ଯନ୍ତ୍ର, ଧାନକୁଟା କଳ ।

**୪. ଦୁଇଟି ବୃତ୍ତାକାର, କୁଣ୍ଡଳୀ A ଓ B ପାଖାପାଖି ରହିଛି । ଯଦି କୁଣ୍ଡଳୀ A ରେ ବିଦ୍ୟୁତ୍ ପ୍ରବାହ ବଦଳେ, କୁଣ୍ଡଳୀ B ରେ କିଛି ପ୍ରେରିତ ବିଦ୍ୟୁତ୍ ପ୍ରବାହ ହେବ କି ? କାରଣ ଦିଅ ।**

ଉ. i. ହଁ, ଯଦି କୁଣ୍ଡଳୀ A ରେ ବିଦ୍ୟୁତ୍ ପ୍ରବାହ ବଦଳେ ତେବେ କୁଣ୍ଡଳୀ B ରେ କିଛି ପ୍ରେରିତ ବିଦ୍ୟୁତ୍ ପ୍ରବାହ ହେବ ।

ii. କାରଣ ଆମେ ଜାଣୁ ସେ ଯଦି ବିଦ୍ୟୁତ୍ ପ୍ରବାହ ପରିବର୍ତ୍ତନ ହେବ, ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା ପରିବର୍ତ୍ତନ ହେବ । ତେଣୁ ଚୁମ୍ବକୀୟ କ୍ଷେତ୍ରର ରେଖା ପରିବର୍ତ୍ତନ ହେଲେ B ର ମଧ୍ୟ ଚୁମ୍ବକୀୟ କ୍ଷେତ୍ରର ରେଖା ପରିବର୍ତ୍ତନ ହେବ । A ରେ ବିଦ୍ୟୁତ୍ ପ୍ରବାହ ବଦଳିବ ଫଳରେ B ରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ହେବ ।

**୫. ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ କାହାକୁ କୁହାଯାଏ ?**

ଉ. i. ଗୋଟିଏ ପରିବାହୀ ସହ ସମ୍ପୃକ୍ତ ଚୁମ୍ବକୀୟ କ୍ଷେତ୍ରର ପରିବର୍ତ୍ତନ ହେଲେ ଅନ୍ୟ ଏକ ପରିବାହୀରେ ପ୍ରେରିତ ବିଦ୍ୟୁତ୍ ସ୍ରୋତ ସୃଷ୍ଟି ହୁଏ ।

ii. ଏହାକୁ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ କହନ୍ତି ।

**୬. ଫ୍ଲେମିଂଙ୍କ ବାମ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି କାହାର ଓ ତର୍ଜନୀ କାହାର ଦିଗ ସୂଚାଏ ?**

ଉ. i. ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ସୂଚାଏ ।

ii. ପରିବାହୀ ଉପରେ କାର୍ଯ୍ୟକାରୀ ହେଉଥିବା ବଳର ଦିଗ ବା ତାର ଗତିର ଦିଗ ବୃଦ୍ଧାଙ୍ଗୁଳି ଦ୍ୱାରା ନିର୍ଦ୍ଦେଶିତ ହେବ

**୭. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମ ଲେଖ ?**

ଉ. i. ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି, ତର୍ଜନୀ ଓ ମଧ୍ୟମାକୁ ଏପରି ଖୋଲି ରଖ ଯେପରିକି ସେ ଗୁଡ଼ିକ ପରସ୍ପର ପ୍ରତି ସମକୋଣରେ ରହିବେ ।

ii. ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ବୃଦ୍ଧାଙ୍ଗୁଳି ପରିବାହୀର ଗତିର ଦିଗ ନିର୍ଦ୍ଦେଶ କଲେ ମଧ୍ୟମା ପ୍ରେରିତ ବିଦ୍ୟୁତ୍ ପ୍ରବାହର ସୃଷ୍ଟିର ଦିଗ ନିର୍ଦ୍ଦେଶ କରିବେ ।

**୮. ବିଦ୍ୟୁତ୍ ଜେନେରେଟର୍‌ର କାହାକୁ କହନ୍ତି ଓ ଏହାର ମୂଳତତ୍ତ୍ୱ କ'ଣ ?**

ଉ i. ଯେଉଁ ଉପକରଣ ସାହାଯ୍ୟରେ ଯାନ୍ତ୍ରିକ ଶକ୍ତି ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ ହୁଏ, ତାକୁ ବିଦ୍ୟୁତ୍ ଜେନେରେଟର କହନ୍ତି ।

ii. ବିଦ୍ୟୁତ୍ ଜେନେରେଟର୍‌ରେ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ ଉପରେ ପର୍ଯ୍ୟବେଶିତ । ମୁଦିତ ତାର କୁଣ୍ଡଳୀକୁ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଘୁରାଇଲେ କ୍ଷେତ୍ର ରେଖାର ମାନ ପରିବର୍ତ୍ତନ ହୋଇ କୁଣ୍ଡଳୀ ମଧ୍ୟରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହୁଏ ।

**୯. ଏ.ସି. ଜେନେରେଟ୍‌ରର ଓ ଡି.ସି. ଜେନେରେଟ୍‌ରର କାହାକୁ କହନ୍ତି ?**

ଉ. i. ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ଉତ୍ପନ୍ନ କରୁଥିବା ଜେନେରେଟ୍‌ରରକୁ ଏ.ସି. ଜେନେରେଟ୍‌ରରେ କହନ୍ତି ।

ii. ଯେଉଁ ଜେନେରେଟ୍‌ର ସଳଖ ବିଦ୍ୟୁତ୍ ସ୍ରୋତ ଉତ୍ପନ୍ନ କରେ ସେହି ଜେନେରେଟ୍‌ରକୁ ଡି.ସି. ଜେନେରେଟ୍‌ର କହନ୍ତି ।

**୧୦. ମୁଖ୍ୟ ବିଦ୍ୟୁତ୍ ଯୋଗାଣ ତାର ଓ ଭୂ-ତାର କାହାକୁ କହନ୍ତି ?**

ଉ. i. ବିଦ୍ୟୁତ୍ ଖୁଣ୍ଟିରୁ ଝୁଲନ୍ତା ତାର ବା ମାଟି ତଳେ କେବଲ୍ ଦ୍ୱାରା ଯେଉଁ ଦୁଇଟି ତାର ଘରକୁ ଆସିଥାଏ । ତାହାକୁ ମୁଖ୍ୟ ବିଦ୍ୟୁତ୍ ଯୋଗାଣ ତାର କୁହାଯାଏ ।

ii. ଘରେ ଫ୍ୟୁଜ୍ ତାର ଓ ନିଉଟ୍ରାଲ ତାର ସାଙ୍ଗକୁ ବ୍ୟବହୃତ ହେଉଥିବା ତାରକୁ ଭୂ-ତାର କୁହାଯାଏ ।

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

## 4 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. ସଲେନଏଡ୍ କ'ଣ ? ଏହା କିପରି ଦଣ୍ଡ ଚୁମ୍ବକ ଭଳି କାର୍ଯ୍ୟ କରେ ?**

ଉ. i. ସଲେନଏଡ୍ ହେଉଛି ବିଦ୍ୟୁତ ରୋଧୀ ଆବରଣ ଯୁକ୍ତ ତମ୍ବାତାର ନିର୍ମିତ ବହୁ ବୃତ୍ତାକାର ଘେର ବିଶିଷ୍ଟ ଏକ କୁଣ୍ଡଳୀ ।

ii. ଦଣ୍ଡଚୁମ୍ବକ ଭଳି ସଲେନଏଡ୍‌ର ଉଭୟ ଦିଗ ଓ ଆକର୍ଷଣ ଅଛି । ଏହାର ଚୁମ୍ବକୀୟ କ୍ଷେତ୍ରରେଖା ଦଣ୍ଡଚୁମ୍ବକର କ୍ଷେତ୍ରରେଖା ସହ ସମାନ ।

iii. ସଲେନଏଡ୍‌ର ବାହାରେ ଚୁମ୍ବକୀୟ କ୍ଷେତ୍ରରେଖା ଉତ୍ତର ମେରୁରୁ ଦକ୍ଷିଣ ମେରୁ ଓ ସଲେନଏଡ୍ ମଧ୍ୟରେ ଦକ୍ଷିଣ ମେରୁରୁ ଉତ୍ତର ମେରୁକୁ ଗତି କରେ ।

iv. ଦଣ୍ଡ ଚୁମ୍ବକର ଉତ୍ତର ଓ ଦକ୍ଷିଣ ମେରୁ ଭଳି ସଲେନଏଡ୍‌ର ମଧ୍ୟ ଉତ୍ତର ଓ ଦକ୍ଷିଣ ମେରୁ ଅଛି ।

**୨. ବୈଦ୍ୟୁତିକ ମୋଟର କେଉଁ ନିୟମରେ କାର୍ଯ୍ୟ କରେ ? ଏହାର ଗଠନ ଆଲୋଚନା କର ?**

ଉ. i. ଯେତେବେଳେ ଏକ ବିଦ୍ୟୁତ୍ ପ୍ରବାହୀ ପରିବାହୀକୁ ଚୁମ୍ବକୀୟ କ୍ଷେତ୍ର ପ୍ରତି ସମକୋଣରେ ରଖାଯାଏ, ଉଭୟ ଚୁମ୍ବକୀୟ କ୍ଷେତ୍ର ଓ ବିଦ୍ୟୁତ୍ - ସ୍ରୋତ ପ୍ରତି ଲମ୍ବ ଭାବରେ ଥିବା ଏକ ବଳ ପରିବାହୀ ଉପରେ କ୍ରିୟାଶୀଳ ହେବା ଦ୍ୱାରା ପରିବାହୀଟି ଗତିଶୀଳ ହୁଏ ।

ii. ବୈଦ୍ୟୁତିକ ମୋଟର ମଧ୍ୟରେ ଏକ ଆୟତକାର ତାର କୁଣ୍ଡଳୀ ଥାଏ, ଯାହା ବିଦ୍ୟୁତ୍ ରୋଧୀରେ ଆଚ୍ଛାଦିତ ହୋଇଥିବା ତମ୍ବା ତାରରୁ ତିଆରି ହୋଇଥାଏ ।

iii. ଗୋଟିଏ ଚୁମ୍ବକର ଦୁଇଟି ମେରୁ (N ଓ S) ମଧ୍ୟରେ କୁଣ୍ଡଳୀକୁ ଏମିତି ରଖାଯାଏ ଯେ ଏହାର ଦୁଇବାହୁ ଚୁମ୍ବକୀୟ କ୍ଷେତ୍ର ପ୍ରତି ଲମ୍ବ ହୁଏ ଏବଂ କୁଣ୍ଡଳୀର ଦୁଇ ପ୍ରାନ୍ତକୁ ଗୋଟିଏ ବିଖଣ୍ଡିତ ବଳୟର ଦୁଇ ଅର୍ଦ୍ଧାଂଶ ସହ ସଂଯୁକ୍ତ କରାଯାଇଥାଏ ।

iv. ଦୁଇ ଅର୍ଦ୍ଧାଂଶର ଭିତର ପଟ ବିଦ୍ୟୁତ୍ ରୋଧୀ ଓ ଏହା ଗୋଟିଏ ଅଖ ସହ ଲାଗିଥାଏ । ଦୁଇ ଅର୍ଦ୍ଧାଂଶର ବାହାର ପଟ ବିଦ୍ୟୁତ୍ ସୁପରିବାହୀ ଏବଂ ଏଗୁଡ଼ିକ ଦୁଇଟି ସ୍ଥିର ଓ ସୁପରିବାହୀ ବ୍ରଶ୍‌କୁ ସ୍ପର୍ଶ କରିଥାଏ ।

## 3 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. ବିଦ୍ୟୁତ୍ ମୋଟର ଓ ପଙ୍ଖା ନିର୍ମାଣରେ ଫ୍ଲେମିଂଙ୍କ କେଉଁ ନିୟମ ବ୍ୟବହାର କରାଯାଏ ଲେଖି ନିୟମ ଗୁଡ଼ିକୁ ଦର୍ଶାଅ ।**

**ଉ.** i. ବିଦ୍ୟୁତ୍ ମୋଟର ଓ ପଙ୍ଖା ନିର୍ମାଣରେ ଫ୍ଲେମିଂଙ୍କ ବାମ ହସ୍ତ ନିୟମ ବ୍ୟବହାର କରାଯାଏ ।

ii. ବାମହସ୍ତର ବୃଦ୍ଧାଙ୍ଗୁଳି, ତର୍ଜନୀ ଓ ମଧ୍ୟମାକୁ ଏପରି ଖୋଲି ରଖ ଯେପରି ସେମାନେ ପରସ୍ପର ପ୍ରତି ଲମ୍ବ ହେବେ ।

iii. ଯଦି ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ମଧ୍ୟମା ବିଦ୍ୟୁତ୍ ସ୍ରୋତର ଦିଗ ସୂଚାଏ ତେବେ ପରିବାହୀ ଉପରେ କାର୍ଯ୍ୟକାରୀ ଦେଉଥିବା ବଳର ଦିଗ ବା ପରିବାହୀ ଗତିର ଦିଗ ବୃଦ୍ଧାଙ୍ଗୁଳି ଦ୍ୱାରା ନିର୍ଦ୍ଦେଶିତ ହୁଏ ।

**୨. ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ବିଦ୍ୟୁତ୍ ସ୍ରୋତର ଧାରୀ ପରିବାହୀ ଉପରେ କେଉଁ ବଳ କାର୍ଯ୍ୟକାରୀ ହୁଏ ଓ ଏହାର ଦିଗ ପାଇଁ କେଉଁ କେଉଁ କାରକ ଉପରେ ନିର୍ଭର କରେ ?**

ଉ. i. ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେଲେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ । ଏହି ପରିବାହୀ ଉପରେ ଚୁମ୍ବକୀୟ କ୍ଷେତ୍ର ଜନିତ ବଳ କାର୍ଯ୍ୟକାରୀ ହୁଏ ।

ii. ବିଦ୍ୟୁତ୍ ସ୍ରେତାର ଦିଗ ବଳର ଦିଗ ନିର୍ଣ୍ଣୟ କରେ । ବିଦ୍ୟୁତ୍ ସ୍ରୋତର ଦିଗ ବିପରୀତ ହେଲେ ବଳର ଦିଗ ମଧ୍ୟ ବିପରୀତ ହୁଏ ।

iii. ବିଦ୍ୟୁତ୍ ସ୍ରୋତର ଦିଗ ଚୁମ୍ବକୀୟ କ୍ଷେତ୍ରର ଦିଗ ପ୍ରତି ଲମ୍ବ ହେଲେ ପରିବାହୀରେ ସର୍ବାଧିକ ବଳ କାର୍ଯ୍ୟକାରୀ ହୁଏ ।

**୩. ବୈଦ୍ୟୁତିକ ବଳ ଓ ଚୁମ୍ବକୀୟ ବଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

ଉ :

| **ବୈଦ୍ୟୁତିକ ବଳ** | **ଚୁମ୍ବକୀୟ ବଳ** |
|---|---|
| i. ଏହା ସ୍ଥିରାବସ୍ଥା କିମ୍ବା ଗତିଶୀଳ ଅବସ୍ଥାର ଥିବା ଚାର୍ଜିତ କଣିକା ଉପରେ କ୍ରିୟାଶୀଳ ହୁଏ । | i. ଚାର୍ଜିତ କଣିକା ଚୁମ୍ବକୀୟ କ୍ଷେତ୍ରରେ ଗତିଶୀଳ ହେବା ବେଳେ ଚୁମ୍ବକୀୟ ବଳ କ୍ରିୟାଶୀଳ ହୁଏ । |
| ii. ଏହା ବୈଦ୍ୟୁତିକ ରେଖା ଗୁଡ଼ିକ ପ୍ରତି ସମାନ୍ତର କିମ୍ବା ଅସମାନ୍ତର ହୋଇଥାଏ । | ii. ଏହା ଚୁମ୍ବକୀୟ ରେଖା ଗୁଡ଼ିକ ପ୍ରତି ଲମ୍ବ । |
| iii. ଏହି ବଳର ପରିମାଣ ଚୁମ୍ବକୀୟ ବଳ ତୁଳନାରେ ଅତି ଅଧିକ । | iii. ଏହି ବଳର ପରିମାଣ ବୈଦ୍ୟୁତିକ ବଳ ତୁଳନାରେ କମ୍ ଖୁବ୍ । |

**୪. ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମଟି କ'ଣ ବୁଝାଅ ।**

ଉ. i. ଏକ ବିଦ୍ୟୁତ୍ ପ୍ରବାହୀ ଚୁମ୍ବକୀୟ କ୍ଷେତ୍ର ତାରକୁ ଡାହାଣ ହାତରେ ଏପରି ମୁଠାଇ ଧରାଯାଉ ସେହପରି ବୁଦ୍ଧାଙ୍ଗୁଳି ବିଦ୍ୟୁତ୍ ପ୍ରବାହ ଦିଗରେ ତାର ସହ ସମାନ୍ତର ହୋଇ ରହିବ ଏବଂ ଅନ୍ୟ ଆଙ୍ଗୁଳି ଗୁଡ଼ିକ ତାର ଚାରିପଟେ ଘେରି ହୋଇ ରହିବ ।



ଚିତ୍ର 9.7 ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ

ii. ବୃଦ୍ଧାଙ୍ଗୁଳି ବିଦ୍ୟୁତ୍ ପ୍ରବାହ ଦିଗରେ ରହିଲେ ଆଙ୍ଗୁଳି ଗୁଡ଼ିକର ଟିପ ଚୁମ୍ବକୀୟ କ୍ଷେତ୍ରର ଦିଗ ନିର୍ଦ୍ଦେଶ କରିବ ।

**୫. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମ ବୁଝାଅ । ଏହାର ଉପଯୋଗିତା ଉଲ୍ଲେଖ କର ।**

ଉ. i. କୁଣ୍ଡଳୀର ଗତିର ଦିଗ ଚୁମ୍ବକୀୟ କ୍ଷେତ୍ରର ଦିଗ ପ୍ରତି ଲମ୍ବ ହେଲେ ପ୍ରେରିତ ବିଦ୍ୟୁତ୍ ସ୍ରୋତରର ପରିମାଣ ସବୁଠାରୁ ଅଧିକ ହୁଏ । ଏ କ୍ଷେତ୍ରରେ ପ୍ରେରିତ ବିଦ୍ୟୁତ୍ ସ୍ରୋତର ଦିଗ ଜାଣିବା ପାଇଁ ଫ୍ଲେମିଂଙ୍କ ଦକ୍ଷିଣହସ୍ତ ନିୟମ ବ୍ୟବହୃତ ହୁଏ ।




ii. ଦକ୍ଷିଣହସ୍ତର ବୃଦ୍ଧାଙ୍ଗୁଳି ତର୍ଜନୀ ଓ ମାଧମାକୁ ଏପରି ଖୋଲି ରଖାଯାଉ ଯେପରି ପରସ୍ପର ପ୍ରତି ସମକୋଣରେ ରହିବେ ।

iii. ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ନିର୍ଦ୍ଦେଶ କଲେ ମଧ୍ୟମା ପ୍ରେରିତ ବିଦ୍ୟୁତ୍ ପ୍ରବାହର ଦିଗ ନିର୍ଦ୍ଦେଶ କରିବେ ।

**ଉପଯୋଗିତା :** ଏହି ନିୟମାନୁଯାୟୀ ବିଦ୍ୟୁତ୍ ଜେନେରେଟର କାର୍ଯ୍ୟ ପ୍ରଣାଳୀ ଆଧାରିତ ।

**୬. ଗୋଟିଏ ସଲେନଏଡ୍‌ରେ ବିଦ୍ୟୁତ୍ ସ୍ରୋତ ଜନିତ ଚୁମ୍ବକୀୟ କ୍ଷେତ୍ର କିପରି ସୃଷ୍ଟି ହୁଏ ବର୍ଣ୍ଣନା କର ।**

**ଉ.** i. ସଲେନ୍ଏଡ୍ ହେଉଛି ବିଦ୍ୟୁତରୋଧ 4 ଆବରଣ ଯୁକ୍ତ ତମ୍ବାତାର ନିର୍ମିତ ବହୁ ବୃତ୍ତାକାର ଘେର ବିଶିଷ୍ଟ ଏକ କୁଣ୍ଡଳୀ ଏବଂ ଏହାର ଭିତରପଟେ ସବୁଠାରେ ଚୁମ୍ବକୀୟ କ୍ଷେତ୍ରର ପରିମାଣ ଓ ଦିଗ ସମାନ ।

ii. ସଲେନଏଡ୍‌ରେ ବିଦ୍ୟୁତ ପ୍ରବାହିତ ହେଲେ ଏହା ଏକ ଦଣ୍ଡ ଚୁମ୍ବକ ପରି କାର୍ଯ୍ୟ କରେ । ଏହାର ଗୋଟିଏ ପ୍ରାନ୍ତ ଚୁମ୍ବକୀୟ ଉତ୍ତର ମେରୁ ଓ ଅନ୍ୟ ପ୍ରାନ୍ତ ଦକ୍ଷିଣ ମେରୁ ପରି ଆଚରଣ କରେ ।

iii. ସଲେନଏଡ୍‌ରେ ବିଦ୍ୟୁତ୍‌ର ପରିମାଣ କିମ୍ବା ଘେର ସଂଖ୍ୟା ବୃଦ୍ଧି ପାଇଲେ ଏହାର ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା ବୃଦ୍ଧିପାଏ ଏବଂ ଏହା ଭିତରେ ଏକ ନରମ ଲୁହା ରଖିଲେ ଏହାର ଚୁମ୍ବକୀୟ କ୍ଷେତ୍ର ଶକ୍ତିଶାଳୀ ହୋଇଥାଏ ।

**୭. ବୈଦ୍ୟୁତିକ ଉପକରଣ ଗୁଡ଼ିକର ପଙ୍‌କ୍ତି ସଂଯୋଗର ଥିବା ତିନୋଟି ଅସୁବିଧା ଲେଖ ।**

**ଉ.** i. ପଙ୍କ୍ତି ସଂଯୋଗରେ ପରିପଥରେ ସଂଯୁକ୍ତ ପ୍ରତ୍ୟେକ ଉପକରଣରେ ସେମାନଙ୍କ ପ୍ରତିରୋଧ ଅନୁଯାୟୀ ଭୋଲଟେଜ୍ ବିଭାଜିତ ହୁଏ । ଫଳରେ ପ୍ରତ୍ୟେକ ଉପକରଣ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଭୋଲଟେଜ୍ ପାଇ ନଥାନ୍ତି ।

ii. ପରିପଥରେ ସଂଯୁକ୍ତ ଗୋଟିଏ ଉପକରଣ ଅଚଳ ହେଲେ ପରିପଥଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଏ ।

iii. ପରିପଥରେ କୌଣସି ଉପକରଣକୁ ସ୍ୱତନ୍ତ୍ର ଭାବରେ ବ୍ୟବହାର କରାଯାଇପାରିବ ନାହିଁ ।

**୮. ଏକ ବୃତ୍ତାକାର ତାର କୁଣ୍ଡଳୀରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ପ୍ରକୃତି ବୁଝାଅ ।**

**ଉ.** i. ତାର କୁଣ୍ଡଳୀର ନିକଟରେ କ୍ଷେତ୍ର ରେଖା ଗୁଡ଼ିକ ପ୍ରାୟତଃ ଏକ କୈନ୍ଦ୍ରିୟ ବୃତ୍ତ ପରି ଓ କୁଣ୍ଡଳୀର କେନ୍ଦ୍ର ଠାରେ ସେମାନେ ସରଳରେଖା ପରି ଓ ପରସ୍ପର ସମାନ୍ତର ।

ii. କୁଣ୍ଡଳୀର ଭିତର ଅଂଶରେ କ୍ଷେତ୍ର ରେଖା ଗୁଡ଼ିକର ଦିଗ ସମାନ ହେଇଥାଏ । କୁଣ୍ଡଳୀର କେନ୍ଦ୍ର ଠାରେ କ୍ଷେତ୍ର ରେଖା ଗୁଡ଼ିକ କୁଣ୍ଡଳୀର ପୃଷ୍ଠ ପ୍ରତି ଲମ୍ବ ଅଟନ୍ତି ।

iii. କୁଣ୍ଡଳୀର କେନ୍ଦ୍ର ଆଡ଼କୁ ଗଲେ ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା କ୍ରମଶଃ ବୃଦ୍ଧି ପାଏ ।

**୯.	ବିଦ୍ୟୁତ୍ ଚୁମ୍ବକ ଓ ସ୍ଥାୟୀ ଚୁମ୍ବକ ମଧ୍ୟରେ ତିନୋଟି ପାର୍ଥକ୍ୟ ଲେଖ ?**

**ଉ.	ବିଦ୍ୟୁତ୍ ଚୁମ୍ବକ :**

i. ବିଦ୍ୟୁତ୍ ସ୍ରୋତ ବନ୍ଦ ହେଲେ ବିଦ୍ୟୁତ୍ ଚୁମ୍ବକର ଚୁମ୍ବକତ୍ୱ ଲୋପ ପାଏ ଅର୍ଥାତ୍ ଏହା ଏକ ଅସ୍ଥାୟୀ ଚୁମ୍ବକ ।

ii. ବିଦ୍ୟୁତ୍ ସ୍ରୋତର ପରିମାଣ ବାଘେର ସଂଖ୍ୟାକୁ ବୃଦ୍ଧି କିମ୍ବା ହ୍ରାସ କଲେ ଚୁମ୍ବକୀୟ ସାମର୍ଥ୍ୟ ବୃଦ୍ଧି ବା ହ୍ରାସ ହୁଏ ଅର୍ଥାତ୍ ବିଦ୍ୟୁତ୍ ଚୁମ୍ବକର ସାର୍ମଥ୍ୟ ବଦଳା ଯାଇପାରେ ।

iii. ବିଦ୍ୟୁତ୍ ସ୍ରୋତର ଦିଗ ବଦଳିଲେ ଚୁମ୍ବକୀୟ କ୍ଷେତ୍ରର ଦିଗ ମଧ୍ୟ ବଦଳେ ଅର୍ଥାତ୍ ବିଦ୍ୟୁତ୍ ସ୍ରୋତର ଦିଗ ବଦଳାଇ ବିଦ୍ୟୁତ୍ ଚୁମ୍ବକୀୟ ମେରୁ ପରିବର୍ତ୍ତନ କରାଯାଇପାରେ ।

**ସ୍ଥାୟୀ ଚୁମ୍ବକ :**

i. ଏହାର ଚୁମ୍ବକତ୍ୱ ଲୋପ ପାଏ ନାହିଁ ।

ii. ଏହାର ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ପରିବର୍ତ୍ତନ କରାଯାଇପାରେ ନାହିଁ ।

iii. ଏହାର ମେରୁ ପରିବର୍ତ୍ତନ କରିପାରିବ ନାହିଁ ।

--xxx--

# MODEL QUESTIONS
## Set-1

୧. କେଉଁ ପ୍ରକ୍ରିୟାଟିକୁ ବୁଝାଇବା ପାଇଁ ଆଲୋକକୁ ଏକ ତରଙ୍ଗ ବୋଲି କଳ୍ପନା କରାଗଲା ?
(କ) ପ୍ରତିଫଳନ (ଖ) ପ୍ରତିସରଣ
(ଗ) ବିକିର୍ଣ୍ଣନ (ଘ) ପ୍ରକୀର୍ଣ୍ଣନ

୨. ଆଧୁନିକ ପର୍ଯ୍ୟାୟ ସାରଣୀରେ ଏକ ଏଲୁମିନିୟମ୍ ସ୍ଥାନରେ କେଉଁ ମୌଳିକଟି ସ୍ଥାନିତ ?
(କ) Sc (ଖ) Ga
(ଗ) Ge (ଘ) Si

୩. ଚୁମ୍ବକୀୟ କ୍ଷେତ୍ର ପରି ଲମ୍ବ ଭାବରେ ଥିବା ଏକ ସଳଖ ପରିବାହୀରେ ବିଦ୍ୟୁତ୍ ସ୍ରୋତଜନିତ ବଳର ଦିଗ ନିର୍ଣ୍ଣୟ କରିବା ପାଇଁ କେଉଁ ନିୟମଟି ବ୍ୟବହାର ହୁଏ ?
(କ) ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମ
(ଖ) ଫ୍ଲେମିଙ୍ଗ ବାମହସ୍ତ ନିୟମ
(ଗ) ଏ ଫ୍ଲେମିଙ୍ଗ ଦକ୍ଷିଣହସ୍ତ ନିୟମ
(ଘ) ବାମହସ୍ତ ବୃଦ୍ଧାଙ୍ଗୁଳି ନିୟମ

୪. ନିମ୍ନୋକ୍ତ ରାସାୟନିକ ପ୍ରତିକ୍ରିୟାଟି କେଉଁ ପ୍ରକାର ପ୍ରତିକ୍ରିୟା
$Pb + CuCl2 \rightarrow PbCl2 + Cu$
(କ) ପ୍ରଶମନୀକରଣ (ଖ) ବିସ୍ଥାପନ
(ଗ) ସଂଶ୍ଳେଷଣ (ଘ) ଦ୍ୱୈତ୍ୟ ବିସ୍ଥାପନ

୫. ନିମ୍ନୋକ୍ତ ପରମାଣୁଗୁଡ଼ିକ ମଧ୍ୟରୁ କେଉଁଟିର ଆକାର କ୍ଷୁଦ୍ରତମ ?
(କ) F (ଖ) Na
(ଗ) C (ଘ) Cl

୬. କେଉଁ ଗୁଣ ପାଇଁ ବିଦ୍ୟୁତ୍ ପରିପଥରେ ଏକ ପଦାର୍ଥକୁ ଫ୍ୟୁଜ ତାର ରୂପେ ବ୍ୟବହାର କରାଯାଏ ?
(କ) ଉଚ୍ଚ ଗଳନାଙ୍କ (ଖ) ଉଚ୍ଚ ତନ୍ୟତା
(ଗ) ସର୍ବନିମ୍ନ ପ୍ରତିରୋଧତା
(ଘ) ନିମ୍ନ ଗଳନାଙ୍କ

୭. ଗୋଟିଏ ମୌଳିକର K ଓ L କକ୍ଷ ପୂର୍ଣ୍ଣ ହୋଇ M କକ୍ଷରେ ୨ଟି ଇଲେକ୍ଟ୍ରନ୍ ରହିଛି । ଆଧୁନିକ ପର୍ଯ୍ୟାୟ ସାରଣୀରେ ସେହି ମୌଳିକର ଠିକ୍ ଉପରେ କେଉଁ ମୌଳିକଟି ସ୍ଥାନିତ ?
(କ) ସୋଡିୟମ୍ (ଖ) ଲିଥିୟମ୍
(ଗ) ବେରିୟମ (ଘ) କାଲସିୟମ୍

୮. 100 ଓମ୍ ପ୍ରତିରୋଧ ବିଶିଷ୍ଟ ଏକ ପରିବାହୀର ଦୁଇ ପ୍ରାନ୍ତକୁ 20V ବିଭବାନ୍ତରରେ ରଖାଯାଇଛି । ସେଥିରେ ଏକ ସେକେଣ୍ଡରେ କେତୋଟି ଇଲେକ୍ଟ୍ରନ୍ ପ୍ରବାହିତ ହେବ ?
(କ) 6·25×10˚ 18 (ଖ) 1·25× 10*18
(ଗ) 1·25×10*16 (ଘ) 6·25×10*17

୯. ଏକ ମୌଳିକର ପରମାଣୁର ନ୍ୟୁକ୍ଲିୟସରୁ ଗୋଟିଏ ନ୍ୟୁଟ୍ରନ୍ କାଢ଼ି ନିଆଗଲେ ତାହାର କ'ଣ ବଦଳିଥାଏ ?
(କ) ପରମାଣୁ କ୍ରମାଙ୍କ (ଖ) ବସ୍ତୁତ୍ୱ ସଂଖ୍ୟା
(ଗ) ନ୍ୟୁକ୍ଲିୟ ଚାର୍ଜ (ଘ) ଏ ସମସ୍ତ

୧୦. କେଉଁଟିର ଜଳୀୟ ଦ୍ରବଣର pH ମୂଲ୍ୟ 7 ହୋଇପାରେ ?
(କ) ସୋଡ଼ିୟମ୍ ସଲ୍‌ଫାଇଡ
(ଖ) ପୋଟାସିୟମ୍ କ୍ଲୋରାଇଡ୍
(ଗ) ପୋଟାସିୟମ୍ ନାଇଟ୍ରାଇଟ୍
(ଘ) ସୋଡିୟମ୍ କାର୍ବୋନେଟ୍

୧୧. ଏକ ଧାତବ ତାରର ପ୍ରଶ୍ନଚ୍ଛେଦର କ୍ଷେତ୍ରଫଳ 4 × 10* – 8m * 2 ଏବଂ ବିଶିଷ୍ଟ ପ୍ରତିରୋଧ 10 × 10 – 8 ମାଇକ୍ରୋ ମିଟର ଅଟେ । ତାରଟିର ପ୍ରତିରୋଧ 25 ଓମ୍ ହୋଇଥିଲେ ଏହାର ଦୈର୍ଘ୍ୟ କେତେ ହେବ ?
(କ) 2 m (ଖ) 5m
(ଗ) 10m (ଘ) 20m

୧୨. ସମୀପ ଦୃଷ୍ଟି ଥିବା ବ୍ୟକ୍ତି 20 cm ଫୋକସ ଦୂରତା ବିଶିଷ୍ଟ ଲେନ୍ସ ବ୍ୟବହାର କରି ବସ୍ତୁଗୁଡ଼ିକୁ ସ୍ପଷ୍ଟ ଭାବେ ଦେଖି ପାରନ୍ତି । ଡାୟୋପ୍ଟର ଏକକରେ ସେହି ଲେନ୍ସର ପାୱାର କେତେ ?
(କ) –5·0 (ଖ) –0·5
(ଗ) +0·5 (ଘ) +5·0

୧୩. କେଉଁଟି ଭିନ୍ନ ଶ୍ରେଣୀଭୁକ୍ତ ରାସାୟନିକ ଯୌଗିକ ?
(କ) କଷ୍ଟିକ୍ ସୋଡ଼ା (ଖ) ବେକିଙ୍ଗ୍ ସୋଡ଼ା
(ଗ) ଖାଇବା ସୋଡ଼ା (ଘ) ଧୋଇବା ସୋଡ଼ା

୧୪. 1·5 ପ୍ରତିସରଣାଙ୍କ ବିଶିଷ୍ଟ ଏକ ମାଧ୍ୟମରେ ଆଲୋକର ବେଗ 2×10*8 m/s ଅଟେ । 2·5 ପ୍ରତିସାରଣାଙ୍କ ବିଶିଷ୍ଟ ଏକ ମାଧ୍ୟମରେ ସେହି ଆଲୋକର ବେଗ କେତେ ?

(କ) 1·8×10*8 m/s
(ଖ) 1·2×10*8 m/s
(ଗ) 1·5×10*8 m/s
(ଘ) 2·2×10*8 m/s

୧୫. ନିମ୍ନୋକ୍ତ ଧାତୁମାନଙ୍କ ମଧ୍ୟରୁ କେଉଁଟି ମୁକ୍ତ ଭାବରେ ପ୍ରକୃତିରେ ମିଳିଥାଏ ?
(କ) Fe (ଖ) Zn
(ଗ) Mg (ଘ) Fe

୧୬. କେଉଁ ସକ୍ରିୟ ଗ୍ରୁପରେ କାର୍ବନ ପରମାଣୁ ନଥାଏ ?
(କ) ଆଲକହଲ (ଖ) ଆଲଡିହାଇଡ
(ଗ) କିଟୋନ୍ (ଘ) କାର୍ବୋଲିକ୍ ଏସିଡ୍

୧୭. ନିମ୍ନୋକ୍ତ ଲବଣମାନଙ୍କ ମଧ୍ୟରୁ କେଉଁଟିରେ ସ୍ଫଟିକ ଜଳ ଅଣୁସଂଖ୍ୟା ସର୍ବାଧିକ ?
(କ) କପର ସଲ୍ଫେଟ୍ (ଖ) ଧୋଇବା ସୋଡ଼ା
(ଗ) ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍
(ଘ) ଜିପ୍‌ସମ୍

୧୮. ନିମ୍ନୋକ୍ତ ଲବଣଗୁଡ଼ିକ ମଧ୍ୟରୁ କେଉଁଟିର ଜଳୀୟ ଦ୍ରବଣର ମୂଲ୍ୟ 7 ରୁ ଅଧିକ ?
(କ) ସୋଡ଼ିୟମ୍ କ୍ଲୋରାଇଡ୍
(ଖ) ପୋଟାସିୟମ୍ ନାଇଟ୍ରେଟ୍
(ଗ) ଏଲୁମିନିୟମ୍ କ୍ଲୋରାଇଡ୍
(ଘ) ସୋଡିୟମ୍ ଏସିଟେଟ୍

୧୯. ଅମ୍ଳରାଜରେ ଗାଢ଼ ହାଇଡ୍ରୋକ୍ଲୋରିକ୍ ଏସିଡ୍ ଏବଂ ଗାଢ଼ ନାଇଟ୍ରିକ୍ ଏସିଡ୍‌ର ଆୟତନର ଅନୁପାତ
(କ) 2 : 3 (ଖ) 1 : 3
(ଗ) 3 : 1 (ଘ) 3 : 2

୨୦. ଆଲକାଇନ୍ ଶ୍ରେଣୀର ତୃତୀୟ ଯୌଗିକରେ କାର୍ବନ–କାର୍ବନ ମଧ୍ୟରେ କେତୋଟି ସହ ସଂଯୋଜୀ ବନ୍ଧ ରହିଛି ?
(କ) 4 (ଖ) 3
(ଗ) 5 (ଘ) 6

୨୧. 5D ପାୱାର ବିଶିଷ୍ଟ ଏକ ଲେନ୍ସ ସମ୍ମୁଖର 30 em ଦୂରତାରେ ବସ୍ତୁଟିଏ ରଖାଗଲେ ବସ୍ତୁଠାରୁ କେତେ ଦୂରତାରେ ତା'ର ପ୍ରତିବିମ୍ବ ସୃଷ୍ଟି ହେବ ?
(କ) 30 cm (ଖ) 60 cm
(ଗ) 90 cm (ଘ) 120 cm

୨୨. ଗୋଟିଏ ବିଦ୍ୟୁତ୍ ସ୍ରୋତଧାରୀ ଦୀର୍ଘ ଓ ସଳଖ ସୋଲେନଏଡ୍‌ର ଭିତର ଅଂଶରେ ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା :
(କ) ଶୂନ ଅଟେ
(ଖ) ପ୍ରାନ୍ତ ଆଡ଼କୁ କ୍ରମଶଃ କମିଯାଏ
(ଗ) ପର୍ଶ
(ଘ) ପ୍ରାନ୍ତ ଆନକୁ କ୍ରମଶଃ ବଢ଼ିଯାଏ

୨୩. ଆଲୋକର କେଉଁ ପରି ଘଟଣା ଯୋଗୁଁ ନିର୍ମଳ ଆକାଶର ରଙ୍ଗ ନୀଳ ଦେଖାଯାଏ ?
(କ) ପ୍ରତିସରଣ (ଖ) ପ୍ରକୀର୍ତ୍ତନ
(ଗ) ପ୍ରତିଫଳନ (ଘ) ବିକ୍ଷୁରଣ

୨୪. ମେଣ୍ଡେଲ୍‌ଙ୍କ ଦ୍ୱିସଙ୍କରଣ ପରୀକ୍ଷଣରେ F, ପିଢ଼ିରେ କେତେ ପ୍ରକାର ଦୃଶ୍ୟରୂପ ମିଳିଥାଏ ?
(କ) 1 (ଖ) 2
(ଗ) 3 (ଘ) 4

୨୫. 220V ଲାଇନ୍‌ରେ ଏକ 2kW ବୈଦ୍ୟୁତିକ ଉପକରଣ ବ୍ୟବହାର ହେଉଥିଲେ ଏଥିରେ କେତେ ରେଟିଂର ଫ୍ୟୁଜ୍ ତାର ବ୍ୟବହାର କରାଯିବା ଉଚିତ୍ ?
(କ) 2A (ଖ) 3A
(ଗ) 5A (ଘ) 10A

**Subjective : Part-II**

**Full Mark = 25**

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । [4×2=8

(କ) ଆଲୋକର ପ୍ରକୀର୍ଣ୍ଣନ କ'ଣ ? ଏକ ଚିତ୍ର ସାହାଯ୍ୟରେ ବୁଝାଅ । ଏଥିରୁ କ'ଣ ତଥ୍ୟ ମିଳେ ?

କିମ୍ବା, ଚାରୋଟି ରେଜିଷ୍ଟରର ପ୍ରତିରୋଧ ଯଥାକ୍ରମେ 0·5, 1·5, 2·5 ଓ 3·5 । ଏଗୁଡ଼ିକ ଏକ ବିଦ୍ୟୁତ୍ ପରିପଥରେ 4V ବ୍ୟାଟେରୀ ସହ ସଂଯୁକ୍ତ । ସେଲ୍‌ରୁ ନେଉଥିବା ବିଦ୍ୟୁତ୍ ସ୍ରୋତର ପରିମାଣ କଳନା କର ।

(ଖ) ପେଣ୍ଟେନ୍‌ର ଅଣୁ ସଂକେତ ଏବଂ ଗ୍ରାଫିକ୍ ସଙ୍କେତ ଲେଖ ।

କିମ୍ବା, ହେବେନ୍‌ର ଅଣୁ ସଙ୍କେତ ଏବଂ ଗ୍ରାଫିକ୍ ସଙ୍କେତ ଲେଖ ।

(ଗ) ଗୃହ ବିଦ୍ୟୁତ୍ ପରିପଥରେ କୁଣ୍ଡଳୀ ଲଘୁପର୍ଥନ କ'ଣ ଓ ଓଭରଲୋଡ଼ିଂ କ'ଣ ବୁଝାଅ ।

କିମ୍ବା, ବିଦ୍ୟୁତ୍ ବିଭବ ପାର୍ଥକ୍ୟ କ'ଣ ବୁଝାଅ ।

(ଘ) ଲେନ୍ସର ପାୱାର କ'ଣ ? ଏହାର ଏକକ କ'ଣ ? କେନ୍ସ ସମୂହର ମୋଟ ପାୱାର ସୂତ୍ରଟି ଲେଖ ।

କିମ୍ବା, AC ଜେନେରେଟର ଠାରୁ DC ଜେନେରେଟର ପୃଥକ୍ କିପରି ବୁଝାଅ ।

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । [3×3=9

(କ) ଏକ ବୈଦ୍ୟୁତିକ ଜେନେରେଟରର କେବଳ ନାମାଙ୍କିତ ଚିତ୍ର ଅଙ୍କନ କର ।

କିମ୍ବା, ଏକ ବୈଦ୍ୟୁତିକ ଜେନେରେଟରର କେବଳ ନାମାଙ୍କିତ ଚିତ୍ର ଅଙ୍କନ କର ।

(ଖ) ଦୂର ଦୃଷ୍ଟିକୋଣ କ'ଣ ? ଏହାର କାରଣ ଲେଖ । ଏହି ଦୋଷ କିପରି ସଂଶୋଧନ କରାଯାଇଥାଏ ।

କିମ୍ବା, ସମୀପ ଦୃଷ୍ଟିକୋଣ କ'ଣ ? ଏହାର କାରଣ ଲେଖ । ଏହି ଦୋଷ କିପରି ସଂଶୋଧନ କରାଯାଇଥାଏ ?

(ଗ) ସଳଖ ଚ୍ରେନ୍ ଯୁକ୍ତ ଏବଂ ଅଯୁକ୍ତ ହାଇଡ୍ରୋକାର୍ବନ୍ କ'ଣ ? ପ୍ରତ୍ୟେକ ଗ୍ରାଫିକ୍ ସଙ୍କେତ ସହ ଉଦାହରଣ ନେଇ ବୁଝାଅ ।

କିମ୍ବା, ଡଟ୍ ଓ କ୍ରସ୍ ଇଲେକ୍ଟ୍ରନ ସଂରଚନା ସହ ଗୋଟିଏ ଉଦାହରଣ ଦେଇ ସହ-ସଂଯୋଜୀ ଯୌଗିକ କିପରି ଗଠିତ ହୁଏ ବୁଝାଅ ।

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । [2×4=8

(କ) ଓମ୍‌ଙ୍କ ପରୀକ୍ଷା ବର୍ଣ୍ଣନା କରି ବିଦ୍ୟୁତ୍ ସ୍ରୋତ, ବିଦ୍ୟୁତ୍ ବିଭବ ପାର୍ଥକ୍ୟ ବିଦ୍ୟୁତ ପ୍ରତିରୋଧ ମଧ୍ୟରେ ଏକ ଗାଣିତିକ ସମ୍ପର୍କ ସ୍ଥାପନ କର ।

କିମ୍ବା, ବିଦ୍ୟୁତ୍ ତାପନ ସମ୍ବନ୍ଧୀୟ H = FRt ସୂତ୍ରଟି ନିଗମନ କର ।

(ଖ) ମେଣ୍ଡେଲିଫଙ୍କ ଦ୍ୱାରା ପ୍ରଣୀତ 'ମୌଳିକଗୁଡ଼ିକର ପର୍ଯ୍ୟାୟ ନିୟମ' ଉଲ୍ଲେଖ କର । ପ୍ରତ୍ୟେକ ପାଇଁ ଦେଇ ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀର ଦୁଇଟି ତ୍ରୁଟି ଏବଂ ଦୁଇଟି ସଫଳତା ଆଲୋଚନା କର ।

କିମ୍ବା, ରାସାୟନିକ ସମୀକରଣ ସହ ପ୍ରତ୍ୟେକର ଗୋଟିଏ ଲେଖାଏଁ ଉଦାହରଣ ଦେଇ କାଲସିନେସନ କ'ଣ ଓ ରୋଷ୍ଟିଂ କଣ ବୁଝାଅ । ଏହି ଦୁଇ ପ୍ରକ୍ରିୟାରୁ ଉପଲବ୍ଧ ଉତ୍ପାଦଗୁଡ଼ିକରୁ ବିଶୁଦ୍ଧ ଧାତୁ କିପରି ନିଷ୍କାସନ କରାଯାଏ ତାହାର ପଦ୍ଧତିଗୁଡ଼ିକ ବର୍ଣ୍ଣନା କର ।

## SET-2

୧. ପ୍ରତିକ୍ରିୟାଶୀଳତା ଅନୁଯାୟୀ କେଉଁ କ୍ରମଟି ଠିକ୍ ?

(କ) Al > Zn > Mg > Fe

(ଖ) Mg > Al > Zn > Fe

(ଖ) Zn > Fe > Mg > Al

(ଘ) Fe > Mg > Al > Zn

୨. ଉଚ୍ଚ ପ୍ରତିକ୍ରିୟାଶୀଳ ଧାତୁଗୁଡ଼ିକୁ ସାଧାରଣତଃ କେଉଁ ପଦ୍ଧତି ଦ୍ୱାରା ନିଷ୍କାସନ କରାଯାଇଥାଏ ?

(କ) ସଂକ୍ଷାରଣ (ଖ) କାଲ୍‌ସିନେସନ୍

(ଗ) ରୋଷ୍ଟିଂ

(ଘ) ବୈଦ୍ୟୁତିକ ବିଶ୍ଳେଷଣ

୩. ଏକ ବ୍ୟୁଟେନ୍ ଅଣୁରେ ମୋଟ କେତୋଟି ହାଇଡ୍ରୋଜେନ୍ ପରମାଣୁ ଅଛି ?

(କ) 6 (ଖ) 8

(ଗ) 10 (ଘ) 12

୪. – C – OH, ଏହା କେଉଁ ସକ୍ରିୟ ଗ୍ରୁପ୍‌ର ସଙ୍କେତ ?

(କ) ଆଲ୍‌ଡିହାଇଡ୍ (ଖ) ଆଲ୍‌କହଲ୍

(ଗ) କାର୍ବୋକ୍‌ସିଲିକ୍ ଏସିଡ୍

(ଘ) କିଟୋନ୍

୫. କେଉଁ ଗ୍ରାଫିକ୍ ସଙ୍କେତରେ ଏକ ବନ୍ଧ ସହ ଦ୍ୱି-ବନ୍ଧ ଅଛି ?

(କ) ସାଇକ୍ଲୋହେକ୍ସନ୍ (ଖ) ବେଞ୍ଜିନ୍

(ଗ) ଇଥେନ୍ (ଘ) ଇଥାଇନ୍

୬. କିଏ ପରମାଣୁ କ୍ରମାଙ୍କର ଧାରଣା ଦେଇଥିଲେ ?

(କ) ଡୁବେରିନ୍‌ର (ଖ) ମୋସ୍‌ଲୀ

(ଗ) ନିଉଲାଣ୍ଡ (ଘ) ମେଣ୍ଡେଲିଫ୍

୭. ଆଧୁନିକ ପର୍ଯ୍ୟାୟସାରଣୀର କେଉଁ ପର୍ଯ୍ୟାୟରେ ସର୍ବନିମ୍ନ ସଂଖ୍ୟକ ମୌଳିକ ଅଛି ?

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

୮. ପଛପାଖର ବସ୍ତୁକୁ ଦେଖିବା ପାଇଁ ମଟରଯାନଗୁଡ଼ିକରେ କେଉଁ ପ୍ରକାର ଦର୍ପଣ ବ୍ୟବହାର କରାଯାଇଥାଏ ?

(କ) ସମତଳ (ଖ) ଅବତଳ

(ଗ) ଉତ୍ତଳ (ଘ) ଏ ସମସ୍ତ

୯. ଇଂରାଜୀ ବଡ଼ ଅକ୍ଷରମାଳାର ପ୍ରଥମ ଆଠଟି ଅକ୍ଷର ମଧ୍ୟରୁ କେତୋଟି ଅକ୍ଷରର ସମତଳ ଦର୍ପଣ ଜନିତ ପ୍ରତିବିମ୍ବ ଏକା ଅଟେ ?

(କ) ଏକ (ଖ) ଦୁଇ

(ଗ) ତିନି (ଘ) ଚାରି

୧୦. ଅବତଳ ଦର୍ପଣ ସମ୍ମୁଖର କେଉଁଠାରେ ବସ୍ତୁ ରଖିଲେ ଆଭାସୀ ପ୍ରତିବିମ୍ବ ସୃଷ୍ଟି ହୁଏ ?

(କ) P ଓ F ମଧ୍ୟରେ (ଖ) C ଓ F ମଧ୍ୟରେ
(ଗ) F ଠାରେ (ଘ) C ଠାରେ

୧୧. କେଉଁ ମାଧ୍ୟମରେ ଆଲୋକର ବେଗ ସର୍ବାଧିକ ଅଟେ ?
(କ) ଶୂନ୍ୟ (ଖ) ବରଫ
(ଗ) ଜଳ (ଘ) କାଚ

୧୨. 25 cm ଫୋକସ୍ ଦୂରତା ବିଶିଷ୍ଟ ଏକ ଉତ୍ତଳ ଲେନ୍ସର ପାୱାର କେତେ ?
(କ) 4D (ଖ) 2D
(ଗ) –4D (ଘ) –2D

୧୩. ମାନବ ଚକ୍ଷୁର ମୁକୁରିକା ଉପରେ ସୃଷ୍ଟି ହେଉଥିବା ପ୍ରତିବିମ୍ବର କେଉଁ ପ୍ରକୃତିଟି ଠିକ୍ ନୁହେଁ ?
(କ) ବାସ୍ତବ (ଖ) କ୍ଷୁଦ୍ର
(ଗ) ସଳଖ (ଘ) ଓଲଟା

୧୪. ବିଦ୍ୟୁତ୍ ପରିପଥରେ ସମାନ୍ତରାଳ ଭାବେ ସଂଯୁକ୍ତ ହୋଇଥିବା ତିନୋଟି ପ୍ରତିରୋଧଗୁଡ଼ିକର ସମୂହ ପ୍ରତିରୋଧ ନିର୍ଣ୍ଣୟ ପାଇଁ ସୂତ୍ରଟି ହେଉଛି :

(କ) $\frac{1}{R} = \frac{1}{R_1} + \frac{1}{R_2} + \frac{1}{R_3}$

(ଖ) $R = \frac{1}{R_1} + \frac{1}{R_2} + \frac{1}{R_3}$

(ଗ) $R = R_1 + R_2 + R_3$

(ଘ) $\frac{1}{R} = R_1 + R_2 + R_3$

୧୫. ମାନବ ଚକ୍ଷୁର କେଉଁ ଅଂଶଦ୍ୱାରା ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ନିୟନ୍ତ୍ରିତ ହୁଏ ?
(କ) ସିଲିଆରୀ ମାଂସପେଶୀ
(ଖ) ସ୍ୱଚ୍ଛ ଝିଲ୍ଲୀ
(ଗ) ସ୍ୱଚ୍ଛ ପଟଳ (ଘ) ମୁକୁରିକା

୧୬. 500W ର ଏକ ବିଦ୍ୟୁତ୍ ହିଟର୍ 3 ଘଣ୍ଟା ବ୍ୟବହୃତ ହେଲେ ଯେଉଁ ପରିମାଣର ବିଦ୍ୟୁତ୍ ଶକ୍ତି ବ୍ୟୟିତ ହେବ, 60 W ର 5ଟି ବିଦ୍ୟୁତ୍ ବଲ୍ବ ଏକକାଳୀନ କେତେ ଘଣ୍ଟା ଜଳିଲେ ସେହି ପରିମାଣର ବିଦ୍ୟୁତ୍ ଶକ୍ତି ବ୍ୟୟିତ ହେବ ?
(କ) 3 (ଖ) 4
(ଗ) 5 (ଘ) 6

୧୭. 20 cm ଫୋକସ୍ ଦୂରତା ବିଶିଷ୍ଟ ଏକ ଅବତଳ ଦର୍ପଣ ସମ୍ମୁଖରେ 40cm ଦୂରତାରେ ବସ୍ତୁଟି ରଖିଲେ ଦର୍ପଣଠାରୁ କେତେ ଦୂରରେ ପ୍ରତିବିମ୍ବ ସୃଷ୍ଟି ହେବ ?
(କ) 20cm (ଖ) 30cm
(ଗ) 40cm (ଘ) 60cm

୧୮. ପ୍ରତ୍ୟେକ ଏକ ଓମ୍ ବିଶିଷ୍ଟ ତିନୋଟି ପ୍ରତିରୋଧକୁ ପରିପଥରେ ଥରେ ସମାନ୍ତରାଳ ଭାବେ ସଂଯୋଗ କରାଗଲା ଏବଂ ଆଉ ଥରେ ସେହି ପ୍ରତିରୋଧଗୁଡ଼ିକୁ ସେହି ପରିପଥରେ ପଦ୍‌କ୍ତିରେ ସଂଯୋଗ କରାଗଲା । ଏହି ଦୁଇ କ୍ଷେତ୍ରରେ ଲବ୍ଧ ସମତୁଲ୍ୟ ପ୍ରତିରୋଧର ଅନ୍ତରଫଳ କେତେ ଓମ୍ ଅଟେ ?

(କ) ଶୂନ୍ (ଖ) $\frac{1}{3}$

(ଗ) $\frac{2}{3}$ (ଘ) $\frac{8}{3}$

୧୯. କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ଶ୍ରେଣୀଭୁକ୍ତ ?
(କ) ଚୂନପଥର (ଖ) କଳିଚୂନ
(ଗ) ମାର୍ବଲ (ଘ) ଚକ୍

୨୦. ଦୁଇଟି ଲେନ୍ସର ପାୱାର ଯଥାକ୍ରମେ 5D ଓ –3D । ଉକ୍ତ ଦୁଇ ଲେନ୍ସର ସମାହାରର ଫୋକସ୍ ଦୂରତା କେତେ ହେବ ?
(କ) 20 cm (ଖ) 30 cm
(ଗ) 40 cm (ଘ) 50 cm

୨୧. କେଉଁ ରାସାୟନିକ ପ୍ରତିକ୍ରିୟାରେ ଅବକ୍ଷେପ ସୃଷ୍ଟି ହୁଏ ନାହିଁ ?
(କ) $Ca(OH)_2 + CO_2$
(ଖ) $BaCl_2 + H_2SO_4$
(ଗ) $NaCl + AgNO_3$
(ଘ) $NaOH + H_2SO_4$

୨୨. କେଉଁଟି ଦୁର୍ବଳ ଅମ୍ଳ ଏବଂ ଦୁର୍ବଳ କ୍ଷାରକର ଲବଣ ଅଟେ ?
(କ) ଏମୋନିଆ କ୍ଲୋରାଇଡ୍
(ଖ) ଏମୋନିୟମ୍ କାର୍ବୋନେଟ୍
(ଗ) ଏମୋନିୟମ୍ ସଲ୍ଫେଟ୍
(ଘ) ଏମୋନିୟମ୍ ନାଇଟ୍ରେଟ୍

୨୩. ବିଦ୍ୟୁତ୍ ପରିପଥରେ କେଉଁଟି ବିଦ୍ୟୁତ୍‌ସ୍ରୋତର ଦିଗ ପରିବର୍ତ୍ତନ ପାଇଁ ବ୍ୟବହୃତ ହୁଏ ?

(କ) ଏମିଟର୍ (ଖ) ଭୋଲ୍ଟମିଟର୍
(ଗ) କମ୍ପ୍ୟୁଟେଟର (ଘ) ଗାଲ୍ଭାନୋମିଟର

୨୪. କେଉଁଟି ବିଦ୍ୟୁତ୍ ପରିପଥରେ ସମାନ୍ତରାଳଭାବେ ସଂଯୋଗ କରାଯାଏ ?
(କ) (ଖ)
(ଗ) (ଘ)

୨୫. କେଉଁଟି ସଳଖ ଚେନ୍ ହାଇଡ୍ରୋକାର୍ବନ୍ ନୁହେଁ ?
(କ) $C_7H_{12}$ (ଖ) $C_7H_{14}$
(ଖ) $C_7H_{16}$ (ଘ) 61 61 61

**Subjective : Part-II**

**Full Mark = 25**

୧.(କ)ଏକ ସରଳ ପରୀକ୍ଷଣ ମାଧ୍ୟମରେ ବେରୟିମ୍ କ୍ଲୋରାଇଡ୍‌ର ଦ୍ରବଣରେ ସୋଡିୟମ୍ ସଲଫେଟ୍‌ର ଦ୍ରବଣ ମିଶାଇଲେ କ'ଣ ହୁଏ ବୁଝାଅ ? ଏହା କେଉଁ ପ୍ରକାରର ପ୍ରତିକ୍ରିୟା ? ଏହାର ଆଉ ଏକ ଉଦାହରଣ ଦିଅ ।[4

କିମ୍ବା, କ୍ଲୋରଆଲ୍‌କାଲି ପଦ୍ଧତିରୁ ମିଳୁଥିବା ଉତ୍ପାଦଗୁଡ଼ିକର ବ୍ୟବହାର ଗୁଡ଼ିକ ଲେଖ ।

(ଖ) କାର୍ବନ କାହିଁକି କେବଳ ସହସଂଯୋଜକ ବନ୍ଧ ଗଠନ କରେ କାରଣ ସହ ଲେଖ ? [4

କିମ୍ବା, ଆୟନିକ ଯୌଗିକଗୁଡ଼ିକର ଭୌତିକ ଧର୍ମଗୁଡ଼ିକୁ ଲେଖ । ଏମାନେ କାହିଁକି କଠିନ ଅବସ୍ଥାରେ ମିଳନ୍ତି ?

୨. (କ) ଏକ ପରିବାହୀରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ଏକ ଚୁମ୍ବକୀୟକ୍ଷେତ୍ର ସୃଷ୍ଟି ହୁଏ । ଏକ ସରଳ ପରୀକ୍ଷଣ ମାଧ୍ୟମରେ ଏହାକୁ ପ୍ରମାଣ କର । ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ କାହା ଉପରେ ନିର୍ଭର କରେ ? [3

କିମ୍ବା, ଓମ୍‌ଙ୍କ ନିୟମ ଲେଖି ଏହାର ଗାଣିତିକ ବ୍ୟାଖ୍ୟା କର । V.I.R. ପରସ୍ପର କିପରି ସମ୍ପର୍କିତ ବୁଝାଅ ।

(ଖ) ପରିବାହୀର ବିଶିଷ୍ଟ ପ୍ରତିରୋଧ ପାଇଁ ଏକ ସୂତ୍ର ନିଗମନ କର । ବିଶିଷ୍ଟ ପ୍ରତିରୋଧ କେଉଁ କାରକ ଉପରେ ନିର୍ଭର କରେ ଓ ଏହାର ଏକକ କ'ଣ ? [3

କିମ୍ବା, ଏମିଟର ଓ ଭୋଲ୍ଟମିଟର ମଧ୍ୟରେ ଥିବା ୩ ଗୋଟିଏ ପାର୍ଥକ୍ୟ ଲେଖ ?

(ଗ) ୧୫ ସେ.ମି. ଫୋକସ୍ ଦୂରତା ବିଶିଷ୍ଟ ଅଭିସାରୀ ଲେନ୍ସଠାରୁ ୨୫ ସେ.ମି. ଦୂରରେ ଏକ ୫ ସେମି. ଦୈର୍ଘ୍ୟର ବସ୍ତୁ ରହିଛି । ରଶ୍ମି ଚିତ୍ର ଅଙ୍କନ କରି ପ୍ରତିବିମ୍ବକୁ ଦେଖାଅ । [3

କିମ୍ବା, ଦୁଇଟି ପରିବାହୀ ତାର A ଓ B ଏକା ଧାତୁରେ ନିର୍ମିତ, କିନ୍ତୁ ଭିନ୍ନ ଭିନ୍ନ ପ୍ରସ୍ଥଚ୍ଛେଦ ବିଶିଷ୍ଟ । ସେମାନଙ୍କର ପ୍ରତିରୋଧିତା ଓ ପ୍ରତିରୋଧ ବିଷୟରେ ତୁମେ କ'ଣ କହିପାରିବ ? ଯଦି A ର ପ୍ରତିରୋଧ B ର 4 ଗୁଣ ହୁଏ, ତେବେ ସେମାନଙ୍କର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ଓ ବ୍ୟାସାର୍ଦ୍ଧର ଅନୁପାତ ନିର୍ଣ୍ଣୟ କର ।

୩.(କ) ଏଥିନ ଅଣୁର ସଙ୍କେତ ଏବଂ ଇଲେକ୍ଟ୍ରନ ଡଟ୍ ସଂରଚନା ଚିତ୍ର ପ୍ରଦାନ କର । [2

କିମ୍ବା, ରନ୍ଧନ ପାତ୍ରମାନ ଏଲୁମିନିୟମ୍‌ରେ କାହିଁକି ପ୍ରସ୍ତୁତ ହୁଏ ?

(ଖ) କେଉଁଟି ଅଧିକ ବିଦ୍ୟୁତ୍ ଶକ୍ତି ବ୍ୟୟ କରିବ ଯଦି 250W ର T.V. ସେଟ୍ 1 ଘଣ୍ଟା ପାଇଁ ଏବଂ 1200 W ର ଟୋଷ୍ଟର 10 ମିନିଟ୍ ପାଇଁ ଚାଲେ ? [2

କିମ୍ବା, ସଂଯାରଣ ପ୍ରତିରୋଧ ପାଇଁ ମିଶ୍ରଧାତୁ କାହିଁକି ଉପଯୋଗୀ ବୁଝାଅ ।

(ଗ) ଚକ୍ଷୁର ସମାୟୋଜନ କ୍ଷମତା କ'ଣ ? ଏହାର କିପରି ହୋଇଥାଏ ? [2

କିମ୍ବା, $H^+$ (aq) ଆୟନଗୁଡ଼ିକର ଗାଢ଼ତା ଦ୍ରବଣର ପ୍ରକୃତି ଉପରେ କି ପ୍ରଭାବ ପକାଇଥାଏ, ବୁଝାଅ ।

(ଘ) ସଢ଼ାବସ୍ଥା କ'ଣ ? ଏହାର ନିବାରଣ ପାଇଁ କ'ଣ କରାଯାଏ ? [2

କିମ୍ବା, ଆଲକାଲି କାହାକୁ କୁହାଯାଏ ? ଏହାର ପ୍ରକୃତି କ'ଣ ?

## SET-3

୧. ଚକ୍ଷୁ ଦ୍ୱାରା ସୃଷ୍ଟି ଓଲଟା ପ୍ରତିବିମ୍ବକୁ ସଳଖ ଭାବରେ ଦେଖିବା ପାଇଁ କିଏ ସହାୟକ ହୁଏ ?
(କ) ମୁକୁରିକା (ଖ) ମସ୍ତିଷ୍କ
(ଗ) କନୀନିକା (ଘ) କାଚଭରସ

୨. ପ୍ରିଜିମ୍ କେଉଁ ପ୍ରକ୍ରିୟାଦ୍ୱାରା ବର୍ଣ୍ଣାଳୀ ସୃଷ୍ଟି କରେ ?
(କ) ପୂର୍ଣ୍ଣଗଠନ (ଖ) ପ୍ରତିସରଣ
(ଗ) ପ୍ରକୀର୍ଣ୍ଣନ (ଘ) ପ୍ରତିଫଳନ

୩. କେଉଁ ବାୟୁ ସବୁଠାରୁ କମ୍ ସାନ୍ଦ୍ରତା ବିଶିଷ୍ଟ ?
(କ) ଉତପ୍ତ (ଖ) ଥଣ୍ଡା
(ଗ) ନିର୍ମଳ (ଘ) ଦୂଷିତ

୪. ପ୍ରତିରୋଧିତାକୁ କେଉଁ ଅକ୍ଷର ଦ୍ୱାରା ଲେଖାଯାଏ ?
(କ) (ଖ) A
(ଗ) A (ଘ) {

୫. ଲଘୁପଥନରେ ବିଦ୍ୟୁତ୍ ପ୍ରବାହର ପରିମାଣ କିପରି ବଢ଼ିଥାଏ ?

(କ) ଧିରେ ଧିରେ
(ଖ) ପ୍ରଥମେ ଧୀର ତା'ପରେ ଦ୍ରୁତ
(ଗ) ହଠାତ୍
(ଘ) ପ୍ରଥମେ ଦ୍ରୁତ ତା'ପରେ ଧୀର

୬. ବାୟୁ ଶୀତକ କରେ କେତେ ରେଟିଂର ପରିପଥ ବ୍ୟବହାର କରାଯାଏ ?
(କ) 5A (ଖ) 25A
(ଗ) 10A (ଘ) 15A

୭. ଚାର୍ଜର ଆନ୍ତର୍ଜାତିକ ମାନକ ଏକକ ହେଉଛି–
(କ) V (ଖ) A
(ଗ) t (ଘ) C

୮. କେଉଁ ମୌଳିକର ଅକ୍ସାଇଡ୍ କ୍ଷାରୀୟ କିମ୍ବା ଅମ୍ଳୀୟ ନୁହେଁ ?
(କ) ମ୍ୟାଗ୍ନେସିୟମ (ଖ) କାର୍ବନ
(ଗ) ବେରିଲିୟମ୍ (ଘ) ହାଇଡ୍ରୋଜେନ୍

୯. $CuSO_4 + xNaOH \rightarrow Cu(OH)_2 + Na_2SO_4$: ଏହି ସମୀକରଣରେ xର ମାନ କେତେ ?
(କ) 1 (ଖ) 2
(ଗ) 3 (ଘ) 4

୧୦. ସକ୍ରିୟତା କ୍ରମରେ କେଉଁ ଧାତୁ ହାଇଡ୍ରୋଜେନ୍‌ର ଉର୍ଦ୍ଧ୍ୱ ରେ ଥାଏ ?
(କ) Ag (ଖ) Hg
(ଗ) Fe (ଘ) Au

୧୧. 4ଟି ହାଇଡ୍ରୋଜେନ୍ ପରମାଣୁ ଥିବା ଆଲ୍‌କାଇନ୍‌ର ଆଣବିକ ସଂକେତ କ'ଣ ହେବ ?
(କ) $CH_4$ (ଖ) $C_2H_4$
(ଗ) $C_3H_4$ (ଘ) $C_4H_4$

୧୨. ଲବଣ କେତୋଟି ଅଂଶକୁ ନେଇ ଗଠିତ ?
(କ) 1 (ଖ) 2
(ଗ) 3 (ଘ) 4

୧୩. ବିଦ୍ୟୁତ୍ ଋଣାତ୍ମକତା ହ୍ରାସ କ୍ରମ ଅନୁଯାୟୀ ନିମ୍ନରୁ କେଉଁ କ୍ରମଟି ଠିକ୍ ?
(କ) $O < N < F$ (ଖ) $B < N < F$
(ଗ) $B < F < N$ (ଘ) $F < N < O$

୧୪. ଚୂନ ଓ ଜଳ ମଧ୍ୟରେ ଘଟୁଥିବା ପ୍ରତିକ୍ରିୟାର ବୈଶିଷ୍ଟ୍ୟ ହେଉଛି
(କ) ହାଇଡ୍ରୋଜେନ୍ ଗ୍ୟାସ୍‌ର ନିର୍ଗମନ
(ଖ) ଶମିତଚୂନର ଅବକ୍ଷେପ ଗଠନ
(ଗ) ମିଶ୍ରଣର ତାପମାତ୍ରାରେ ପରିବର୍ତ୍ତନ
(ଘ) ଉତ୍ପାଦର ରଙ୍ଗରେ ପରିବର୍ତ୍ତନ

୧୫. ଏକ ଏଲୁମିନିୟମ୍ ଅକ୍ସାଇଡ୍‌ର ସଠିକ୍ ସଙ୍କେତ କ'ଣ ?
(କ) $EaO_3$ (ଖ) $Ea_1O_2$
(ଗ) $Ea_2O_3$ (ଘ) EaO

୧୬. ପ୍ରିଜିମ୍‌ଦେଇ ଗଲାବେଳେ କେଉଁ ବର୍ଣ୍ଣର ଆଲୋକର ସର୍ବାଧିକ ବିଚ୍ୟୁତି ଘଟିଥାଏ ?
(କ) ନୀଳ (ଖ) ଘନନୀଳ
(ଗ) ଲାଲ୍ (ଘ) ନାରଙ୍ଗୀ

୧୭. ଏକ ଉତ୍ତଳ ଲେନ୍‌ସଦ୍ୱାରା ବର୍ଦ୍ଧନ -3 ପାଇବାକୁ ହେଲେ ବସ୍ତୁଟି କେଉଁଠାରେ ରହିବା ଆବଶ୍ୟକ ?
(କ) O ଓ F ମଧ୍ୟରେ (ଖ) F ଓ 2F ମଧ୍ୟରେ
(ଗ) 2F ଠାରେ (ଘ) 2F ବାହାରେ

୧୮. ପୃଥିବୀର ଚୁମ୍ବକୀୟ କ୍ଷେତ୍ରର ଆକୃତି କାହା ସହ ସଦୃଶ ଅଟେ ?
(କ) U ଆକୃତି ଚୁମ୍ବକ
(ଖ) ବିଦ୍ୟୁତ୍‌ପ୍ରବାହୀ ସଳଖ ତାର
(ଗ) ବିଦ୍ୟୁତ୍‌ପ୍ରବାହୀ ବୃତ୍ତାକାର କୁଣ୍ଡଳୀ
(ଘ) ଦଣ୍ଡଚୁମ୍ବକ

୧୯. ବ୍ଲିଚିଂ ପାଉଡର ପ୍ରସ୍ତୁତିରେ ପ୍ରସ୍ତୁତିରେ କେଉଁଟି ଆବଶ୍ୟକ ହୁଏ ?
(କ) $NaHCO_3$ (ଖ) $Na_2CO_3$
(ଗ) $Ca(OH)_2$ (ଘ) NaOH

୨୦. ଗୋଟିଏ ଦ୍ୱିବନ୍ଧ ଥିବା 100 କାର୍ବନ ପରମାଣୁ ବିଶିଷ୍ଟ ହାଇଡ୍ରୋକାର୍ବନ୍ ଅଣୁରେ କେତୋଟି ହାଇଡ୍ରୋଲେନ୍ ପରମାଣୁ ଥାଏ ?
(କ) 200 (ଖ) 198
(ଗ) 202 (ଘ) 196

୨୧. ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀରେ କେଉଁ ମୌଳିକ ପରବର୍ତ୍ତୀ ସମୟରେ ସ୍ଥାନ ପାଇଲା ?
(କ) Be (ଖ) Si
(ଗ) Ge (ଘ) Se

୨୨. ଏକ ଅପସାରୀ ଲେନ୍‌ସର ଫୋକସ୍ ଦୈର୍ଘ୍ୟ 0·10m ହେଲେ ଏହାର ପାୱାର କେତେ ?
(କ) +10·0D (ଖ) +1·0D
(ଗ) –1·0D (ଘ) –10·0D

୨୩. ଏକ ବିଦ୍ୟୁତ୍ ଉପକରଣର ପ୍ରତିରୋଧ 25Ω । ଏହା 230V ବିଦ୍ୟୁତ୍ ଯୋଗାଣସହ ସଂଯୁକ୍ତ ହେଲେ, ଏଥିରେ କେତେ ବିଦ୍ୟୁତ୍ ପ୍ରବାହିତ ହେବ ?

(କ) 0·92 A (ଖ) 2·9 A

(ଗ) 9·2 A (ଘ) 92 A

୨୪. ଏକ ଟର୍ଚ୍ଚର ଅବତଳ ପ୍ରତିଫଳକରେ ବଲ୍‌ବଟି କେଉଁଠାରେ ରହିଥାଏ ?

(କ) ପ୍ରତିଫଳକର ପୋଲ ଓ ଫୋକସ୍ ମଧରେ

(ଖ) ପ୍ରତିଫଳକର ଫୋକସ୍‌ଠାରେ

(ଗ) ପ୍ରତିଫଳକର ଫୋକସ୍ ଓ ବକ୍ରତା କେନ୍ଦ୍ର ମଧରେ

(ଘ) ପ୍ରତିଫଳକର ବକ୍ରତା କେନ୍ଦ୍ରଠାରେ

୨୫. ଏକ ଅଭିସାରୀ ଲେନ୍ସର ଫୋକସ୍ ବିନ୍ଦୁଠାରେ ଏକ କ୍ଷୁଦ୍ର ବଲ୍‌ବ ଅବସ୍ଥିତ । ଯେତେବେଳେ ବଲ୍‌ବର ସୁଇଚ୍ ଟିପାଯାଏ, ଲେନ୍ସଦ୍ୱାରା କ'ଣ ସୃଷ୍ଟି ହେବ ?

(କ) ଅଭିସାରୀ ଆଲୋକ ଗୁଚ୍ଛ

(ଖ) ଅପସାରୀ ଆଲୋକ ଗୁଚ୍ଛ

(ଗ) ସମାନ୍ତର ଆଲୋକ ଗୁଚ୍ଛ

(ଘ) ରଙ୍ଗିନ୍ ଆଲୋକ ଗୁଚ୍ଛ

**Subjective : Part-II**

**Full Mark = 25**

୧.(କ) ସୋଡ଼ିୟମ୍, ଅକ୍ସିଜେନ୍ ଏବଂ ମାଗ୍ନେସିୟମ୍ – ପ୍ରତ୍ୟେକର ଇଲେକ୍ଟ୍ରନ ସଂରଚନା ଲେଖ । ଡଟ୍–କ୍ରସ୍ ଇଲେକ୍ଟ୍ରନ୍ ସଂରଚନା ଦ୍ୱାରା ସୋଡ଼ିୟମ୍ ଅକ୍ସାଇଡ୍ ଓ ମାଗ୍ନେସିୟମ୍ ଅକ୍ସାଇଡ୍ – ପ୍ରତ୍ୟେକର ଅଣୁଗଠନ ଚିତ୍ର ମାଧମରେ ଦର୍ଶାଅ ଏବଂ ବୁଝାଅ । ଆୟନିକ ଯୌଗିକଗୁଡ଼ିକ ଉଚ୍ଚ ଗଳନାଙ୍କ ବିଶିଷ୍ଟ କାହିଁକି ? [4

କିମ୍ବା, ମୌଳିକଗୁଡ଼ିକର ବର୍ଗୀକରଣ ସମ୍ପର୍କିତ ନିଉଲାଣ୍ଡଙ୍କ ନିୟମଟି ଲେଖ ଏବଂ ଉଦାହରଣ ସହ ବୁଝାଅ । ମେଣ୍ଡେଲିଫ୍‌ଙ୍କର ପର୍ଯ୍ୟାୟ ନିୟମ ଲେଖ ଏବଂ ବୁଝାଅ । ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀର ଗୋଟିଏ ସଫଳତା ଓ ଗୋଟିଏ ବିଫଳତା – ପ୍ରତ୍ୟେକର ଉଦାହରଣ ଦେଇ ଆଲୋଚନା କର ।

(ଖ) ନାମାଙ୍କିତ ଚିତ୍ର ସହ ବିଦ୍ୟୁତ୍ ଜେନେରେଟର୍‌ର ଗଠନ ଓ କାର୍ଯ୍ୟ ପ୍ରଣାଳୀ ବର୍ଣ୍ଣନା କର । [4

କିମ୍ବା, ଗୋଟିଏ ଦୀର୍ଘ ଓ ସଳଖ ପରିବାହୀରେ ବିଦ୍ୟୁତ୍ ପ୍ରବାହଜନିତ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ପ୍ରକୃତି ଅନୁଧ୍ୟାନ ପାଇଁ ଚିତ୍ର ସହ ଏକ ପରୀକ୍ଷା ବର୍ଣ୍ଣନା କର ଏବଂ ପରୀକ୍ଷାଲବ୍ଧ ତଥ୍ୟ ଓ ସିଦ୍ଧାନ୍ତଗୁଡ଼ିକ ଲେଖ ।

୨.(କ) ଅମ୍ଳତା କ'ଣ ? ଏହା କିପରି ପ୍ରତିହତ କରାଯାଏ ?[3

କିମ୍ବା, ଡୁବେରିନରଙ୍କ ଟ୍ରାଇଏଡ୍ ନିୟମ କ'ଣ ? ଉଦାହରଣ ସହ ବୁଝାଅ । ଏହାର ସୀମାବଦ୍ଧତା ଲେଖ ।

(ଖ) ବିଦ୍ୟୁତ୍ ପ୍ରତିରୋଧ କ'ଣ ବୁଝାଅ । ଏହା କିପରି ଭିନ୍ନ ଭିନ୍ନ କାରକ ଉପରେ ନିର୍ଭର କରେ ଆଲୋଚନା କର । ପ୍ରତିରୋଧତାର ସଂଜ୍ଞା ଲେଖ । [3

କିମ୍ବା, ଏକ କାଚ ପ୍ରିଜମ୍ ମଧରେ ଆଲୋକର ପ୍ରତିସରଣକୁ ନାମାଙ୍କିତ ରଶ୍ମିଚିତ୍ର ସାହାଯ୍ୟରେ ବୁଝାଅ । ପ୍ରିଜମ୍ ଦ୍ୱାରା ଧଳା ଆଲୋକର ବିକୀର୍ଣ୍ଣନ ଆଲୋଚନା କର ।

(ଗ) ଏକ ବିଦ୍ୟୁତ୍ ସ୍ରୋତଧାରୀ ଦୀର୍ଘ ଓ ସଳଖ ସଲେନଏଡ୍‌ରେ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ଚୁମ୍ବକୀୟ କ୍ଷେତ୍ରରେଖା ଦର୍ଶାଉଥିବା ଚିତ୍ର ଅଙ୍କନ କର । ଏହି ଚୁମ୍ବକୀୟ କ୍ଷେତ୍ରରେ ରେଖାଗୁଡ଼ିକର ଦୁଇଟି ବୈଶିଷ୍ଟ୍ୟ ଲେଖ । [3

କିମ୍ବା, 15cm ଫୋକସ୍ ଦୈର୍ଘ୍ୟ ବିଶିଷ୍ଟ ଏକ ଉତ୍ତଳ ଲେନ୍ସ ଠାରୁ 20cm ଦୂରରେ ବସ୍ତୁଟିଏ ରଖିଲେ, ଉକ୍ତ ବସ୍ତୁର ପ୍ରତିବିମ୍ବ ଗଠନ ଦର୍ଶାଇବା ପାଇଁ ସ୍କେଲ ଓ ପେନ୍ସିଲ୍ ବ୍ୟବହାର କରି ପରିଷ୍କାର ରଶ୍ମି ଚିତ୍ରଟିଏ ଅଙ୍କନ କର ।

୩.(କ) ଧାତୁଗୁଡ଼ିକ କାହିଁକି ନାଇଟ୍ରିକ୍ ଏସିଡ୍ ସହ ପ୍ରତିକ୍ରିୟା କରି ହାଇଡ୍ରୋଜେନ୍ ଗ୍ୟାସ ନିର୍ଗତ କରନ୍ତି ନାହିଁ ବୁଝାଅ । [2

କିମ୍ବା, କପର୍ ସଲ୍‌ଫେଟ୍ ସ୍ଫଟିକର ଉଦାହରଣ ଦେଇ ଲବଣର ସ୍ଫଟିକ ଜଳର ବୈଶିଷ୍ଟ୍ୟଗୁଡ଼ିକ ଆଲୋଚନା କର ।

(ଖ) ବିଦ୍ୟୁତ୍ ସ୍ରୋତ ବହନ କରୁଥିବା ବୃତ୍ତାକାର ପରିବାହୀ ଦ୍ୱାରା ସୃଷ୍ଟ ଚୁମ୍ବକୀୟ କ୍ଷେତ୍ର ରେଖାଗୁଡ଼ିକର ନାମାଙ୍କିତ ଚିତ୍ର ଅଙ୍କନ କର । [2

କିମ୍ବା, ବିଦ୍ୟୁତ୍ ସ୍ରୋତ ବହନ କରୁଥିବା ସଲେନଏଡ୍‌ର ଭିତରେ ଏବଂ ବାହାରେ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରରେଖାଗୁଡ଼ିକର ନାମାଙ୍କିତ ଚିତ୍ର ଅଙ୍କନ କର ।

(ଗ) ହେକ୍ସେନ୍ ଅଣୁର ଡଟ୍ ଓ କ୍ରସ୍ ଇଲେକ୍ଟ୍ରନ୍ ସଂରଚନା ଲେଖ । [2

କିମ୍ବା, ସାଇକ୍ଲୋହେକ୍ସେନ୍ ଅଣୁର ଡଟ୍ ଓ କ୍ରସ୍ ଇଲେକ୍ଟ୍ରନ୍ ସଂରଚନା ଲେଖ ।

(ଘ) ଅମ୍ଳରାଜ କହିଲେ କ'ଣ ବୁଝ ? [2

କିମ୍ବା, ପାରଦ ଧାତୁପିଣ୍ଡର ନାମ ଲେଖ । ଏଥିରୁ ଧାତୁପିଣ୍ଡ କିପରି ନିଷ୍କାସିତ ହୁଏ ?

ASHOK DAS
FOUNDATION

# ଅଶୋକ ଦାସ ଫାଉଣ୍ଡେସନ୍

ଜହ୍ନବଗିର୍, ଯାଜପୁର
E-mail : ashokdasfoundation0990@gmail.com
Ph. No.- 8249185453